# ଉତ୍କଳ ପ୍ରସଙ୍ଗ

ଅଗଷ୍ଟ - ୧୯୯୮



Licence No. O.R.N.-?? Licensed to post without Pre-payment



ଓଡ଼ିଶା ବିଧାନସଭା ପରିସର ମଧ୍ୟରେ ସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି (୨୩/୬/୧୯୯୮)।




ଭୁବନେଶ୍ୱରର ପ୍ରାଚୀ ହୋଟେଲ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମିଳିତ ଜାତିସଂଘ 'ଓଡ଼ିଶା ଶାଖା ପ୍ରତିଷ୍ଠା' ଦିବସ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି, ଉପର ଅଧ୍ୟକ୍ଷ ଶ୍ରୀ ହସ୍. ଏ. ହାଲିମ୍, ପଶ୍ଚିମବଙ୍ଗ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ପି. ପି. ସିହ୍ନା, ଉପର ଉପ ସାଧାରଣ ସଚିବ ଶ୍ରୀ ସୀତାରାମ ଶର୍ମା ଓ ଓଡ଼ିଶା ଶାଖାର ଅଧ୍ୟକ୍ଷ, ବିଧାନସଭା ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନସାମନ୍ତରା ଉପସ୍ଥିତ ଅଛନ୍ତି (୨୩/୬/୧୯୯୮)।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପଞ୍ଚଦଶତମ ସମାବର୍ତ୍ତନ ଉତ୍ସବ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ସି. ରଙ୍ଗରାଜନ ଶ୍ରୀମତୀ ପ୍ରଭାବତୀ ଦେବୀ, ସ୍ୱର୍ଗୀୟା ମାଳତୀ ଚୌଧୁରୀ ଓ ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରୁଛନ୍ତି। (୨-୭-୧୯୯୮)



ଅନୁଗୁଳସ୍ଥିତ ପୋଲିସ୍ ଟ୍ରେନିଂ କଲେଜର ସମାବର୍ତ୍ତନ ଉତ୍ସବ ପ୍ୟାରେଡ଼ରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି। (୭-୬-୧୯୯୮)

# ଉତ୍କଳ ପ୍ରସଙ୍ଗ

୫୫ ଭାଗ ୧ମ ସଂଖ୍ୟା ଶ୍ରାବଣ–ଭାଦ୍ର ୧୯୨୦ ଶକାବ୍ଦ ଅଗଷ୍ଟ ୧୯୯୮

**ଶ୍ରୀ ସଂଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ନରେନ୍ଦ୍ର କୁମାର ମିଶ୍ର**
ନିର୍ଦ୍ଦେଶକ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ମାନସ ନାୟକ

ବାର୍ଷିକ ଦେୟ : ଟ ୨୦·୦୦
ପ୍ରତି ଖଣ୍ଡ : ଟ ୨·୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ ତଥ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ। ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ। ସେଗୁଡ଼ିକୁ ବିଷୟର ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଇଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ
ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ ରେ ମୁଦ୍ରିତ।
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

# ସୂଚୀ


| | | |
|---|---|---|
| ଧାମରା ବନ୍ଦର : ପ୍ରଗତି ଓ ପରମ୍ପରାର ପୁନରୁଦ୍ଧାର | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ମୁକ୍ତି ସଂଗ୍ରାମରେ ଓଡ଼ିଶା | ୫ | ଶ୍ରୀ ବିଶ୍ୱମ୍ଭର ପରିଡ଼ା |
| ଖୋର୍ଦ୍ଧା ପାଇକ ବିଦ୍ରୋହ | ୮ | .. |
| ସ୍ୱାଧୀନତା ସଂଗ୍ରାମରେ କୋରାପୁଟର ଅବଦାନ | ୧୨ | ଶ୍ରୀ ଦାମୋଦର ସାହୁ |
| ସ୍ୱାଧୀନତା ସଂଗ୍ରାମର ସ୍ମୃତିତୀର୍ଥ : ମେଘପୁର | ୧୫ | ଶ୍ରୀ ପ୍ରଫୁଲ୍ଲ ଦାସ |
| ଗାନ୍ଧିଜୀଙ୍କ ଚିନ୍ତା—ଚେତନାରେ ଓଡ଼ିଶା | ୧୯ | ଶ୍ରୀ ଗୌରୀବନ୍ଧୁ କର |
| ମାନବ ଜାତିର ମୁକ୍ତିଦାତା ଶ୍ରୀଅରବିନ୍ଦ | ୨୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ସ୍ୱାଧୀନତା ଆନ୍ଦୋଳନରେ ଭଦ୍ରକର ଭୂମିକା | ୨୩ | ଶ୍ରୀ ଗୌରଚନ୍ଦ୍ର ମହାପାତ୍ର |
| ଗାନ୍ଧୀବାଦର ବାର୍ତ୍ତାବହ ନିରଞ୍ଜନ | ୨୫ | ଶ୍ରୀମତୀ ଅମୀୟବାଳା ପଟ୍ଟନାୟକ |
| ସ୍ୱତନ୍ତ୍ର ଉତ୍କଳ ଗଠନରେ ଡକ୍ଟର ମହତାବଙ୍କ ଅବଦାନ | ୨୯ | ଶ୍ରୀ ମହେଶ୍ୱର ମୁଳିଆ |
| ଭାରତ ବିପ୍ଳବରୁ ଚେତନା ବିପ୍ଳବ | ୩୫ | ଶ୍ରୀ ରମେଶଚନ୍ଦ୍ର ରଥ |
| ନିର୍ଭୀକ ଶାସକ ବିଶ୍ୱନାଥ ଦାସ | ୩୭ | ସ୍ୱର୍ଗତଃ ବଳରାମ ମହାନ୍ତି |
| ନବଭାରତ ନିର୍ମାତା ପଣ୍ଡିତ ନେହେରୁ | ୩୯ | ଶ୍ରୀ ରମାକାନ୍ତ ରାଉତ |
| ସତ୍ୟବାଦୀ ସାଧକମାନଙ୍କ କାବ୍ୟ—କବିତାରେ ଜାତୀୟତାବାଦ | ୪୬ | ଡକ୍ଟର ଶ୍ରୀଚରଣ ଦାସ |
| କଣ୍ଟୁଡି ଲବଣ ସତ୍ୟାଗ୍ରହରେ କେତୋଟି ଅନାଲୋଚିତ ଘଟଣା | ୫୩ | ପ୍ରଫେସର ଜଗନ୍ନାଥ ପଟ୍ଟନାୟକ |
| ଅମୃତ ଫଳ | ୫୫ | ଶ୍ରୀ କୈଳାସ ତ୍ରିପାଠୀ |
| ବରୀରେ ସ୍ୱାଧୀନତା ଆନ୍ଦୋଳନ | ୫୬ | ଡକ୍ଟର ଅତୁଲଚନ୍ଦ୍ର ପ୍ରଧାନ |
| ଢେଙ୍କାନାଳର ହାତୀଖେଦା | ୫୮ | ଶ୍ରୀ ବ୍ରଜକିଶୋର ଧଳ |

# ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ସ୍ୱାଧୀନତା ସଂଗ୍ରାମର ଅମର ଶହୀଦ୍



ଜୟୀ ରାଜଗୁରୁ



ବୀର ସୁରେନ୍ଦ୍ର ସାଏ



ଲକ୍ଷ୍ମଣ ନାୟକ



ବିର୍ସା ମୁଣ୍ଡା



ଦିବାକର ପରିଡା



ରଘୁନାଥ ମହାନ୍ତି

# ୫୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ସିଃ ରଙ୍ଗରାଜନ୍‌ଙ୍କ



# ବାର୍ତ୍ତା

ପ୍ରିୟ ଭାଇ ଓ ଭଉଣୀମାନେ,

୫୭ତମ ସ୍ୱାଧୀନତାର ଏହି ଐତିହାସିକ ଦିବସ ଉପଲକ୍ଷେ ମୁଁ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି । ୫୬ ବର୍ଷ ପୂର୍ବେ ଠିକ୍ ଏହି ଦିନ ଆମର ଦୀର୍ଘ ନିରବଚ୍ଛିନ୍ନ ସଂଗ୍ରାମର ଅବସାନ ଘଟିଲା ଓ ଏକ ନୂତନ ଜାତିର ଅଭ୍ୟୁଦୟ ହେଲା । ଅହିଂସା ଓ ସତ୍ୟାଗ୍ରହକୁ ଭିତ୍ତି କରି ଜାତିର ଜନକ ମହାତ୍ମା ଗାନ୍ଧୀ ବିଦେଶୀ ଶାସନ ବିରୁଦ୍ଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଆହ୍ୱାନର ତୂର୍ଯ୍ୟନାଦ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ୫୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମେମାନେ ସେହି ମହାନ୍ ଜନନେତା, ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀମାନଙ୍କୁ ସ୍ମରଣ କରିବା । କେବଳ ସେମାନଙ୍କ ମହନୀୟ ତ୍ୟାଗ, ଅଦମ୍ୟ ସାହସ ଓ ଦୃଢ଼ ପ୍ରତିଜ୍ଞା ସମ୍ପର୍କରେ ନୁହେଁ, ପରନ୍ତୁ ଯେଉଁ ଚିରନ୍ତନ ମୂଲ୍ୟବୋଧ ବିଦେଶୀ ଶାସନ ବିରୁଦ୍ଧରେ ସେମାନଙ୍କୁ ଅନୁପ୍ରାଣିତ କରିଥିଲା, ସେ ସମସ୍ତ ଆଜି ଆମର ସ୍ମରଣୀୟ ବିଷୟ ।

ଓଡ଼ିଶାବାସୀ ଏହି ମହାନ୍ ଜାତୀୟ ଆନ୍ଦୋଳନରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବୀର ସୁରେନ୍ଦ୍ର ସାଏ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, ଶହୀଦ ଲକ୍ଷ୍ମଣ ନାଏକ ଓ ଅନ୍ୟ ଉତ୍କଳୀୟ ସଂଗ୍ରାମୀମାନଙ୍କର ଅବଦାନ ଏବଂ ତ୍ୟାଗ ସମ୍ପର୍କରେ ଇତିହାସ ସତତ ମୁଖର ।

୧୯୪୭ ମସିହାରେ ଏହି ଜାତି ରାଜନୈତିକ ସ୍ୱାଧୀନତା ଲାଭ କଲା ଓ ଅନ୍ୟ ଏକ ଦୀର୍ଘ ଯାତ୍ରା ପଥରେ ପଦାର୍ପଣ କଲା । କେବଳ ରାଜନୈତିକ ସ୍ୱାଧୀନତା ଜାତୀୟ ସଂଗ୍ରାମର ଏକମାତ୍ର ଲକ୍ଷ୍ୟ ନଥିଲା, ଦାରିଦ୍ର୍ୟ ଓ ଅନଟନମୁକ୍ତ ଜାତି ଗଠନ କରିବାର ଏହା ପ୍ରଥମ ସୋପାନ ଥିଲା । ଏହି ଦାରିଦ୍ର୍ୟ, କ୍ଷୁଧା ଓ ଅନଟନରୁ ମୁକ୍ତ ଏକ ଦେଶ ଗଠନ କରିବା, ଧାର୍ମିକ ସହନଶୀଳତା, ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିବା ଏବଂ କୁସଂସ୍କାର, ଧର୍ମାନ୍ଧତା ଓ ଅସୁସ୍ଥତାରୁ ମୁକ୍ତି ଲାଗି ସଂକଳ୍ପ ନେବା ପାଇଁ ସ୍ୱାଧୀନତା ଦିବସ ହିଁ ଏକ ପ୍ରକୃଷ୍ଟ ସମୟ । ଏହା ହାସଲ କରିବା ନିମନ୍ତେ ଆସନ୍ତୁ, ଆମେ ପୁଣି ଥରେ ଅଙ୍ଗୀକାରବଦ୍ଧ ହେବା ।

ଓଡ଼ିଶା ବିପୁଳ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ଏହି ରାଜ୍ୟର ମାନବ ସମ୍ବଳ ମଧ୍ୟ ସମୃଦ୍ଧ । ପୂର୍ବକାଳରେ ଓଡ଼ିଶାବାସୀ ସାହସ ଓ କାର୍ଯ୍ୟ ନିଷ୍ଠା ପାଇଁ ପ୍ରସିଦ୍ଧ ଥିଲେ । ଏହି ସବୁ ଦୃଢ଼ ଭିତ୍ତିଭୂମି ଥିବା ସତ୍ତ୍ୱେ ଆମ ରାଜ୍ୟ ଅପେକ୍ଷାକୃତଭାବେ ଅନୁନ୍ନତ । ଲୋକଙ୍କର ମୁଣ୍ଡପିଛା ଆୟ ଓ ଜୀବନ ଧାରଣର ମାନ ଦୃଷ୍ଟିରୁ ଏହା ଏକ ଦରିଦ୍ରତମ ରାଜ୍ୟ । ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିର ଲୋକ ରାଜ୍ୟ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ ହୋଇଥିବାରୁ ସେମାନଙ୍କର କଲ୍ୟାଣ ସାଧନ ପାଇଁ ରାଜ୍ୟର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ।

ରାଜ୍ୟର କର୍ମକ୍ଷମ ଲୋକଶକ୍ତିର ଶତକଡ଼ା ୬୪ ଭାଗ କୃଷି ଜରିଆରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମ ନିଯୁକ୍ତି ପାଉଥିବାରୁ ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷିର ଉନ୍ନତିକୁ ପ୍ରାଧାନ୍ୟ ଦିଆଯାଇଛି । ଅର୍ଥନୈତିକ ଅଭିବୃଦ୍ଧିରେ କୃଷିର ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ ମୋ ସରକାର ଏକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି । ୧୯୯୬ ମସିହାର ନୂତନ କୃଷିନୀତିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି । ଏହି କୃଷିନୀତିର ଲକ୍ଷ୍ୟ ହେଉଛି, ଖାଦ୍ୟଶସ୍ୟ ଓ ତୈଳବୀଜ ଉତ୍ପାଦନକୁ ଦ୍ୱିଗୁଣ କରିବା ଏବଂ କୃଷିକୁ କେବଳ ବଞ୍ଚି ରହିବାର ପନ୍ଥା ରୂପେ ଗ୍ରହଣ ନକରି ଏହାକୁ ଏକ ଲାଭଜନକ ଓ

ବାଣିଜ୍ୟିକ ଉଦ୍ୟୋଗରେ ରୂପାନ୍ତରିତ କରିବା । ଶିଳ୍ପୋଦ୍ୟୋଗୀମାନଙ୍କ ପରି କୃଷି ଉଦ୍ୟୋଗୀ ସୃଷ୍ଟି କରିବା ଓ କୃଷି କ୍ଷେତ୍ରରେ ଦକ୍ଷ ପରିଚାଳନା ନିମନ୍ତେ ବୈଷୟିକ ଜ୍ଞାନ ବିନିଯୋଗ କରିବା ଏ ନୀତିର ଲକ୍ଷ୍ୟ । ଏହା ଫଳରେ ତୈଳବୀଜ, ପନିପରିବା, ପ୍ରାଣୀଜ ଦ୍ରବ୍ୟ, ମାଛ ଓ ଅଣ୍ଡା ଉତ୍ପାଦନରେ ରାଜ୍ୟ ଆତ୍ମନିର୍ଭରଶୀଳ ହେବ । କୃଷି ପାଇଁ ଠିକ୍ ସମୟରେ ଜଳସେଚନ ଅତ୍ୟନ୍ତ ଆବଶ୍ୟକୀୟ ଉପାଦାନ ହୋଇଥିବାରୁ ଏହି କୃଷିନୀତିରେ ରାଜ୍ୟର ଶତକଡ଼ା ୫୦ ଭାଗ ଚାଷ ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ରହିଛି । ୧୯୯୮-୯୯ ବର୍ଷରେ ଆଉ ଅଧିକ ୭୮,୮୬୫ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଜଳ ଏକତ୍ରିକରଣ ପ୍ରକଳ୍ପ କରାଯାଉଛି । ୨୦୦୨ ମସିହା ସୁଦ୍ଧା ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ଅତିରିକ୍ତ ୬୨,୮୩୦ ହେକ୍ଟର ଜମି ଜଳସେଚିତ ହେବ । ଉପର ଇନ୍ଦ୍ରାବତୀ, ଉପର କୋଲାବ ଓ ରେଙ୍ଗାଲି ଜଳ ପ୍ରକଳ୍ପ ପାଇଁ ଜାପାନର ଓ: ଇ: ସି: ଏଫ୍: ପକ୍ଷରୁ ସାହାଯ୍ୟ ମିଳିବ । ନାବାର୍ଡ଼ ସାହାଯ୍ୟରେ କେତେକ ଜଳସେଚନ ପ୍ରକଳ୍ପ ମଧ୍ୟ ହାତକୁ ନିଆଯାଉଛି । ୨୦୦୦ ମସିହା ସୁଦ୍ଧା ଏଗୁଡ଼ିକ ସମ୍ପୂର୍ଣ୍ଣ ହେଲେ ୧,୧୯,୦୪୫ ହେକ୍ଟର ଅଧିକ ଜମି ଜଳସେଚିତ ହେବ ।

ଯଥେଷ୍ଟ ଭିତ୍ତିଭୂମି ହିଁ ଶିଳ୍ପୋନ୍ନତିର ମୌଳିକ ନିର୍ଣ୍ଣାୟକ ହୋଇଥିବାରୁ ମୋ ସରକାର ଏହାକୁ ଅଗ୍ରାଧିକାର ଦେଇଛନ୍ତି । ସୀମିତ ସରକାରୀ ସମ୍ବଳ ଦୃଷ୍ଟିରୁ ରାଜ୍ୟ ସରକାର ବେସରକାରୀ ମୂଳଧନ ବିନିଯୋଗ ଦ୍ୱାରା ଭିତ୍ତିଭୂମିର ବିକାଶ ପ୍ରତିଷ୍ଠା ପାଇଁ ନୀତି ପ୍ରଣୟନ କରିଛନ୍ତି । ଏହି ନୀତି ଅନୁଯାୟୀ ଥାଇଲାଣ୍ଡର ବ୍ୟାଙ୍କ୍ ପାକୋଙ୍ଗ୍ ଇଣ୍ଡଷ୍ଟ୍ରିଆଲ୍ ଓ ଆମ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପାରାଦ୍ୱୀପଠାରେ ଏକ ଶିଳ୍ପ ପାର୍କ ସ୍ଥାପନର ପ୍ରସ୍ତାବ ରହିଛି । ଧାମରାଠାରେ ଏକ ବୃହତ୍ ବନ୍ଦର ନିର୍ମାଣ ପାଇଁ ବେସରକାରୀ ପୁଞ୍ଜି ବିନିଯୋଗ ଆରମ୍ଭ ହେଲାଣି । ସେହିପରି ଗୋପାଳପୁର ବନ୍ଦରର ବିକାଶ କାର୍ଯ୍ୟକ୍ରମ ଚାଲୁ ରହିଛି । ରାଜ୍ୟ ବର୍ତ୍ତମାନ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଆତ୍ମନିର୍ଭରଶୀଳ । ୧୯୯୯ ମସିହା ସୁଦ୍ଧା ବିଦ୍ୟୁତ୍ ଶକ୍ତିର ସର୍ବୋଚ୍ଚ ଚାହିଦା ପୂରଣ ଲାଗି ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଓଡ଼ିଶା ଜଳ ବିଦ୍ୟୁତ୍ କର୍ପୋରେସନ୍‌ର ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପର ଦୁଇଟି ୟୁନିଟ୍ ୨୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ୧୯୯୯ ମସିହାରେ ଉତ୍ପନ୍ନ କରିବ । ଚଳିତ ବର୍ଷ ଇବ୍ ଥର୍ମାଲ୍ ପ୍ରକଳ୍ପର ଦୁଇଟି ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ମଧ୍ୟ ଆଶା କରାଯାଉଛି । ବେସରକାରୀ ପୁଞ୍ଜି ଲଗାଣ ଦ୍ୱାରା ଅତି ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ବିକାଶ ସାଧନ ନିମନ୍ତେ ଉଦ୍ୟମ ଚାଲିଛି ।

ରାଜ୍ୟର ବିପୁଳ ଖଣିଜ ସମ୍ପଦରେ ହିଁ ଶିଳ୍ପାୟନର ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି । ସୀମିତ ସରକାରୀ ତଥା ଘରୋଇ ସମ୍ବଳ ଆମର ଶିଳ୍ପ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିଛି । ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରଗତି ରାଜ୍ୟର ବିପୁଳ ଖଣିଜ ସମ୍ପଦ ତୁଳନାରେ କିଛି ନୁହେଁ । ଜାତୀୟ ସ୍ତରରେ ଆର୍ଥିକ ସଂସ୍କାର, ରାଜ୍ୟର ନୂତନ ଶିଳ୍ପନୀତି ପ୍ରଣୟନ ଓ ପୁଞ୍ଜି ବିନିଯୋଗ ପାଇଁ ବାତାବରଣର ସାମୁହିକ ଉନ୍ନତି ଫଳରେ ଅଧିକ ପୁଞ୍ଜି ବିନିଯୋଗ ପାଇଁ ପ୍ରସ୍ତାବ ଆସୁଛି । ଇସ୍ପାତ୍, ଶକ୍ତି ଉତ୍ପାଦନ, ଆଲୁମିନିୟମ୍, ଚିନି କାରଖାନା ଓ ତୈଳ ବିଶୋଧନାଗାର ଇତ୍ୟାଦି ପ୍ରତିଷ୍ଠା କରିବା ଦିଗରେ ପୁଞ୍ଜି ଲଗାଣର ପ୍ରସ୍ତାବ ବିଶେଷ ଭାବରେ ବୃଦ୍ଧି ପାଉଛି । ନିକଟ ଭବିଷ୍ୟତରେ ରାଜ୍ୟର ଶିଳ୍ପାୟନ କ୍ଷେତ୍ରରେ ଏକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ପାରିବ । ରାଜ୍ୟରେ ତଥ୍ୟ ସୂଚନା ବିଜ୍ଞାନର ପ୍ରୟୋଗ କୌଶଳର ପ୍ରସାର ଘଟାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

ମୋ ସରକାର ସାମୁହିକ ଅର୍ଥନୈତିକ ପ୍ରଗତି ପାଇଁ ଯେ କେବଳ ବଦ୍ଧପରିକର ତା' ନୁହେଁ, ସାମାଜିକ ନ୍ୟାୟ ପ୍ରଦାନ ଓ ଦରିଦ୍ର, ଅବହେଳିତ ଜନସାଧାରଣଙ୍କ ପ୍ରତି ଦୃଷ୍ଟି ଦେବା ପାଇଁ ବିଶେଷ ସଚେତନ । ରାଜ୍ୟର ୮ଟି ଅନଗ୍ରସର ଜିଲ୍ଲାର ଉନ୍ନୟନ ଲାଗି ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ସେହି ଅନଗ୍ରସର ଅଞ୍ଚଳଗୁଡ଼ିକ କେ: ବି: କେ ଜିଲ୍ଲା ନାମରେ ସାଧାରଣତଃ ପରିଚିତ । ଏଥିପାଇଁ ଭାରତ ସରକାରଙ୍କ ଆର୍ଥିକ ସହାୟତା ଲୋଡ଼ା ଯାଇଛି । ମଧ୍ୟାହ୍ନ ଭୋଜନ ପ୍ରଚଳନ, ଆଦିବାସୀ ଅଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ କିଲୋ ପିଛା ୨ ଟଙ୍କା ଦରରେ ଚାଉଳ ଯୋଗାଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ ଏବଂ ପରିପୂରକ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଗରିବ ଲୋକମାନଙ୍କୁ ଅତ୍ୟନ୍ତ ହିତକର ହୋଇଛି । ବିଶ୍ୱ ବ୍ୟାଙ୍କ୍ ସହାୟତାରେ ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଲାଗି ଅଧିକ ସୁବିଧା କରିବାକୁ ଏବଂ ମାଧ୍ୟମିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବାକୁ ଉଦ୍ୟମ କରାଯାଉଛି । ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କର୍ମନିଯୁକ୍ତି ପରିକଳ୍ପନା କାର୍ଯ୍ୟକାରୀ ଓ ସଂପ୍ରସାରଣ କରାଯାଉଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଲକ୍ଷ୍ୟ ରହିଥିବା ସ୍ଥଳେ ଆଦିବାସୀମାନଙ୍କୁ ଶିକ୍ଷିତ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଯେଉଁ ଅଞ୍ଚଳଗୁଡ଼ିକରେ ସର୍ବନିମ୍ନ ସେବାର ସୁବିଧା ନାହିଁ, ସେହି ସବୁ ଅଞ୍ଚଳଗୁଡ଼ିକ ପ୍ରତି ମୋ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି ।

ବିଗତ ବର୍ଷମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଆମେ ଗର୍ବିତ ହେବା ସ୍ୱାଭାବିକ; ତଥାପି ଲକ୍ଷ୍ୟଠାରୁ ଆମେ ବହୁ ଦୂରରେ ଅଛୁ । ରାଜ୍ୟର ପ୍ରତ୍ୟେକ ଅଧିବାସୀଙ୍କୁ ଏକ ସ୍ୱାଭାବିକ ଜୀବନ ଧାରଣର ମାନ ପ୍ରଦାନ କରିବା ଆମର ସ୍ଥାୟୀ ଲକ୍ଷ୍ୟ । ସେଥିପାଇଁ ଆମ ସମ୍ମୁଖରେ ଯେଉଁ ବର୍ତ୍ତମାନର ଗିରିଶୃଙ୍ଗ ମୁଣ୍ଡ ଟେକିଛି ତାହା ଅତ୍ୟନ୍ତ ଦୁର୍ଗମ କିନ୍ତୁ ଅନତିକ୍ରମ୍ୟ ନୁହେଁ । ଯେଉଁ ମୂଲ୍ୟବୋଧ ଓ ଆଦର୍ଶ ଆମର ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଯୋଗାଇଥିଲା, ତାକୁ ହିଁ ଭିତ୍ତିକରି ଆମେ ଭବିଷ୍ୟତର ସମସ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା । ତେବେ ଯାଇ ଆମର ଅର୍ଥନୈତିକ ପ୍ରଗତି ଓ ସାମାଜିକ ବିକାଶ ସ୍ଥାୟୀ ହୋଇପାରିବ । ପରସ୍ପର ପ୍ରତି ସହନଶୀଳ ହେବା ପାଇଁ ଆମେ ଆଉ ଥରେ ପ୍ରତିଜ୍ଞା କରିବା । ଏକ ସମାଜ ଗଢ଼ିବା, ଯେଉଁଠାରେ ନ୍ୟାୟ ଓ ସୌହାର୍ଦ୍ଦ୍ୟ ବିରାଜମାନ କରୁଥିବ, ସେହି ସମାଜ ସମସ୍ତଙ୍କର ଉତ୍ଥାନ ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବ ।

ଜୟହିନ୍ଦ୍

# ୫୧ତମ ସ୍ୱାଧୀନତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ



# ବାର୍ତ୍ତା

ଭାରତ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନ ଦିବସ ଆମେ ପାଳନ କରୁଛେ । ଏହି ୫୦ ବର୍ଷ ଭିତରେ ଆମେ ବହୁ ଲକ୍ଷ୍ୟ ହାସଲ କରିଛେ, ଆହୁରି ଅନେକ ହାସଲ କରିବା ପାଇଁ ବାକି ଅଛି । ଭାରତବର୍ଷର ଯାତ୍ରା ବହୁ କାଳରୁ ଆରମ୍ଭ ହୋଇଛି । ଯେତେବେଳେ ସଭ୍ୟତାର ଆଲୋକ ସାରା ବିଶ୍ୱରେ ପ୍ରଥମ ହୋଇ ବିକୀର୍ଣ୍ଣ ହୋଇଥିଲା, ପୃଥିବୀର ୩/୪ଟି ଅଞ୍ଚଳ ମଧ୍ୟରେ ଭାରତ ଥିଲା ଅନ୍ୟତମ, ଯେ କି ନିଜର ମହାନ୍ ସଭ୍ୟତାର ଆଲୋକରେ ବିଶ୍ୱକୁ ଆଲୋକିତ କରିଥିଲା । ଏକ ସୁଦୀର୍ଘ ପଥର ଯାତ୍ରୀ ଭାରତବର୍ଷ । କିନ୍ତୁ ଗୋଟିଏ ସମୟ ଆସିଲା, ଯେତେବେଳେ ଭାରତବର୍ଷ ଖଣ୍ଡ ବିଖଣ୍ଡିତ ହୋଇ ରହିଲା, ତା'ର ଆତ୍ମମର୍ଯ୍ୟାଦା ନଥିଲା ବୋଲି କହିଲେ ଚଳେ ଏବଂ ଜାତୀୟତାବୋଧ ଦେଶରୁ ପ୍ରାୟ ଲୁପ୍ତ ହୋଇ ଯାଇଥିଲା, ସେହି ସମୟରେ ସ୍ୱାଧୀନତା ଆନ୍ଦୋଳନ ପାଇଁ ଦେଶବାସୀଙ୍କର ସଂକଳ୍ପ — ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ । ତିଳକ ମହାରାଜ ଏବଂ ତାଙ୍କ ପରେ ମହାତ୍ମା ଗାନ୍ଧୀଙ୍କର ଆବିର୍ଭାବ । ଆଜି ଭାରତବର୍ଷ ସ୍ୱାଧୀନ ହୋଇଛି ଏବଂ ଭାରତବର୍ଷର ମହାନ୍ ଜାତୀୟତା ସମଗ୍ର ବିଶ୍ୱରେ ସୁବିଦିତ ହୋଇଛି । ନିଜକୁ ଗୋଟିଏ ମହାନ୍ ଜାତି ବୋଲି ମଧ୍ୟ ଆମେ ଗର୍ବ କରୁଛେ । ଏସବୁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ଆନ୍ଦୋଳନର ଫଳ । ଆଜି ଏହି ପବିତ୍ର ଦିବସରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଆମେ ବିଶେଷ ଭାବରେ ସ୍ମରଣ କରିବା, ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ଯେଉଁ ଅଗଣିତ ନରନାରୀ ସ୍ୱାଧୀନତା ପାଇଁ ଆତ୍ମବଳି ଦେଇଛନ୍ତି, ଯେଉଁମାନେ କାରାବରଣ କରି ବହୁ କଷ୍ଟ ସହି ଦେଶ ପାଇଁ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି, ଆଜି ସେମାନଙ୍କୁ ମଧ୍ୟ ଆମେ ସ୍ମରଣ କରିବା ଉଚିତ । ତା' ସଙ୍ଗେ ସଙ୍ଗେ ସ୍ୱାମୀ ବିବେକାନନ୍ଦ, କବିଗୁରୁ ରବୀନ୍ଦ୍ରନାଥ ଠାକୁର, ଆଧୁନିକ ଯୁଗର ଋଷି ଶ୍ରୀଅରବିନ୍ଦ ଯେଉଁମାନେ ଭାରତବର୍ଷର ସ୍ୱାଧୀନତାର ସ୍ୱପ୍ନ, ଅଖଣ୍ଡତାର ସ୍ୱପ୍ନ ଦେଖିଛନ୍ତି, ଭାରତକୁ ପୃଥିବୀର ଏକ ଶ୍ରେଷ୍ଠ ଜାତି ଭାବରେ କଳ୍ପନା କରିଛନ୍ତି, ଆଜି ଆମେ ସେମାନଙ୍କୁ ମଧ୍ୟ ବିଶେଷ ଭାବରେ ଶ୍ରଦ୍ଧାଞ୍ଜଳି ଜଣାଇବା ଆବଶ୍ୟକ ।

ବନ୍ଧୁଗଣ ! ସ୍ୱାଧୀନତାର ଏହି ୫୦ ବର୍ଷ ଭିତରେ ଆମ ଦେଶର ଯେ ଅଗ୍ରଗତି ନହୋଇଛି ତା' ନୁହେଁ । ଆମ ଦେଶ ଏକ ଶାସନାଧୀନ ହୋଇଛି । ଦେଶରେ ଗଣତନ୍ତ୍ର ପ୍ରବର୍ତ୍ତିତ ହୋଇଛି । ଶାସକମାନେ ଜନସାଧାରଣଙ୍କର ସମ୍ମୁଖୀନ ହେଉଛନ୍ତି । ଜନସାଧାରଣଙ୍କ ଅବାଧ ଭୋଟ ଦ୍ୱାରା ନୂଆ ଶାସନ ପରିଚାଳିତ ହେଉଛି । ଏହି କଷ୍ଟଲବ୍ଧ ସ୍ୱାଧୀନତା ଓ ଗଣତନ୍ତ୍ରକୁ ରକ୍ଷା କରିବା ଆମର

ଦାୟିତ୍ୱ ଓ କର୍ତ୍ତବ୍ୟ । ଗଣତନ୍ତ୍ର ଛଡ଼ା ଅର୍ଥନୀତି କ୍ଷେତ୍ରରେ ଆମର ଯେଉଁ ଉନ୍ନତି ହୋଇଛି, ତା' ମଧ୍ୟ ଉଲ୍ଲେଖଯୋଗ୍ୟ । ଶିଳ୍ପ, କୃଷି, ବିଜ୍ଞାନ ଓ କାରିଗରୀ — ସମସ୍ତ କ୍ଷେତ୍ରରେ ଭାରତବର୍ଷରେ ଅଭୂତପୂର୍ବ ସାଫଲ୍ୟ ସାଧିତ ହୋଇଛି । ଭାରତବର୍ଷକୁ ପୃଥିବୀର ଏକ ଶକ୍ତି ରୂପେ ସ୍ୱୀକାର କରାଯାଉଛି । ସ୍ୱାଧୀନତା ଆନ୍ଦୋଳନର ଏକ ପ୍ରଧାନ ଲକ୍ଷ୍ୟ ସମ୍ପର୍କରେ ମହାତ୍ମା ଗାନ୍ଧୀ କହିଥିଲେ, ଯେଉଁ ସ୍ୱରାଜ ପାଇଁ ମୁଁ ଲଢୁଛି, ସେ ହେଉଛି ଦରିଦ୍ର ଲୋକଙ୍କର ସ୍ୱରାଜ । ସେ ସ୍ୱରାଜ ଏ ପର୍ଯ୍ୟନ୍ତ ଆମ ଦେଶରେ ପ୍ରତିଷ୍ଠିତ ହୋଇପାରି ନାହିଁ । କୋଟି କୋଟି ଲୋକ ଆଜି ଘୋର ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି । ପ୍ରତି ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ, ପ୍ରାୟ ପ୍ରତିଦିନ ଆମ ଆଗରେ ଏହା ଏକ ଆହ୍ୱାନ ରୂପେ ଦେଖାଦେଉଛି । ସମସ୍ତ ଅଗ୍ରଗତି ସତ୍ତ୍ୱେ ଭାରତବର୍ଷର କୋଟି କୋଟି ଲୋକ ଦାରିଦ୍ର୍ୟ, ଅଶିକ୍ଷା, ରୋଗ ଏବଂ କୁସଂସ୍କାର ଭିତରେ ସଢୁଛନ୍ତି । ସେମାନଙ୍କର ଉତ୍ଥାନ ନହେବା ପର୍ଯ୍ୟନ୍ତ ସ୍ୱାଧୀନତା ସମ୍ପୂର୍ଣ୍ଣ ହେବ ନାହିଁ । ସେଥିପାଇଁ ଆଜି ଆମେ ନୂଆ ସଂକଳ୍ପ ନେବା । ଯଦି ଜାତି ଐକ୍ୟବଦ୍ଧ ହୋଇ ସଂକଳ୍ପ ନିଏ, ତା'ହେଲେ କୌଣସି କାର୍ଯ୍ୟ ଅସାଧ୍ୟ ହୋଇ ରହିବ ନାହିଁ । ତେଣୁ ଭାରତବର୍ଷରୁ ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ଏବଂ ଦେଶର ସବୁ ଶ୍ରେଣୀର ଲୋକ, ବିଶେଷ ଭାବରେ ଯେଉଁମାନେ ଗରିବ ଓ ପଛରେ ପଡ଼ିଛନ୍ତି, ସେମାନଙ୍କର ଅଭ୍ୟୁତ୍ଥାନ ଆମର ପରମ ଦାୟିତ୍ୱ ଓ କର୍ତ୍ତବ୍ୟ । ତା' ସଙ୍ଗେ ସଙ୍ଗେ ଯେଉଁ ସବୁ ଅଞ୍ଚଳ ପଛରେ ପଡ଼ିଛି, ସେ ସବୁ ଅଞ୍ଚଳର ଉତ୍ଥାନ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ଓଡ଼ିଶା ନାନା ଐତିହାସିକ କାରଣରୁ ଭାରତର ପଛୁଆ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ । ଓଡ଼ିଶାର ଅତୀତ ଥିଲା ଅତ୍ୟନ୍ତ ଗୌରବମୟ । ଅତୀତରେ ଭାରତବର୍ଷରେ ଏହା ଏକ ଅତି ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଭାରତବର୍ଷର ସଭ୍ୟତା ଓ ସଂସ୍କୃତିକୁ ପୃଥିବୀର ବିଭିନ୍ନ ଦେଶରେ ଓଡ଼ିଶାର ନାବିକ ଓ ବୁଦ୍ଧିଜୀବୀମାନେ ପ୍ରସ୍ତରିତ କରିଥିଲେ । ଜାଭା, ସୁମାତ୍ରା, ଥାଇଲାଣ୍ଡ, ବ୍ରହ୍ମଦେଶ, ଫିଲିପାଇନସ୍ ସବୁ ଦେଶର ଇତିହାସ ଯଦି ଆମେ ଅନୁଧ୍ୟାନ କରିବା, ତା'ହେଲେ ପ୍ରାଚୀନ କଳିଙ୍ଗର ପଦଚିହ୍ନ ସବୁଠାରେ ଦେଖିବାକୁ ପାଇବା । କିନ୍ତୁ କାଳକ୍ରମେ ଓଡ଼ିଶା ଅତିଶୟ ଦରିଦ୍ର ହୋଇଗଲା । ପରାଧୀନ ଭାରତବର୍ଷରେ ଆହୁରି ଅନେକ ଦିନ ପରାଧୀନ ରହିବା ଫଳରେ ଓଡ଼ିଶାର ସାମାନ୍ୟତମ ଉନ୍ନୟନ ହୋଇପାରି ନଥିଲା । ସ୍ୱାଧୀନତା ପରେ ପ୍ରଗତି ପାଇଁ ଯେଉଁ ଅଭିଯାନ ଚାଲିଲା, ପ୍ରତ୍ୟେକ ରାଜ୍ୟ ଆଗେଇ ଚାଲିବା ପାଇଁ ମାତିଗଲେ । ତା'ଭିତରେ ଓଡ଼ିଶା ବହୁତ ପଛରେ ପଡ଼ିଗଲା । ଜାତୀୟ କ୍ଷେତ୍ରରେ ଅଗ୍ରଗାମୀ ରାଜ୍ୟମାନଙ୍କଠାରୁ ଓଡ଼ିଶାର ଏ ଦୂରତ୍ୱ, ଏ ବ୍ୟବଧାନ ବିଶେଷ ଭାବରେ ଆମକୁ ନିପୀଡ଼ିତ କରୁଛି । ଓଡ଼ିଶାକୁ ଉଠେଇ ପାରିଲେ ଭାରତବର୍ଷ ଉଠିବ । ଆମ ପାଇଁ ଓଡ଼ିଶା ହେଉଛି ପ୍ରଧାନ ଆହ୍ୱାନ । ଓଡ଼ିଶାର ସବୁ କିଛି ଅଛି । ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦ, ବିଶାଳ ସମୁଦ୍ର ଉପକୂଳ, ଉର୍ବର ମୃତ୍ତିକା ଏବଂ ବୁଦ୍ଧିମାନ ଲୋକଶକ୍ତି, ଏ ସବୁକୁ ନେଇ ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ରାଜ୍ୟରେ ଆମକୁ ପରିଣତ କରିବାକୁ ହେବ । ଯାହା କିଛି ଆମର ସାଫଲ୍ୟ ଘଟିଛି, ତାହା ଉଲ୍ଲେଖନୀୟ । କିନ୍ତୁ ସେ ସାଫଲ୍ୟ ଯଥେଷ୍ଟ ନୁହେଁ । ଭାରତବର୍ଷରେ ଓଡ଼ିଶାକୁ ତା'ର ଉପଯୁକ୍ତ ସ୍ଥାନ ଦେବା ପାଇଁ ଆମେ ସଂକଳ୍ପବଦ୍ଧ ହେବା ଉଚିତ । ଆଜି ପବିତ୍ର ସ୍ୱାଧୀନତା ଦିବସରେ ପୁଣି ଥରେ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।


ଜୟହିନ୍ଦ୍

# ୫୨ତମ ସ୍ୱାଧୀନତା ଦିବସ ଉପଲକ୍ଷେ

# ମାନ୍ୟବର ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ

# ଶ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ

# ବାର୍ତ୍ତା



୧୯୯୮ ମସିହା ଅଗଷ୍ଟ ୧୫ ତାରିଖରେ ପାଳିତ ହେଉଥିବା ଆମ ଦେଶର ୫୨ତମ ଐତିହାସିକ ସ୍ୱାଧୀନତା ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ଅବସରରେ ଓଡ଼ିଶାବାସୀ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ଜନ୍ମଭୂମିର ସେବାରେ ଯେଉଁ ପୂର୍ବସୂରୀମାନେ ସ୍ୱାଧୀନତା ସଂଗ୍ରାମରେ ଲୁହ ଓ ଲହୁ ଦେଇ ମାଟି ମା'ର କୋଳରେ ଝଡ଼ି ପଡ଼ିଥିଲେ, ଆଜି ଆସନ୍ତୁ, ସେହି ତ୍ୟାଗପୂତ ଉତ୍ସର୍ଗୀକୃତ ଜୀବନକୁ ସାଉଁଟି ନେଇ ଗୁନ୍ଥି ଦେବା ଏକ ସ୍ମୃତିମାଳା । ଏହି ତ୍ୟାଗକୁ ସ୍ମରଣ କରି ଭାରତମାତାର ପଦାରବିନ୍ଦରେ ଭକ୍ତିର ଅର୍ଘ୍ୟ ଅର୍ପଣ କରିବା ।

ଅହିଂସା ଓ ସତ୍ୟ ଏହି ଦୁଇଟି ପନ୍ଥାକୁ ପାଥେୟ କରି ଏ ଜାତି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ନିରବଛିନ୍ନ ସଂଗ୍ରାମ କରି ପରାକ୍ରମଶାଳୀ ବ୍ରିଟିଶ୍ ସାମ୍ରାଜ୍ୟର ପତନ ଘଟାଇଥିଲା । ସ୍ୱାଧୀନତା ସଂଗ୍ରାମ ମୁକ୍ତିର ଏକମାତ୍ର ଲକ୍ଷ୍ୟ ନଥିଲା । ନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ଶୋଷଣମୁକ୍ତ, ପ୍ରଗତିଶୀଳ ଦେଶ ପ୍ରତିଷ୍ଠା ନିମନ୍ତେ ସ୍ୱାଧୀନତା ଥିଲା ସର୍ବପ୍ରଥମ ପଦକ୍ଷେପ । ଆଜି ଆମର ଏହି ଲକ୍ଷ୍ୟ ପୂରଣ ଦିଗରେ ଆମେମାନେ କେତେ ଅଗ୍ରସର ହୋଇଛେ, ତାହା ଆତ୍ମସମୀକ୍ଷା କରିବା ଆବଶ୍ୟକ । ଆମ ଦେଶର ପ୍ରଗତି ପାଇଁ ଆସନ୍ତୁ, ନିଜକୁ ଉତ୍ସର୍ଗ କରିବା । ଦେଶକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରାଇବା ସଙ୍ଗେ ସଙ୍ଗେ ଏକ ସମୃଦ୍ଧ ଭାରତ ଗଠନ ନିମନ୍ତେ ଆନନ୍ଦ ଚିତ୍ତରେ ତ୍ୟାଗ ସ୍ୱୀକାର କରିବା ।

ଜୟହିନ୍ଦ୍

# ସମ୍ପାଦକୀୟ......

## ଧାମରା ବନ୍ଦରର ନିଦ୍ରାଭଙ୍ଗ

ଓଡ଼ିଶାକୁ ଭାରତର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଶାସନ ଦାୟିତ୍ୱ ବହନ କରିବା ଦିନରୁ ଅବିଶ୍ରାନ୍ତ ଉଦ୍ୟମ କରି ଆସୁଛନ୍ତି । ତାଙ୍କରି ସୁଦୂର ସ୍ୱପ୍ନ ଓ ଦୃଢ଼ ସଂକଳ୍ପ ଫଳରେ ଓଡ଼ିଶାରେ ଶିଳ୍ପ ବିକାଶର ନୂତନ ଯୁଗର ଅଭ୍ୟୁଦୟ ଘଟିଛି । ସୀମିତ ସମ୍ବଳ ଭିତରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି କେବେ ସମ୍ଭବ ନୁହେଁ । ସେଥିପାଇଁ ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ ପ୍ରତି ସେ ବିଦେଶୀ ପୁଞ୍ଜିନିବେଶକାରୀମାନଙ୍କୁ ଆକୃଷ୍ଟ କରାଇ ଓଡ଼ିଶାରେ ଶିଳ୍ପର ବିସ୍ତାର ଓ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଏକ ଅନୁକୂଳ ଓ ବୈପ୍ଳବିକ ବାତାବରଣ ସୃଷ୍ଟି କରିପାରିଛନ୍ତି । ତାଙ୍କର ନିରନ୍ତର ପ୍ରଚେଷ୍ଟାର ଫଳ ସ୍ୱରୂପ ଓଡ଼ିଶାରେ ଆଜି ଗଢ଼ି ଉଠିବାକୁ ଯାଉଛି ଅନେକ ବନ୍ଦର, ଇସ୍ପାତ କାରଖାନା, ତୈଳ ବିଶୋଧନାଗାର, ଶିଳ୍ପ ପାର୍କ ଓ ବହୁ କଳକାରଖାନା । ଏହା ଫଳରେ ଦାରିଦ୍ର୍ୟ ଓ ବେକାରୀ ଦୂର ହୋଇ ଓଡ଼ିଶା ଦେଶରେ ଏକ ସମୃଦ୍ଧ ରାଜ୍ୟ ରୂପେ ପରିଗଣିତ ହୋଇପାରିବ ।

ଐତିହାସିକ ଧାମରା–ଚାନ୍ଦବାଲି ବନ୍ଦରର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀଙ୍କ ପ୍ରଗତିଶୀଳ ଚିନ୍ତାଧାରା ଓ ଦୂରଦୃଷ୍ଟିର ଏକ ସାର୍ଥକ ସ୍ୱାକ୍ଷର । ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଓ ବିଂଶ ଶତାବ୍ଦୀର ସମାପ୍ତି ଅବସରରେ ଓଡ଼ିଶାବାସୀଙ୍କ ପାଇଁ ଏହା ତାଙ୍କର ଏକ ଅନବଦ୍ୟ ଉପହାର । ଏହି ବନ୍ଦର ପୂର୍ଣ୍ଣାଙ୍ଗ ହେବା ପରେ ଓଡ଼ିଶାର ପ୍ରଗତି ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି ହେବ, ଏଥିରେ ସନ୍ଦେହ ନାହିଁ ।

ଏକଦା ଧାମରା–ଚାନ୍ଦବାଲି ବନ୍ଦର ଥିଲା ପୂର୍ବ–ଭାରତର ପ୍ରଧାନ ବାଣିଜ୍ୟ କେନ୍ଦ୍ର । କଳିଙ୍ଗର ପ୍ରବେଶ ଦ୍ୱାର । ଦକ୍ଷିଣ–ପୂର୍ବ ଏସିଆର ଦେଶମାନଙ୍କ ସହିତ ଓଡ଼ିଶାର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କର ସେତୁ । ଓଡ଼ିଆ ସାଧବପୁଅ ଏଠାରୁ ବୋଇତରେ ସାତ ସମୁଦ୍ର ତେର ନଈ ପାର ହୋଇ ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ସିଂହଳ ଆଦି ଦେଶକୁ ବେପାର, ବଣିଜ କରିବାକୁ ଯାଇ ଏ ଦେଶକୁ ସମୃଦ୍ଧିଶାଳୀ କରିଥିଲେ । ଐତିହାସିକଙ୍କ ମତରେ, ଓଡ଼ିଶାର ୪୮୦ ବର୍ଗକିଲୋମିଟର ସମୁଦ୍ର ବେଳାରେ ଥିବା ନଅଟି ପ୍ରଧାନ ବନ୍ଦର ମଧ୍ୟରେ ଧାମରା ବନ୍ଦର ଥିଲା ଅତ୍ୟନ୍ତ ନିରାପଦ । ବ୍ରାହ୍ମଣୀ ଓ ବୈତରଣୀ ନଦୀର ସଂଗମ ସ୍ଥଳରେ ଏହି ପ୍ରାକୃତିକ ପୋତାଶ୍ରୟଟିର ଅବସ୍ଥିତି ହେତୁ ସବୁ ଋତୁରେ ଜାହାଜ ଚଳାଚଳ ପାଇଁ ଏହା ଅନୁକୂଳ ଥିଲା । ଧାମରା ନଦୀ ସୁନାବ୍ୟା । ଏହାର ସ୍ଥିର ଜଳରାଶି, ମୁହାଣର ବିସ୍ତୃତି ନୌଚାଳନା ଓ ବଡ଼ବଡ଼ ଜାହାଜ ଚଳାଚଳ ପାଇଁ ବିଶେଷ ଉପଯୋଗୀ । ମୋଗଲ, ମରହଟ୍ଟା, ଫରାସୀ, ପର୍ତ୍ତୁଗୀଜ, ଇଂରେଜ, ବଙ୍ଗାଳି, ସିଂହଳୀ ଓ ତାମିଲ ବଣିକମାନଙ୍କ କୋଳାହଳରେ ଏ ବନ୍ଦର ଥିଲା ସଦା କର୍ମମୁଖର ଓ ଚଳଚଞ୍ଚଳ । ଏହି ବନ୍ଦର ବାଟେ ସୁଦୂର ଆଫ୍ରିକୀୟ ମହାଦେଶ, ମରିସସ, ଜାଞ୍ଜିବର, ଦକ୍ଷିଣ–ପୂର୍ବ ଏସିଆ ଦେଶଗୁଡ଼ିକ ସହିତ ପଣ୍ୟଦ୍ରବ୍ୟ ଆମଦାନୀ–ରପ୍ତାନୀ କାରବାର ହେଉଥିଲା । କଲିକତାକୁ ଯାତ୍ରୀ ଚଳାଚଳ ହେଉଥିଲେ । ଦେଶୀ ବିଦେଶୀ କମ୍ପାନୀ ଓ ଘରୋଇ ଜାହାଜଗୁଡ଼ିକ ଏହି ବନ୍ଦର ଦେଇ ଯାତ୍ରୀ ଓ ପଣ୍ୟ ଦ୍ରବ୍ୟ ପରିବହନ କରୁଥିଲେ ।

୧୮୬୮ ମସିହାରେ ଧାମରା ବନ୍ଦର ଏକ ଆନ୍ତର୍ଜାତିକ ବନ୍ଦର ରୂପେ ସ୍ୱୀକୃତି ଲାଭ କରିଥିଲା । ୧୮୭୨ରେ ଚାନ୍ଦବାଲିକୁ ଏକ ସବୁଦିନିଆ ସହାୟକ ବନ୍ଦର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କମିଶନର ରେଭେନ୍ସା ସାହେବଙ୍କ ଉଦ୍ୟମରେ କନିକା ରାଜାଙ୍କଠାରୁ ୧୨୯ ଏକର ଜମି ଲିଜ୍ ନିଆଯାଇ ବନ୍ଦର ପାଇଁ କୋଠାବାଡ଼ି, ଗୋଦାମ ଆଦି କରାଯାଇଥିଲା । ୧୯୦୬ ମସିହାରେ ଏହି ଦୁଇଟି ବନ୍ଦରକୁ ଇଂରେଜ ସରକାର ଗୋଟିଏ ବନ୍ଦର ରୂପେ ଘୋଷଣା କଲେ ।

୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଅଭିଶପ୍ତ ଓଡ଼ିଶାବାସୀଙ୍କ ପକ୍ଷରେ ଏକ ଆଶୀର୍ବାଦ ସ୍ୱରୂପ । ଏହା ପରଠାରୁ କମିଶନର ରେଭେନ୍ସା ସାହେବଙ୍କ କୃପାରୁ ଦରିଦ୍ର ଓଡ଼ିଶା ଭାଗ୍ୟର ପରିବର୍ତ୍ତନ ହେଲା । ୧୮୮୦ ମସିହାରେ ଓଡ଼ିଶାର ପ୍ରଗତି ଓ ବାଣିଜ୍ୟ–ବ୍ୟବସାୟର ବିକାଶ ପାଇଁ ରେଭେନ୍ସାଙ୍କ ପ୍ରଚେଷ୍ଟାରେ ଇଷ୍ଟକୋଷ୍ଟ କେନାଲ ନିର୍ମିତ ହେଲା । ଏହି କେନାଲ ଧାମରା ଓ ଚାନ୍ଦବାଲି ବନ୍ଦରକୁ ମତେଇ ନଦୀ ଦେଇ ହୁଗୁଳି ନଦୀ ସହିତ ସଂଯୋଗ କଲା । ୧୮୯୮ ମସିହାରେ ବେଙ୍ଗଲ-ପୁରୀ ରେଳପଥ ଏବଂ କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ହେବା ପରେ ସ୍ଥଳପଥରେ ପଣ୍ୟଦ୍ରବ୍ୟ ପରିବହନ ହେଲା ।

ବନ୍ଦରର ଗୁରୁତ୍ୱ କମିଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ବ୍ରିଟିଶ ସରକାର ଜାହାଜ ସବୁ ଫେରାଇ ନେଲେ । ରେଳପଥ ଓ ସଡ଼କପଥର ଉନ୍ନତି ଯୋଗୁ ଧାମରା ବନ୍ଦରକୁ ବଡ଼ ବଡ଼ ଜାହାଜ ଆଉ ଆସିଲା ନାହିଁ । ଫଳରେ ଧାମରା–ଚାନ୍ଦବାଲି ବନ୍ଦର ଦ୍ୱିତୀୟ ମହାଯୁଦ୍ଧ ଶେଷ ବେଳକୁ ନିଷ୍କ୍ରିୟ ହୋଇ ପଡ଼ିଲା । ଏହା ପରେ ପରେ ଓଡ଼ିଶାର ପ୍ରାଚୀନ ଗୌରବମୟ ନୌ–ବାଣିଜ୍ୟ ପରମ୍ପରାର ପରିସମାପ୍ତି ଘଟିଲା ।

ଦୀର୍ଘକାଳ ପରେ ଆଜି ଓଡ଼ିଶାର ସେଇ ଐତିହ୍ୟମଣ୍ଡିତ ଅତୀତର ପୁନରାବୃତ୍ତି ହେବାକୁ ଯାଉଚି । ସୁପ୍ତ ଧାମରା–ଚାନ୍ଦବାଲି ବନ୍ଦରର ନିଦ୍ରାଭଙ୍ଗ ହୋଇଚି । ଆଉ କେତେ ବର୍ଷ ପରେ ବନ୍ଦର ପୁଣି ହୋଇଉଠିବ ଆନ୍ତର୍ଜାତିକ ନୌ–ବାଣିଜ୍ୟର କେନ୍ଦ୍ରସ୍ଥଳ । ଓଡ଼ିଶାର ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ଗନ୍ତାଘର ।

## ଆତ୍ମସନ୍ତୋଷ ନୁହେଁ, ଆତ୍ମସମୀକ୍ଷା

ସ୍ୱାଧୀନତା ସଂଗ୍ରାମର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ଉଦ୍‌ଯାପିତ ହେଉଛି । ଏ ଅବସରରେ ଆମେ ଦେଶମାତୃକା ପାଇଁ ପ୍ରାଣବଳୀ ଦେଇଥିବା ଅମର ଶହୀଦମାନଙ୍କ ପ୍ରତି ଭକ୍ତିପୂର୍ଣ୍ଣ ପ୍ରଣତି ଜଣାଉଛୁ । ଯେଉଁ ବୀର ସଂଗ୍ରାମୀମାନେ ସର୍ବସ୍ୱ ତ୍ୟାଗ କରି ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ, ବ୍ରିଟିଶ ଶାସନର ଦାରୁଣ ଦମନ ଓ ନିର୍ମମ ନିର୍ଯ୍ୟାତନା ସହିଥିଲେ, ସେମାନେ ଏ ଜାତିର ଚିର ନମସ୍ୟ ଓ ସ୍ମରଣୀୟ ହୋଇ ରହିବେ ।

ଯେଉଁ ମହାନ୍ ଲକ୍ଷ୍ୟ ଓ ଆଶା–ଆକାଙ୍କ୍ଷା ନେଇ ସେମାନେ ଏତେ ଦୁଃଖ କଷ୍ଟ ବରଣ କରି ଦୀର୍ଘକାଳର ପରାଧୀନତାରୁ ଏ ଦେଶକୁ ମୁକ୍ତ କରିଥିଲେ, ସେମାନଙ୍କର ସେ ସ୍ୱପ୍ନ, ସେ ସଂକଳ୍ପ ସ୍ୱାଧୀନ ଭାରତରେ ସାର୍ଥକ ହୋଇଛି କି ? ଏହି ପ୍ରଶ୍ନ ଦେଶବାସୀଙ୍କ ମନକୁ ସତତ ଆଲୋଡ଼ିତ କରି ଆସିଛି । ସ୍ୱାଧୀନତା ପ୍ରାପ୍ତିର ପଚାଶ ବର୍ଷ ଭିତରେ ପ୍ରଗତି ପଥରେ ଆମେ କେତେଦୂର ଅଗ୍ରସର ହୋଇଚୁ, ପୂର୍ବସୂରୀମାନଙ୍କର ଆଶା–ଆକାଙ୍କ୍ଷା ପୂରଣ କରିଚୁ, ସେମାନଙ୍କର ଆଦର୍ଶ ଓ ଉପଦେଶକୁ ପାଳନ କରିଚୁ, ଆଜି ତାହାର ଆତ୍ମସମୀକ୍ଷା କରିବା ଆମର ପରମ କର୍ତ୍ତବ୍ୟ ।

ଗାନ୍ଧିଜୀ କହିଥିଲେ, ଯେଉଁ ଦିନ ଦରିଦ୍ର ଲୋକଟିର ଆଖିରୁ ଅଶ୍ରୁ ପୋଛି ହୋଇଯିବ, ପ୍ରକୃତ ସ୍ୱାଧୀନତା ମିଳିଚି ବୋଲି ସେଇ ଦିନ ସେ ଅନୁଭବ କରିବ । ଆଜି ସ୍ୱାଧୀନତା ସଂଗ୍ରାମୀମାନେ ଦେଶ ପାଇଁ ନିଜର ତ୍ୟାଗ , ତପସ୍ୟା ଓ ସଂଗ୍ରାମର ସ୍ମୃତିଚାରଣ କଲାବେଳେ ସମାଜର ନୈତିକ ଅଧୋଗତି, ଆଦର୍ଶବୋଧର ଅବକ୍ଷୟ ଦେଖି ଅତ୍ୟନ୍ତ ମ୍ରିୟମାଣ ହୋଇ ଉଠିଛନ୍ତି । ଯେଉଁ ନିର୍ଭୀକ, ନିଃସ୍ୱାର୍ଥପର ଓ ଉତ୍ସର୍ଗୀକୃତ ଭାବନା, ସଙ୍ଗଠିତ ଶକ୍ତି ପ୍ରଚଣ୍ଡ ବ୍ରିଟିଶ ସାମ୍ରାଜ୍ୟ ପତନର କାରଣ ହୋଇଥିଲା, ସେ ଭାବନା ଆଜି ଦୁର୍ଲଭ ହୋଇପଡ଼ିଛି । ସେ କାଳର ଦେଶପ୍ରୀତି, ଜାତୀୟତାବୋଧ, ମୈତ୍ରୀ ଓ ସଂହତିଭାବ ଆମ ମନରୁ ଅପସୃତ ହୋଇପଡ଼ିଛି । ମହାତ୍ମା, ମହାପୁରୁଷମାନଙ୍କ ପ୍ରଦର୍ଶିତ ପଥରୁ ଆମେ ବିଚ୍ୟୁତ ହୋଇପଡ଼ିଚୁ । ତେଣୁ ଆଜି ସମାଜର ସବୁ ସ୍ତରରେ ସୃଷ୍ଟି ହୋଇଚି ଏକ ଅସ୍ୱସ୍ତି, ଅସନ୍ତୋଷ ଅବଶୋଷର ବାତାବରଣ । ଏହି ନୈତିକ ଅଧୋଗତି ଓ ଅପସଂସ୍କୃତିରୁ ଭାରତୀୟ ମହାଜାତିକୁ ରକ୍ଷା କରିବା ଉଭର ପୁରୁଷଙ୍କ ଜୀବନର ବ୍ରତ ହେଉ: ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ସପ୍ତାହର ଆତ୍ମସନ୍ତୋଷ ନୁହେଁ, ଆତ୍ମସମୀକ୍ଷାର ବର୍ଷ ରୂପେ ଏ ଜାତିକୁ ଦିଗ୍‌ଦର୍ଶନ ଦେଉ, ଆଜିର ପୁଣ୍ୟ ଦିବସରେ ଏହାହିଁ କାମନା ।

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ରାଜ୍ୟପାଳବୃନ୍ଦ



ଡକ୍ଟର କୈଳାସ ନାଥ କାଟ୍‌ଜୁ




ଏମ୍‌: ଆସଫ୍‌ ଅଲି



ସଏଦ୍‌ ଫଜଲ୍‌ ଅଲି



ପି: ଏସ୍‌: କୁମାରସ୍ୱାମୀ ରାଜା



ଭୀମସେନ୍‌ ସାଚ୍ଚର



ୱାଇ: ଏନ୍‌: ସୁକଠଣକର୍‌



ଡକ୍ଟର ଏ: ଏନ୍‌: ଖୋସଲା



ଡକ୍ଟର ଏସ୍‌: ଏସ୍‌: ଆନ୍‌ସାରୀ



ସର୍ଦ୍ଦାର ଯୋଗିନ୍ଦର ସିଂହ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ମୁଖ୍ୟମନ୍ତ୍ରୀବୃନ୍ଦ



ଡକ୍ଟର ହରେକୃଷ୍ଣ ମହତାବ



ନବକୃଷ୍ଣ ଚୌଧୁରୀ



ବିଜୁ ପଟ୍ଟନାୟକ




ବୀରେନ୍ ମିତ୍ର



ସଦାଶିବ ତ୍ରିପାଠୀ



ରାଜେନ୍ଦ୍ର ନାରାୟଣ ସିଂହଦେଓ




ବିଶ୍ୱନାଥ ଦାଶ



ଶ୍ରୀମତୀ ନନ୍ଦିନୀ ଶତପଥୀ



ବିନାୟକ ଆଚାର୍ଯ୍ୟ



ଶ୍ରୀଯୁକ୍ତ ନୀଳମଣି ରାଉତରାୟ



ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ



ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳ

# ଧାମରା ବନ୍ଦର : ପ୍ରଗତି ଓ ପରମ୍ପରାର ପୁନରୁଦ୍ଧାର

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

ଆଜି ଧାମରାର ସମୁଦ୍ର କୂଳରେ ଯେଉଁ ଉତ୍ସବ ଅନୁଷ୍ଠିତ ହେଉଛି ତାହା ଚିରକାଳ ପାଇଁ ଓଡ଼ିଶାର ଇତିହାସରେ ଲିପିବଦ୍ଧ ହୋଇ ରହିବ । ଏହା କୌଣସି ରାସ୍ତା, ପୋଲ, ସୌଧ ନିର୍ମାଣର ଉତ୍ସବ ବା କଳକାରଖାନା ଉଦ୍‌ଘାଟନର ଉତ୍ସବ ନୁହଁ, ଏହା ହେଉଛି ଗୋଟିଏ ବନ୍ଦର ପ୍ରତିଷ୍ଠାର ଉତ୍ସବ । ଏହି ବନ୍ଦର ଉପରେ ବହୁ କଳକାରଖାନା ନିର୍ଭର କରୁଛି । ଏ ଅଞ୍ଚଳ, ବାଲେଶ୍ୱର ଜିଲ୍ଲା, ଓଡ଼ିଶା ତଥା ଭାରତବର୍ଷର ଶିଳ୍ପ ଓ ବ୍ୟବସାୟ ବାଣିଜ୍ୟର ଅଭିବୃଦ୍ଧି ନିର୍ଭର କରୁଛି । ବିରାଟ ସମୁଦ୍ର ଉପକୂଳରେ ଯେଉଁ ସବୁ ବନ୍ଦର ଅଛି ତାହା ହେଉଛି ଆନ୍ତର୍ଜାତିକ ସମ୍ପର୍କ ଓ ସହଯୋଗ ପ୍ରତିଷ୍ଠା ଏବଂ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଭାରତବର୍ଷର ଗୋଟିଏ ଗୋଟିଏ ପ୍ରବେଶ ଦ୍ୱାର । ଓଡ଼ିଶାର ୪୫୦ କି.ମି. ଯେଉଁ ସମୁଦ୍ର ଉପକୂଳ ଅଛି ସେ ସମୁଦ୍ର ଉପକୂଳରେ ସୁପ୍ରସିଦ୍ଧ ଧାମରା ବନ୍ଦର ଚିରଦିନ ପାଇଁ ଓଡ଼ିଶା ତଥା ଭାରତବର୍ଷର ଏକ ସର୍ବଶ୍ରେଷ୍ଠ ବନ୍ଦର ଏବଂ ପ୍ରବେଶ ଦ୍ୱାର ହୋଇ ରହିବ । ଏ ବନ୍ଦର ଅନ୍ୟ ବନ୍ଦରମାନଙ୍କଠାରୁ ଏହି ଦୃଷ୍ଟିରୁ ଭିନ୍ନ ଯେ, ଏ ବନ୍ଦର ଅତି ଆଧୁନିକ କୌଶଳରେ ନିର୍ମାଣ କରାଯାଉଛି । ଓଡ଼ିଶା ଉପକୂଳରେ ଏପରି କୌଣସି ବନ୍ଦର ନାହିଁ । ଭାରତବର୍ଷରେ ଖୁବ୍ କମ୍ ଅଛି, ଯେଉଁଠି ଲକ୍ଷେ ଟନ୍ ବିଶିଷ୍ଟ ଜାହାଜ ବନ୍ଦରର ପୋତାଶ୍ରୟରେ ଆସି ଲାଗିପାରିବ ଏବଂ ଦିନେ ଦୁଇଦିନ ଭିତରେ ଖଲାସ ହୋଇପାରିବ । ଏ ବନ୍ଦରର ବିଶେଷତ୍ୱ ହେଉଛି ଏ ବନ୍ଦର ପ୍ରତିଷ୍ଠା ହେବା ପରେ ଅନ୍ୟ ସବୁ ବନ୍ଦର ଏହାର ବାଟ ଅନୁସରଣ କରିବେ । କାରଣ ଏ ହେଉଛି ଏକ ଅତି ଆଧୁନିକ ବନ୍ଦର । ଏ ବନ୍ଦରର ପ୍ରଥମ ଉପଭୋକ୍ତା ହେଉଛନ୍ତି ବନ୍ଦର ପାଖରେ ଥିବା ଏ ଅଞ୍ଚଳର ଅଧିବାସୀ ।


ଏ ଅଞ୍ଚଳର ଯୁବକମାନଙ୍କ ଭବିଷ୍ୟତ ଯେପରି ଉଜ୍ଜ୍ୱଳ ହେବ, ସେମାନେ ଯେପରି ବିଭିନ୍ନ ପ୍ରକାର ନିଯୁକ୍ତି ପାଇପାରିବେ, ସେମାନଙ୍କର ସମୃଦ୍ଧି ଯେପରି ବଢ଼ିବ, ସେଥିପାଇଁ ଏ ବନ୍ଦର ନିର୍ମାଣ କରାଯାଉଛି । ବନ୍ଦର ହେଲେ, କଳକାରଖାନା ଗଢ଼ି ଉଠିଲେ, ସୁନ୍ଦର ରାସ୍ତା, ରେଳପଥ ଭଦ୍ରକ ପର୍ଯ୍ୟନ୍ତ ନିର୍ମିତ ହୋଇଗଲା ପରେ ଏ ଅଞ୍ଚଳର ଯେଉଁ ଅନ୍ଧକାରମୟ ଅବସ୍ଥା ଅଛି, ତାହା ଆଉ ରହିବ ନାହିଁ । ଏହା ଚିରଦିନ ପାଇଁ ସମୃଦ୍ଧିର ଏକ ଆଲୋକମୟ ଅଞ୍ଚଳ ହୋଇ ରହିବ । ଭାରତବର୍ଷର ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗଳା ସେମାନଙ୍କର ବ୍ୟବସାୟ ବାଣିଜ୍ୟ ପାଇଁ ଏ ବନ୍ଦର ଉପରେ ନିର୍ଭର କରିବେ । କାରଣ ବର୍ତ୍ତମାନ ହଳଦିଆ ବନ୍ଦର ପର୍ଯ୍ୟାପ୍ତ ନୁହେଁ । ଏହି ବନ୍ଦରକୁ ବଡ଼ବଡ଼ ପଣ୍ୟଦ୍ରବ୍ୟ ବୋଝେଇ ଜାହାଜ ଯାଇପାରିବ ନାହିଁ । ସେଥିପାଇଁ ପଶ୍ଚିମବଙ୍ଗ ବହୁ ଭାବରେ ଏ ବନ୍ଦର ଉପରେ ନିର୍ଭର କରିବ । ତେଣୁ ଏ ବନ୍ଦର ହେଉଛି କେବଳ ଓଡ଼ିଶାବାସୀଙ୍କର ସ୍ୱପ୍ନ ନୁହେଁ; ଭାରତବାସୀଙ୍କର ସ୍ୱପ୍ନ ସାକାର ହେବାରେ ମଧ୍ୟ ଏ ବନ୍ଦରର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଏ ବନ୍ଦରଟି ତିନି ବର୍ଷ ସମୟ ଭିତରେ ନିର୍ମିତ ହେବ । ଏହାର ପୁଙ୍ଖାନୁପୁଙ୍ଖ ଯୋଜନା ରିପୋର୍ଟ ଏହି ମାସକ ଭିତରେ ହେବା ପରେ ସମସ୍ତ ପ୍ରକାର ଅର୍ଥ ବ୍ୟବସ୍ଥା ୫/୬ ମାସ ଭିତରେ ଶେଷ ହେବ । ବନ୍ଦର ପାଇଁ ସରକାରୀ ଜମିର ଅସୁବିଧା ନାହିଁ । ବାକି ଯେଉଁ ସବୁ ଜମି ଦରକାର, ତାକୁ ହାସଲ କରିବା ପାଇଁ ଆସନ୍ତା ଏପ୍ରିଲ ମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ । ଯେଉଁମାନଙ୍କର ଜମି ଯିବ, ସେମାନଙ୍କୁ ନିଶ୍ଚିତ ଭାବରେ ଉଚିତ କ୍ଷତିପୂରଣ ଦିଆଯିବ । ନ୍ୟାୟୋଚିତ ପ୍ରାପ୍ୟ ଦିଆଗଲା ନାହିଁ, ସେ ଅଭିଯୋଗ ହେବାକୁ କେବେହେଲେ ଦିଆଯିବ ନାହିଁ । ଯେଉଁମାନଙ୍କର ଜମି ଯିବ ସେମାନଙ୍କୁ ମଧ୍ୟ ଚାକିରୀ ବାକିରୀ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।

ଭଦ୍ରକ ପର୍ଯ୍ୟନ୍ତ ଗୋଟିଏ ଛୋଟିଆ ସଂକୀର୍ଣ୍ଣ ରାସ୍ତା ଅଛି । ଏ ବନ୍ଦର ହେବାମାତ୍ରେ ବଡ଼ବଡ଼ ହାଇୱେଠାରୁ ଆହୁରି ଭଲ ସଡ଼କ ପଥ ଏବଂ ରେଳରାସ୍ତା ନିର୍ମାଣ କରାଯିବ । ବନ୍ଦରକୁ ଭିତ୍ତିକରି ଏକ ବିରାଟ କଳକାରଖାନାର ଅଞ୍ଚଳ ଗଢ଼ି ଉଠିବ । ବର୍ତ୍ତମାନ ଏକକୋଟି ଟନ୍‌ର ଜିନିଷପତ୍ର ଏ ବନ୍ଦର ଜରିଆରେ ବାହାରକୁ ରପ୍ତାନୀ ଓ ଆମଦାନୀ ହୋଇପାରିବ । ଧାମରା-ଶୁଙ୍ଖବାଲି ଓଡ଼ିଶାର ଏକ ପ୍ରାଚୀନ ବନ୍ଦର । ବହୁକାଳ ଧରି ଏ ବନ୍ଦର ରହିଛି । ଇଂରେଜ ଐତିହାସିକ ମିଃ ହଣ୍ଟର ଯେତେବେଳେ ଓଡ଼ିଶା ଆସିଥିଲେ, ଏହି ଶୁଙ୍ଖବାଲି ବନ୍ଦର ସମ୍ପର୍କରେ ଲେଖିଥିଲେ । ଅନ୍ୟ ଇଂରେଜ ପ୍ରଶାସକମାନେ କହିଛନ୍ତି, ଶୁଙ୍ଖବାଲି-ଧାମରା ବନ୍ଦର ଭାରତର ପ୍ରଧାନ ବନ୍ଦରମାନଙ୍କ ମଧ୍ୟରେ ଅନ୍ୟତମ । କିନ୍ତୁ କାଳକ୍ରମେ ଧାମରା ବନ୍ଦରର ସମସ୍ତ କାର୍ଯ୍ୟ ଲୁପ୍ତ ହୋଇଗଲା । ୧୯୦୧ ମସିହା ପରେ ଆଉ ଏ ବନ୍ଦର ସକ୍ରିୟ ହୋଇ ରହିଲା ନାହିଁ । ତା' ପୂର୍ବରୁ ଏ ବନ୍ଦର ବାଟେ ଯାତ୍ରୀ ଯାଉଥିଲେ, ଆସୁଥିଲେ । ଓଡ଼ିଶାରୁ ବିଶେଷ ଭାବରେ ଚାଉଳ, ଶୁଖୁଆ ଏ ବାଟରେ ରପ୍ତାନୀ ହେଉଥିଲା । କିରୋସିନି ଏବଂ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷ ଆମଦାନୀ ହେଉଥିଲା । ଆଜି ଏ

ବନ୍ଦରକୁ ଯେଉଁ ଅବସ୍ଥାରେ କରିବାକୁ ଦିଆଯାଉଛି ଭାରତ ସରକାରଙ୍କର ଏକ ସଂସ୍ଥା କହିଛି ଯେ ୨୦୨୦ ମସିହା ବେଳକୁ ଭାରତର ଯେଉଁ ସବୁ ପ୍ରଧାନ ବନ୍ଦର ନିର୍ମିତ ହେବ, ଧାମରା–ଶୁନ୍ଦବାଲିର ସ୍ଥାନ ତା'ଭିତରେ ଦ୍ୱିତୀୟ । ମୁଁ କିନ୍ତୁ କହୁଛି ଦ୍ୱିତୀୟ ନୁହେଁ, ନିଶ୍ଚିତ ଭାବରେ ପ୍ରଥମ ହେବ । ଆମେ ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ଦେଖୁଛେ । ଐତିହାସିକ କଳିଙ୍ଗ ଜାତି ସବୁ କ୍ଷେତ୍ରରେ ଭାରତ–ବର୍ଷରେ ଚୂଡ଼ା ମାରିଥିଲା । କୋଣାର୍କ ଭଳି ମନ୍ଦିର ଗଢ଼ିଥିଲା । ଭାରତ ବାହାରେ ଥାଇଲ୍ୟାଣ୍ଡ, ବ୍ରହ୍ମଦେଶ, ମାଲେସିଆ, ଫିଲିପାଇନ୍ସ, ଇଣ୍ଡୋନେସିଆ, ସିଂହଳ ଆଦି ସବୁ ଦେଶରେ ଆଜି କଳିଙ୍ଗର ପଦଚିହ୍ନର ପ୍ରମାଣ ମିଳିଛି । ପୁଣି ଆମେ ସେ ଇତିହାସର ପୁନରୁଦ୍ଧାର କରିବା । ଖାଲି ଆମେ କଳିଙ୍ଗ କଳିଙ୍ଗ କହି ଅନେକ ସମୟରେ ନିଜକୁ ହଜାଇ ଦେଉଥିଲେ । କିନ୍ତୁ ସେ କଳିଙ୍ଗର ପୁନର୍ଜନ୍ମ ପାଇଁ, ସେ କଳିଙ୍ଗ ଜାତିର ଐତିହାସିକ ମହତ୍ତ୍ୱ ଫେରାଇ ଆଣିବା ପାଇଁ ବିଶେଷ ଉଦ୍ୟମ ଅତୀତରେ ହୋଇନାହିଁ । ଆଜି ସେ ଉଦ୍ୟମ ସାକାର ହୋଇଛି । ଯେତେବେଳେ ଆମେ ଅନ୍ୟସବୁ ଦେଶକୁ ଯାଉଥିଲୁ, ଅନେକେ କହୁଥିଲେ ଖୁସିବାସୀ କରିବା ପାଇଁ ଯାଉଛନ୍ତି । ଆମେରିକା, ଇଂଲଣ୍ଡ, ଇସରାଏଲଠାରୁ ଆରମ୍ଭ କରି ଜାପାନ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ପର୍ଯ୍ୟନ୍ତ ଯେଉଁ ଦେଶକୁ ଆମେ ଯାଇଛୁ, ଆମକୁ କଠିନ ପରିଶ୍ରମ କରିବାକୁ ହୋଇଛି । ଯେତେ ସବୁ କମ୍ପାନୀ, ବଡ଼ବଡ଼ ଶିଳ୍ପୋଦ୍ୟୋଗୀମାନେ ଅଛନ୍ତି, ଯେଉଁସବୁ ସାହାଯ୍ୟକାରୀ ଅର୍ଥିକ ସଂସ୍ଥା ରହିଛନ୍ତି ସମସ୍ତଙ୍କୁ ଓଡ଼ିଶା କ'ଣ ସେ ବିଷୟରେ ଆମକୁ ବୁଝେଇବା ପାଇଁ ହୋଇଛି । କାରଣ ଓଡ଼ିଶା ବିଷୟରେ ସେମାନଙ୍କର କିଛି ଧାରଣା ନଥିଲା । ତେଣୁ ଆଜି ଯେଉଁ କମ୍ପାନୀ ଏଠାକୁ ଆସିଛନ୍ତି, ତାହା ହେଉଛି ସେ ଉଦ୍ୟମର ଫଳ। ସେହିପରି ଭାବରେ ଗୋପାଳପୁର ବନ୍ଦର ଆଉ ୩/୪ ମାସ ପରେ ତା'ର ଶୁଭ ଦିଆଯିବ । ତାହା ହେଉଛି ସେ ଉଦ୍ୟମର ଫଳ। ଓଡ଼ିଶାରେ ବହୁ କଳକାରଖାନା ବିଭିନ୍ନ ଆନ୍ତର୍ଜାତିକ କମ୍ପାନୀ ଜରିଆରେ କରାଯାଇ ପାରିବ । ଆମର ଅର୍ଥ ନାହିଁ । ଆମେ ଐତିହାସିକ କାରଣରୁ ଦୁର୍ବଳ ଓ ଦରିଦ୍ର ହୋଇଯାଇଛେ । ଭାରତ ସରକାରଙ୍କର ଅର୍ଥ ନାହିଁ । ତେଣୁ ଆମେ ବିଦେଶରୁ ଯଦି ଅର୍ଥ ସଂଗ୍ରହ ନକରିବା ତା' ହେଲେ ଓଡ଼ିଶା ଉଠି ପାରିବ ନାହିଁ । ଯଦି ସେମାନଙ୍କ ସହିତ ଆମର ସଂଯୋଗ ଓ ସହଯୋଗ ପ୍ରତିଷ୍ଠା ନହୁଏ, ତା'ହେଲେ ଓଡ଼ିଶାକୁ ଆମେ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିପାରିବା ନାହିଁ । ଆଜି ଏ ଧାମରା ବନ୍ଦରର ଭିତ୍ତିସ୍ଥାପନ କଲାବେଳେ ମୁଁ ନିକଟବର୍ତ୍ତୀ ସମୁଦ୍ରକୁ ଚାହୁଁଛି । ମୋର ମନେ ପଡ଼ିଯାଉଛି ହଜାର ହଜାର ବର୍ଷତଳେ କିପରି ଆମ ରାଜ୍ୟର ନାବିକମାନେ ଏ ସମୁଦ୍ରକୁ ଭୟ ନକରି ଦେଶ ବିଦେଶରେ ଓଡ଼ିଶାର ବାର୍ତ୍ତା ପ୍ରଚାର କରିଛନ୍ତି, ତାର ଗୌରବ ବୃଦ୍ଧି କରିଛନ୍ତି । ଓଡ଼ିଶାକୁ ସମୃଦ୍ଧି ନେଇ ଆସିଛନ୍ତି । ପୁଣି ଥରେ ଆମେ ତା'ର ପୁନରାବୃତ୍ତି କରିବା ।

(୧୯୯୮ ଜୁଲାଇ ୧୪ ତାରିଖରେ ଧାମରା–ଶୁନ୍ଦବାଲି ବନ୍ଦରର ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଅଭିଭାଷଣରୁ)



# ଓଡ଼ିଶାର ସୁନେଲି ଭବିଷ୍ୟତର ସ୍ୱପ୍ନ

ଓଡ଼ିଶାର ସୁଦୀର୍ଘ ଉପକୂଳ ପ୍ରାଚୀନ କାଳରେ ନୌ–ବାଣିଜ୍ୟ ପାଇଁ ପ୍ରସିଦ୍ଧ ଥିଲା । ଏହି ପ୍ରାଚୀନ ବନ୍ଦରମାନଙ୍କ ମଧ୍ୟରେ ଧାମରା ବନ୍ଦର ଅନ୍ୟତମ । ଓଡ଼ିଶାର ଅନ୍ୟାନ୍ୟ ବନ୍ଦର ବହୁ କାଳରୁ ଲୁପ୍ତ ହୋଇ ଯାଇଥିଲେ ମଧ୍ୟ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପର୍ଯ୍ୟନ୍ତ ଧାମରା ବନ୍ଦର ଏକ ସକ୍ରିୟ ବନ୍ଦର ଥିଲା ଏବଂ ଏହି ବନ୍ଦର ଜରିଆରେ ଓଡ଼ିଶାରୁ ଚାଉଳ, ଝୋଟ ଆଦି ଦ୍ରବ୍ୟ ବଙ୍ଗଳାକୁ ରପ୍ତାନୀ ହେଉଥିଲା । ଦ୍ୱିତୀୟ ମହାଯୁଦ୍ଧ ପରେ ଆସ୍ତେ ଆସ୍ତେ ଏହି ବନ୍ଦରଟି ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡ଼ିଲା । ରାଜ୍ୟ ସରକାର ଏଠାରେ ଏକ ମାଛଧରା ବନ୍ଦର ସ୍ଥାପନ କରି ଏହାର ପୂର୍ବ ଐତିହ୍ୟକୁ ସ୍ୱୀକୃତି ଦେଇଥିଲେ । ଏକ ଆଧୁନିକ ବନ୍ଦର ନିର୍ମାଣ ପାଇଁ ଧାମରା ବନ୍ଦର ପ୍ରାକୃତିକ ପୋତାଶ୍ରୟଭାବେ ସମ୍ପୂର୍ଣ୍ଣ ବିବେଚିତ ହୋଇ ଆସିଛି ।

ଭାରତ ସରକାରଙ୍କର ନୂତନ ଅର୍ଥନୀତି ୧୯୯୧ ମସିହାଠାରୁ ପ୍ରଚଳିତ ହେବା ପରେ ବ୍ୟକ୍ତିଗତ ପୁଞ୍ଜି ବିନିଯୋଗରେ ନୂଆ ନୂଆ ବନ୍ଦର ନିର୍ମାଣର ସୁଯୋଗ ଆସିଲା । ୧୯୯୫ ମସିହା ପରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦକ୍ଷିଣ–ପୂର୍ବ ଏସିଆର ଜାପାନ, କୋରିଆ, ଥାଇଲ୍ୟାଣ୍ଡ, ମାଲେସିଆ, ସିଙ୍ଗାପୁର ଆଦି ଦେଶ ଗସ୍ତରେ ଯାଇଥିଲେ । ସେମାନେ ଓଡ଼ିଶାର ଉପକୂଳରେ ଏକାଧିକ ନୂତନ ବନ୍ଦର ନିର୍ମାଣର ସମ୍ଭାବନା ସମ୍ପର୍କରେ ବହୁ ବଡ଼ ବଡ଼ କମ୍ପାନୀଙ୍କ ସହ ଆଲୋଚନା କରିଥିଲେ । ତା'ର ଫଳ ସ୍ୱରୂପ ଧାମରା–ଚାନ୍ଦବାଲି ଓ ଗୋପାଳପୁର ବନ୍ଦର ନିର୍ମାଣ ବର୍ତ୍ତମାନ ସମ୍ଭବ ହେବାକୁ ଯାଉଛି ।

ସିଙ୍ଗାପୁରସ୍ଥିତ 'ଇଣ୍ଟରନ୍ୟାସନାଲ–ସି–ପୋର୍ଟ' ନାମକ ଏକ କମ୍ପାନୀ ଧାମରା–ଚାନ୍ଦବାଲି ବନ୍ଦରର ନିର୍ମାଣ ପାଇଁ ଆଗେଇ ଆସିଛନ୍ତି । ଏହା ଏକ ବହୁରାଷ୍ଟ୍ରୀୟ ଆନ୍ତର୍ଜାତିକ କମ୍ପାନୀ । ଏହି କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ୨୨୦୦ କୋଟି ଟଙ୍କା ବ୍ୟୟରେ ୨୦୦୧ ମସିହା ସୁଦ୍ଧା ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ କରିବ, ଯଦ୍ୱାରା ଦଶ ନିୟୁତ ଟନ୍‌ରୁ ଅଧିକ ପଣ୍ୟ ଦ୍ରବ୍ୟ କାରବାର କରିବା ସମ୍ଭବ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ବ୍ୟୟ କରାଯିବ ଏବଂ ମାଲ ପରିବହନ ଶକ୍ତି ୨୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବ ।

ଏହି ବନ୍ଦର ରେଳପଥ ଓ ଜାତୀୟ ରାଜପଥଠାରୁ ୬୨ କି.ମି. ଦୂରରେ ଅବସ୍ଥିତ ହୋଇଥିବା ଯୋଗୁଁ କମ୍ପାନୀ ଭଦ୍ରକ ପର୍ଯ୍ୟନ୍ତ ଏକ ରେଳପଥ ଓ ଉନ୍ନତ ମାନର ସଡ଼କ ପଥ ନିର୍ମାଣ କରିବ । ଏହା କେବଳ ଓଡ଼ିଶାର ବନ୍ଦର ହେବ ନାହିଁ, ଏହି ବନ୍ଦର ବିହାର, ପୂର୍ବ–ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ପଶ୍ଚିମ ବଙ୍ଗର ବନ୍ଦର ଭାବେ ମଧ୍ୟ ବ୍ୟବହୃତ ହେବ ।

ବର୍ତ୍ତମାନ ଆନ୍ତର୍ଜାତିକ କ୍ଷେତ୍ରରେ ବନ୍ଦରଗୁଡ଼ିକ କଳକାରଖାନା ଉପରେ ଗୁରୁତ୍ୱ ଦିଆଯାଉଥିବା ଯୋଗୁଁ ଏହି ବନ୍ଦରକୁ କେନ୍ଦ୍ର କରି ବହୁ କଳକାରଖାନା ଗଢ଼ି ଉଠିବ ଏବଂ ଏହା ପୂର୍ବ ଉପକୂଳର ଏକ ପ୍ରଧାନ କର୍ମଚଞ୍ଚଳ ବନ୍ଦର ରୂପେ ଦେଖା ଦେବ । ବ୍ୟବସାୟ ବାଣିଜ୍ୟ ଓ କର୍ମ ନିଯୁକ୍ତି ପାଇଁ ଏହି ବନ୍ଦର ଏକ ବିପୁଳ ସମ୍ଭାବନା ସୃଷ୍ଟି କରିବ ।

ଏହି ବନ୍ଦର ପ୍ରତିଷ୍ଠା ହେବା ଫଳରେ ଓଡ଼ିଶାର ପ୍ରାଚୀନ ନୌ–ବାଣିଜ୍ୟର ପରମ୍ପରା ପୁଣି ଥରେ ଉଜ୍ଜୀବିତ ହେବ ଏବଂ ଓଡ଼ିଶା ସମୃଦ୍ଧି ପଥରେ ଆଗେଇ ଚାଲିବ ।

୨୦୨୦ ମସିହା ବେଳକୁ ଧାମରା ବନ୍ଦର କାଣ୍ଡଲା ବନ୍ଦର ପଛକୁ ଭାରତର ଦ୍ୱିତୀୟ ବ୍ୟବସାୟିକ ବନ୍ଦରଭାବେ ପରିଗଣିତ ହେବ । ଏହି ବନ୍ଦର ବାଟେ ବଡ଼ ବଡ଼ ଜାହାଜରେ ବିଦେଶରୁ ତଥା ଅଷ୍ଟ୍ରେଲିଆରୁ କୋଇଲା ଓ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଇନ୍ଧନ ତେଲ ଆମଦାନୀ ହେବ ଏବଂ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟମାନଙ୍କରୁ ଲୁହାପଥର, କୋଇଲା, ମାଙ୍ଗାନିଜ ଓ ଆଲୁମିନିୟମ ରପ୍ତାନୀ କରାଯିବ ।

ଏହି ବନ୍ଦର ନିର୍ମାଣ ପାଇଁ ୧୯୯୭ ମସିହା ମାର୍ଚ୍ଚ ମାସରେ ରାଜ୍ୟ ସରକାର ଓ ସିଙ୍ଗାପୁରସ୍ଥିତ ଆନ୍ତର୍ଜାତିକ ସି–ପୋର୍ଟ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ତଦନୁଯାୟୀ ଗତ ୧୯୯୮ ଏପ୍ରିଲ ମାସରେ ବନ୍ଦର ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ଧାମରା ବନ୍ଦର ଓ ଏଥିସହ ସଂଯୋଗ କରୁଥିବା ଭଦ୍ରକ–ଚାନ୍ଦବାଲି ରେଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୨୦୦୨ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବ । ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ବୃହତ୍ ଶିଳ୍ପାଞ୍ଚଳ ନିର୍ମାଣ କରାଯିବ । ବନ୍ଦର ଉପକୂଳରେ ୭ କିଲୋମିଟର ଲମ୍ବ ଓ ଏକ କିଲୋମିଟର ଓସାରର ଜେଟି ନିର୍ମାଣ କରାଯିବ । ଫଳରେ ଦେଢ଼ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ସାତଟି ବୃହଦାକାର ଜାହାଜ ଏହି ଜେଟିରେ ଲାଗି

ପାରିବ । ମାଲ ଖଲାସ ଓ ବୋଝେଇ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହୃତ ହେବ । ଏହି ବନ୍ଦରରୁ ଖଣିଜ ପଦାର୍ଥ ସହିତ ବିଦେଶାଗତ ଖଣିଜ ତୈଳ ପାଇପ୍ ଯୋଗେ ଭଦ୍ରକ ପଠାଯାଇ ଦେଶର ବିଭିନ୍ନ ସ୍ଥାନକୁ ଯୋଗାଇ ଦିଆଯିବ । ଧାମରାର ଦୋସିଙ୍ଗା, ତିହିଡ଼ି ଆଦି ଅଞ୍ଚଳ ଦେଇ ଭଦ୍ରକ ରେଳ ଷ୍ଟେସନକୁ ଗ୍ରିଡିଟିକିଆ ରେଳଲାଇନ ଏକ୍ସପ୍ରେସ ହାଇଓ୍ୱେ ଓ ପାଇପ ଲାଇନ ବିଛାଯିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ।

## ଭାରତର ସର୍ବବୃହତ୍ ବନ୍ଦରରେ ପରିଚିତ ହେବ

ଗତ ଜୁଲାଇ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ଏହି ବନ୍ଦରର ଶିଳାନ୍ୟାସ କରି ଏହି ବନ୍ଦର ସାରା ଭାରତରେ ସର୍ବବୃହତ୍ ବନ୍ଦରରେ ପରିଣତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

ସେ କହିଥିଲେ, ଏହି ବନ୍ଦର ନିର୍ମାଣ ଫଳରେ ଆଖପାଖ ଅଞ୍ଚଳର ପ୍ରଭୂତ ବିକାଶ ହେବ । ସ୍ଥାନୀୟ ଯୁବକମାନଙ୍କର କର୍ମସଂସ୍ଥାନର ସୁବିଧା ହୋଇପାରିବ । ଜମି ହରାଉଥିବା ଅଧିବାସୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ । ଏ ଅଞ୍ଚଳରେ ବହୁ କଳ କାରଖାନା ଗଢ଼ି ଉଠିବ ।

## ସ୍ଥିର ସରକାର ଯୋଗୁଁ ପ୍ରଗତି ସମ୍ଭବ ହୋଇଛି

ଶିଳ୍ପମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଥିଲେ, ଧାମରା–ଶୁନ୍ଦବାଲି ବନ୍ଦର ଫଳରେ ଓଡ଼ିଶାର ଅର୍ଥନୈତିକ ବିକାଶ ଘଟିବ । କଳିଙ୍ଗର ପୂର୍ବ ଗୌରବ ଫେରି ଆସିବ । ଗୋପାଳପୁର ପାଖରେ ବୃହତ୍ ବନ୍ଦର ଓ ବଡ଼ ଧରଣର ଇସ୍ପାତ୍ କାରଖାନା, ପାରାଦ୍ୱୀପରେ ସାର କାରଖାନା ପ୍ରତିଷ୍ଠା କରାଯିବ । ଏକ ସ୍ଥିର ସରକାର ଥିବାରୁ ଓଡ଼ିଶାର ବିକାଶ ସମ୍ଭବ ହୋଇଛି ।

## ଏସିଆର ସର୍ବବୃହତ୍ ବନ୍ଦର ହେବ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ କହିଲେ ଯେ, ଅତି ଅନୁନ୍ନତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ ଧାମରା–ଶୁନ୍ଦବାଲି ବନ୍ଦର ମୁଖ୍ୟମନ୍ତ୍ରୀଙ୍କର ଏକ ବଳିଷ୍ଠ ପଦକ୍ଷେପ । ଧାମରା ଏସିଆର ସର୍ବବୃହତ୍ତମ ବନ୍ଦର ହେବା ପାଇଁ ଯାଉଛି । ଯେଉଁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଏହାର ବିରୋଧ କରୁଛନ୍ତି, ଜନସାଧାରଣ ସେମାନଙ୍କୁ ଠିକଣା ଜବାବ ଦେବା ଦରକାର ।

## ନୌ–ବାଣିଜ୍ୟ ପରମ୍ପରାର ପୁନରୁଦ୍ଧାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜଗନ୍ନାଥ ରାଉତ କହିଲେ, ଧାମରା–ଶୁନ୍ଦବାଲିର ଲୁପ୍ତଗୌରବ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଆଜି ଏ ବନ୍ଦରର ଶିଳାନ୍ୟାସ କରିଛନ୍ତି । ଓଡ଼ିଶାର ପ୍ରାଚୀନ ନୌ–ବାଣିଜ୍ୟ ପରମ୍ପରା ଆଜି ପୁନର୍ଜୀବିତ ହେବାକୁ ଯାଉଛି । ଏହି ବନ୍ଦର ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଜନସାଧାରଣଙ୍କର ଆର୍ଥିକ ଅବସ୍ଥା ପରିବର୍ତ୍ତନ ପାଇଁ ସୁଯୋଗ ଆଣି ଦେଇଛି ।

## ଓଡ଼ିଶାର ଗର୍ବ ଓ ଗୌରବ

ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନାଗାର୍ଜୁନ ପ୍ରଧାନ କହିଲେ, ଧାମରା–ଶୁନ୍ଦବାଲି ଏକ ପ୍ରାଚୀନ ବନ୍ଦର ଥିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ କାଳକ୍ରମେ ଏହା ଲୁପ୍ତ ହୋଇ ଯାଇଥିଲା । ଆଜି ଏ ବନ୍ଦରର ପୁନରୁଦ୍ଧାର ଓଡ଼ିଶା ପକ୍ଷରେ ଗର୍ବ ଗୌରବର ବିଷୟ । ଏହି ବନ୍ଦର ହେଲେ ଏଠାରେ ବିଭିନ୍ନ ଶିଳ୍ପାଞ୍ଚଳ ଗଢ଼ି ଉଠିବ । ଧାମରା ଓ ଗୋପାଳପୁର ବନ୍ଦର ହେବା ପରେ ଓଡ଼ିଶାର ଅର୍ଥନୈତିକ ଚିତ୍ର ବଦଳିଯିବ ।

## ଉନ୍ନତିମୂଳକ କାର୍ଯ୍ୟରେ ବିରୋଧୀ ଦଳ ସହଯୋଗ କରିବ

ଜନତା ଦଳ ନେତା ଶ୍ରୀ ନରସିଂହ ମିଶ୍ର କହିଲେ, ଏ ଅଞ୍ଚଳର ଉନ୍ନତି ଓ ଓଡ଼ିଶାର ଉନ୍ନତି ପାଇଁ ଆଜି ଧାମରା–ଶୁନ୍ଦବାଲି ବନ୍ଦରର ଶିଳାନ୍ୟାସ କରାଯାଉଛି । ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଚିନ୍ତା କରି ଆସିଛନ୍ତି । ସେ ଏହି ବନ୍ଦରର ଭିତ୍ତି ସ୍ଥାପନ କରିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ସହଯୋଗ ଲୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ସରକାରଙ୍କର ଯେ କୌଣସି ଉନ୍ନତିମୂଳକ କାର୍ଯ୍ୟରେ ଜନତା ଦଳ ସହଯୋଗ କରିବ ।

## ଦେଶର ବିଶାଳ ବନ୍ଦର ହେବ

ରାଜ୍ୟସଭା ସଦସ୍ୟ ଶ୍ରୀ ଅନନ୍ତ ସେଠୀ କହିଲେ ଭଦ୍ରକବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏ ହେଉଛି ସବୁଠାରୁ ବଡ଼ ଅବଦାନ । ଧାମରା ବନ୍ଦର ବମ୍ବେ ବନ୍ଦରଠାରୁ ବିଶାଳ ବନ୍ଦରରେ ପରିଣତ ହେବ । ଏ ଅଞ୍ଚଳ ଦେଶର ଏକ ସମୃଦ୍ଧ ଅଞ୍ଚଳ ରୂପେ ଗଢ଼ି ଉଠିବ ।

ଏହି ଶିଳାନ୍ୟାସ ଉତ୍ସବରେ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ନାଗାର୍ଜୁନ ପ୍ରଧାନ ସଭାପତିତ୍ୱ କରିଥିଲେ । ଇଣ୍ଟର ନ୍ୟାସନାଲ ସି–ପୋର୍ଟର ଅଧ୍ୟକ୍ଷ ଜନ୍ ହେମିଙ୍ଗ୍ ଓ୍ୱେ ପ୍ରମୁଖ ଭାଷଣ ଦେଇଥିଲେ । ବାଣିଜ୍ୟ ଓ ପରିବହନ ସଚିବ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଗତ ଭାଷଣ ପାଠ କରିଥିଲେ ।

# ମୁକ୍ତି ସଂଗ୍ରାମରେ ଓଡ଼ିଶା

ଶ୍ରୀ ବିଶ୍ୱମ୍ଭର ପରିଡ଼ା

ଆମର ପବିତ୍ର ମାତୃଭୂମି ଭାରତବର୍ଷରେ ବହୁ ଭାଷା, ବହୁ ଜାତି, ବହୁ ସମ୍ପ୍ରଦାୟ ଓ ବହୁ ଧର୍ମ ରହିଛି । ତଥାପି ମାନବ ସମାଜର କଲ୍ୟାଣ ସାଧନ ପାଇଁ ସମଗ୍ର ବିଶ୍ୱକୁ ଏହି ଦେଶ ହିଁ ସବୁବେଳେ ମାର୍ଗ ପ୍ରଦର୍ଶନ କରିଆସିଛି । ଏହି ଦେଶର ଅଗଣନ ଋଷି, ମୁନି, ସାଧକ ଓ ମହାତ୍ମା ନିରବଚ୍ଛିନ୍ନ ଭାବରେ ସାଧନା କରି ମାନବ ସମାଜକୁ ସବୁ ପ୍ରକାର ବ୍ୟାଧିରୁ ମୁକ୍ତି କରିବା ପାଇଁ ସଫଳ ଉପାୟ ଓ ପନ୍ଥା ପ୍ରଦର୍ଶନ କରିଛନ୍ତି । ସବୁପ୍ରକାର ବିଭେଦ ମଧ୍ୟରେ ସେମାନେ ଐକ୍ୟ ପ୍ରତିଷ୍ଠା କରିଛନ୍ତି ଏବଂ ଏହା ବଳରେ ସକଳ ପ୍ରକାର ସଂକୀର୍ଣ୍ଣତାକୁ ବଳୀ ଦେଇ ଏକ କଲ୍ୟାଣଦାୟୀ ବିଶ୍ୱ ଜୀବନର ପରିକଳ୍ପନା କରିବାକୁ ସକ୍ଷମ ହୋଇଛନ୍ତି । ଏହା ସତ୍ତ୍ୱେ ଯେତେବେଳେ କ୍ଷମତା ପାଇଁ ଶାସକମାନେ ବିଭେଦଗ୍ରସ୍ତ ହୋଇ ପରସ୍ପର ମଧ୍ୟରେ ଲଢ଼େଇ କରିଛନ୍ତି ଏବଂ ପ୍ରତିଶୋଧ ନେବାପାଇଁ ବିଦେଶୀ ଶାସକମାନଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି, ସେତେବେଳେ ଏହି ସଂସ୍କୃତି ସମ୍ପନ୍ନ ଭାରତୀୟ ମହାଜାତିକୁ ଦୁର୍ଦ୍ଦଶାର ଅତଳଗର୍ଭକୁ ଫିଙ୍ଗିଦିଆଯାଇଛି । ଇତିହାସର ଏହି କଳଙ୍କମୟ ଅଧ୍ୟାୟରେ ଦୀର୍ଘ ଛଅଶହ ବର୍ଷକାଳ ପରାଧୀନତାର ଅଭିଶାପରେ ସନ୍ତୁଥିବା ଭାରତୀୟ ମହାଜାତି ପଠାଣ, ମୋଗଲ ଓ ବ୍ରିଟିଶମାନଙ୍କ ଶାସନରେ ଚରମ ଦୁର୍ଗତିରେ ପଡ଼ି ସେଥିରୁ ପରିତ୍ରାଣ ପାଇଁ ଯେଉଁ ଅବର୍ଣ୍ଣନୀୟ ଲୋମହର୍ଷଣକାରୀ ଅତ୍ୟାଚାରର ଶିକାର ହୋଇଛନ୍ତି, ତା'ର ପଟାନ୍ତର ନାହିଁ । ସହସ୍ର ସହସ୍ର ଦେଶବାସୀଙ୍କ ଆତ୍ମବଳୀରେ ଅତୀତରେ କ୍ଷମତାମତ୍ତ ଶାସକମାନଙ୍କ କୃତ ଅପକର୍ମ ଧୋଇ ହୋଇଯାଇଛି ।

ଭାରତ ଭୂଖଣ୍ଡର ପୂର୍ବାଞ୍ଚଳରେ ଅବସ୍ଥାପିତ ଆମ ଓଡ଼ିଶା ରାଜ୍ୟ ବ୍ରିଟିଶ ଶାସନର ଅବସାନ ପାଇଁ ସବୁବେଳେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଆସିଛି । ସମଗ୍ର ଦେଶକୁ ବ୍ରିଟିଶ ଶାସନ ଦଖଲ କରିନେବା ପରେ ସର୍ବଶେଷରେ ଗତ ୧୮୦୩ ମସିହାରେ ଓଡ଼ିଶାକୁ ଦଖଲ କରିଥିଲେ । ଓଡ଼ିଶାକୁ ଦଖଲ କରିବାର ମାତ୍ର ୩ ବର୍ଷ ପରେ ୧୮୦୬ ମସିହାରୁ ବ୍ରିଟିଶ ଶାସନ ବିରୁଦ୍ଧରେ ଏଠାରେ ବିଦ୍ରୋହ ସଙ୍ଘଟିତ ହୋଇଥିଲା ପୁଣ୍ୟଶ୍ଳୋକ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ । ଏହାକୁ ପାଇକ ବିଦ୍ରୋହ କୁହାଯାଏ । ଏହା ଖୋର୍ଦ୍ଧା, ବାଣ୍ଟି, ବୋଲଗଡ଼, ବେଗୁନିଆ, କଟକ ସହର, କୁଜଙ୍ଗ ଓ ଅନୁଗୁଳ ଆଦି ବହୁ ଅଞ୍ଚଳକୁ ବ୍ୟାପି ଯାଇଥିଲା । ଦୁର୍ଦ୍ଧର୍ଷ ବ୍ରିଟିଶ ଫୌଜ ଏହି ଐତିହାସିକ ପାଇକ ବିଦ୍ରୋହର ବିଦ୍ରୋହୀ ନେତାମାନଙ୍କୁ ପ୍ରକାଶ୍ୟ ଭାବରେ ଫାଶୀ ଦେଇ ଓ ଆଖିବୁଜା ଗୁଳିଚାଳାଇ ଶହ ଶହ ଲୋକଙ୍କୁ ହତ୍ୟା କରି ୧୦ ବର୍ଷ ମଧ୍ୟରେ ଦମନ କରିଦେଇ ପାରିଥିଲେ । ସମଗ୍ର ଦେଶରେ ବ୍ରିଟିଶ ଶାସନର ଅବସାନ ପାଇଁ ଏହି ଆଞ୍ଚଳିକ ପାଇକ ବିଦ୍ରୋହକୁ ପ୍ରଥମ ମୁକ୍ତିଯୁଦ୍ଧ ନାମରେ ନାମିତ କରାଯାଇଛି । ଏଥିପାଇଁ ଜାତୀୟ ସ୍ତରରେ ଜୟୀରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଥମ ଅମର ଓଡ଼ିଆ ଶହୀଦ ହେବାର ଗୌରବ ଅର୍ଜନ କରିପାରିଛନ୍ତି । ଏହାପରେ ସମ୍ବଲପୁରର ବୀର ସୁରେନ୍ଦ୍ରସାଏଙ୍କ ନେତୃତ୍ୱରେ ୧୮୨୪ ମସିହାରୁ ୧୮୬୪ ମସିହା ପର୍ଯ୍ୟନ୍ତ ଦୀର୍ଘ ଚାଳିଶ ବର୍ଷକାଳ ବିଦ୍ରୋହ ସଙ୍ଘଟିତ ହୋଇଥିଲା । ଏହାକୁ ୧୮୫୭ ମସିହାରେ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ନେତୃତ୍ୱରେ ସଙ୍ଘଟିତ ସିପାହୀ ବିଦ୍ରୋହ ସହିତ ସଂଯୁକ୍ତ କରି ଜାତୀୟ ସ୍ତରରେ ପ୍ରଥମ ମୁକ୍ତିଯୁଦ୍ଧ ବୋଲି ଅଭିହିତ କରାଯାଇଥିଲା । ଏହାକୁ ମଧ୍ୟ ବ୍ରିଟିଶ ଫୌଜର ଅକଥନୀୟ ଦମନଲୀଳାରେ ପ୍ରଶମିତ କରାଯାଇଥିଲା । ଏହାପରେ ମୟୂରଭଞ୍ଜରେ ସ୍ୱର୍ଗୀୟ ମୁର୍ମୁଙ୍କ ନେତୃତ୍ୱରେ ସାନ୍ତାଳମେଳି, କେନ୍ଦୁଝରରେ ଧରଣୀଧର ଭୂୟାଁଙ୍କ ନେତୃତ୍ୱରେ ଭୂୟାଁ ଆନ୍ଦୋଳନ, ସୁନ୍ଦରଗଡ଼ରେ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଜନଆନ୍ଦୋଳନ ଓ ଫୁଲବାଣୀ କନ୍ଧମାଳ ଓ ଦଶପଲ୍ଲା ଅଞ୍ଚଳରେ କନ୍ଧ ଆନ୍ଦୋଳନ ଯୋଗୁଁ ସମଗ୍ର ରାଜ୍ୟରେ ବ୍ୟାପକ ବିଦ୍ରୋହ ଦେଖାଦେଇଥିଲା । ଏହାକୁ ବ୍ରିଟିଶ ଶାସନ ସହସ୍ର ଲୋକଙ୍କୁ ହତ୍ୟା କରି ଦବାଇ ଦେଇଥିଲେ ମଧ୍ୟ ସମଗ୍ର ରାଜ୍ୟକୁ ଏକ ବିଦ୍ରୋହୀ ଅଞ୍ଚଳ ରୂପେ ଅଭିହିତ କରି ଏହାକୁ ଖଣ୍ଡବିଖଣ୍ଡିତ କରିଦେଇ ଓଡ଼ିଶା ରାଜ୍ୟର ସଂସ୍କୃତିକୁ ଲୋପ କରିଦେବା ପାଇଁ ଉଦ୍ୟମ କରିଥିଲେ ।

ଦେଶରୁ ବ୍ରିଟିଶ ଶାସନର ଅବସାନ ପାଇଁ ୧୯୦୫ ମସିହାରୁ ୧୯୧୫ ମସିହା ପର୍ଯ୍ୟନ୍ତ ଚାଲିଥିବା ସଶସ୍ତ୍ର ଲଢ଼େଇ, ଯାହାକୁ ସେମାନେ ସନ୍ତ୍ରାସବାଦୀ ଆନ୍ଦୋଳନ ବୋଲି ଅଭିହିତ କରିଥିଲେ, ସେହି ସଶସ୍ତ୍ର ବିଦ୍ରୋହ ୧୯୧୫ ମସିହା ସେପ୍ଟେମ୍ବର ୯ ତାରିଖରେ ଏହି ରାଜ୍ୟର ବାଲେଶ୍ୱର ଜିଲ୍ଲାର ଚଷାଖଣ୍ଡଠାରେ ବାଘାଯତୀନ ଓ ତାଙ୍କ ସହଯୋଗୀ ୪ଜଣ ବିଦ୍ରୋହୀଙ୍କ ସହିତ ସଶସ୍ତ୍ର ଲଢ଼େଇରେ ଅବସାନ ହୋଇଥିଲା । ଶହେ ବର୍ଷରୁ ଅଧିକ କାଳ ସମଗ୍ର ଦେଶ ତଥା ଆମ ରାଜ୍ୟରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମରେ ଶହ ଶହ ଲୋକ ଆତ୍ମବଳୀ ଦେଇଛନ୍ତି । ସହସ୍ର ସହସ୍ର ଲୋକ ଅକଥନୀୟ ଅତ୍ୟାଚାରର ଶିକାର ହୋଇଛନ୍ତି ।

ମାତ୍ର ସ୍ୱାଧୀନତା ପ୍ରାପ୍ତି ସମ୍ଭବ ହୋଇନାହିଁ । ଏହିପରି ଏକ ନୈରାଶ୍ୟଜନକ ବାତାବରଣ ମଧ୍ୟରେ ଭାରତୀୟ ରାଜନୈତିକ ଆକାଶରେ ମହାତ୍ମାଗାନ୍ଧୀ ଆବିର୍ଭୂତ ହେଲେ । ସେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ସମସ୍ତ ଦେଶବାସୀଙ୍କ ମନରେ ଜାତୀୟତାଭାବ ଜାଗ୍ରତ କଲେ । ଅହିଂସା ଓ ସତ୍ୟକୁ ଆଧାର କରି ସ୍ୱାଧୀନତା ସଂଗ୍ରାମକୁ ପରିଚାଳନା କଲେ । ତାଙ୍କ ନେତୃତ୍ୱରେ ଜାତୀୟ କଂଗ୍ରେସ ମାଧ୍ୟମରେ ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ମାତ୍ର ୨୭ ବର୍ଷ ମଧ୍ୟରେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ, ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ହେଲା । ଏହା ଫଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସେ ଆମକୁ ସ୍ୱାଧୀନତା ଆଣି ଦେଇଛନ୍ତି । ମହାତ୍ମାଜୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଆଇନ ଅମାନ୍ୟ ଆନ୍ଦୋଳନ, ବ୍ୟକ୍ତିଗତ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ଆମ ଓଡ଼ିଶା ମଧ୍ୟ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛି । ସତ୍ୟବାଦୀ ବନବିଦ୍ୟାଳୟ, କଟକ ସ୍ୱରାଜ ଆଶ୍ରମ, ଜଗତସିଂହପୁର ଅଳକାଶ୍ରମ, ଜଗରପଡ଼ା କର୍ମମନ୍ଦିର ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜାତୀୟ ଶିକ୍ଷା ଶିବିରମାନ ସ୍ଥାପିତ ହୋଇ ସ୍ୱାଧୀନତା ସଂଗ୍ରାମ ପାଇଁ ଶହ ଶହ ଶିକ୍ଷିତ ଯୁବକଙ୍କୁ ସତ୍ୟାଗ୍ରହୀ ଭାବରେ ତାଲିମ ଦିଆଯାଇଥିଲା । ସେମାନଙ୍କ ସାହାଯ୍ୟରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି ଓ ଇରମ, କଟକ ଜିଲ୍ଲାର ଗୋଡ଼ା ଓ କୁଜଙ୍ଗ... ବତୁଆ, ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ଏବଂ ଗଞ୍ଜାମ ଜିଲ୍ଲାର ରମ୍ଭା ଓ ହୁମାଠାରେ ଲବଣ ସତ୍ୟାଗ୍ରହର ରଣାଙ୍ଗନରେ ବ୍ରିଟିଶ ଶାସନର ସଫଳ ମୁକାବିଲା କରି ଲବଣ ସତ୍ୟାଗ୍ରହକୁ ସଫଳ କରିବା ଦ୍ୱାରା ଓଡ଼ିଶା ସମଗ୍ର ଭାରତବର୍ଷରେ ୨ୟ ସ୍ଥାନ ଲାଭ କରିଥିଲା । ଏହି ସତ୍ୟାଗ୍ରହରେ ୬ ହଜାରରୁ ଊର୍ଦ୍ଧ୍ୱ ଲୋକ ସତ୍ୟାଗ୍ରହୀମାନଙ୍କ ସହିତ କାରାରୁଦ୍ଧ ହୋଇଥିଲେ । ଏହାପରେ ଓଡ଼ିଶାରେ ଥିବା ୨୬ଟିଯାକ ଗଡ଼ଜାତ ଓ କରଦ ରାଜ୍ୟରେ ଜନଜାଗରଣ ଦେଖାଦେଇ ସବୁ ଗଡ଼ଜାତରେ ପ୍ରଜାମଣ୍ଡଳମାନ ସ୍ଥାପିତ ହୋଇ ଗଡ଼ଜାତି ପ୍ରଥା ଲୋପ ପାଇଁ ଆନ୍ଦୋଳନ ହେଲା । ଏହି ଆନ୍ଦୋଳନ ରଣପୁର, ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା, ବଡ଼ମ୍ବା, ନରସିଂହପୁର, ଆଠଗଡ଼, ତିଗିରିଆ, ଢେଙ୍କାନାଳ, ତାଳଚେର, କେନ୍ଦୁଝର, ମୟୂରଭଞ୍ଜ ଆଦି ସବୁ ଗଡ଼ଜାତରେ ତୀବ୍ର ଆକାର ଧାରଣ କଲା । ଢେଙ୍କାନାଳରେ ୧୨ ବର୍ଷର ବାଳକ ଅମର ଶହୀଦ ବାଜିରାଉତ ପୋଲିସ୍‌ବାହିନୀ ଆଦେଶ ଅମାନ୍ୟ କରି ନିହତ ହେବା ଫଳରେ ସର୍ବତ୍ର ବ୍ୟାପକ ଉତ୍ତେଜନା ଦେଖାଦେଲା ଏବଂ ପରିଣାମରେ ରଣପୁରରେ ପଲିଟିକାଲ୍ ଏଜେଣ୍ଟ ମି. ବେଜେଲଗେଟ୍‌ଙ୍କୁ ଉତ୍ତେଜିତ ଜନତା ଘେରିଯିବାରୁ ସେ ଗୁଳି କରି ଅର୍ଜୁନ ରାଉତ ନାମକ ଜଣେ ଲୋକଙ୍କୁ ହତ୍ୟା କଲେ । ଏଥିରେ ଉତ୍ୟକ୍ତ ଜନତା ଅଧିକ ଉତ୍ତେଜିତ ହୋଇ ତାଙ୍କୁ ପିଟି ପିଟି ମାରିଦେଲେ । ଏହା ସମଗ୍ର ବିଶ୍ୱରେ ଚହଳ ପକାଇଦେଲା । ଏହା ପରେ ପରେ ପ୍ରଜାମଣ୍ଡଳ ଆନ୍ଦୋଳନ ଜାତୀୟ ମୁକ୍ତି ସଂଗ୍ରାମ ସହିତ ସଂଯୁକ୍ତ ହୋଇଯାଇଥିଲା । ଭାରତୀୟ ମୁକ୍ତିସଂଗ୍ରାମର ଶେଷ ପର୍ଯ୍ୟାୟ ଭାରତଛାଡ଼ ଆନ୍ଦୋଳନରେ ମଧ୍ୟ ଓଡ଼ିଶା ଅଗ୍ରଗାମୀ ଭୂମିକା ଗ୍ରହଣ କରିଥିଲା ।

୧୯୪୨ ମସିହା ଅଗଷ୍ଟ ୮ ତାରିଖ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନର ସର୍ବୋଚ୍ଚ ପରିଚାଳକ ମହାତ୍ମାଜୀ ୨ୟ ବିଶ୍ୱଯୁଦ୍ଧରେ ଲିପ୍ତଥିବା ବ୍ରିଟିଶ ସରକାର ବିରୁଦ୍ଧରେ କୌଣସି ଆନ୍ଦୋଳନ କରିବାକୁ ଚାହୁଁ ନ ଥିଲେ । କାରଣ ତାଙ୍କ ଅହିଂସା ନୀତି ଅନୁସାରେ ବିପକ୍ଷ ଶକ୍ତିର ଅସୁବିଧାର ସୁଯୋଗ ନେବା ପାଇଁ ସେ ଆଦୌ ଆଗ୍ରହୀ ନ ଥିଲେ । ତେଣୁ ବ୍ରିଟିଶ ସରକାର ସହିତ ଆଲୋଚନା ମାଧ୍ୟମରେ ଯୁଦ୍ଧ ପରେ ସ୍ୱାଧୀନତା ପ୍ରାପ୍ତିର ପ୍ରତିଶ୍ରୁତି ଘୋଷଣା କରାଯିବା ପାଇଁ ଦାବୀ କରୁଥିଲେ । ମାତ୍ର ବ୍ରିଟିଶ ସରକାର ଆପୋଷ ମିଳାମିଶାର ଛଳନା ଦେଖାଇ ସ୍ୱାଧୀନତା ସଂଗ୍ରାମ ବିରୁଦ୍ଧରେ କଠୋର ପଦକ୍ଷେପ ନେବାପାଇଁ ଷଡ଼ଯନ୍ତ୍ର କରୁଥିଲେ । ଏହି ଷଡ଼ଯନ୍ତ୍ରର ଗୁପ୍ତ ଆଦେଶନାମା ଡଃ ହରେକୃଷ୍ଣ ମହତାବ ଓଡ଼ିଶା ଶାସନ ଦପ୍ତରରୁ ପାଇ ଏହାକୁ ମହାତ୍ମାଜୀଙ୍କୁ ଅର୍ପଣ କଲେ । ମହାତ୍ମାଜୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ନେତୃବୃନ୍ଦ ଏଥିରେ କ୍ଷୁବ୍ଧ ହେବା ସଙ୍ଗେ ସଙ୍ଗେ ତୁରନ୍ତ ଜନଆନ୍ଦୋଳନର ଆହ୍ୱାନ ଦେବାପାଇଁ ପ୍ରସ୍ତୁତ ହେଲେ । ଫଳରେ ଅଗଷ୍ଟ ଆଠ ତାରିଖରେ ବ୍ରିଟିଶ ସରକାରଙ୍କୁ 'ଭାରତଛାଡ଼' ଓ ଦେଶବାସୀଙ୍କୁ 'କର ବା ମର' ଆହ୍ୱାନ ଦେଲେ । ଏହାପରେ ଅଗଷ୍ଟ ୯ ତାରିଖ ସକାଳେ ମହାତ୍ମାଜୀ ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଗିରଫ କରି ନିଆଗଲା ଓ ଦେଶସାରା ସବୁ ରାଜ୍ୟରେ କଂଗ୍ରେସ ନେତାମାନଙ୍କୁ କାରାରୁଦ୍ଧ କରାଗଲା । ଏହା ବିଜୁଳି ବେଗରେ ଦେଶସାରା ବ୍ୟାପିଗଲା ଓ ସର୍ବତ୍ର ଉତ୍ପାତର ଜନଯୁଦ୍ଧର ସୂତ୍ରପାତ ହେଲା । ବମ୍ବେ କଂଗ୍ରେସ ଅଧିବେଶନ ଶେଷ ହେବା ପୂର୍ବରୁ ସେଠାରୁ ସୁରେନ୍ଦ୍ର ଦ୍ୱିବେଦୀ ଖସି ଆସି ଆତ୍ମଗୋପନରେ ରହି ଓଡ଼ିଶାରେ 'ଭାରତଛାଡ଼' ଆନ୍ଦୋଳନକୁ ପରିଚାଳନା କଲେ ।

ବିଜୁଳି ବେଗରେ ଏହି ଆନ୍ଦୋଳନର ସ୍ରୋତ ସର୍ବତ୍ର ପ୍ରବାହିତ ହେଲା । ଲୋକେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କରି ସରକାରୀ କାର୍ଯ୍ୟ ଅଚଳ କରିବାକୁ ଲାଗିଲେ ଏବଂ ପୋଲିସ ସହିତ ମୁହାଁମୁହିଁ ଲଢ଼େଇ ସବୁଆଡ଼େ ଖୋଲାଖୋଲି ଭାବରେ ଚାଲିଲା । ବାଲେଶ୍ୱର ଜିଲ୍ଲାରେ ପୋଲିସ ନିରସ୍ତ୍ର ଜନତାଙ୍କ ଉପରେ ୩ଟି ସ୍ଥାନରେ ଗୁଳି ଚଳାଇ ସର୍ବମୋଟ ୪୯ ଜଣଙ୍କୁ ହତ୍ୟା କଲେ । ସେଥିରେ ଜଣେ ମହିଳା ଅନ୍ତର୍ଭୁକ୍ତ । ଉକ୍ତତୀର୍ଥ ଇରମରେ ଜଣେ ମହିଳାଙ୍କ ସମେତ ୨୯ ଜଣ, ଲୁଣିଆରେ ୯ ଜଣ, ଚୁଡ଼ିଗଡ଼ିଆ ଓ ଖଇରାଡ଼ିହରେ ୩ ଜଣଙ୍କୁ ମିଶାଇ ୪୨ ଜଣ ଲୋକ ପୋଲିସ ଗୁଳିରେ ଆତ୍ମବଳି ଦେଲେ ଏବଂ ଶହ ଶହ ଲୋକ କାରାରୁଦ୍ଧ ହେଲେ । କଟକ ଜିଲ୍ଲାରେ ଲୋକେ ସରକାରୀ କଳକୁ ଅଚଳ କରିଦେବା ପାଇଁ ଆନ୍ଦୋଳନ କଲେ । ଜାଜପୁର-

କଳାମାଟିଆଠାରେ ପୋଲିସ ଗୁଳିରେ ୪ ଜଣ ମୃତ୍ୟୁବରଣ କରିବା ପରେ ଏରସମାରେ ଥାନାପୋଡ଼ି, ସଅଁରାରେ ଜଳବର ତହସିଲ ଅଫିସ ପୋଡ଼ି, ନାଲିବଗରେ ସୈନ୍ୟଛାଉଣି ଉପରେ ଆକ୍ରମଣ, ରେଭେନ୍ସା କଲେଜ ଲାଇବ୍ରେରୀ ପୋଡ଼ି, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, ବାଙ୍କି, ବାଲିକୁଦାରେ ହରତାଳ, ସବୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଧର୍ମଘଟ ଓ ପିକେଟିଂ, ତିର୍ତ୍ତୋଲରେ ପୋଲିସ ହାତରୁ ବୃନ୍ଦାବନ ନାୟକ ବନ୍ଦୀଙ୍କୁ ଛଡ଼ାଇନେବା, ସର୍ବତ୍ର ଚୌକିଦାର ଓ ଦଫାଦାରଙ୍କ ପୋଷାକ ପୋଡ଼ି, ପୋଷ୍ଟ ଅଫିସ ପୋଡ଼ି, ତାର କାଟିବା ଆଦି ଘଟଣାରେ ଶତାଧିକ ଲୋକଙ୍କୁ ଗିରଫ କରାଯାଇଥିଲା । ଗଞ୍ଜାମ ଜିଲ୍ଲାରେ ଏହିପରି ଜନ-ଆନ୍ଦୋଳନ ଫଳରେ ସବୁ ସରକାରୀ ଦପ୍ତର ଅଚଳ ହୋଇଯାଇଥିଲା ଏବଂ ଶହ ଶହ ଲୋକ ଗିରଫ ହୋଇଥିଲେ । ପୁରୀ ଜିଲ୍ଲାରେ ଏହି ଆନ୍ଦୋଳନ ତୀବ୍ର ହେବା ଫଳରେ ନିମାପଡ଼ା ଥାନା ଉପରେ ଆକ୍ରମଣ ଯୋଗୁଁ ଜଣେ ଲୋକର ମୃତ୍ୟୁ ହୋଇଥିଲା ଏବଂ ବହୁ ଲୋକଙ୍କୁ ଗିରଫ୍ କରାଯାଇଥିଲା । ପୁରୀ ସହର, କାକଟପୁର, ପିପିଲି, କୃଷ୍ଣଗିରି, ଖୋର୍ଦ୍ଧା ଆଦି ବହୁ ଅଞ୍ଚଳରେ ସରକାରୀ ଦପ୍ତର ସବୁ ଅଚଳ କରି ଶତାଧିକ ଲୋକ କାରାରୁଦ୍ଧ ହୋଇଥିଲେ । କୋରାପୁଟ ଜିଲ୍ଲାରେ ଏହି ଆନ୍ଦୋଳନ ଅତି ତୀବ୍ର ଆକାର ଧାରଣ କରି ସମଗ୍ର ଜିଲ୍ଲାକୁ ଗାନ୍ଧୀ ମହାତ୍ମାଙ୍କ ଦେଶ ବୋଲି ଅଭିହିତ କରାଯାଇଥିଲା । ମାଥିଲି ଥାନା ଉପରେ ଆକ୍ରମଣ ଯୋଗୁଁ ଜଣେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ମୃତ୍ୟୁ ଫଳରେ ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀକାଠରେ ଝୁଲାଇ ହତ୍ୟା କରାଗଲା ଏବଂ ୨୫ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା । ଏହା ବ୍ୟତୀତ ସମଗ୍ର ଜିଲ୍ଲାରୁ ଶହ ଶହ ଲୋକଙ୍କୁ ଗିରଫ କରାଯାଇ କାରାରୁଦ୍ଧ କରାଯାଇଥିଲା ।

ଏହି ଆନ୍ଦୋଳନର ପ୍ରଭାବରେ ସମ୍ବଲପୁର ଜିଲ୍ଲାରେ ସର୍ବତ୍ର ହରତାଳ, ଧର୍ମଘଟ, ପିକେଟିଂ ଯୋଗୁ ବହୁ ଲୋକଙ୍କୁ ଗିରଫ କରାଯାଇଥିଲା । ଭାରତଛାଡ଼ ଆନ୍ଦୋଳନର ପ୍ରଭାବରେ ସବୁ ଗଡ଼ଜାତରେ ଜନଜାଗରଣ ତୀବ୍ର ହୋଇଥିଲା ଏବଂ ଶହ ଶହ ଲୋକଙ୍କୁ ଗିରଫ କରାଯାଇଥିଲା । ଭାରତଛାଡ଼ ଆନ୍ଦୋଳନରେ ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀକାଠରେ ଝୁଲାଇ ହତ୍ୟା କରାଯାଇଛି । ତାଙ୍କ ବ୍ୟତୀତ ମାଥିଲୀ ଥାନାରେ ୫ ଜଣ, ପାପଡ଼ାହାଣ୍ଡିରେ ୧୯ ଜଣଙ୍କୁ ଗୁଳି କରି ମାରିଦିଆଯାଇଛି । କଟକ ଜିଲ୍ଲାରେ କାଇପଡ଼ା କଳାମାଟିଆରେ ୪ ଜଣ, ବାଲେଶ୍ୱରର ଲୁଣିଆରେ ୯ ଜଣ, ଚୁଡ଼ିଗଡ଼ିଆରେ ୩ ଜଣ, ଇରମରେ ୨୯ ଜଣ, ପୁରୀ ଜିଲ୍ଲା ନିମାପଡ଼ାରେ ୧ ଜଣ, ନୟାଗଡ଼ରେ ୪ ଜଣ, ଢେଙ୍କାନାଳ ଜିଲ୍ଲାରେ ୫ ଜଣ, ନୀଳଗିରିରେ ୨ ଜଣ ଓ ତାଳଚେରରେ ୬ ଜଣ, ସର୍ବମୋଟ ୮୯ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି ଏବଂ ସହସ୍ର ସହସ୍ର ଲୋକଙ୍କୁ କାରାରୁଦ୍ଧ କରାଯାଇଛି । ବହୁ ଲୋକଙ୍କୁ ବିନା ବିଚାରରେ ବର୍ଷ ବର୍ଷ ଧରି କାରାରୁଦ୍ଧ କରି ଅଟକ ରଖାଯାଇଛି ।

ଏହିପରି ଶହ ଶହ ବର୍ଷର ଅକଥନୀୟ ଅତ୍ୟାଚାର ଓ ଶହ ଶହ ଲୋକଙ୍କ ଆତ୍ମବଳୀ ଫଳରେ ସନ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଆମ ଦେଶରୁ ପରାଧୀନତାର ଅମାଅନ୍ଧକାର ଅପସରି ଯାଇଛି ଏବଂ ସ୍ୱାଧୀନତାର ସୂର୍ଯ୍ୟାଲୋକରେ ସମଗ୍ର ଦେଶ ଆଲୋକିତ ହୋଇଯାଇଛି ।

---

ନୟାଗେଟ୍,
କଟକ-୨

ଦେଶରେ ଅନୁସୃତ ଉଦାରୀକରଣ ଶିଳ୍ପନୀତିର ସୁଯୋଗ ନେଇ ରାଜ୍ୟ ଶିଳ୍ପନୀତି ସଂଶୋଧିତ କରାଯାଇଛି । ଫଳରେ କେତେକ ବୃହତ୍ ଜାତୀୟ ତଥା ଆନ୍ତର୍ଜାତୀୟ ଉଦ୍ୟୋଗ ଦ୍ୱାରା ଅନେକଗୁଡ଼ିଏ ଶିଳ୍ପ ପ୍ରକଳ୍ପ ଯଥା :- ଇସ୍ପାତ, ଆଲୁମିନିୟମ, ଶକ୍ତି, ତୈଳ ବିଶୋଧନାଗାର ପ୍ରତିଷ୍ଠିତ ହେବାକୁ ଯାଉଛି । ବିଭିନ୍ନ ଅବସ୍ଥାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି ଯୁଗ୍ମ କ୍ଷେତ୍ରରେ ନୀଳାଚଳ ଇସ୍ପାତ ନିଗମ, ଘରୋଇ କ୍ଷେତ୍ରରେ ଟାଟା ଷ୍ଟିଲ୍ ଏବଂ ଲାରସନ୍ ଓ ଟୁବ୍ରୋ ଇତ୍ୟାଦି । ରାଜ୍ୟରେ ଅନେକ ଖଣିରେ ସଞ୍ଚିତ ଥିବା ହୀରା ଏବଂ ସୁନାର ସନ୍ଧାନ ସମ୍ପ୍ରତି କରାଯାଉଥିବା ସର୍ଭେରୁ ଜଣାପଡ଼ିଛି । ଏଥିଯୋଗୁଁ ରାଜ୍ୟରେ ଭବିଷ୍ୟତରେ ମୂଲ୍ୟବାନ୍ ପଥର ଶିଳ୍ପ ପ୍ରତିଷ୍ଠିତ କରାଯାଇ ପାରିବ । କ୍ଷୁଦ୍ର ଏବଂ କୁଟୀର ଶିଳ୍ପଗୁଡ଼ିକର ସମସ୍ୟା ପ୍ରତି ନିରନ୍ତର ଧ୍ୟାନ ଦିଆଯିବା ସଙ୍ଗେସଙ୍ଗେ ଏହାର ବିଭିନ୍ନ ସମସ୍ୟାର ଯଥାସାଧ୍ୟ ସମାଧାନ କରାଯାଉଛି । ଓଡ଼ିଶାବାସୀଙ୍କ କାରୀଗରି କୁଶଳତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ଷୁଦ୍ର ଓ କୁଟୀର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଉଛି ।

# ଖୋର୍ଦ୍ଧା ପାଇକ ବିଦ୍ରୋହ

୧୮୦୩ ଖ୍ରୀ: ଅ: ରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା ଅଧିକାର କଲେ; କିନ୍ତୁ ବିଭିନ୍ନ ଦଳପତିମାନଙ୍କ ନେତୃତ୍ୱରେ ୧୮୦୪ଠାରୁ ୧୮୨୫ ପର୍ଯ୍ୟନ୍ତ ଉତ୍ତରଭାଗ ଓଡ଼ିଆ ପାଇକମାନଙ୍କର ବିଦ୍ରୋହ ଲାଗି ରହିଲା। ଇଂରେଜ ଶାସକମାନେ ଓଡ଼ିଆ ଭାଷା ଓ ଓଡ଼ିଶାର ତତ୍କାଳୀନ ସାମାଜିକ ଅବସ୍ଥା ସମ୍ପର୍କରେ ଏକାବେଳେକେ ଅଜ୍ଞ ଥିବାରୁ ସେମାନେ ସବୁ କଥାରେ ଇଂରେଜୀ ଜାଣିଥିବା ଅଧସ୍ତନ ବଙ୍ଗାଳୀ କର୍ମଚାରୀମାନଙ୍କ ଉପରେ ନିର୍ଭର କରୁଥିଲେ। ସେମାନଙ୍କର ଓଡ଼ିଆ ପାଇକ, ଜମିଦାର ଓ ଜାଗିରଦାରମାନଙ୍କ ପ୍ରତି ସାମାନ୍ୟତମ ସହାନୁଭୂତି ନ ଥିଲା। ସେମାନେ ବରଂ କଳେ ବଳେ କୌଶଳେ ଏହି ଜମିଦାରମାନଙ୍କ ସ୍ୱତ୍ୱ ଲୋପ କରି ଅଳ୍ପ ଦାମରେ ଜମିଦାରୀ କିଣି ନେବାପାଇଁ ଲାଳାୟିତ ଓ ପ୍ରୟାସୀ ଥିଲେ। ସେତେବେଳେ ଓଡ଼ିଶାର ଲୋକେ ଇଂରେଜୀ ଜାଣି ନ ଥିବାରୁ ଇଂରେଜ ଶାସକମାନଙ୍କ ସହ ସିଧା କଥାବାର୍ତ୍ତା କରିବା ସେମାନଙ୍କ ପକ୍ଷରେ ଅସମ୍ଭବ ଥିଲା। ବ୍ରିଟିଶ ସରକାରଙ୍କର ନୂତନ ପ୍ରଜାସ୍ୱତ୍ୱ ଆଇନ୍ ଜାରି ଫଳରେ ବଂଶପରମ୍ପରାକ୍ରମେ ଭୋଗକରି ଆସୁଥିବା ଜାଗିରି ଓ ଭୋଗବୃତ୍ତି ହରାଇ ପାଇକମାନେ ଅସହାୟବୋଧ କଲେ। ତା ସାଥିକି ଅଧସ୍ତନ ବଙ୍ଗାଳୀ କର୍ମଚାରୀମାନଙ୍କ ନିର୍ମମ ଅତ୍ୟାଚାର ଲୁହୁଣି ଉପୁଜିବା ଅସନ୍ତୋଷର ବହ୍ନିକୁ ଇନ୍ଧନ ଯୋଗାଇଲା। ସାଧାରଣଙ୍କ ଅସନ୍ତୋଷ ଏକ ସ୍ୱତଃସ୍ଫୂର୍ତ୍ତ ସାମରିକ ବିଦ୍ରୋହରେ ପ୍ରକାଶ ପାଇଲା। ଏହା ବିଶେଷଭାବରେ ଖୋର୍ଦ୍ଧାରାଜାଙ୍କୁ କେନ୍ଦ୍ର କରି ଖୋର୍ଦ୍ଧାରେ ବ୍ୟାପକ ଭାବରେ ପ୍ରକାଶ ପାଇଥିବାରୁ ଏହାକୁ ସାଧାରଣତଃ ଖୋର୍ଦ୍ଧା-ପାଇକବିଦ୍ରୋହ କୁହାଯାଏ। ଖୋର୍ଦ୍ଧା ପାଇକବିଦ୍ରୋହକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ। (୧) ୧୮୦୪ର ବିଦ୍ରୋହ ଓ (୨) ୧୮୧୭ର ବିଦ୍ରୋହ। ୧୮୦୪ର ବିଦ୍ରୋହ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଓ ୧୮୧୭ର ବିଦ୍ରୋହ, ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିଲା।



ମୋଗଲ ଓ ମରହଟ୍ଟା ରାଜତ୍ୱରେ ଖୋର୍ଦ୍ଧାର ରାଜାମାନେ ନାମମାତ୍ର ଅଧୀନତା ସ୍ୱୀକାର କରି ନିଜ ନିଜ ରାଜ୍ୟ ଶାସନରେ ପ୍ରାୟ ସ୍ୱାଧୀନ ଥିଲେ। ୧୭୬୦ ଖ୍ରୀ: ରେ ପାରଳାଖେମୁଣ୍ଡିର ରାଜା ନାରାୟଣଦେବ ଖୋର୍ଦ୍ଧା ଆକ୍ରମଣ କଲେ ଓ ସେଥିପାଇଁ ଖୋର୍ଦ୍ଧାର ତତ୍କାଳୀନ ରାଜା ବୀରକେଶରୀ ଦେବ ମରହଟ୍ଟାମାନଙ୍କର ସାହାଯ୍ୟ ଲୋଡ଼ିଥିଲେ। ମରହଟ୍ଟା ସୈନ୍ୟ ନାରାୟଣଦେବଙ୍କୁ ପରାସ୍ତକଲେ ସତ; କିନ୍ତୁ ଏହି ଯୁଦ୍ଧର ଖର୍ଚ୍ଚ ପାଇଁ ବୀରକେଶରୀ ଦେବଙ୍କଠାରୁ ଲିମ୍ବାଇ, ରାହାଙ୍ଗ ଓ ପୁରୀ ସହର ମାଗି ବସିଲେ। ସେହି ସମୟରୁ ମରହଟ୍ଟାମାନଙ୍କ ଅଧୀନରୁ ଏହି ଅଞ୍ଚଳକୁ ଫେରାଇ ଆଣିବାପାଇଁ ଖୋର୍ଦ୍ଧା ରାଜାମାନେ ସୁଯୋଗ ଖୋଜୁଥିଲେ। ଦ୍ୱିତୀୟ ମରହଟ୍ଟା-ଯୁଦ୍ଧ ପୂର୍ବରୁ ଇଂରେଜମାନେ ମରହଟ୍ଟାମାନଙ୍କ ବିରୁଦ୍ଧରେ ଓଡ଼ିଆ ରାଜାମାନଙ୍କର ଓ ବିଶେଷକରି ଖୋର୍ଦ୍ଧାରାଜାଙ୍କ ସାହାଯ୍ୟ ଲୋଡ଼ୁଥିଲେ। ସେତେବେଳେ ଦ୍ୱିତୀୟ ମୁକୁନ୍ଦଦେବ ବାଳକ ଥିବାରୁ ତାଙ୍କର ମନ୍ତ୍ରୀ ଜୟୀ ରାଜଗୁରୁ ଶାସନକାର୍ଯ୍ୟ ଚଳାଉଥିଲେ। ଓଡ଼ିଶା ଜୟ ପୂର୍ବରୁ ଇଂରେଜମାନେ ଗଞ୍ଜାମ, ଖୋର୍ଦ୍ଧା ମଧ୍ୟଦେଇ ମାନ୍ଦ୍ରାଜରୁ କଲିକତା ଯିବାର ବାଟପାଇଁ ଜୟୀ ରାଜଗୁରୁଙ୍କ ସହ ମନ୍ତ୍ରଣା କଲେ। ସ୍ଥିରହେଲା ଯେ ଏହି ସାହାଯ୍ୟ ପାଇଁ ଖୋର୍ଦ୍ଧାରାଜା ଉପର୍ଯ୍ୟୁକ୍ତ ପ୍ରଗଣାଗୁଡ଼ିକ ବାଦ ଏକଲକ୍ଷ ଟଙ୍କା ପାଇବେ। ତଦନୁସାରେ ଇଂରେଜସୈନ୍ୟ ଆସି ବିନା ବାଧାରେ ପୁରୀ ଦଖଲ କଲେ। ଏହାର କିଛି ସମୟ ପରେ ରାଜଗୁରୁ କଟକକୁ ଆସି ଇଂରେଜ ସାମରିକ କର୍ମଚାରୀ ଓ ତତ୍କାଳୀନ

କମିଶନର କର୍ଣ୍ଣେଲ୍ ମେଭିଲ୍ ଓ କର୍ଣ୍ଣେଲ୍ ହାର୍କୋର୍ଟଙ୍କୁ ସେମାନଙ୍କ ପୂର୍ବ ପ୍ରତିଶ୍ରୁତି ସ୍ମରଣ କରାଇଲେ; କିନ୍ତୁ ଇଂରେଜମାନେ କହିଲେ ଯେ ମରହଟ୍ଟାମାନଙ୍କଠାରୁ ଜୟ କରି ପାଇଥିବାରୁ ଏ ରାଜ୍ୟ ଉପରେ ଖୋର୍ଦ୍ଧା ରାଜାଙ୍କର କିଛି ଦାବୀ ନାହିଁ । ତଥାପି ଟଙ୍କା ବାବଦକୁ ସେମାନେ ପ୍ରଥମେ ଦଶହଜାର ଓ ପରେ ଚାଳିଶହଜାର ଟଙ୍କା ପଠାଇ ଆଉ ପଚାଶହଜାର ପଠାଇବାର ପ୍ରତିଶ୍ରୁତି ଦେଲେ; କିନ୍ତୁ ରାଜଗୁରୁ ଇଂରେଜମାନଙ୍କର ଏ ପ୍ରତିଶ୍ରୁତିଗୁଡ଼ିକୁ ମାନି ନେବାପାଇଁ ରାଜି ହେଲେ ନାହିଁ । ତାଙ୍କ ଅସନ୍ତୋଷର ସୂଚନା ପାଇ ଇଂରେଜସେନାପତି ଜଣାଇଲେ ଯେ, ରାଜା ରାଜଗୁରୁଙ୍କୁ ବହିଷ୍କାର ନ କଲେ, ବାକୀ ପଚାଶହଜାର ଟଙ୍କା ତାଙ୍କୁ ଦିଆଯିବ ନାହିଁ । ରାଜା ମୁକୁନ୍ଦଦେବ କିନ୍ତୁ ଜୟୀ ରାଜଗୁରୁଙ୍କୁ ପଦଚ୍ୟୁତ କଲେ ନାହିଁ । ଫଳରେ ଇଂରେଜ, ପୁରୀଦେଉଳର ପ୍ରଧାନ ପରିଛାଙ୍କୁ ଚିଠି ଦେଲେ ଯେ, ମୁକୁନ୍ଦଦେବ ଇଂରେଜସରକାରଙ୍କ ଆଦେଶ ଅମାନ୍ୟ କରିଥିବାରୁ ଜଗନ୍ନାଥଙ୍କ ପୂଜାବେଳେ ତାଙ୍କ ନାମ ଉଚ୍ଚାରଣ କରାଯିବ ନାହିଁ । ଏସବୁ ସତ୍ତ୍ୱେ ଓଡ଼ିଶାର ଜନସାଧାରଣଙ୍କ ଭିତରେ ଜୟୀ ରାଜଗୁରୁଙ୍କର ପ୍ରତିପତ୍ତି ହ୍ରାସ ନ ପାଇବାରୁ ୧୮୦୪ ଡିସେମ୍ବର ମାସରେ ଘୋଷଣା କରାଗଲା ଯେ, ଇଂରେଜ–ଶାସକମାନଙ୍କ ପ୍ରତି ଅସତ୍ ବ୍ୟବହାର କରିଥିବା ହେତୁ ମୁକୁନ୍ଦଦେବଙ୍କୁ ଗାଦୀଚ୍ୟୁତ କରାଗଲା । ଇଂରେଜମାନଙ୍କର ଏ ବିଶ୍ୱାସଘାତକତା ଜୟୀ ରାଜଗୁରୁଙ୍କ ପ୍ରାଣରେ ଗଭୀର ଆଘାତ ଦେଇଥିଲା । ତେଣୁ ମୁକୁନ୍ଦଦେବ ଇଂରେଜ ହସ୍ତଗତ ବହିଶକୁଦ ଓ ବାଟଶାର ମକଦମମାନଙ୍କୁ ସ୍ୱାଧୀନ ଶାସକ ଭାବରେ ଖଜଣା ଅସୁଲ କରିବା ପାଇଁ ଆଦେଶ ଦେଇଥିଲେ । ଏ ପରିସ୍ଥିତିରେ ମୁକୁନ୍ଦଦେବଙ୍କୁ ଆୟତ୍ତ କରି ଏହି ଅଞ୍ଚଳକୁ ଫେରାଇ ଆଣିବାପାଇଁ ଇଂରେଜ କଟକରୁ ସୈନ୍ୟ ପଠାଇଲେ । ଏମାନଙ୍କର ରାଜାଙ୍କ ସୈନ୍ୟଙ୍କ ସହ ପିପିଲିଠାରେ ଯୁଦ୍ଧ ହେଲା ଓ ରାଜାଙ୍କ ସୈନ୍ୟ ପରାସ୍ତ ହେଲେ । ଇଂରେଜ ସୈନ୍ୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧାଗଡ଼ରୁ ବନ୍ଦୀକରି ନେଇ ମେଦିନୀପୁରଠାରେ ୧୮୦୭ ପର୍ଯ୍ୟନ୍ତ ନଜରବନ୍ଦୀରେ ରଖିଲେ । ସେଠାରେ ଦୁର୍ବଳ ମୁକୁନ୍ଦଦେବ ନିଜର ସମସ୍ତ ଦାବୀ ଉପେକ୍ଷାକରି ଓ ଜୟୀ ରାଜଗୁରୁଙ୍କ ପ୍ରରୋଚନାରେ ଉକ୍ତ ବିଦ୍ରୋହ ହୋଇଥିବାର ବର୍ଣ୍ଣନା କରି ଏକ ପ୍ରାର୍ଥନାପତ୍ର ଇଂରେଜ ସରକାରଙ୍କୁ ଦେଇଥିଲେ । ଏହି ପ୍ରାର୍ଥନାପତ୍ର ଗୃହୀତ ହେଲା ଓ ମୁକୁନ୍ଦଦେବଙ୍କୁ ଛାଡ଼ି ଦିଆଗଲା । ଏପରି ଆନୁଗତ୍ୟ ଦେଖାଇ ମଧ୍ୟ ମୁକୁନ୍ଦଦେବ ଉପର୍ଯ୍ୟୁକ୍ତ ପ୍ରଗଣାଗୁଡ଼ିକ ପାଇଲେ ନାହିଁ; କିନ୍ତୁ କିଛି ଟଙ୍କା ଭତ୍ତା ପାଇଲେ ଓ ପୁରୀମନ୍ଦିର–ପରିଚାଳନା ଦାୟିତ୍ୱରେ ରହିଲେ । କିନ୍ତୁ ବୀରପ୍ରାଣ ଜୟୀ ରାଜଗୁରୁ ବନ୍ଦୀ ଅବସ୍ଥାରେ ମଧ୍ୟ ପ୍ରକାଶ କରିଥିଲେ ଯେ, ରାଜାଙ୍କ ମଙ୍ଗଳାର୍ଥେ ସେ ବିଦ୍ରୋହ କରିଥିଲେ ଏବଂ ଏଥିରେ ସମ୍ପୂର୍ଣ୍ଣ ଦାୟିତ୍ୱ ତାଙ୍କର, ରାଜା ଏଥିରେ ସଂଶ୍ଳିଷ୍ଟ ନୁହନ୍ତି । ସେ ମଧ୍ୟ ଇଂରେଜଙ୍କୁ କୌଣସି କ୍ଷମାପ୍ରାର୍ଥନା କରି ନଥିଲେ । ତେଣୁ, ଜୟୀ ରାଜଗୁରୁଙ୍କୁ ବ୍ରିଟିଶ ଶାସକ ମେଦିନୀପୁରଠାରେ ଫାଶି ଦେଇଥିଲେ । ସ୍ୱାଧୀନତା–ସଂଗ୍ରାମରେ ଏହି ତେଜୀୟାନ୍ ପୁରୁଷ ଓଡ଼ିଶାର ପ୍ରଥମ ଗୌରବମୟ ସହୀଦ୍ ଓ ସମଗ୍ର ଭାରତର ସ୍ୱାଧୀନତାକାମୀମାନଙ୍କ ମଧ୍ୟରୁ ଏକତମ ।

୧୮୦୪ ଖ୍ରୀ: ର ଜୟୀ ରାଜଗୁରୁ ବିଦ୍ରୋହ ପରେ ଇଂରେଜମାନେ ଧାରଣା କରିନେଲେ ଯେ, ଖୋର୍ଦ୍ଧା ଜନତାର ସାମରିକ ଶକ୍ତି ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଗଲା । ତେଣୁ ୧୮୦୪ ଖ୍ରୀ: ପରେ ଶାସନରେ ଦମନ ନୀତି କ୍ରମଶଃ ବଢ଼ି ଚାଲିଲା । ୧୮୦୪ ଖ୍ରୀ: ରେ ମେଜର ଫ୍ଲେଚର୍ ନାମକ ଜଣେ ଇଂରେଜ ସାମରିକ କର୍ମଚାରୀ ଜମିଜମା ବନ୍ଦୋବସ୍ତ କରିବାପାଇଁ ଆସିଲେ । ଆଗରୁ ମରହଟ୍ଟା ଉତ୍ପାତ, ଅନିଶ୍ଚିତ ରାଜନୈତିକ ପରିସ୍ଥିତି, ମୁଣ୍ଡି ବଢ଼ି ଓ ମରୁଡ଼ିରେ ଖୋର୍ଦ୍ଧାବାସୀଙ୍କର ଅର୍ଥନୈତିକ ଅବସ୍ଥା ଅତି ଶୋଚନୀୟ ହୋଇ ଯାଇଥିଲା । ୧୮୦୪ ଖ୍ରୀ:ଠାରୁ ୧୮୧୭ ଖ୍ରୀ: ମଧ୍ୟରେ ବର୍ଷକିଆ, ତିନିବର୍ଷିଆ, ଏହିପରି ବହୁବାର ବନ୍ଦୋବସ୍ତ ହୋଇଗଲା । ଏହି ବନ୍ଦୋବସ୍ତରେ ବଙ୍ଗାଳୀ କର୍ମଚାରୀମାନଙ୍କୁ ଅସତ୍ ଉପାୟରେ ପ୍ରଚୁର ନଜରାନା ଓ ସଲାମି ମିଳୁଥିବାରୁ ଓ ଉତ୍କୋଚ ଗ୍ରହଣ କରିବାର ପ୍ରଚୁର ସୁଯୋଗ ଥିବାରୁ ସେମାନେ ନାନା ଆଳ ଦେଖାଇ ବର୍ଷେ ବା ଦୁଇବର୍ଷ ପରେ ଗୋଟାଏ ଲେଖାଏ ବନ୍ଦୋବସ୍ତ କରାଇବାକୁ ଲାଗିଲେ । ପ୍ରତି ବନ୍ଦୋବସ୍ତରେ ମନଇଚ୍ଛା କରବୃଦ୍ଧି ମଧ୍ୟ ହେଉଥିଲା । ପରନ୍ତୁ ବହୁ ଗୋଚର ଓ ପଡ଼ିଆଭୂଇଁକୁ ଜମି ଶିରୋନାମାରେ ଗ୍ରହଣ କରାଯାଉଥିବାରୁ ଖଜଣାର ମାତ୍ରା ଯଥେଷ୍ଟ ବଢ଼ିଗଲା ।

ପୂର୍ବରୁ ଖୋର୍ଦ୍ଧାର ଚିଲିକାକୂଳବାସୀ ଲୋକେ ସ୍ୱାଧୀନଭାବରେ ଲୁଣ ମାରିପାରୁଥିଲେ । ତେଣୁ ଲୁଣ ଖୁବ୍ ଶସ୍ତା ଥିଲା । ଇଂରେଜମାନେ ଲୁଣମରା ଉପରେ କଟକଣା ଜାରି କରିବାରୁ ଲୁଣର ଦାମ୍ ପ୍ରାୟ ୫ ଗୁଣ ବଢ଼ିଗଲା । ସେତେବେଳେ କଉଡ଼ି ଓଡ଼ିଶାରେ ମୁଦ୍ରାରୂପେ ପ୍ରଚଳିତ ଥିଲା । ୧୮୦୫ ଖ୍ରୀ:ରେ ଇଂରେଜ ସରକାର ଆଇନ୍ କଲେ ଯେ, ରୌପ୍ୟ ମୁଦ୍ରା ବ୍ୟତୀତ ଅନ୍ୟ କୌଣସି ମୁଦ୍ରାରେ ବ୍ୟାବସାୟିକ ବିନିମୟ ହେବ ନାହିଁ । ଅଥଚ, ରୌପ୍ୟମୁଦ୍ରା କଲିକତାରୁ ବହୁ ଅସୁବିଧାରେ ଆସୁଥିବାରୁ ଦୁଷ୍ପ୍ରାପ୍ୟ ଥିଲା । ଇଂରେଜ ସରକାର ଟଙ୍କାରେ ୫୧୨୦ କଉଡ଼ି ସ୍ଥିର କରିଥିବାବେଳେ, ପ୍ରକୃତରେ ବଜାରରେ ଟଙ୍କାକୁ ୭୬୮୦ କଉଡ଼ି ଦେଇ ନେବା ହେଉଥିଲା । ତେଣୁ ୧ ଟଙ୍କା ଜାଗାରେ ୧½ ଟଙ୍କା ଖଜଣା ଦେବାକୁ ପଡୁଥିଲା । ରଇତଙ୍କ ଅର୍ଥନୈତିକ ମାନ ଯଥେଷ୍ଟ କମିଯିବାରୁ ଓ ରୌପ୍ୟମୁଦ୍ରା ସୁଲଭ ନ ଥିବାରୁ ବହୁ ରୟତ ଖଜଣା ଦେଇ ପାରୁନଥିଲେ । ୧୮୦୬–୧୮୦୭ ଖ୍ରୀ:ରେ ମରୁଡ଼ି ହେତୁ ମଧ୍ୟ ବହୁ ଜମିଦାର ଖଜଣା ଦେଇ ପାରି ନ ଥିଲେ । ତେଣୁ ଦୁଇଶହରୁ ଅଧିକ ଓଡ଼ିଆ ଜମିଦାରୀ ନିଲାମ ହୋଇଗଲା । ମରୁଡ଼ି ପଛେ ପଛେ ୧୮୦୭–୧୮୦୮ରେ ବଢ଼ି ହୋଇ ଫସଲ ନଷ୍ଟ କରିଦେଲା । ସେ ବର୍ଷ ଖଜଣା ଦେଇ ନ ପାରି ଓଡ଼ିଶାର ଜମିଦାରମାନେ ଖଜଣା-ଛାଡ଼ ପାଇଁ ସରକାରଙ୍କୁ ପ୍ରାର୍ଥନା କଲେ । ଇଂରେଜ ସରକାର ଏହାକୁ ଓଡ଼ିଆ ଜମିଦାରମାନଙ୍କର ଚାଲବାଜି ବୋଲି ଧରିନେଇ କେତେକଣ ଜମିଦାରଙ୍କୁ ବନ୍ଦୀ କଲେ । ଓଡ଼ିଶାର ଅନେକ ବହୁମୂଲ୍ୟ ଜମିଦାରୀ କଲିକତାରେ କମ୍ପାନୀ

ଅଫିସ୍ ଦୁଆରେ ନାମମାତ୍ର ମୂଲ୍ୟରେ ନିଲାମ ହୋଇଗଲା । କଲିକତାର ବଙ୍ଗାଳୀ ପାନଦୋକାନୀ ଓ ଅଫିସ୍ କିରାଣୀ ମଧ୍ୟ ଓଡ଼ିଶାର ବୁନିଆଦୀ ଜମିଦାରୀ ସବୁ କିଣିନେଲେ, ଓ ଓଡ଼ିଶାର ବହୁ ଐତିହାସିକ ପରିବାର ଗାଡ଼ି ପାହିଲା ବେଳକୁ ଦାଣ୍ଡରେ ଠିଆ ହେଲେ ।

ଖଜଣା ବୃଦ୍ଧି, ମୁନାଫାଖୋର ବଙ୍ଗାଳୀ ଅମଲାମାନଙ୍କର ଅମାନୁଷିକ ଅତ୍ୟାଚାର, ବଡ଼ି ଓ ମଗୁଡ଼ି, ଖାଦ୍ୟଶସ୍ୟର ଅଭାବ, ଜିନିଷପତ୍ରର ଦରଦାମ୍ ବୃଦ୍ଧି ଓ ମୁଦ୍ରା ଅନାଟନ ଖୋର୍ଦ୍ଧା ବିପ୍ଳବର ପଥ ପରିଷ୍କୃତ କରିଦେଲା । ଲୋକେ ସାରୁନାଡ଼ ଓ ଅନାବନା ଶାଗ ଖାଇ ପ୍ରାଣ ବଞ୍ଚାଇବାକୁ ଚେଷ୍ଟା କଲେ । ହଜାର ହଜାର ଲୋକ ପ୍ରାଣ ବିକଳରେ ଗାଁ ଛାଡ଼ି ଜଙ୍ଗଲକୁ ପଳାଇଗଲେ । ଶତ ଶତ ବର୍ଷର ସ୍ୱାଧୀନ ଓଡ଼ିଶାର ପରମ୍ପରାକ୍ରମେ ନିଷ୍କର ଜମି ଓ ଜାଗିରି ଭୋଗ କରୁଥିବା ସୁପ୍ରସିଦ୍ଧ ପାଇକ, ଦଳେଇ ଓ ଦଳବେହେରାମାନେ ବଙ୍ଗାଳୀ ଅମଲାଙ୍କ କାରସାଦିରେ ପଥର ଭିକାରୀ ହୋଇଗଲେ । ଖୋର୍ଦ୍ଧାବାସୀଙ୍କର ତତ୍କାଳୀନ ଅବସ୍ଥା ସମ୍ପର୍କରେ ଶ୍ରୀଯୁକ୍ତ ଇଉୟର (Mr. Ewer) ଓ ଶ୍ରୀଯୁକ୍ତ ଟୟେନବି ମର୍ମସ୍ପର୍ଶୀ ବର୍ଣ୍ଣନା ଦେଇଯାଇ ଅଛନ୍ତି । ଶ୍ରୀଯୁକ୍ତ ଇଉୟର ତାଙ୍କ ରିପୋର୍ଟରେ ଲେଖିଛନ୍ତି–'ଏକପକ୍ଷରେ ବିଦ୍ରୋହ ଓ ଅନ୍ୟପକ୍ଷରେ ମୃତ୍ୟୁ ବ୍ୟତୀତ ଖୋର୍ଦ୍ଧାବାସୀଙ୍କର ସେତେବେଳେ ତୃତୀୟ ପନ୍ଥା ନ ଥିଲା ।"

୧୮୦୩ ଖ୍ରୀ: ପର୍ଯ୍ୟନ୍ତ ମେଦିନୀପୁରରେ ନଜରବନ୍ଦୀ ରୂପେ ରଖି ଇଂରେଜମାନେ ମୁକୁନ୍ଦଦେବଙ୍କୁ ପୁରୀକୁ ଯିବାକୁ ଦେଲେ । କିନ୍ତୁ ତାଙ୍କ ପ୍ରତି ଇଂରେଜମାନେ ବହୁ ଅଶୋଭନୀୟ ବ୍ୟବହାର କରୁଥିଲେ । ମେଜର ଫ୍ଲେଚର୍ ରାଜାଙ୍କ ନିଜ ଇଲାକାକୁ ଜବରଦସ୍ତି ବନ୍ଦୋବସ୍ତ କରିବାକୁ ବସିଲେ । ରାଜା ସେଥିରେ ରାଜି ହେଲେ ନାହିଁ । ତେଣୁ ତାଙ୍କୁ ମାସିକ ଟ ୨୧୩୩।/୪ ଭତ୍ତା ଦିଆଯାଇ ତାଙ୍କଠାରୁ ଇଲାକା ଛଡ଼ାଇ ନିଆଗଲା । ଖୋର୍ଦ୍ଧା ରାଜାଙ୍କର ପୁରୁଷାନୁକ୍ରମେ 'ବକ୍ସିବାର' ଜାଗିରି ଭୋଗ କରୁଥିବା ବକ୍ସି ଜଗବନ୍ଧୁ ଓ 'ଦେବାନୀବାର' ଜାଗିରି ଭୋଗ କରୁଥିବା ଦେବାନ କୃଷ୍ଣଚନ୍ଦ୍ରଙ୍କଠାରୁ ମଧ୍ୟ ଜାଗିରି କୌଶଳକ୍ରମେ ଛଡାଇ ନିଆଗଲା । ଜଗନ୍ନାଥଙ୍କ ମନ୍ଦିରର ରିତିନିତ୍ତି ନୀତି ଓ ଭୋଗ ବ୍ୟବସ୍ଥାରେ ମଧ୍ୟ ଇଂରେଜ କର୍ମଚାରୀମାନେ ଅଯଥା ହସ୍ତକ୍ଷେପ କଲେ । ହିନ୍ଦୁ ଜାତିର ପୂଜ୍ୟ ଦେବତା ଜଗନ୍ନାଥଙ୍କ ଚଳଣିରେ ହସ୍ତକ୍ଷେପ, ଓଡ଼ିଆ ଜାତିର ମଉଡ଼ମଣି ଚଳନ୍ତି ବିଷ୍ଣୁ ଠାକୁରରାଜାଙ୍କ ପ୍ରତି ଅବମାନନା ଓ ଓଡ଼ିଶାର ମୌଳିକ ସମ୍ଭ୍ରାନ୍ତ ପରିବାରମାନଙ୍କର ଦୁରବସ୍ଥା ଜଳନ୍ତା ନିଆଁରେ ଘୃତ ପଡ଼ିଲାପରି କାମ ଦେଲା । ଶହେ ବର୍ଷର ମରହଟ୍ଟା–ଶାସନ ଯେଉଁ ସାମାଜିକ କ୍ଷତିକୁ ସର୍ଶକରି ନ ଥିଲା, ଦଶବାର ବର୍ଷର ବ୍ରିଟିଶ୍ ଶାସନ ତାକୁ ଦୋହଲାଇ ଦେଲା । ତେଣୁ ଖୋର୍ଦ୍ଧା ବିପ୍ଳବ କୌଣସି ପୂର୍ବକଳ୍ପିତ ଯୋଜନା ଅନୁଯାୟୀ ହୋଇ ନ ଥିଲା । ଏହା ଓଡ଼ିଶାବାସୀଙ୍କର ଅସହ୍ୟ ଅସନ୍ତୋଷର ସ୍ୱତଃ ପରିପ୍ରକାଶ ।

୧୮୧୭ ଖ୍ରୀ: ମାର୍ଚ୍ଚ ମାସରେ ଘୁମୁସର ଇଲାକାରୁ ପ୍ରାୟ ୪ ଶହ ଉତ୍ତେଜିତ କନ୍ଧ ଆସି ବାଣପୁରମାଳରେ ପହଞ୍ଚିଲେ । ବାଣପୁରର ଜନଶ୍ରୁତି ଅନୁଯାୟୀ ସେତେବେଳେ ବାଣପୁରଠାରେ ଥିବା କେତେଜଣ ଗୋରା ସୈନ୍ୟ ଦିନେ ଶିକାର କରିବାପାଇଁ ମାଳ–ଅଞ୍ଚଳକୁ ଯାଇଥିଲେ । ସେଠାରେ ସେମାନେ ଶିକାର ପାଇଲେ ନାହିଁ । ଫେରି ଆସିଲାବେଳେ ଦେଖିଲେ ଯେ କନ୍ଧସର୍ଦ୍ଦାର ସୋନା ଜାନି ସହିତ କେତେକ କନ୍ଧ ଗୋଟିଏ ହରିଣ ମାରି ଜଗି ବସିଛନ୍ତି । ଇଂରେଜ ସିପାହୀମାନେ ହରିଣଟି ଛଡ଼ାଇ ଆଣିବାରୁ କନ୍ଧସର୍ଦ୍ଦାର ଆପତ୍ତି କଲେ । ସିପାହୀମାନେ ସଂଖ୍ୟାରେ ଅଧିକ ଥିଲେ । ତେଣୁ ସେମାନେ ଜାନିଙ୍କୁ ବନ୍ଧୁକରେ ମାଡ଼ ଦେଇ, ତାଙ୍କ କାନ୍ଧରେ ହରିଣକୁ ବାନ୍ଧି ଦେଇ ବନ୍ଧୁଆ ପଲଟନ୍ ପଡ଼ିଆ ପର୍ଯ୍ୟନ୍ତ ଚଲାଇ ନେଲେ । ସର୍ଦ୍ଦାରଙ୍କ ପ୍ରତି ଏହି ଅପମାନ ବାଣପୁର କନ୍ଧମାନଙ୍କୁ ଉତ୍ତେଜିତ କରିଥିଲା । ଏ ଜନଶ୍ରୁତିର କୌଣସି ଲିପିବଦ୍ଧ ଇତିହାସ ନାହିଁ । ତେବେ କନ୍ଧମାନେ ସର୍ଦ୍ଦାର ବା ତାଙ୍କ ଜାତି ପ୍ରତି ଅପମାନ ନ ହେଲେ ସହଜରେ ଉତ୍ତେଜିତ ହୁଅନ୍ତି ନାହିଁ । ତେଣୁ କୌଣସି ବିଶିଷ୍ଟ କାରଣ ନ ଥାଇ କେବଳ ଘୁମୁସର–କନ୍ଧଙ୍କ ପାଇଁ ବାଣପୁର କନ୍ଧମାନେ ହଠାତ୍ ମାତିଉଠିବା ଖୁବ୍ ସମ୍ଭବ ନୁହେଁ । ତେଣୁ ପୂର୍ବୋକ୍ତ ଅପ୍ରୀତିକର ଘଟଣା କନ୍ଧମାନଙ୍କୁ ଉତ୍ତେଜିତ କରିଥିବାର ସମ୍ଭବ ।

ସେ ଯାହାହେଉ, କନ୍ଧମାନଙ୍କ ସହ ବାଣପୁରର ପାଇକମାନେ ବହୁସଂଖ୍ୟାରେ ଯୋଗ ଦେଲେ । ବିଦ୍ରୋହୀମାନେ ବାଣପୁର ଥାନା ଆକ୍ରମଣ କରି ଯେତେ ସରକାରୀ ଘର ଥିଲା, ସେସବୁ ପୋଡ଼ି ଦେଲେ, ୧୦୦ ଜଣରୁ ଅଧିକ କର୍ମଚାରୀଙ୍କୁ ହତ୍ୟା କଲେ, ସରକାରୀ ଖଜଣାଖାନାରୁ ୧୫ ହଜାର ଟଙ୍କା ଲୁଟିକରି ନେଲେ ଓ ଚିଲିକାକୂଳରେ ଥିବା ଲୁଣହାକିମଙ୍କ ନୌକା ଲୁଣ୍ଠନ କଲେ । ପଣ୍ଡୁଆନାମକ ଜଣେ ବଳଦବେପାରୀ ଏ ଆନ୍ଦୋଳନର ନେତା ଥିବାରୁ ଏହି ଆନ୍ଦୋଳନକୁ ବାଣପୁର ଅଞ୍ଚଳରେ 'ପଣ୍ଡୁଆ ଫତୁରୀ' ମଧ୍ୟ କୁହାଯାଏ । ବିଜୟୀ ବିଦ୍ରୋହୀମାନେ ଖୋର୍ଦ୍ଧାଆଡ଼େ ଆଗେଇଗଲେ । ଖୋର୍ଦ୍ଧାରେ ବକ୍ସି ଜଗବନ୍ଧୁ ଓ ଦେଓ୍ୱାନ କୃଷ୍ଣଚନ୍ଦ୍ର ସେମାନଙ୍କର ନେତୃତ୍ୱ ନେଲେ । ସେଠାରେ ଖଜଣାଖାନା ଓ କେତେକ ଇଂରେଜକର୍ମଚାରୀଙ୍କ ଘର ଲୁଣ୍ଠିତ ହେଲା । ବିପ୍ଳବୀମାନେ ଚରଣ ପଟ୍ଟନାୟକ ନାମକ ଜଣେ ଦେଶଦ୍ରୋହୀ ଓଡ଼ିଆ କର୍ମଚାରୀଙ୍କୁ ମାରିଦେଲେ । ଖୋର୍ଦ୍ଧା କିଛିକାଳପାଇଁ ପାଇକମାନଙ୍କ ଅଧୀନରେ ହିଁ ରହିଲା ।

ବିଦ୍ରୋହ ସମ୍ବାଦ ପାଇ କଟକ ମାଜିଷ୍ଟ୍ରେଟ ଇମ୍ପେ ଲେପ୍ଟନାଣ୍ଟ କର୍ଣ୍ଣେଲ୍ ପ୍ରିଡକ୍ସ୍ ଓ ଲେପ୍ଟନାଣ୍ଟ ଫାରିସ୍‌ଙ୍କୁ ଯଥାକ୍ରମେ ଖୋର୍ଦ୍ଧା ଓ ପିପିଲି ପଠାଇଲେ । ପରେ କର୍ଣ୍ଣେଲ୍ ପ୍ରିଡକ୍ସ୍‌ଙ୍କୁ ସାହାଯ୍ୟ କରିବା ପାଇଁ ଇମ୍ପେ ୬୦ ଜଣ ସିପାହୀଙ୍କୁ ଧରି ୧୮୧୭ ଅପ୍ରେଲ୍ ପହିଲାଦିନ ଖୋର୍ଦ୍ଧା ଆଡ଼େ ଯାତ୍ରା କଲେ । ସେଦିନ ସନ୍ଧ୍ୟାବେଳେ ପାଇକମାନେ ସେମାନଙ୍କୁ ଖୋର୍ଦ୍ଧା ନିକଟସ୍ଥ ଗଙ୍ଗପଡ଼ାଠାରେ ଅଟକାଇ ଦେଲେ । ଏକୁଟିଆ ଅଗ୍ରସର ହେବାପାଇଁ ସାହସ ନ କରି ଇମ୍ପେ ଗୁପ୍ତଚର ଦ୍ୱାରା ପ୍ରିଡକ୍ସ୍‌ଙ୍କ ପାଖକୁ ଖବର ଦେଲେ ।

ଯୁଦ୍ଧରେ ଆସି ସମ୍ବାଦ ଦେଲା ଯେ, ସେ ପ୍ରିଡକ୍ସଙ୍କୁ ଦେଖି ନାହିଁ ଓ ସମସ୍ତ ଖୋର୍ଦ୍ଧା ପାଇକମାନଙ୍କ ହାତରେ ଅଛି । ତେଣୁ ଆଉ ଅଗ୍ରସର ନ ହୋଇ ଇମେ କଟକ ଫେରି ଆସିଲେ । ପ୍ରିଡକ୍ସ ୨ ତାରିଖ ଦିନ ଇମେଙ୍କ ପତ୍ର ପାଇ ଫରିସ୍‌ଙ୍କୁ ଗଙ୍ଗପଡା ପଠାଇଲେ ।

ଗଙ୍ଗପଡ଼ାଠାରେ ଯୁଦ୍ଧରେ ଫରିସ୍ ପ୍ରାଣ ହରାଇଲେ । ମୃତ୍ୟୁ ପୂର୍ବରୁ ସେ ଦୁଇଜଣ ସିପାହୀଙ୍କ ଦ୍ୱାରା ପ୍ରିଡକ୍ସଙ୍କ ନିକଟକୁ ଖବର ଦେଇଥିଲେ । ପାଇକମାନେ ସିପାହୀ ଦୁଇଜଣଙ୍କ ନାକ କାଟି ପଠାଇଲେ । ପ୍ରିଡକ୍ସ ଉପାୟାନ୍ତର ନ ଦେଖି ନିଜ ଦଳ ଓ ଫରିସ୍‌ଙ୍କ ଦଳର ସମସ୍ତ ସିପାହୀଙ୍କୁ ଧରି ପିପିଲିବାଟେ କଟକ ଫେରି ଆସିଲେ । ତାପରେ ପାଇକମାନେ ଥାନା ପିପିଲି ଦଖଲ କଲେ ଓ ପିପିଲି ଥାନା ପୋଡ଼ି ପକାଇଲେ ।



ତାପରେ କଟକ ମାଜିଷ୍ଟ୍ରେଟ୍ କ୍ୟାପଟେନ୍ ୱେଲିଂଟନ୍‌ଙ୍କୁ ପୁରୀ ପଠାଗଲା । କ୍ୟାପଟେନ୍ ୱେଲିଂଟନ ନିର୍ବିଘ୍ନରେ ପୁରୀରେ ପହଞ୍ଚିଲେ । ସେ ଆଉ ଦଳେ ସୈନ୍ୟଙ୍କୁ ଖୋର୍ଦ୍ଧାବାଟେ ପଠାଇବା ପାଇଁ କଟକକୁ ଲେଖିଲେ । ଇତିମଧ୍ୟରେ ବିଦ୍ରୋହୀ ପାଇକମାନେ ପୁରୀରେ ପହଞ୍ଚି କୋର୍ଟ ଓ ଅନ୍ୟାନ୍ୟ ଅଫିସ ପୋଡ଼ି ପକାଇଥିଲେ । ବହୁ ସଂଖ୍ୟାରେ ପାଇକ ଆସିବାରୁ ୱେଲିଂଟନ୍ ସେମାନଙ୍କ ସହ ଯୁଦ୍ଧ ନ କରି ଇଉରୋପୀୟ ଅଫିସର୍ ଓ ସେମାନଙ୍କ ପରିବାରମାନଙ୍କୁ ଧରି କଟକ ଫେରି ଆସିଲେ । ୱେଲିଂଟନ୍‌ଙ୍କ ପୂର୍ବ ସମ୍ବାଦ ଅନୁଯାୟୀ କ୍ୟାପଟେନ୍ ଲା ଫାଉରେ ଏପ୍ରିଲ ୯ ତାରିଖ ଦିନ ନିର୍ବିଘ୍ନରେ ଖୋର୍ଦ୍ଧାରେ ପହଞ୍ଚିଲେ ଓ ସେଠାରୁ ପୁରୀ ଅଗ୍ରସର ହେଲେ । ଅପ୍ରେଲ ୧୮ ତାରିଖ ଦିନ ଗୋବଲାଠାରେ ପ୍ରାୟ ୧୦୦୦ ପାଇକଙ୍କ ସହ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା । ଏହି ଯୁଦ୍ଧରେ ଜିଣି ସେ ପୁରୀ ଗଲେ । ଏ ମଧ୍ୟରେ ବଡ଼ଲାଟ ଖୋର୍ଦ୍ଧା ରାଜାଙ୍କୁ କଲିକତା ପଠାଇ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଇଂରେଜମାନେ ସନ୍ଦେହ କରୁଥିଲେ ଯେ ରାଜା ପରୋକ୍ଷ ଭାବେ ବିଦ୍ରୋହ ମୂଳରେ ଅଛନ୍ତି । ଲାଃ ଫାଉରେ ରାଜାଙ୍କୁ ବନ୍ଦୀ କଲେ । ରାଜାଙ୍କୁ ଧରି କଟକ ଆଣିବାପାଇଁ ମେଜର ହାମିଲଟନ୍ ଦଳେ ଭାରତୀୟ ସିପାହୀଙ୍କୁ ଧରି ଏପ୍ରିଲ ୨୦ ତାରିଖ ଦିନ କଟକରୁ ପୁରୀ ଯାତ୍ରା କଲେ । ହାମିଲଟନ୍ ପୁରୀରେ ପହଞ୍ଚିବାରୁ କ୍ୟାପଟେନ୍ ଲାଃ ଫାଉରେ ରାଜାଙ୍କୁ ଧରି କଟକ ଆଡ଼କୁ ଆସିଲେ । ବାଟରେ ଅନେକ ହଜାର ପାଇକ ରାଜାଙ୍କୁ ଛଡ଼େଇ ନେବାପାଇଁ ଚେଷ୍ଟାକଲେ, କିନ୍ତୁ ସେମାନେ ପରାସ୍ତ ହେଲେ । ମେ ୧୨ ତାରିଖ ଦିନ ଲାଃ ଫାଉରେ ରାଜାଙ୍କୁ ଧରି କଟକରେ ପହଞ୍ଚିଲେ । ରାଜାଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖାଗଲା । ପାଇକମାନେ ଏ ମଧ୍ୟରେ ଆଳି, କୁଜଙ୍ଗ, ହରିଶ, ଗୋପ, ଅସୁରେଶ୍ୱର, ପ୍ରିୟରାଜପୁର ଓ ପଟାମୁଣ୍ଡାଇ ଥାନାରେ ବିଦ୍ରୋହ କରିଥିଲେ । କିନ୍ତୁ ଇଂରେଜମାନଙ୍କର ବାରମ୍ବାର ଆକ୍ରମଣ ଆଗରେ ପାଇକମାନେ ବହୁକାଳ ଠିଆ ହୋଇ ପାରିଲେ ନାହିଁ । ପ୍ରାୟ ଅକ୍ଟୋବରମାସ ଆଡ଼କୁ ସମସ୍ତ ଖୋର୍ଦ୍ଧା ଓ ଅନ୍ୟାନ୍ୟ ବିଦ୍ରୋହୀ ଅଞ୍ଚଳ ଶାନ୍ତ ହୋଇ ଯାଇଥିଲା ।

କିନ୍ତୁ ଖୋର୍ଦ୍ଧା-ପାଇକ-ବିପ୍ଳବ ଇଂରେଜ ଶାସକମାନଙ୍କର ଆଖି ଖୋଲିଦେଲା । ସେମାନେ ବର୍ତ୍ତମାନ ରଣକୁଶଳୀ ଓଡ଼ିଆ ପାଇକମାନଙ୍କର ପାରମ୍ପରିକ ସାମରିକ ବୃତ୍ତିକୁ ସମୂଳେ ଧ୍ୱଂସ କରିଦେବା ପାଇଁ ଚେଷ୍ଟା କଲେ । "ପାଇକ ବିଦ୍ରୋହ" ପରେ ତତ୍କାଳୀନ ଇଂରେଜ ସରକାର ଏକ ଆଦେଶ ଜାରି କରିଦେଲେ ଯେ, ଓଡ଼ିଆମାନଙ୍କୁ ସୈନ୍ୟ ବିଭାଗରେ ନିଆଯିବ ନାହିଁ । ଏ ଆଦେଶ ଯଦି ହୋଇ ନ ଥାନ୍ତା ତେବେ ଇଂରେଜ ସୈନ୍ୟବିଭାଗରେ ବହୁସଂଖ୍ୟକ ଓଡ଼ିଆ ପାଇକ ଯୋଗ ଦେଇଥାନ୍ତେ ଓ ସେମାନଙ୍କର କୌଳିକ ବୀରତ୍ୱ ବଜାୟ ରହିଥାନ୍ତା ।

ବିଦ୍ରୋହ ଶାନ୍ତ ହେବା ପରେ ବିଦ୍ରୋହୀମାନଙ୍କର ବିଚାର ନିଜାମତ୍ ଅଦାଲତରେ ହୋଇଥିଲା । ଏହି ବିଚାରରେ ୭ ଜଣଙ୍କୁ ମୃତ୍ୟୁଦଣ୍ଡ, ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁଙ୍କୁ ଆଲିପୁରରେ ଯାବଜ୍ଜୀବନ ସଶ୍ରମ କାରାଦଣ୍ଡ, ୯ ଜଣ ବିଦ୍ରୋହୀଙ୍କୁ ୧୪ ବର୍ଷ ଲେଖାଏଁ ଓ ୨୫ ଜଣଙ୍କୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥାନାନ୍ତର କାରାବାସ, ୩୦ ଜଣଙ୍କୁ ଯାବଜ୍ଜୀବନ ସ୍ଥାନାନ୍ତର କାରାବାସ ଓ ୧୦୩ ଜଣଙ୍କୁ ଦ୍ୱୀପାନ୍ତରରେ ଯାବଜ୍ଜୀବନ କାରାବାସ ଦଣ୍ଡ ଦିଆଯାଇଥିଲା । ଏହି ବିଚାର ୧୮୧୭ଠାରୁ ୧୮୧୯ ପର୍ଯ୍ୟନ୍ତ ଲାଗି ରହିଥିଲା ।

●

# ସ୍ୱାଧୀନତା ସଂଗ୍ରାମରେ କୋରାପୁଟର ଅବଦାନ

ଶ୍ରୀ ଦାମୋଦର ସାହୁ

ଇତିହାସ ପୃଷ୍ଠାକୁ ଅନୁଧ୍ୟାନ କଲେ ଜଣାଯାଏ ୧୬୦୦ ମସିହାରେ ଗଠିତ ଇଷ୍ଟ ଇଣ୍ଡିଆ କମ୍ପାନୀ ବାଣିଜ୍ୟ କରିବା ପାଇଁ ଭାରତବର୍ଷକୁ ଆସିଥିଲା । ଏହି ଆଗମନର ଅଙ୍କୁରାରୋପଣ କରିଥିଲେ ଦୁଇଜଣ ଇଂରେଜ ଅଧିବାସୀ । ତତ୍‌କାଳୀନ ଇଂଲଣ୍ଡର ରାଜା ପ୍ରଥମ ଜେମସ୍‌ଙ୍କଠାରୁ ପତ୍ର ଆଣି କ୍ୟାପ୍‌ଟେନ ଉଇଲିୟମ ହକିନ୍‌ସ ୧୬୦୮ ମସିହାରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ରାଜଦରବାରକୁ ଆସିଥିଲେ ଓ ବାଣିଜ୍ୟ କରିବା ପାଇଁ ଅନୁମତି ମଧ୍ୟ ପାଇଥିଲେ । ତାପରେ ୧୬୧୫ ଖ୍ରୀଷ୍ଟାବ୍ଦରେ ସାର୍ ଟମାସ୍‌ରୋ ନାମକ ଆଉ ଜଣେ ଇଂରେଜ ଦୂତ ମୋଗଲ ସାମ୍ରାଜ୍ଞୀ ନୁରଜାହାନଙ୍କ ଭାଇ ଆସଫ୍‌ଖାଁଙ୍କ ପ୍ରିୟପାତ୍ର ହୋଇ ଏହି ବାଣିଜ୍ୟ କାରବାରକୁ ଆହୁରି ଦୃଢ଼ୀଭୂତ କରିଥିଲେ । ୧୭୬୧ ଖ୍ରୀଷ୍ଟାବ୍ଦରେ ଘଟିଥିବା ତୃତୀୟ ପାନିପଥ ସମରରେ ମୋଗଲ ସାମ୍ରାଜ୍ୟର ପତନ ଘଟିବା ସଙ୍ଗେ ସଙ୍ଗେ ଓଡ଼ିଶା ମରହଟ୍ଟାମାନଙ୍କ ଶାସନାଧୀନ ହୋଇଥିଲା । ମାତ୍ର ପରିଶେଷରେ ଦେଖାଗଲା ଏହା ମରହଟ୍ଟାମାନଙ୍କ ଅଧୀନରେ ମଧ୍ୟ ବେଶୀ ଦିନ ରହିପାରି ନଥିଲା । ଲର୍ଡ଼ ୱେଲେସଲି ସେପ୍‌ଟେମ୍ବର ୧୮୦୩ ମସିହାରେ ମରହଟ୍ଟାମାନଙ୍କୁ ହରାଇ ଓଡ଼ିଶା ଦଖଲ କଲେ । ଯାହାଫଳରେ ଓଡ଼ିଶା କମ୍ପାନୀ ଶାସନ ବଳୟ ମଧ୍ୟରେ ରହିଲା । ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କଠାରୁ ଜାତୀୟତାବାଦ କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା । ଓଡ଼ିଶାର ଜାତୀୟତା ମୁଖ୍ୟତଃ ଧର୍ମ ଓ ରାଜନୈତିକ କାରଣ ଉପରେ ଆଧାରିତ ଓ ପ୍ରଭାବିତ ମଧ୍ୟ । ୧୮୧୭ ମସିହାରେ ଘଟିଥିବା ପାଇକମେଳି ତତ୍‌କାଳୀନ ଇଂରେଜ ରାଜଶକ୍ତିକୁ ଏକ ଠିକଣା ଜବାବ ଦେଇଥିଲା । ଅବଶ୍ୟ ପାଇକ ବିଦ୍ରୋହର ପତନ ଘଟିଥିଲା । ସଂଗ୍ରାମୀ ବକ୍‌ସି ଜଗବନ୍ଧୁଙ୍କୁ ଫାଶୀଖୁଣ୍ଟରେ ଝୁଲିବାକୁ ପଡ଼ିଥିଲା ଓ ତତ୍‌କାଳୀନ ଠାକୁର ରାଜାଙ୍କୁ କଟକ ଜେଲ୍‌ରେ ରଖାଯାଇ ଓଡ଼ିଶାବାସୀଙ୍କ ସଂଗ୍ରାମୀ ମନୋବୃତ୍ତିକୁ ଦୁର୍ବଳ କରାଯାଇଥିଲା । ୧୮୫୭ ମସିହାରେ ଦେଖା ଦେଇଥିବା ସିପାହୀ ବିଦ୍ରୋହରେ ଓଡ଼ିଶାର ବୀରପୁତ୍ର ଚଖିଖୁଣ୍ଟିଆ ବା ବୀରସୁରେନ୍ଦ୍ର ସାଏଙ୍କ ଅମରକୀର୍ତ୍ତି ଓଡ଼ିଶା ଇତିହାସକୁ ଚିରଦିନ ଗୌରବ ଯୋଗାଇବ । ପରବର୍ତ୍ତୀ ସମୟରେ କେତେକ ଗଡ଼ଜାତ ଅଞ୍ଚଳରେ ବ୍ରିଟିଶ ବିରୋଧୀ ଆନ୍ଦୋଳନମାନ ଗଢ଼ିଉଠିଥିଲା । ତନ୍ମଧ୍ୟରେ କେନ୍ଦୁଝର, ରଣପୁର, ସମ୍ବଲପୁର, ମୟୂରଭଞ୍ଜ ଓ କୋରାପୁଟ ଗଡ଼ଜାତ ଅଞ୍ଚଳରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ସୃଷ୍ଟି ହେବା ସ୍ୱାଭାବିକ କାରଣ ସେମାନେ ବ୍ରିଟିଶମାନଙ୍କ ନିକଟରେ ଥିଲେ, ମାତ୍ର କୋରାପୁଟ ଭଳି ଏକ ଘନଅରଣ୍ୟ ଆଚ୍ଛନ୍ନ ଆଦିବାସୀ ଅଧ୍ୟୁଷିତ ସମ୍ପ୍ରଦାୟମାନଙ୍କ ମନ ମଧ୍ୟରେ ଇଂରେଜ ବିରୋଧୀ ଆନ୍ଦୋଳନର ଝଲକ ସୃଷ୍ଟି କରିବା କେତେ କଷ୍ଟଦାୟକ, ତାହା ଚିନ୍ତା କଲେ ମନେହୁଏ ସେମାନେ କୌଣସି ଗୁଣରେ ସଭ୍ୟସମାଜଠାରୁ ନ୍ୟୂନ ନୁହନ୍ତି । ଜନ୍ମଭୂମି ଜନ୍ମମାଟିର ମୋହ ପାଇଁ ଆତ୍ମତ୍ୟାଗ କରିବା ଶହୀଦ ହେବା କେବଳ ପୁଣ୍ୟାତ୍ମାମାନଙ୍କ ଭାଗ୍ୟରେ ହିଁ ଥାଏ- ତାହାର ଜ୍ୱଳନ୍ତ ନିଦର୍ଶନ କୋରାପୁଟ ଜିଲ୍ଲାସ୍ଥିତ ପାପଡ଼ାହାଣ୍ଡି ଶହୀଦ ସ୍ମୃତିସ୍ତମ୍ଭ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ-ଗଠନ ହେବା ପୂର୍ବରୁ ଅର୍ଥାତ୍ ୧୯୩୬ ମସିହା ପୂର୍ବରୁ କୋରାପୁଟ ମାଡ୍ରାସ୍ ସରକାରଙ୍କ ଅଧୀନରେ ଥିଲା । ୧୭୭୮ ମସିହାରେ ବିଜୟନଗର ରାଜା ବିଜୟ ରାମାରାଜୁଙ୍କ ନିବେଦନକ୍ରମେ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳର ଜମିଦାର ଭାବେ ଜୟପୁର ଜମିଦାରୀ ଗଠିତ ହୋଇଥିଲା । ଯେତେବେଳେ ଜୟପୁର ଜମିଦାରୀ ବ୍ରିଟିଶ୍ ଶାସନାଧୀନ ହେଲା, ସେବେଠାରୁ ସେଠାରେ ବ୍ରିଟିଶ୍ ବିରୋଧୀ ସ୍ୱର ସୃଷ୍ଟି ହୋଇଥିଲା । ୧୮୬୪ ମସିହାରେ ବୁଟାସିଙ୍ଗ ଅଞ୍ଚଳର ସଉରାମାନେ ବ୍ରିଟିଶ୍ ରାଜତ୍ୱ ବିରୁଦ୍ଧରେ ମେଳି ସୃଷ୍ଟି କରି ୪ ଜଣ ସିପାହୀଙ୍କୁ ହତ୍ୟା କରି ଥିବାର ନଜିର ରହିଛି । ତତ୍ପରେ ୧୯୨୨ ମସିହାରେ ସୀତାରାମରାଜୁଙ୍କ ନେତୃତ୍ୱରେ ଓ ୧୯୩୨ ମସିହାରେ ନାରାୟଣପାଟଣା ଅଞ୍ଚଳରେ ବ୍ରିଟିଶ୍ ବିରୋଧୀ ଝଲକମାନ ସ୍ପଷ୍ଟ ଭାବରେ ଦୃଷ୍ଟି ଗୋଚର ହୋଇଥିଲା । ତେଣୁ ମୋଟ ଉପରେ କହିବାକୁ ଗଲେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ କୋରାପୁଟ ଭଳି ମାଳଅଞ୍ଚଳରେ ଆଦିବାସୀମାନଙ୍କ ମନରେ ବିଶେଷ ଭାବରେ ବ୍ରିଟିଶ୍ ବିରୋଧୀ ଜନମତମାନ ସୃଷ୍ଟି ହୋଇଥିଲା ।

୧୯୨୮ ମସିହାରେ କଂଗ୍ରେସ ସାଇମନ କମିସନକୁ କଳାପତାକା ପ୍ରଦର୍ଶନ କରି ଫେରିଯିବା ପାଇଁ (Simon, you go back) ଆହ୍ୱାନ ଦେଇଥିଲା । ତାପରେ ଭାରତୀୟ ଜାତୀୟ କଂଗ୍ରେସ ଅନ୍ୟ ଏକ ମୋଡ଼ ନେଇଥିଲା । ୧୯୨୯ ମସିହାରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅଧିନାୟକତ୍ୱରେ ଲାହୋର ଅଧିବେଶନରେ 'ପୂର୍ଣ୍ଣ ସ୍ୱରାଜ' ଦାବୀ କରାଯାଇଥିଲା । ଅବଶ୍ୟ ଏହାର ବହୁ ପୂର୍ବରୁ ସ୍ୱରାଜ ସ୍ୱର ୧୯୦୬ ମସିହାରେ ଦାଦାଭାଇନାରୋଜୀ ଓ ଲୋକମାନ୍ୟ

କଂଗ୍ରେସ ନେତା ବାଳଗଙ୍ଗାଧର ତିଳକ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' (Swaraj is my birth right) ପରିପ୍ରକାଶ କରିଥିଲେ । ତାପରେ ୧୯୩୦ ମସିହା ଜାନୁଆରୀ ୨୬ ତାରିଖକୁ ଦେଶ ସ୍ୱାଧୀନତା ଦିବସ ଭାବେ ଗ୍ରହଣ କରିଥିଲା । ତାହାର ସ୍ମାରକୀ ଭାବେ ସ୍ୱାଧୀନତା ପରେ ୧୯୫୦ ମସିହାରୁ ଜାନୁଆରୀ ୨୬ ତାରିଖକୁ ଗଣତନ୍ତ୍ର ଦିବସ ଭାବରେ ଗହଣ କରାଯାଇ ଆସୁଛି ।

ଦେଶ ଗୋଟିଏ ପଟରେ ସ୍ୱାଧୀନତାର ରଣହୁଙ୍କାର ଗର୍ଜନ କରୁଥିବା ସମୟରେ ୧୯୩୦ ମସିହା ପର୍ଯ୍ୟନ୍ତ ଯଦିଓ କୋରାପୁଟରେ ବ୍ରିଟିଶ ବିରୋଧୀ ହାଓ୍ୱା ଗଢ଼ିଉଠି ଥିଲା, ତଥାପି କଂଗ୍ରେସ ବାର୍ତ୍ତା ସେ ପର୍ଯ୍ୟନ୍ତ ସେଠାରେ ପହଞ୍ଚି ପାରିନଥିଲା । ଏହି ରାଜନୈତିକ ଓ କଂଗ୍ରେସୀ ଚିନ୍ତାଧାରା ପ୍ରବେଶ କରାଇବାରେ ସ୍ୱର୍ଗତଃ ରାଧାକୃଷ୍ଣଙ୍କ ବିଶ୍ୱାସ ହେଉଛନ୍ତି ପ୍ରଥମ । ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ ତତ୍‌କାଳୀନ ଉତ୍କଳ କଂଗ୍ରେସ ସଭାପତି ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କୋରାପୁଟରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିଥିଲେ । ପ୍ରଥମଥର ପାଇଁ ୧୯୩୪ ମସିହାରେ ଶ୍ରୀବିଶ୍ୱାସଙ୍କ ଅଧିନାୟକତ୍ୱରେ ଜିଲ୍ଲା କଂଗ୍ରେସ କମିଟି ଗଠନ କରାଯାଇଥିଲା । ସ୍ୱର୍ଗତଃ ରାଧାମୋହନସାହୁ ଏହାର ସମ୍ପାଦକ ଥିଲେ । ପରିଶେଷରେ କୋରାପୁଟ ଭଳି ଅନୁନ୍ନତ ଅଞ୍ଚଳରେ ୧୨ଟି କମିଟି ଗଠନ କରାଯାଇଥିଲା । କୋରାପୁଟ ଜିଲ୍ଲାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନ ସୃଷ୍ଟି କରିଥିବା ତତ୍‌କାଳୀନ ନେତାମାନେ ହେଲେ ନବରଙ୍ଗପୁରର ଲକ୍ଷ୍ମୀଚନ୍ଦ୍ର ଦାସ, ଅନାଦି ରାଓ, ମହମ୍ମଦ ବାକି, ସଦାନନ୍ଦ ମହାନ୍ତି, ମାଧବ ପ୍ରଧାନୀ, ଅମରକୋଟର ରବି ସିଂହ ମାଝି, ଦିଗ୍‌ପଲପାରୁ, ଆନନ୍ଦ ବେହେରା, ନନ୍ଦପୁରରୁ ଭଗବାନ ଖେମରୁ, ଗଙ୍ଗାଧର ଝୋଲା, କୋଟପାଡ଼ରୁ ବିଶ୍ୱନାଥ ମହାପାତ୍ର, କପିଳପାତ୍ର, ସଦାଶିବ ତ୍ରିପାଠୀ, ସୂର୍ଯ୍ୟନାରାୟଣ ମାଝି, ଡାବୁଗାଁରୁ ସନୁମାଝି, ଜୟପୁରରୁ ନୀଳକଣ୍ଠ ପାତ୍ର, ଦାମୋଦର ସାନ୍ତା, କୃଷ୍ଣ ସାନ୍ତାପାତ୍ର, ଗୁଣୁପୁରରୁ ପ୍ରହଲ୍ଲାଦ ପାଣିଗ୍ରାହୀ ଇତ୍ୟାଦି । ଏହି ମହାନ ନେତାମାନଙ୍କ ଉଦ୍ୟମ ଫଳରେ କୋରାପୁଟ ଜିଲ୍ଲାରେ କଂଗ୍ରେସୀ ଚିନ୍ତାଧାରା ପ୍ରବେଶ କରିବା ସଙ୍ଗେ ସଙ୍ଗେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନମାନ ଗଢ଼ିଉଠିଥିଲା । ୧୯୩୬ ମସିହାରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ୍ ଅଷ୍ଟିନ୍ ହବାର୍ଡଙ୍କ କୋରାପୁଟ ଯାତ୍ରା ସମୟରେ ଇଂରେଜମାନଙ୍କ ଦ୍ୱାରା ହେଉଥିବା ଅତ୍ୟାଚାର ପ୍ରତିବାଦମାନ ବିଭିନ୍ନ ସଭାସମିତି ତରଫରୁ ଦର୍ଶାଯାଇଥିଲା । କୋରାପୁଟ ଭଳି ଅନୁନ୍ନତ ଆଦିବାସୀ ବହୁଳ ଅଞ୍ଚଳ ପାଇଁ ଏହା କ'ଣ ଯଥେଷ୍ଟ ନୁହେଁ ?

୧୯୪୨ ମସିହା ଅଗଷ୍ଟ ମାସ ୯ ତାରିଖ ବମ୍ବେ ଅଧିବେଶନରେ ଭାରତଛାଡ଼ ଆନ୍ଦୋଳନ୍ (Quit India Resolution) ଗୃହୀତ ହୋଇଥିଲା । ଏହି ଭାରତଛାଡ଼ ଆନ୍ଦୋଳନ କୋରାପୁଟ ପାଇଁ ଏକ ଯୁଗାନ୍ତକାରୀ ଘଟଣା ଭାବେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । କୋରାପୁଟ ଆଦିବାସୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଐତିହାସିକ ଭାରତଛାଡ଼ ଆନ୍ଦୋଳନରେ । ମାଟିଲି ଗୁଳିକାଣ୍ଡରେ ୬ ଜଣ ପ୍ରାଣ ହରାଇ ଥିଲେ ଓ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ ବ୍ରିଟିଶ ରାଜଶକ୍ତି ବିରୁଦ୍ଧରେ ସ୍ୱରଉତ୍ତୋଳନ କରି କୋରାପୁଟ ଜିଲ୍ଲାରେ । ପରିଶେଷରେ ରାମେୟା ଫରେଷ୍ଟର ଘଟଣାକୁ କେନ୍ଦ୍ର କରି ଆଦିବାସୀ ନେତା ବୀର ଲକ୍ଷ୍ମଣ ନାଏକ ଫାଶୀଖୁଣ୍ଟରେ ଝୁଲିଲେ । ମାଟିଲି ଘଟଣାର ଆଉ ଏକ ଶାଖା ଲୋମହର୍ଷଣକାରୀ ଅଧ୍ୟାୟ ସୃଷ୍ଟି କରିଥିଲା ପାପଡ଼ାହାଣ୍ଡିରେ ।

ପାପଡ଼ାହାଣ୍ଡି ନବରଙ୍ଗପୁରଠାରୁ ଅଳ୍ପ ଦୂରରେ । ଏମିତି ଏଠାରେ ଏକ ବ୍ଲକ ଅଫିସ ଅଛି । ଏହି ସ୍ଥାନଟି ଭୌଗୋଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସ୍ଥାନରୁ ଚାରି ଦିଗକୁ ଅର୍ଥାତ୍ ନବରଙ୍ଗପୁର, କଳାହାଣ୍ଡି, ମଧ୍ୟପ୍ରଦେଶର ଜବଲପୁର, ଲକ୍ଷ୍ମୀପୁର ଓ ମଇଦଲପୁର ଇତ୍ୟାଦି ସ୍ଥାନମାନଙ୍କୁ ଯୋଗାଯୋଗ ରହିଛି । ସ୍ଥାନଟିକୁ ଏକ ପ୍ରକାର ଜଙ୍କସନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ପାପଡ଼ାହାଣ୍ଡିର ଅନତିଦୂରରେ ଗୋଟିଏ କ୍ଷୁଦ୍ରନଦୀ ଯାହାର ନାମ ତୁରୀନଦୀ ବହିଯାଉଛି । ଏହି ନଦୀଟିକୁ ବର୍ତ୍ତମାନ ଦେଖିଲେ କେହି ନଦୀ ବୋଲି କହିବେ ନାହିଁ, ଏହା ଏକ ନାଳର କଳେବର ଧାରଣ କରିଅଛି । ଯାହାହେଉ ମଧ୍ୟପ୍ରଦେଶର ଜବଲପୁରରୁ ଇଂରେଜ ଫଉଜମାନେ କୋରାପୁଟ ମଧ୍ୟକୁ ପ୍ରବେଶ କରିବା ବାଟରେ ପାପଡ଼ାହାଣ୍ଡିର ଅନତିଦୂରରେ ବହିଯାଉଥିବା ତୁରୀନଦୀ ପାପଡ଼ାହାଣ୍ଡିର ଆଦିମ ଅଧିବାସୀ ସଂଗ୍ରାମୀମାନଙ୍କୁ ସାହାଯ୍ୟ କରିଥିଲା ସେମାନଙ୍କୁ ଅବରୋଧ କରିବାରେ । ଅବଶ୍ୟ ଏହା ସତ୍ୟ ଯେ ପ୍ରବଳପ୍ରତାପୀ ବ୍ରିଟିଶ ଶକ୍ତି ପାଖରେ ପାପଡ଼ାହାଣ୍ଡି ଅଧିବାସୀମାନେ ଅତ୍ୟନ୍ତ ନ୍ୟୂନ, ତଥାପି ସେମାନଙ୍କ ପ୍ରବଳ ଅବରୋଧ ପାଇଁ ଫଉଜମାନେ ତୁରୀନଦୀ ପାର ହୋଇ ପାପଡ଼ାହାଣ୍ଡି ମଧ୍ୟକୁ ପ୍ରବେଶ କରିବାରେ ଅସମର୍ଥ ହୋଇଥିଲେ । ଏହି ନିରୀହ ଅନୁନ୍ନତ ଆଦିମ ଅଧିବାସୀମାନେ ସେଦିନ ବ୍ରିଟିଶ୍ ରାଜଶକ୍ତିକୁ ଡାକର ସଂଗ୍ରାମ ଅଭିନନ୍ଦନ ଜଣାଇଥିଲେ ସେମାନଙ୍କ ପ୍ରାଚୀନ ଲଉଡ଼ା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ । ପତନତ ନିଶ୍ଚିତ ସେମାନଙ୍କ ଭାଗ୍ୟରେ ଅଛି, ତଥାପି ବ୍ରିଟିଶ୍ ରାଜଶକ୍ତିକୁ ଭ୍ରୂକ୍ଷେପ ନ କରି ସେମାନଙ୍କ ପ୍ରବଳ ଅବରୋଧ ସେମାନଙ୍କୁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବ । ଘଟଣାସ୍ଥଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୮ ଜଣ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ । ଏହି ମୃତ୍ୟୁବରଣ କରିଥିବା ଶହୀଦମାନେ ନିକଟସ୍ଥ ମାଟିଲି, ନନ୍ଦପୁର, ପଟାଙ୍ଗୀ, ଜୟପୁର, ମୈଦଲପୁର ଓ ପାପଡ଼ାହାଣ୍ଡି ଅଞ୍ଚଳର ଅଧିବାସୀଗଣ । ସେମାନଙ୍କ ଉଦ୍ଦେଶ୍ୟରେ ତୁରୀନଦୀ କୂଳରେ ଏକ ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ କରା ଯାଇଅଛି ।

କିଏ କେବେ କଳ୍ପନା କରିପାରିବ ଆଦିବାସୀ ଲୋକମାନେ ଯେଉଁମାନେ ଆଧୁନିକ ସଭ୍ୟତାଠାରୁ ବହୁଦୂରରେ, ସେମାନେ ଯେ ପ୍ରବଳ ପ୍ରତାପୀ ବ୍ରିଟିଶ ରାଜଶକ୍ତି ବିରୁଦ୍ଧରେ ଅଣ୍ଟାଭିଡ଼ି ପୂର୍ବପୁରୁଷଙ୍କ ପଡ଼ି ରହିଥିବା ବିଶାଳ ବେତ କାଣ୍ଡ ଧନୁଶର ଧରି ବ୍ରିଟିଶ୍ ଲକ୍ଷ୍ୟ

ବନ୍ଧୁକ ମୁନ ଆଗରେ ଛିଡ଼ା ହୋଇ ଆତ୍ମବଳୀ ଦେବେ– ଏ କଥା ଭାବିଲେ ବିସ୍ମୟ ଲାଗେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଆଦିବାସୀମାନେ ଦେଶ ମାତୃକା ସମସ୍ୟା ପ୍ରତି ସଚେତନ– ଏ କଥାର ସଠିକ ଉତ୍ତର ହେଉଛି କୋରାପୁଟ ଜିଲ୍ଲା । ସମଗ୍ର ଦେଶରେ ଘଟିଯାଇଥିବା ଭାରତଛାଡ଼ ଆନ୍ଦୋଳନର ପ୍ରତିକ୍ରିୟା ଇତିହାସରେ କୋରାପୁଟ ଜିଲ୍ଲାର ପାପଡ଼ାହାଣ୍ଡି ଓ ମାଟିଲି ଯେ ନାମୋଜ୍ଜ୍ୱଳ କରିବ ଏଥିରେ ସନ୍ଦେହ ନାହିଁ । ମାତ୍ର ଯେହେତୁ ଆମେ ସର୍ବଭାରତୀୟ ସ୍ତରରେ ଏତେ ପ୍ରଗତିଧର୍ମୀ ବା ପ୍ରକାଶଯୋଗ୍ୟ ହୋଇନାହୁଁ ବା ଏଥିପ୍ରତି ଆମର ଏତେ ଉଦ୍ୟମ ନାହିଁ, ତେଣୁ ଏହା ସର୍ବଭାରତୀୟ ସ୍ତରରେ ମଧ୍ୟ ଲୋକଲୋଚନକୁ ଆସିନାହିଁ । ସବୁଠାରୁ ଦୁଃଖର କଥା ଆମେ ଏଥିପାଇଁ ଆଦୌ ଗର୍ବିତ ନୋହୁଁ । ସର୍ବଶେଷରେ ଏତିକି ମାତ୍ର କୁହାଯାଇ ପାରେ ଆଦିବାସୀମାନଙ୍କ ଉଦ୍ୟମ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କିଛି ନ୍ୟୂନ ନୁହେଁ ବରଂ ଅନ୍ୟମାନଙ୍କ ତୁଳନାରେ ଖୁବ୍ ପ୍ରଂଶସନୀୟ । ଅନ୍ୟପକ୍ଷରେ ଓଡ଼ିଶା କଥା ଚିନ୍ତା କଲେ ମନେହୁଏ ୧୮୧୭ ମସିହାରେ ଓଡ଼ିଶାର ପାଇକ ପ୍ରଥ ସର୍ବପ୍ରଥମେ ଓଡ଼ିଶା ମାଟିରେ ଇଂରେଜମାନଙ୍କୁ ଠିକଣା ଜବାବ ଦେଇଥିଲା ଓ ତାହାର ୧୨୫ ବର୍ଷ ପରେ ଅର୍ଥାତ୍ ୧୯୪୨ ମସିହାରେ କୋରାପୁଟବାସୀମାନେ ତତ୍ତୁଲ୍ୟ ଜବାବ ଇଂରେଜମାନଙ୍କୁ ଦେଲେ । ତେଣୁ ଏହି ସ୍ଥାନ ସମଗ୍ର ଉତ୍କଳ ଓ ଭାରତବର୍ଷ ପାଇଁ ଏକ ତୀର୍ଥସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ ।

---

ରେଲୱାଇ କଲୋନୀ–ଛ–୩୭/୩
ଭୁବନେଶ୍ୱର


୧୦ ହଜାର କିଲୋମିଟରରୁ ଅଧିକ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି । ରାଜପଥରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଯାନବାହନ ଚଳାଚଳର ଆବଶ୍ୟକତା ପୂରଣ ନିମନ୍ତେ ରାଜ୍ୟର ଜାତୀୟ ରାଜପଥ ଓ ଅଧିକ ଯାନବାହନ ଯାତାୟତ କରୁଥିବା ରାସ୍ତାଗୁଡ଼ିକର ସମ୍ପ୍ରସାରଣ ତଥା ଉନ୍ନତ କରାଯାଉଛି । ଭୁବନେଶ୍ୱର ଓ ଜଗତପୁର ମଧ୍ୟରେ ଜାତୀୟ ରାଜପଥର ବିସ୍ତାରକୁ ଚାରିଧାଡ଼ିଆ ଯାନବାହନ ଚଳାଚଳ ପାଇଁ ଉନ୍ନତ କରାଯାଇଛି । ସମ୍ବଲପୁର ଓ ରାଉରକେଲା ମଧ୍ୟରେ ଜାତୀୟ ରାଜପଥର ଉନ୍ନୟନ କାର୍ଯ୍ୟରେ ମଧ୍ୟ ଦ୍ରୁତ ଅଗ୍ରଗତି ଘଟିଛି । ଜାତୀୟ ରାଜପଥଗୁଡ଼ିକର ଉନ୍ନତି ନିମନ୍ତେ ହାତରେ ଥିବା ଏହି ସବୁ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ରାଜ୍ୟରେ ବାଣିଜ୍ୟ ବ୍ୟବସାୟ ନିଶ୍ଚିତ ପ୍ରସାର ଘଟାଇବା ସଙ୍ଗେ ସଙ୍ଗେ ଏହାର ବ୍ୟାପକ ଶିଳ୍ପାୟନ କାର୍ଯ୍ୟକ୍ରମକୁ ମଧ୍ୟ ସାହାଯ୍ୟ କରିବ ।

ଯୋଗାଯୋଗ ସୁବିଧାର ଉନ୍ନତି ତଥା ଅଭିବୃଦ୍ଧି ସଙ୍ଗେ ସଙ୍ଗେ ରାସ୍ତାରେ ଯାନବାହନ ଚଳାଚଳ ବଢ଼ି ଯାଇଥିବା ଦୃଷ୍ଟିରୁ ସାଧାରଣ ପରିବହନ ବ୍ୟବସ୍ଥାର ଅଗ୍ରଗତି ଘଟିଛି । ନୂତନ ବସ୍ କ୍ରୟ କରିବା ସଙ୍ଗେ ସଙ୍ଗେ କେତେକ ପୁରାତନ ବସକୁ ମରାମତି କରି ଚଳନକ୍ଷମ କରାଇ ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ସଂଖ୍ୟା ବୃଦ୍ଧି ପାଇଁ କାର୍ଯ୍ୟାରମ୍ଭ ହୋଇଛି । ଘରୋଇ ବସଗୁଡ଼ିକର ଚଳାଚଳ ଓ ରାସ୍ତା ପରିବହନ ସମସ୍ୟାର ସମାଧାନ ପାଇଁ ଜାତୀୟକରଣ ହୋଇଥିବା କେତେକ ପଥ (ରୁଟ୍)କୁ ଜାତୀୟକରଣ ବିମୁକ୍ତ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ।

# ସ୍ୱାଧୀନତା ସଂଗ୍ରାମର ସ୍ମୃତି ତୀର୍ଥ : ମେଘପୁର

**ଶ୍ରୀ ପ୍ରଫୁଲ୍ଲ ଦାସ**

କେନ୍ଦ୍ରାପଡ଼ା ଜିଲ୍ଲାନ୍ତର୍ଗତ ରାଜକନିକାର ମାତ୍ର ଦଶ କିଲୋମିଟର ପୂର୍ବ ଦିଗରେ ଅବସ୍ଥିତ ମେଘପୁର ଅସହଯୋଗ ଆନ୍ଦୋଳନର ବହୁ ଘଟଣାଶ୍ରିତ ଗାଁ । ଓଡ଼ିଶାର ଗାନ୍ଧୀ ଆନ୍ଦୋଳନର ପ୍ରଥମ ଶହୀଦ ଦ୍ୱୟ ବାସୁ ସେଠୀ ଓ ବିପ୍ରନି ମହାନ୍ତିଙ୍କ ରକ୍ତରେ ଲୋହିତ 'ସରୋବର' ଶୋଭିତ ଗାଁ ଛପେ । ଏହାର ଚତୁଃପାର୍ଶ୍ୱରେ ସ୍ୱାଧୀନତା ସଂଗ୍ରାମ ତଥା ଐତିହାସିକ କନିକା ପ୍ରଜା ଆନ୍ଦୋଳନ ସହ ଜଡିତ ବହୁ ତୀର୍ଥ କ୍ଷେତ୍ର ବିଦ୍ୟମାନ । ପୂର୍ବ ଦିଗରେ ଅବସ୍ଥିତ ଡେଙ୍ଗୁଲି କୋଳୀ ଗାଁ–ଶହୀଦ ବାସୁ ସେଠୀଙ୍କ ପବିତ୍ର ଜନ୍ମଭୂମି । ବାପ କେଶରୀ ସେଠି ୧୯୦୬ ମସିହା ମେଳିରେ ଯୋଗ ଦେଇଥିବାରୁ ରଜାଘରଠାରୁ ମାଡ଼ଖାଇ ଜମିବାଡ଼ି ହରାଇ ମୁଣ୍ଡ ଟେକିପାର ନଥିଲା । ଲେଙ୍ଗଡ଼ା ହୋଇ ମଲା–ମୁଣ୍ଡ ନୋଇଁ ନଥିଲା । ବାସୁଆ ତା' ଠୁଁ ଟାଣ । ମେଘପୁର ଚଟଶାଳୀର ଶିକ୍ଷକ ଝୁଣ୍ଝୁନୀ କନିକାର ବିପ୍ଳବୀ କବି ଆନନ୍ଦ ବେହେରାଙ୍କଠାରୁ ବିପ୍ଳବଦୀକ୍ଷା ନେଇଥିବା ବାସୁଆ କଥା କଥାକେ କହେ, "ଡରିବ ଯଦି ରାଜମାନେ, କନିକା ଛାଡ଼ିବ ଅଜ୍ଞାନେ" । ଠେଙ୍ଗା ଚକାଇବାରେ ଧୁରନ୍ଧର, ଧନୁ ବାଟୁଳୀରେ ଓସ୍ତାଦ । ଦିହାତରେ ଦିବା ମୁଣ୍ଡର ନ ଧରିଲେ ସେ ଫୁଲବା ଉପରକୁ ବାହାରେ ନା । ଜମିବାଡ଼ି ଶୂନ୍ୟ । ଲୁଗାବାଡ଼ି, କାଠଚିରି ସ୍ତ୍ରୀ ସ୍କୁଲିଟା ପୁଅଝିଅଙ୍କୁ ପୋଷେ । କି ପେଟ ପୋଷା ସେ ! ବଡ଼ ଦିନକ୍ଷା ଜୀବନ । ଦେଶ ସ୍ୱାଧୀନ ହେଲେ, କନିକା ରଜା ଲୋପ ପାଇଲେ, "ସେ ଡାଳରେ ଚଳିବ" । ସେଥିପାଇଁତ "ସୁଙ୍ଗୁ"କୁ ସକାଳିନ ସ୍ତ୍ରୀକୁ କହିଯାଇଥିଲା "ଏ କଳକତି କୁରାଢ଼ୀଟା ତୋ ପାଖରେ ଥାଉ । ମୁଁ ଯଦି ଆଉ ନ ଫେରେଁ ଓ ଦରିଆଁ ପିଆଦା ଯଦି ତୋ'ର ଇଜ୍ଜତ ନେବାକୁ ଚେଷ୍ଟା କରେ, ସେହି କୁରାଢ଼ୀ ତତେ ରକ୍ଷା କରିବ ।




ମେଘପୁରର ଦକ୍ଷିଣ ଦିଗରେ ଅବସ୍ଥିତ ବଜ୍ର ମହାକାଳୀଙ୍କ ମନ୍ଦିର–କନିକା ପ୍ରଜା ଆନ୍ଦୋଳନର ଏକ ପୀଠସ୍ଥଳୀ ଭାବେ ବିବେଚିତ । ମେଳିଆ ପ୍ରଜାମାନେ "ବଜ୍ର ମହାକାଳୀଙ୍କୁ ତାଙ୍କର ଇଷ୍ଟଦେବୀ ଭାବରେ ପୂଜା କରୁଥିଲେ । କେତେ ରୋମାଞ୍ଚକର ସ୍ମୃତି ଗ୍ରଥିତ ସେହି ମନ୍ଦିର ଗାତ୍ରରେ । ଆନ୍ଦୋଳନର ପ୍ରଥମ ଅବସ୍ଥାରେ ନିକଟସ୍ଥ ଆୟତନ ଗ୍ରାମର ହାଟଠାରେ 'ପ୍ରଜାସଭା'ର କେନ୍ଦ୍ରୀୟ କାର୍ଯ୍ୟାଳୟ ଖୋଲାଯାଇଥିଲା । ସେହିଠାରେ ହିଁ ପ୍ରଧାନ କଂଗ୍ରେସ କର୍ମୀ ମଧୁସୂଦନ ପଟ୍ଟନାୟକ ଅଫିସ୍ ପରିଚାଳନା କରୁଥିଲେ । ସେହିଠାରେ ରହି ସେ କଂଗ୍ରେସର ପ୍ରାଥମିକ ସଭ୍ୟ ସଂଗ୍ରହ, ତିଲକ ସ୍ୱରାଜ୍ୟ ପାଣ୍ଠି ପାଇଁ ଅର୍ଥ ସଂଗ୍ରହ ତଥା ସୂତାକଟା ଓ ଅରଟ ପ୍ରଚଳନ ପ୍ରଭୃତି କରୁଥିଲେ । ପ୍ରଜାମାନଙ୍କୁ ବୁଦ୍ଧି ହାରରେ ଖଜଣା ନ ଦେବାପାଇଁ ଓ 'ଗାଁ ବିବାଦ' ଗାଁରେ ସମାଧାନ କରିବା ପାଇଁ ବୁଝାଉ ଥିଲେ । ଏହା ଫଳରେ ୧୯୨୨ ମସିହାରେ ଓଡ଼ିଶାରେ ସର୍ବମୋଟ କୋଡ଼ିଏ ହଜାର ପ୍ରାଥମିକ ସଭ୍ୟ ସଂଗୃହୀତ ହୋଇଥିବା ସ୍ଥଳେ କେବଳ କନିକା ଛାମୁଡାରେ ସ୍ତ୍ରୀ ହଜାର ଲୋକ କଂଗ୍ରେସ ସଭ୍ୟ ହୋଇଥିଲେ । ପ୍ରଜାମାନେ ଜମିଦାରଙ୍କ ଖଜଣା ବନ୍ଦ କରୁଥିବାରୁ ଶୌକିଦାର ଟ୍ୟାକ୍ସ ବନ୍ଦ କରିଦେବାରୁ ଆୟତନ ହାଟରେ ପୋଲିସ ପକ୍ଷରୁ ନିଷେଧାଜ୍ଞା (୧୪୪ ଧାରା) ଜାରୀ କରିଦିଆଗଲା । ତାହା ପରଠାରୁ ମୁଖ୍ୟ କାର୍ଯ୍ୟାଳୟ ଉଠି ଆସିଲା ମେଘପୁର

ଗ୍ରାମଦେବତୀ 'ବନ୍ତ ମହାକାଳୀଙ୍କ ମନ୍ଦିର ପ୍ରାଙ୍ଗଣରୁ । ମେଳି ଶେଷ ହେବା ପର୍ଯ୍ୟନ୍ତ ପ୍ରଜାସଭା ଓ କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟ ସେହି ମନ୍ଦିର ପ୍ରାଙ୍ଗଣରେ ହିଁ ଖୋଲିଥିଲା ।

ମେଘପୁରର ଉତ୍ତର ଦିଗରେ ପ୍ରତିବେଶୀ ଯୋଗଳ ଓ ବର୍ତ୍ତନୀ ଗ୍ରାମ । ଏହି ଯୋଗଳ ଗ୍ରାମ ଭିତରେ ପୋଲିସ୍ ଗୁଳିରେ ବାସୁସେଠି ପ୍ରାଣଦାନ କରିବା ପୂର୍ବରୁ ପୋଲିସକୁ କ୍ଷତବିକ୍ଷତ କରି ଛାଡ଼ିଥିଲେ । ଯୋଗଳ–ମେଘପୁରର ମଧ୍ୟବର୍ତ୍ତୀ ପବିତ୍ର ସ୍ଥାନରେ ଅବସ୍ଥିତ ବେବର୍ତ୍ତା ଶହୀଦ ସରୋବର । ବର୍ତ୍ତନୀ ଗ୍ରାମର ଇତିହାସ ତ କେତେ ନା କେତେ ରୋମାଞ୍ଚକର । ଏହା କେବଳ ଶହୀଦ ବିସୁନିଙ୍କର ଜନ୍ମମାଟି ନୁହେଁ, ଏହା ପ୍ରଜା ଆନ୍ଦୋଳନର ମୁଖ୍ୟନେତା ଦୀନବନ୍ଧୁ ଖଣ୍ଡାୟତରାୟଙ୍କର ମଧ୍ୟ ନିଜଗାଁ । ଖଣ୍ଡେଇତରା ପୁରୁଷାନୁକ୍ରମେ କନିକା ଜମିଦାରଙ୍କର ମୁନାସ୍ତାଗିରୀ କାମ କରୁଥିଲେ । ସେ ଶତକଡ଼ା କେତେ କମିଶନି ନେଇ ପ୍ରଜାଙ୍କଠାରୁ ଖଜଣା ଆଦାୟ କରୁଥିଲେ ଓ ତାକୁ ଜମିଦାର ସିରସ୍ତାରେ ପଇଠ କରୁଥିଲେ । ତାଙ୍କର ନିଜର ମଧ୍ୟ ବିପୁଳ ପରିମାଣରେ ଭୂ–ସମ୍ପତ୍ତି ଥିଲା । ସେ ଧାନ କରଜ ଦେଉଥିଲେ । ଟଙ୍କା ମଧ୍ୟ ନଗାଣ କରୁଥିଲେ । ସେଥିପାଇଁ ପ୍ରଜାମାନଙ୍କ ଉପରେ ତାଙ୍କର ପ୍ରଭୁତ ପ୍ରଭାବ ରହିଥିଲା । ଊନବିଂଶ ଶତାବ୍ଦୀର ପ୍ରାୟ ଷାଠିଏ ବର୍ଷକାଳ ରାଜ୍ୟରେ କୁଶାସନ ଯୋଗୁଁ ଜମିଦାରୀ କୋର୍ଟ ଅଫ୍ ୱାର୍ଡ଼ସ ଅଧୀନରେ ରହିଥିଲା । ତେଣୁ ମୁସ୍ତାଗିରୀମାନଙ୍କର ମଧ୍ୟ ପ୍ରଭାବ ବଢ଼ିଯାଇଥିଲା । ଦୀନବନ୍ଧୁଙ୍କ ନେତୃତ୍ୱରେ ୧୯୦୪ ଓ ୧୯୦୬ରେ ଦୁଇଥର କନିକାରେ ପ୍ରଜାମେଳି ହୋଇଥିଲା । ମେଳିରେ ମୁସ୍ତାଗିରୀଙ୍କ ଭୂମିକାକୁ ବିସ୍ତର କରି ୧୮୯୯–୯୪ରେ ହୋଇଥିବା ସଖାଓ୍ୱତହୋସେନ୍ ବନ୍ଦୋବସ୍ତ ରିପୋର୍ଟରେ ମୁସ୍ତାଗିରୀ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ସାଧନ ପାଇଁ ସରକାରଙ୍କୁ ସୁପାରିଶ କରିଥିଲେ । ସେହି ଅନୁସାରେ ସେହି ପ୍ରଥାର ଉଚ୍ଛେଦ ହେଲା ସତ କିନ୍ତୁ ଖଣ୍ଡାୟତରାୟଙ୍କ ପ୍ରଭାବ ସାମାନ୍ୟ ହ୍ରାସ ପାଇ ନଥିଲା । ସୁତରାଂ ୧୯୧୬ ମସିହାରେ ଯେତେବେଳେ କନିକାରେ ବନ୍ଦୋବସ୍ତି ପ୍ରକାର କର ଆଦାୟ ହେଲା ଏବଂ ଖଜଣା ଆଖିବୁଜି ବଢ଼ାଇ ଦିଆଗଲା ସେତେବେଳେ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ତାହା ବିରୋଧରେ ପ୍ରଜା ଆନ୍ଦୋଳନର ସୂତ୍ରପାତ ହେବା ସ୍ୱାଭାବିକ ଥିଲା । ସେହି ଆନ୍ଦୋଳନରେ ଅନ୍ୟାନ୍ୟ 'ପ୍ରଜାସଭା' କର୍ମୀଙ୍କ ସହ ଥିଲେ ଶହୀଦ ବିସୁନି ମଲୁଆଳ, ଖଣ୍ଡାୟତରାୟଙ୍କ ମୁଖ୍ୟ ସହକର୍ମୀ ।

ବାସୁ ସେଠିଙ୍କ ଭଳି ଶହୀଦ ବିସୁନି ଭୂମିହୀନ ଶ୍ରମିକ ନଥିଲେ । ସେ ଥିଲେ ଜଣେ କ୍ଷୁଦ୍ର କୃଷୀ ଓ ଖଣ୍ଡାୟତରାୟଙ୍କ ତାହାଙ୍କାତ । ସେ ମଧ୍ୟ ବାସୁଙ୍କ ଭଳି ଥିଲେ ଜଣେ ମଲ୍ଲବୀର । ଠେଙ୍ଗା, ତରବାରୀ ଓ ବାଟୁଳୀ ଚଳାଇବାରେ ଅଦ୍ଭୁତ ଦକ୍ଷତା ଅର୍ଜନ କରିଥିଲେ । ଭାରୀ ସତ୍ୟବାଦୀ ଓ ନିର୍ଭୀକ ଥିଲେ ବିସୁନି । "ନବାବ ମୁହଁରେ ଜବାବ ଦେବା" ଲୋକ । ମେଘପୁର ଗାଁ ମୁଣ୍ଡ ମଙ୍ଗିଷି ଗୋଠରେ ଯେଉଁଦିନ ରାଜାଙ୍କ [illegible] ଓ ବ୍ରିଟିଶ ପୋଲିସ୍ ସହ ପ୍ରଜାସଭାର ଲଢ଼େଇ ହେଲା, ସେଦିନ ସକାଳୁ ବର୍ତ୍ତନୀ ଗାଁରେ ସାଜ ସାଜ ରବ । ଖାଲି ଗାଁ [illegible] ନୁହଁନ୍ତି ଆଖପାଖ ସବୁଲୋକଙ୍କ ଆଗରେ ବିସୁନି ମଲୁଆଳ । ତିତାଏ ଉଚ୍ଚା ଠେଙ୍ଗା, କାନ୍ଧରେ ଧନୁବାଟୁଳି, କପାଳରେ ବନ୍ତମହାକାଳୀଙ୍କ ସିନ୍ଦୁର । ସେ ଭୟଙ୍କରିଆ ଚେହେରା ଦେଖି ଚମକି ପଡ଼ିଥିଲା ସ୍ତ୍ରୀ । ମୁଁଥ ନରେନ୍ଦ୍ର [illegible] ଯୋଗୀନ୍ଦ୍ରଙ୍କୁ କୁଣ୍ଢେଇଧରି କାନ୍ଦି ପକାଇଥିଲା ସେ । ଚିଡ଼ି ଉଠିଥିଲା ବିସୁନି । ଧମକ ଦେଇ କହିଥିଲା, "ନ ଫେରିଲେ କାନ୍ଦିବୁ ନାହିଁ । କଲକତି ପନିକିକୁ ରଖିଥିବୁ ମୁଣ୍ଡିଆ କରି । ସେ ତୋତେ ରକ୍ଷା କରିବ । ତୋ ଦେହରେ କେହି ହାତ ଲଗାଇଲେ, ତୁ ସେ ଦେହରେ ପନିକି ଲଗେଇ ଦେବୁ, ନ ହେଲେ ନିଜ ବେକରେ ବସେଇ ଦେବୁ ।' "ଜୟଜୟ" ଶବ୍ଦକରି ଆଗେ ଆଗେ ଧାଇଁଥାଏ ବିସୁନି ମଲୁଆଳ । ହଜାର ହଜାର ପ୍ରଜାଙ୍କର ଲକ୍ଷ୍ୟସ୍ଥଳ ସେହି ମେଘପୁର ।



ମେଘପୁର ଉତ୍ତର ଦିଗ ମଙ୍ଗିଷିଗୋଠରେ ୧୯୨୨ ମସିହା [illegible] ତେଇଶ ତାରିଖରେ ପାଞ୍ଚହଜାର କନିକା ପ୍ରଜାଙ୍କ ସହ ଯୁଦ୍ଧ ହୋଇଥିଲା ବ୍ରିଟିଶ ପୋଲିସ ଫୌଜଦାର ପୋଲିସ୍ [illegible] କୁଖ୍ୟାତ ରାୟବାହାଦୁର ଶ୍ରୀକୃଷ୍ଣ ମହାପାତ୍ର । ବେବର୍ତ୍ତା ପୋଖରୀ ମେଘପୁର ଗାଁ ବାଲାଙ୍କର ମୌରସୀ ସମ୍ପତ୍ତି ।

ବେବର୍ତ୍ତା ଶହୀଦ ସରୋବର । କେତେ ରୋମାଞ୍ଚକର ଇତିହାସର ମୂକସାକ୍ଷୀ ସେ । ଅଷ୍ଟାଦଶ ଶତାବ୍ଦୀରେ [illegible] କନିକା ରାଜା ତ୍ରିବିକ୍ରମ ଭଞ୍ଜଙ୍କ ରାଜତ୍ୱ କାଳରେ [illegible] ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା । ଅନାହାରକ୍ଲିଷ୍ଟ ପ୍ରଜାଙ୍କୁ ବଞ୍ଚାଇବା ପାଇଁ ବେବର୍ତ୍ତା ସଂଜ୍ଞାଧାରୀ କେହି ଜଣେ [illegible] ଅନାହାର ପୀଡ଼ିତ ଲୋକଙ୍କୁ କାମ ଯୋଗାଇ [illegible] ଦେବାପାଇଁ ଖୋଳାଇଥିଲେ ସେହି ବିଶାଳ ପୁଷ୍କରିଣୀ । [illegible] ଯୁଗରେ ସେ ଭଳି ବଦାନ୍ୟତା କିଛି ସାଧାରଣ ଘଟଣା ନ ଥିଲା । କିନ୍ତୁ ବେବର୍ତ୍ତା ମହାଶୟ ଅସାଧାରଣ କାର୍ଯ୍ୟ କରିଥିଲେ । ପୋଖରୀ ଖୋଳା ସରିବାପରେ ଅନୁଷ୍ଠିତ ପ୍ରତିଷ୍ଠା [illegible] ଉପକୃତ ଗ୍ରାମବାସୀ ଯେତେବେଳେ ବେବର୍ତ୍ତାଙ୍କର [illegible] କଲେ, ସେତେବେଳେ ସେ ବାଧାପାଇଥିଲେ [illegible] ବେବର୍ତ୍ତାଙ୍କଠାରୁ । ସେ ଗ୍ରାମବାସୀଙ୍କୁ ଅନୁରୋଧ କଲେ, [illegible] ଜୟଗାନ ନ କରି ଆପଣମାନେ ଯଦି ମୋର [illegible] ଖୁସିଛନ୍ତି–ତେବେ ଠାକୁରଙ୍କୁ ଜଣାନ୍ତୁ, ଯେପରିକି ଏହି ବେବର୍ତ୍ତା [illegible]

ବଂଶରେ କେହି ନ ରହୁ କିମ୍ବା ଏହି ପୁଷ୍କରିଣୀର କେହି ଉତ୍ତରାଧିକାର ଦାବି ନ କରୁ । ସ୍ତବ୍ଧ ହୋଇଯାଇଥିଲେ ସମସ୍ତ ଗ୍ରାମବାସୀ । ସମସ୍ତଙ୍କ ଚକ୍ଷୁ ଲୋତକାର୍ଦ୍ର ହୋଇ ଯାଇଥିଲା । ବେବର୍ତ୍ତାଙ୍କ ବାରମ୍ବାର ଅନୁରୋଧରେ ଶେଷରେ ବାଧ୍ୟ ହୋଇ ପ୍ରାର୍ଥନା କରିଥିଲେ କୃତଜ୍ଞ ଦେଶବାସୀ "ହେ ଠାକୁରେ, ବେବର୍ତ୍ତାଙ୍କର ଇଚ୍ଛା ପୂର୍ଣ୍ଣ କର ।"

ସେହି ରୋମାଞ୍ଚକର ଚରମ ଆତ୍ମତ୍ୟାଗ ଭାସ୍ୱର ବେବର୍ତ୍ତା ପୁଷ୍କରିଣୀର ପଶ୍ଚିମ ତୀରରେ ୧୯୨୨ ମସିହା ଏପ୍ରିଲ ତେଇଶ ତାରିଖରେ ହୋଇଥିଲା ଐତିହାସିକ କନିକା ପ୍ରଜାଆନ୍ଦୋଳନର ରକ୍ତାକ୍ତ ସଂଘର୍ଷ, କନିକା ପ୍ରଜା ଏବଂ କନିକା ଦରବାରୀ ଫୌଜ ଓ ବ୍ରିଟିଶ ପୋଲିସର ମିଳିତ ଶକ୍ତି ଭିତରେ । ଘଣ୍ଟା ଘଣ୍ଟାଧରି ହୋଇଥିବା ସେହି ଯୁଦ୍ଧ ପୋଲିସ ଗୁଳିଚାଳନାରେ ପରିସମାପ୍ତ ହୋଇଥିଲା । ସେଥିରେ ପ୍ରାଣ ବିସର୍ଜନ କଲେ ଶହୀଦ ବାସୁ ଓ ବିଘୁନି ଏବଂ ରକ୍ତାକ୍ତ ଓ କ୍ଷତବିକ୍ଷତ ହୋଇ ଥିଲେ ଉଭୟ ପକ୍ଷରୁ ଅସଂଖ୍ୟ ଲୋକ ।

ନିଃସ୍ୱାର୍ଥପରତାରେ ଅଭିମନ୍ତ୍ରିତ ବେବର୍ତ୍ତା ଶହୀଦ ସରୋବର ବାସୁ ବିଘୁନିଙ୍କ ଚରମ ଆତ୍ମତ୍ୟାଗରେ ପବିତ୍ରୀକୃତ ହେଲା ଏବଂ ସରୋବରର ଜଳରାଶି ରକ୍ତଲୋହିତ ବର୍ଣ୍ଣ ଧାରଣ କଲା । ସେହି ଐତିହାସିକ ଘଟଣାର ସ୍ମାରକୀ ସଦୃଶ ସରୋବରର ପଶ୍ଚିମତୀରରେ ନିର୍ମିତ ହୋଇଛି ଏକ ସୁଉଚ୍ଚ ସ୍ମୃତି ସ୍ତମ୍ଭ, ଯାହାର ଶୀର୍ଷ ଦେଶରେ ଏକ ଜାଜ୍ଜ୍ୱଲ୍ୟମାନ ଦୀପଶିଖା ଏବଂ ଶହୀଦଙ୍କର ଶୋଣିତ ଧାରରେ ସ୍ମୃତିସ୍ତମ୍ଭ ଯେମିତି ରକ୍ତାକ୍ତ । କନିକାର ପ୍ରଜା ଆନ୍ଦୋଳନ ଓ ଅସହଯୋଗ ବିପ୍ଳବର ମୁଖ୍ୟ ମନ୍ତ୍ରଦାତା ଉତ୍କଳମଣି ଗୋପବନ୍ଧୁଙ୍କ ପବିତ୍ର ସ୍ମୃତି ସ୍ମରଣ କରୁଅଛି ସରୋବରର ଦକ୍ଷିଣ ତୀରରେ ପ୍ରତିଷ୍ଠିତ ଗୋପବନ୍ଧୁ ମୂର୍ତ୍ତି । ପାଦଦେଶରେ "ବନ୍ଦୀର ଆତ୍ମକଥା"ର ସେହି ରୋମାଞ୍ଚକର ପଙ୍କ୍ତି ଗୁଡିଗୋଟି :—

ନିରୀହ ନିର୍ଦ୍ଦୋଷ ପବିତ୍ର ଶୋଣିତ,
କରିଛି କନିକା ଭୂମି ଯହିଁ ସିକ୍ତ ।
ସେ ଶୁଦ୍ଧ ମୃତ୍ତିକା ଲଗାଇ ମୋ ଶିରେ,
ଦେଖି ନେତ୍ର ନୀର ସରୋବର ତୀରେ ।
ଲଭି ପାରଥାନ୍ତି ପରାଣେ ସାନ୍ତ୍ୱନା,
ଅପୂର୍ଣ୍ଣ ରହିଲା ଆହା ଏ ବାସନା ।"

ଠିକ୍ ସେହିଭଳି ମେଘପୁର ଗ୍ରାମର ଦକ୍ଷିଣ ଦିଗରେ ମଧ୍ୟ ଉତ୍କଳମଣିଙ୍କର ଆଉ ଏକ ବିଶାଳ ପ୍ରତିମୂର୍ତ୍ତି ଉତ୍କୀର୍ଣ୍ଣ ।

"ବନ୍ଦୀର ଆତ୍ମକଥା"ର ଅନ୍ୟ ଏକ ପଙ୍କ୍ତିରେ ଉଲ୍ଲେଖ ଅଛି ।

କନିକାର ରାଜଧାନୀ ଚଉପାଶେ
ପ୍ରେତଆତ୍ମା କେନି ଉଡ଼ଇ ଆକାଶେ
ବିନ୍ଦୁ ବିନ୍ଦୁ ରକ୍ତ ପଡ଼େ ଚହିଁଟକେ
ସେ ଜଳେ ଭୀଷଣ ଅଗ୍ନିଶିଖା ଜଳେ
ସିଞ୍ଚି ସିଞ୍ଚି ଗୁଖେ ଗଙ୍ଗାନଦୀ ଜଳ
ନ ଲିଭି ପ୍ରବଳ ଜଳେ ସେ ଅନଳ ।

ମେଘପୁର ଗ୍ରାମର ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ ଯାଏ ଏକଦା ଅସହଯୋଗ ଆନ୍ଦୋଳନରେ କାରାକକ୍ଷକୁ ପବିତ୍ର କରିଥିବା କେତେ ମହାପୁରୁଷଙ୍କ ଜନ୍ମମାଟି—ପ୍ରାତଃସ୍ମରଣୀୟ ଫକୀର ବେହେରା, ନାଥ ରାଉତ, ବୀରବର ସାହୁ ଓ କୁଞ୍ଜ ବିହାରୀ ବେହେରା ପ୍ରଭୃତି । ତାହାରି ଭିତରେ ଗଙ୍ଗାଧର ପଣ୍ଡାଙ୍କର ବାହାରଘର ଯାହାକି ସେ ଯୁଗରେ ଗ୍ରାମର ଏକମାତ୍ର ଚାଟଶାଳୀ ରୂପେ ବ୍ୟବହୃତ ହେଉଥିଲା । ଶିକ୍ଷକ ଥିଲେ 'ଦୁଃଖିନୀ କନିକା'ର ପ୍ରଥିତଯଶା ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନା । ପିଲାଙ୍କ ଛୁଟି ହେଲେ ପ୍ରୌଢ଼ଙ୍କ ଭିଡ଼ଲାଗୁଥିଲା ସ୍କୁଲଘରେ—ଫକୀର, ନାଥ, ବୀର ଓ କୁଞ୍ଜମାନଙ୍କର ଏବଂ ସେମାନଙ୍କ ସହ ଛୁଟି ଯାଉଥିଲେ ଦିନେ ଦିନେ ତେନ୍ତୁଳିକୋଳି ଗାଁର ବାସୁ ସେଠି । ତା'ର ଖଟଣୀ ଗାଁ ମେଘପୁର । ଲୁଗାପଟାରେ ଗଣ୍ଡିଲିଟା କାନ୍ଧରେ ପକାଇ କେବେ କେବେ ଚୁପ୍ ଚାପ୍ ବସିଯାଏ ପିଣ୍ଡାଉପରେ । "ଦୁଃଖିନୀ କନିକା"ର ପାଣ୍ଡୁଲିପି, ଆନନ୍ଦମାଷ୍ଟ୍ରେ ପଢୁଥିବାବେଳେ ସେଥିରୁ ଗୁଣି ପକାଏ ଦି ଧାଡ଼ି :—

"ହାକିମ ଚିଡିଲେ ଚିଡ଼ନ୍ତୁ, ଜିଲ୍ଲାର ଭିତରୁ ତଡ଼ନ୍ତୁ,
ତନୁରୁ ମାଉଁସ ଖାଡ଼ନ୍ତୁ, ଅଥବା ମସ୍ତକ ମୋଡ଼ନ୍ତୁ
ଏଥିକି ନାହିଁ ମୋର ଡ଼ର, ଭରସା ମୋ ଭାରତେଶ୍ୱର
ତରିବ ଯଦି ଭାଇମାନେ, କନିକା ବୁଡ଼ିବ ଅଜ୍ଞାନେ,
ଇତ୍ୟାଦି ।"

ସତକୁ ସତ ଦିନେ ସେୟା ଘଟିଲା । ମେଳିରେ କନିକା ଉଠିଲା ପଡ଼ିଲା । ଆନନ୍ଦମାଷ୍ଟ୍ରଙ୍କ ସବୁ ଶିଷ୍ୟ ଜେଲ୍ ଗଲେ । ବାସୁ ବିଘୁନି ପୋଲିସ ଗୁଳିରେ ପ୍ରାଣ ଦେଲେ । 'ଦୁଃଖିନୀ କନିକା' ବହି ବେଆଇନ୍ ହେଲା ଏବଂ ଶେଷରେ ଆନନ୍ଦଚନ୍ଦ୍ରଙ୍କର ଜମିବାଡ଼ି ବାଜ୍ୟାପ୍ତ ହେଲା । ସେ କନିକାରୁ ହେଲେ ନିର୍ବାସିତ ଚିରଦିନ ପାଇଁ । କେନ୍ଦ୍ରାପଡ଼ା ହଜାରି ବଗିଚାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ସେ । ସେ ସବୁ କୀର୍ତ୍ତିକଳାପର ଏକ୍ଟୁତିଶାଳ ଥିଲା ମେଘପୁର ଗ୍ରାମ ।

କନିକାର ତତ୍କାଳୀନ ବହୁଲୋମହର୍ଷଣକାରୀ ଘଟଣାବଳୀର ହୃଦୟସ୍ପର୍ଶୀ ବର୍ଣ୍ଣନା ସମ୍ବଳିତ "ଦିନଲିପି"ର ଲେଖକ ସ୍ୱନାମଧନ୍ୟ ସ୍ୱର୍ଗତ ଲଯୋଧର ମହାପାତ୍ରଙ୍କ ସମ୍ପର୍କରେ ଡକ୍ଟର ହରେକୃଷ୍ଣ ମହତାବ କହନ୍ତି "ଶ୍ରୀ ଲଯୋଦର ମହାପାତ୍ରଙ୍କ ଡାଏରୀଟି ଅତି ମୂଲ୍ୟବାନ । ତାହା ଓଡ଼ିଶା ମ୍ୟୁଜିୟମରେ ସଂରକ୍ଷିତ ହେବା ପାଇଁ ଯୋଗ୍ୟ ଅଟେ ।" ଏକଦା ଜଣେ ରାଜକର୍ମଚାରୀ ଶ୍ରୀ ମହାପାତ୍ର ତାଙ୍କର କର୍ତ୍ତବ୍ୟରେ ଯେତିକି ନିଷ୍ଠାବାନ୍ ଥିଲେ ପ୍ରଜା ଆନ୍ଦୋଳନ ପ୍ରତି ତାଙ୍କର ସହାନୁଭୂତି ଥିଲା ତତୋଧିକ ଗଭୀର ଓ ଆନ୍ତରିକ । ତାହା ତାଙ୍କର ଦିନଲିପିର ପ୍ରତି ଛତ୍ରରେ ଝଙ୍କୃତ ହୋଇଥିଲା ।

ଶହୀଦ ବାଘୁ ବିସୁନିଙ୍କ ଆତ୍ମତ୍ୟାଗ ତାଙ୍କ ମନରେ ଏତଲି ଗଭୀର ରେଖାପାତ କରିଥିଲା ଯେ ସେ ସମ୍ପର୍କରେ ଡାଏରୀରେ ଉଲ୍ଲେଖ କରିଥିଲେ "ପୋଲିସ ଗୁଳିରେ ବାଘୁ ଓ ବିସୁନି ପ୍ରାଣଦେବା ଘଟଣାରେ ପ୍ରକୃତିରାଣୀ ମଧ୍ୟ ଶୋକାକୁଳା ହୋଇ ଯାଇଥିଲେ । ସେଦିନ ଘୁରିଆଡ଼େ ଅଦିନ କୁହୁଡ଼ି ଘୋଟି ଯାଇ ଥିଲା ଓ ସମୁଦ୍ରର ଲୁଣିପାଣି ମାଡ଼ିଆସି ଡୋର ଓ ପୋଖରୀମାନ ପୂର୍ଣ୍ଣ କରି ଦେଇଥିଲା ।" ଏହିଭଳି ପ୍ରଜାଆନ୍ଦୋଳନ ସମ୍ପର୍କରେ ବହୁ ଦରଦଭରା ବର୍ଣ୍ଣନା ଭରି ରହିଛି ମହାପାତ୍ରଙ୍କର ଦିନଲିପିରେ ।

କନିକା ପ୍ରଜାଆନ୍ଦୋଳନର ପ୍ରତିପଦକ୍ଷେପରେ ଆତ୍ମତ୍ୟାଗ ଉତ୍ସର୍ଗୀକୃତ ଏହିଭଳି ବହୁ ରୋମାଞ୍ଚକର ସ୍ମୃତି ବିଜଡ଼ିତ ମେଘ୍ନ ଗ୍ରାମ ଦେଶର ଗର୍ବ ଓ ଗୌରବ ।


ଅଗ୍ନିଯୁଗ ଆଶ୍ରମ,
ରାଜକନିକା, କେନ୍ଦ୍ରାପଡ଼ା

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ହାରାହାରି ୧୧୭୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଚାହିଦା ଥିବା ସ୍ଥଳେ, ୧୪୯୧ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ହେଉଛି । ଶକ୍ତିର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ ଓ ସଞ୍ଚାରଣ ତଥା ବଣ୍ଟନରେ ଅଧିକ ଦକ୍ଷତା ଆଣିବା ପାଇଁ ବର୍ତ୍ତମାନର ଶକ୍ତି ସାମର୍ଥ୍ୟକୁ ପୁନର୍ବାର ବୃଦ୍ଧି କରିବାକୁ ରାଜ୍ୟର ଶକ୍ତି କ୍ଷେତ୍ରରେ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି । ରାଜ୍ୟର ଶକ୍ତି ଶିଳ୍ପରେ ଅର୍ଥ ବିନିଯୋଗ କରିବା ପାଇଁ ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ସରକାର ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏ ପର୍ଯ୍ୟନ୍ତ ରାଜ୍ୟର ୩୨,୬୦୮ଟି ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି ଏବଂ ବଳକା ଥିବା ୧୪,୨୯୯ଟି ଗ୍ରାମକୁ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ପାଇଁ ଆନୁଷଙ୍ଗିକ କାର୍ଯ୍ୟ ହାତକୁ ନିଆଯାଇଛି । ଆଦିବାସୀ ଓ ହରିଜନ ବସ୍ତିକୁ ବିଦ୍ୟୁତୀକରଣ, କୁଟୀର-ଜ୍ୟୋତି ସଂଯୋଗ, ଗ୍ରାମ୍ୟ ରାସ୍ତାରେ ବିଦ୍ୟୁତ ଆଲୋକ, ଉଠା ଜଳସେଚନ ପମ୍ପଗୁଡ଼ିକୁ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ଇତ୍ୟାଦି କାର୍ଯ୍ୟ ସନ୍ତୋଷଜନକ ହୋଇପାରିଛି । ରାଜ୍ୟରେ ବିଭିନ୍ନ ଧରଣର ଶକ୍ତି ବ୍ୟବହାରକାରୀ ଖାଉଟିମାନେ ଉପକୃତ ହେବା ପାଇଁ ଏକ ସୁକ୍ଷମ ତଥା ସୁଦକ୍ଷ ସଞ୍ଚାର ବ୍ୟବସ୍ଥା ସମେତ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ରାଜ୍ୟରେ ଅଧିକ ୧୬୦୦ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦିତ ହୋଇପାରିବ ବୋଲି ଆଶା କରାଯାଏ ।

# ଗାନ୍ଧିଜୀଙ୍କ ଚିନ୍ତା ଚେତନାରେ ଓଡ଼ିଶା

ଶ୍ରୀ ସୌରୀବନ୍ଧୁ କର

ସ୍ୱାଧୀନତାର ପଚାଶ ବର୍ଷ ପୂରିଲା । ଓଡ଼ିଶା ପ୍ରଦେଶ ଗଠନ ହେବାର ଆଜକୁ ୬୨ ବର୍ଷ ହେଲା । ଗାନ୍ଧିଜୀ ୧୯୨୧ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଆସିଥିଲେ । ଗାନ୍ଧିଜୀ ଥିଲେ ଏକମାତ୍ର ଭାରତୀୟ ଯେ କି ସମଗ୍ର ଭାରତର ପ୍ରତି ପ୍ରଦେଶ ଓ ପ୍ରତି ଅଞ୍ଚଳ ବୁଲି ଲୋକମାନଙ୍କ ସହିତ ପ୍ରତ୍ୟକ୍ଷ ଜୀବନ୍ତ ସମ୍ପର୍କ ସ୍ଥାପନ କରିଥିଲେ । ସେ ବହୁ ଥର ସମସ୍ତ ଓଡ଼ିଶାକୁ ଆସିଥିଲେ ମଧ୍ୟ ତାଙ୍କ ଚିନ୍ତା ଓ ଚେତନାରେ ଓଡ଼ିଶା ଯେଉଁ ସ୍ଥାନ ଅଧିକାର କରିଥିଲା, ସେଥିରୁ ଗାନ୍ଧୀଙ୍କର ମାନବତାବାଦର ରୂପ ପ୍ରକାଶ ପାଏ ।



ଗୋପବନ୍ଧୁ ବାବୁ ଗାନ୍ଧିଜୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲେ ଯେତେବେଳେ ଗାନ୍ଧିଜୀ କଲିକତାରେ ନିଖିଳ ଭାରତ କଂଗ୍ରେସର ବିଶେଷ ଅଧିବେଶନରେ ଯୋଗ ଦେଇଥିଲେ । ଏହା ଥିଲା ୧୯୨୦ ମସିହା ସେପ୍ଟେମ୍ବର । ଗାନ୍ଧିଜୀ ୧୯୨୧ ମାର୍ଚ୍ଚ ୨୩ ତାରିଖ ଦିନ ଓଡ଼ିଶାରେ ପଦାର୍ପଣ କରିଥିଲେ । କାଠଯୋଡ଼ି ବାଲିରେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଗାନ୍ଧିଜୀ ଓଡ଼ିଶା ଆସିବା ପୂର୍ବରୁ ୧୯୨୦ ମସିହା ମଇ ମାସ ୯ ତାରିଖରେ ତାଙ୍କର ଗୁଜରାଟି ପତ୍ରିକା 'ନବଜୀବନ'ରେ 'ଓଡ଼ିଶାରେ ଦୁର୍ଭିକ୍ଷ' ଲେଖାରେ ସାହାଯ୍ୟ ପାଇଁ ନିବେଦନ କରିଥିଲେ । ସେ ଲେଖିଥିଲେ, "ଓଡ଼ିଶା ଭାରତର ଏକ ଦରିଦ୍ରତମ ଅଞ୍ଚଳର ଅଂଶ ବିଶେଷ । ସବୁ ଦିଗରେ ସେଠା ଲୋକେ ପଛରେ ପଡ଼ିଥିବାରୁ ସେଠା ଲୋକଙ୍କ ଦୁର୍ଦ୍ଦଶା ଆମ କାନକୁ ଆସେ ନାହିଁ । ××× ଆମେ ଯେଉଁମାନେ ଭାରତୀୟ ବୋଲି ଗର୍ବ ଅନୁଭବ କରୁଛୁ, ଆମର ଧର୍ମତଃ କର୍ତ୍ତବ୍ୟ ହେଉଛି ଭାରତର କୌଣସି ଅଞ୍ଚଳ ଦୁଃଖ ଭୋଗ କଲେ, ଆମେ ନିଜେ ଦୁଃଖ ଭୋଗ କରିବା । ଓଡ଼ିଶାର ଦୁଃଖରେ ବିଚଳିତ ନ ହୋଇ କିପରି ଆମେ ରହି ପାରିବା ?" ଗାନ୍ଧିଜୀ ଓଡ଼ିଶାର ଦୁର୍ଭିକ୍ଷ ସମ୍ବନ୍ଧରେ ଜାଣିବା ପାଇଁ ଶ୍ରୀ ଅମୃତଲାଲ ଠକ୍କରଙ୍କୁ ଓଡ଼ିଶା ପଠାଇଥିଲେ ଓ ତାଙ୍କର ରିପୋର୍ଟକୁ ନବଜୀବନରେ ପ୍ରକାଶ କରାଇଥିଲେ ।

୧୯୨୧ କଟକର କାଠଯୋଡ଼ି ବାଲି ସଭାରେ ଗାନ୍ଧିଜୀ ଇଂରେଜୀ ଶିକ୍ଷାର ବ୍ୟର୍ଥତା ସମ୍ପର୍କରେ ଭାଷଣ ଦେଇଥିଲେ । ଏହି ସଭାରେ ଗୋପବନ୍ଧୁ ସଭାପତିତ୍ୱ କରିଥିଲେ । ପଣ୍ଡିତ ଗୋପବନ୍ଧୁ ମହାତ୍ମାଙ୍କୁ ସ୍ୱାଗତ କରିବା ଅବକାଶରେ କହିଥିଲେ, "ଆଜି ମହାତ୍ମାଙ୍କ ସମ୍ମୁଖରେ ମୁଁ କହୁଅଛି ଯେ, ଉତ୍କଳବାସୀ, ପୁରୀବାସୀ ଦୁର୍ଭିକ୍ଷ ପ୍ରପୀଡ଼ିତ ହେଲେ ମଧ୍ୟ ସେମାନେ ଅସହଯୋଗ ମହାଯଜ୍ଞରେ ପ୍ରାଣ ବିସର୍ଜନ କରି ଜାତୀୟତାର ପ୍ରମାଣ ଦେଖାଇ ଅଛନ୍ତି । ଉତ୍କଳ ଏତେ ନିର୍ଯ୍ୟାତନା ଭୋଗ କରି ଏତେ ଦିନ ଯେ ତିଷ୍ଠି ଅଛି, ତାହା ବୃଥା ନୁହେଁ । ××× ଉତ୍କଳ ଯୁଗେ ଯୁଗେ ଉଦାରତା ଦେଖାଇଅଛି । ନାନା ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଲୋକେ ଉତ୍କଳରେ ଏକୀଭୂତ । ପୁରୀ ଧାମରେ ଜାତି ଭେଦ ନାହିଁ । ଆଜି ମହାତ୍ମାଗାନ୍ଧୀଙ୍କ ଶୁଭାଗମନ ଉତ୍କଳ ଇତିହାସରେ ଏକ ନୂତନ ଚିରସ୍ମରଣୀୟ ଘଟଣା ।" ଗାନ୍ଧିଜୀ ଓଡ଼ିଶା ବୁଲିବା ପରେ 'ଇୟଙ୍ଗ ଇଣ୍ଡିଆ' ପତ୍ରିକାରେ ଲେଖିଥିଲେ, "ଓଡ଼ିଶାରେ କଙ୍କାଳର ଦୃଶ୍ୟ ଦେଖିବି ବୋଲି ମୁଁ ପ୍ରସ୍ତୁତ ଥିଲି; କିନ୍ତୁ ଯାହା ଦେଖିଲି ସେତେ ମୁଁ ଆଶା କରିନଥିଲି । ମୁଁ ଭୀଷଣ ଦୃଶ୍ୟମାନ ଦେଖିଛି, କିନ୍ତୁ ଯାହା ଦେଖିଲି ତାହା ଆହୁରି ଭୀଷଣ । ××× ସେମାନେ ଚିତ୍କାର କରି, ଦୟାର୍ଦ୍ର ସ୍ୱରରେ କହିଲେ, 'ଆମେ ଖାଦ୍ୟ ଖୁଜୁଁ' । କେହି କେହି ପଚାରିଲେ, 'କେତେ ଦର କମିବ ?'" ବହୁଲୋକଙ୍କ ପକ୍ଷରେ ସ୍ୱରାଜ୍ୟର ଅର୍ଥ ଅନ୍ନ ଓ ବସ୍ତ୍ର– ବସ୍ତ୍ର ସେତେ ନୁହେଁ । ଶରୀରର ନିମ୍ନ ଅଂଶ ଢାଙ୍କିବା ପାଇଁ କନା ଖଣ୍ଡେ ଯଥେଷ୍ଟ, କିନ୍ତୁ ଅନ୍ନ ସେମାନଙ୍କର ନିତାନ୍ତ ଦରକାର । ଗାନ୍ଧିଜୀଙ୍କ ମନ ଭିତରେ ଓଡ଼ିଶା କିପରି ସ୍ଥାନ ଆବୋରି ନେଇଥିଲା ତାହା ରାମଚନ୍ଦ୍ରନଙ୍କୁ ହିନ୍ଦୁ–ମୁସଲମାନ ଏକତା ପାଇଁ ଉପବାସ କଲାବେଳେ କହିଛନ୍ତି, "ତାସ୍ତରେ ପୁଷ୍ଟ ଅବସ୍ଥାରେ ଓଡ଼ିଶା ମୋ ମନରେ ଖୁନ୍ଦି ରହିଛି । ବୁଭୁକ୍ଷିତ ଲକ୍ଷ

ଲକ୍ଷ ଲୋକଙ୍କ ପାଇଁ ଯାହା ଆବଶ୍ୟକ ତାହା ହିଁ ମୋତେ ସୁନ୍ଦର । ପ୍ରଥମେ ଜୀବନର ଅତ୍ୟାବଶ୍ୟକ ଜିନିଷ ଆମେ ଯୋଗାଉଁ, ତା'ପରେ ଜୀବନର ସୌନ୍ଦର୍ଯ୍ୟ ଓ ଅଳଙ୍କାର ଆପେ ଆପେ ଆସିବ ।"

ଭାରତର ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶା ଗରିବ ଏବଂ ଭଲ ଖଣ୍ଡିଏ ପିନ୍ଧିବା ଓ ଗଣ୍ଡିଏ ଖାଇବା ଏମାନଙ୍କ ଭାଗ୍ୟରେ ଜୁଟୁ ନଥିବା ବେଳେ ଅନ୍ୟମାନେ ପୋଷାକ ପିନ୍ଧିବା ଅନ୍ୟାୟ ବୋଲି ତାଙ୍କ ମନରେ ଧାରଣା ହୋଇଥିଲା । ତେଣୁ ସେ ପୁରୀର ଶରଧାବାଲିରେ ଯେଉଁ ବିରାଟ ସଭା ହୋଇଥିଲା ସେଥିରେ ସେ ନିଜର ପରିଚ୍ଛଦ ତ୍ୟାଗ ସଂକଳ୍ପ ଘୋଷଣା କରିଥିଲେ । ଦୁଃଖୀ ଦରିଦ୍ରଙ୍କ ପ୍ରତି ତାଙ୍କର ସମବେଦନା ତାଙ୍କ ଲେଖାରେ, ତାଙ୍କ କାର୍ଯ୍ୟରେ ବାରମ୍ବାର ପ୍ରତିଫଳିତ ହୋଇଛି ।

ଦ୍ୱିତୀୟବାର ଓଡ଼ିଶା ଆସିବା ପୂର୍ବରୁ ସେ ଲେଖିଥିଲେ, "ଓଡ଼ିଶା ଆମର ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥାର ପ୍ରତୀକ ବୋଲି ମୋର ମନେହୁଏ । ଓଡ଼ିଶାର ଉଦ୍ଧାର ହେଲେ ଭାରତର ଉଦ୍ଧାର ହେବ ବୋଲି ମୁଁ ଭାବେ । ଏ ପ୍ରଦେଶଟି ଦେଶରେ ଦରିଦ୍ରତମ ହେବାର ନୁହେଁ । ଭାରତର ଅନ୍ୟ ଅଞ୍ଚଳମାନଙ୍କଠାରୁ ଓଡ଼ିଶାର ଲୋକ ନ୍ୟୂନ ନୁହନ୍ତି । ଓଡ଼ିଶାର ନିଜର ଉଜ୍ଜ୍ୱଳ ଇତିହାସ ଅଛି । ସେଠାରେ ବିଶାଳ ମନ୍ଦିରମାନ ଅଛି । ସେଠି ଜଗନ୍ନାଥ ଅଛନ୍ତି ଯେ ପ୍ରାଣୀ ମଧ୍ୟରେ ପ୍ରଭେଦ ବିଚାର କରନ୍ତି; ତଥାପି ଦୁଃଖ ଲାଗେ କହିବାକୁ ଯେ ସେହି ବିଶାଳ ମନ୍ଦିରର ଛାୟା ତଳେ ହଜାର ହଜାର ଲୋକ ଭୋକରେ ମରନ୍ତି । ଦରିଦ୍ରତା, ଦୁର୍ଭିକ୍ଷ ଓ ବ୍ୟାଧି ବରାବର ସେଠି ଲାଗି ରହିଛି । ଓଡ଼ିଶାର ଲୋକଙ୍କ ଆଖିରେ ଶୂନ୍ୟତା, ନିରାଶା ଓ ନିର୍ଜୀବତା ଯେପରି ଦେଖୁଛି ସେପରି ଅନ୍ୟତ୍ର କେଉଁଠି ଦେଖି ନାହିଁ ।

ଗାନ୍ଧିଜୀ ଓଡ଼ିଶାକୁ ଦେଖିଯିବାକୁ କଂଗ୍ରେସ ନେତାମାନଙ୍କୁ ଆହ୍ୱାନ କରିଛନ୍ତି । ସେ ଭାଷଣ ପ୍ରସଙ୍ଗରେ କହିଥିଲେ, "ଓଡ଼ିଶାର ଗ୍ରାମମାନଙ୍କରେ ପ୍ରବେଶ କର, ଦେଖିବ ଭାରତବର୍ଷ କେଉଁଠାରେ ଅଛି । ଓଡ଼ିଶାର ଅବସ୍ଥା ଦେଖିଲେ ଯେ କେହି ଏହା ସ୍ୱୀକାର କରିବେ ଯେ, ଆଜିକାଲି ବିଦେଶୀ ଲୁଗା ପିନ୍ଧିବା ପାପ ।"

ଓଡ଼ିଶାର ବୋଲଗଡ଼ଠାରେ ଥିବା ବେଳର ଏକ ଘଟଣା ଗାନ୍ଧିଜୀଙ୍କୁ ଅତ୍ୟନ୍ତ ଦୁଃଖ ଓ ଲଜ୍ଜା ଦେଇଥିଲା । ସେ ତାହାକୁ ଉଲ୍ଲେଖ କରି 'ଇୟଙ୍ଗ ଇଣ୍ଡିଆ' ଡିସେମ୍ବର ୨୭ ତାରିଖରେ "ଆମର ଲଜ୍ଜା ସେମାନଙ୍କର ଲଜ୍ଜା" ଶୀର୍ଷକରେ ଲେଖିଥିଲେ, ବୋଲଗଡ଼ରେ ବସି ଦୀନବନ୍ଧୁ ଏଣ୍ଡ୍ରୁଜଙ୍କ ସହ ୧୯ ତାରିଖ ଦିନ କଥା ହେବା ସମୟରେ ଜଣେ ମଇଳା ଲୁଗା ଆଣ୍ଠୁ ପର୍ଯ୍ୟନ୍ତ ପିନ୍ଧିଛି, ଅଣ୍ଟା ନଇଁ ଯାଇଛି, ନଇଁ ନଇଁ ଆମ ଆଗକୁ ଆସିଲା । କୁଟାଖଣ୍ଡିଏ ଉଠାଇ ଦାନ୍ତରେ ଧରିଲା ଓ ପରେ ଲମ୍ବଦଣ୍ଡ ହୋଇ ଗୋଡ଼ତଳେ ପଡ଼ିଗଲା । ତା'ପରେ ହାତଯୋଡ଼ି ପ୍ରଣାମ କଲା । କୁଟାଖଣ୍ଡକ ମୁହଁରୁ କାଢ଼ି ମୁଣ୍ଡରେ ଖୋସି ଦେଲା ଏବଂ ଯିବା ପାଇଁ ବାହାରିଲା । ଏ ଦୃଶ୍ୟ ଦେଖୁଥିବାବେଳେ ମୁଁ ଦୁଃଖରେ ଛଟପଟ ହେଉଥାଏ । ଏ ଦୃଶ୍ୟ ଶେଷ ହେବା ମାତ୍ରକେ ମୁଁ ଜଣକୁ ଡାକି ପକାଇଲି ମୋ କଥା ବୁଝାଇ କହିବା ପାଇଁ । ତା'ପରେ ମୁଁ କଥା ଆରମ୍ଭ କଲି । ସେ ଲୋକଟି ଜଣେ ଅସ୍ପୃଶ୍ୟ ଜାତିର ଲୋକ, ଛଅ ମାଇଲ ଦୂରରେ ତା'ର ଘର । ଜାଳେଣି କାଠ ବୋଝେ ମୁଣ୍ଡରେ ନେଇ ବୋଲଗଡ଼ ଆସିଥିଲା ବିକିବା ପାଇଁ । ମୁଁ ଆସିବା ଶୁଣି ମୋତେ ଦେଖିବା ପାଇ ଆସିଥିଲା । କୁଟା ଖଣ୍ଡକ କାହିଁକି ମୁହଁରେ ଦେଲା ପଚରା ଯିବାରୁ ସେ କହିଲା, ମୋ ପ୍ରତି ସମ୍ମାନ ଦେଖାଇବା ପାଇଁ । ଲଜ୍ଜାରେ ମୁଁ ମୁଣ୍ଡ ତଳକୁ କରିଦେଲି । ଏ ପ୍ରକାର ସମ୍ମାନର ମୂଲ୍ୟ ମୋ ପକ୍ଷରେ ସହ୍ୟ କରିବା କଠିନ ବୋଲି ମନେ ହେଲା । ମୋର ହିନ୍ଦୁ ଭାବରେ ଗଭୀର ଆଘାତ ଲାଗିଲା ।"

ଗାନ୍ଧିଜୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ଖବର ପାଇ ଲେଖିଥିଲେ, "ଶୋକ ଓ ଅଶ୍ରୁର ଭୂମି, ଓଡ଼ିଶାର ସନ୍ତାନମାନଙ୍କ ମଧ୍ୟରେ ସେ ଥିଲେ ମହତ୍ତମ ବ୍ୟକ୍ତି । ଗୋପବନ୍ଧୁ ତାଙ୍କର ସର୍ବସ୍ୱ ଓଡ଼ିଶାକୁ ଦେଇଥିଲେ । × × × ଗୋପବନ୍ଧୁଙ୍କ ମୃତ୍ୟୁରେ ଦେଶ ଆଜି ଦରିଦ୍ରତର । ସେ ଶରୀରରେ ଆମ ଭିତରେ ନ ଥିଲେ ମଧ୍ୟ ତାଙ୍କର ଆତ୍ମା ଆମ ସାଙ୍ଗରେ ଅଛି । ସେ ମହାନ୍ ଆତ୍ମା ଓଡ଼ିଶା କର୍ମୀମାନଙ୍କୁ ପରିଚାଳନା କରୁ । ତାଙ୍କର ମୃତ୍ୟୁ ସେବାବ୍ରତ ପ୍ରତି ଲୋକଙ୍କ ମନୋଯୋଗ, ଅଧିକ ଉଦ୍ୟମ, ଅଧିକ ସ୍ୱାର୍ଥତ୍ୟାଗ ଓ ଜାତୀୟ ଆବଶ୍ୟକତା ତୁଳନାରେ ସରିଆଡ଼େ ବିକ୍ଷିପ୍ତ ଅଳ୍ପ ସଂଖ୍ୟକ କର୍ମୀମାନଙ୍କ ମଧ୍ୟରେ ଅଧିକ ଏକତା ଆଣୁ ।"

ଗାନ୍ଧିଜୀଙ୍କ ଚେତନାରେ ମାନବିକ ସଂବେଦନର ଛିଟ ଦେବାବେଳେ ବର୍ତ୍ତମାନ ରାଜନୀତିଜ୍ଞମାନଙ୍କ ମଧ୍ୟରେ ଜନସାଧାରଣଙ୍କ ପ୍ରତି ସେଇ ଭାବ ଉଦ୍ରେକ ହୋଇ ପାରିଲେ, ତାହା ଏକ ନୂତନ ରାଜନୈତିକ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ । ଓଡ଼ିଶା ସର୍ବଭାରତୀୟ ତୁଳନାରେ ଏବେ ବି ଏକ ଦରିଦ୍ର ରାଜ୍ୟ । ଦାରିଦ୍ର୍ୟ ଦୂରୀକରଣ କରିବାକୁ ହେଲେ ଏକ ସଂବେଦନଶୀଳ ମନୋଭାବ ପ୍ରତ୍ୟେକ ନାଗରିକ ମଧ୍ୟରେ ସୃଷ୍ଟି କରିବା ସର୍ବାଦୌ ଆବଶ୍ୟକ ଏବଂ ଏହି ପଥ ଗାନ୍ଧିଜୀ ଆମକୁ ଦେଖାଇ ଦେଇଛନ୍ତି ଓ ଗୋପବନ୍ଧୁ ତାହାକୁ କାର୍ଯ୍ୟରେ ରୂପାୟିତ କରିବାରେ ନିଜର ପ୍ରାଣ ଦେଇଛନ୍ତି ।

---

ପ୍ଲଟ ନଂ–୫୦୧୭/୪୮୩,
ଗଜପତି ନଗର, ଭୁବନେଶ୍ୱର–୭୫୧୦୦୫

# ମାନବ ଜାତିର ମୁକ୍ତିଦାତା ଶ୍ରୀଅରବିନ୍ଦ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଶ୍ରୀଅରବିନ୍ଦ ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରଥମେ ନିଜକୁ ଉତ୍ସର୍ଗ କରିଥିଲେ ଏବଂ ପରେ ମାନବ ଜାତିର ମୁକ୍ତି ପାଇଁ ଏକ ଗଭୀର ସାଧନାରେ ନିରତ ରହିଲେ । ତାଙ୍କର ଯେଉଁ ସାଧନା, ସେ ହେଉଛି ଆର୍ଯ୍ୟ ଋଷିର ସାଧନା । ଅନେକ କହନ୍ତି ଭାରତୀୟ ପରମ୍ପରାରେ ସେ ଥିଲେ ଶେଷ ଋଷି । ସେ ତାଙ୍କର ତପସ୍ୟା ଫଳରେ ଯେଉଁ ଜ୍ଞାନ ଲାଭ କରିଥିଲେ ତା'ବଳରେ ସେ ମହାନ ଶକ୍ତିର ଅଧିକାରୀ ହୋଇଥିଲେ ଏବଂ ସେ ଶକ୍ତିକୁ ଧରାବତରଣ କରାଇଥିଲେ, ଯାହାକୁ ଅତିମାନସ ଶକ୍ତି ବୋଲି କୁହାଯାଏ । ସେ ଶକ୍ତି ବଳରେ ସେ କହିଲେ ଯେ, ସମଗ୍ର ବିଶ୍ୱକୁ, ସମଗ୍ର ବିଶ୍ୱମାନବକୁ ବର୍ତ୍ତମାନ ମୁକ୍ତି ଦେବାର ସମୟ ଆସି ପହଞ୍ଚିଛି । ଅତିମାନବ ହେବା ପାଇଁ ମାନବର ଯେଉଁ ଚେଷ୍ଟା, ମାନବର ଯେଉଁ କର୍ତ୍ତବ୍ୟ, ସେ ସମୟ ଆସି ବର୍ତ୍ତମାନ ପହଞ୍ଚିଛି । ଆମେ ଯାହାକୁ କଳିକାଳ ବୋଲି କହୁ, ସେ କଳିକାଳ ଶେଷ ହେବା ଉପରେ । ବର୍ତ୍ତମାନ ରାତିର ଶେଷ ପ୍ରହର ଯେପରି ଗଭୀର ଅନ୍ଧକାରମୟ, ସେହିପରି ଭାବରେ ସମାଜରେ ବର୍ତ୍ତମାନ ନାନା ଅତ୍ୟାଚାର, ନାନା ଅପପ୍ରବୃତ୍ତି ଦେଖିବାକୁ ମିଳୁଛି । ସେଥିରେ ନାନା ଭାବରେ ସଙ୍କଟ ଆମକୁ ଦେଖିବାକୁ ମିଳୁଛି, ଅଶାନ୍ତି ଦେଖିବାକୁ ମିଳୁଛି । ଏସବୁ ହେଉଛି ରାତିର ଶେଷ ପ୍ରହରର ଲକ୍ଷଣ । ଏହା ପରେ ପରେ ପ୍ରଭାତର ସୂର୍ଯ୍ୟାଲୋକ ଆମେ ଦେଖି ପାରିବା । ତାହା ହେଉଛି ଏକ ନୂତନ ଯୁଗର ସୂର୍ଯ୍ୟାଲୋକ, ଯେଉଁଥିରେ ମାନବ ଜାତି ତାର ଭାଗ୍ୟ ଏବଂ ଭବିତବ୍ୟ ଲାଭ କରି ପାରିବ ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟ ଅତିମାନବ ଭାବରେ ଅତିମାନସର ଶକ୍ତି ଗ୍ରହଣ କରି ଏ ଧରାରେ ନିଜର କାର୍ଯ୍ୟ ସମ୍ପନ୍ନ କରିବ । ବିବର୍ତ୍ତନବାଦରେ ଶ୍ରୀ ଅରବିନ୍ଦଙ୍କର ଚିନ୍ତା ଏକ ଅପୂର୍ବ ଚିନ୍ତା ଏବଂ ଏହାକୁ କେବଳ ମନୋବିଜ୍ଞାନୀମାନେ ନୁହନ୍ତି, ପୃଥିବୀର ଚିନ୍ତାଶୀଳ, ଦାର୍ଶନିକ ସମସ୍ତେ ଗ୍ରହଣ କରିଛନ୍ତି । ବିବର୍ତ୍ତନବାଦରେ ସମାଜରେ ମନୁଷ୍ୟ ଅତିଶସ୍ତ ଅବସ୍ଥାରେ ରହିଯାଉଥିଲା, ତା'ର କୌଣସି ଉନ୍ନତି ହେଉନଥିଲା । ଶ୍ରୀ ଅରବିନ୍ଦ କହିଲେ "ମନୁଷ୍ୟ ଅମୃତ ଶକ୍ତି ନିଶ୍ଚିତ ଭାବରେ ଲାଭ କରିବ । ଆମର ସଂସ୍କୃତରେ ଗୋଟିଏ ପ୍ରାର୍ଥନା ଅଛି – ମୃତ୍ୟୁକୁ ଅତିକ୍ରମ କରି ଯେପରି ଅମୃତତ୍ୱ ଲାଭ କରିପାରିବି । ସେଥିପାଇଁ ଅରବିନ୍ଦ ପଥ ପ୍ରଦର୍ଶନ କରିଯାଇଛନ୍ତି ନିଶ୍ଚିତ ଭାବରେ । ଏଭଳି ଭାଷାରେ କୌଣସି ମହାପୁରୁଷ କେବେ କହିନାହାନ୍ତି । ସେ କହିଛନ୍ତି "ମୁଁ ମୋର ବ୍ୟକ୍ତିଗତ ମୁକ୍ତିପାଇଁ ସାଧନା କରିନାହିଁ । ସମଗ୍ର ମାନବ ସମାଜର ମୁକ୍ତି ପାଇଁ, ସମଗ୍ର ମାନବ ସମାଜକୁ ଅମୃତତ୍ୱ ଦେବାପାଇଁ, ମନୁଷ୍ୟ ଭିତରେ ଯେଉଁ ପଶୁର ସ୍ୱଭାବ ଅଛି, ତାକୁ ବିଲୋପ କରି ସମସ୍ତ ମାନବିକ ଦୈବଗୁଣର ବିକାଶ କରିବା ପାଇଁ ମୁଁ ସାଧନା କରିଛି ଏବଂ ସେ ସାଧନା ନିଶ୍ଚିତ ଭାବରେ ସଫଳ ହେବ ।" ବିଂଶ ଶତାବ୍ଦୀରେ ତାଙ୍କର ଏ ଯେଉଁ ଓଜସ୍ୱିନୀ ବାର୍ତ୍ତା, ତାହା ସାରା ସଂସାରକୁ ବିମୁଗ୍ଧ କରିଛି । ଏହାଠାରୁ ଅଧିକ ପ୍ରେରଣାମୟ ବାର୍ତ୍ତା ଅନ୍ୟ କୌଣସି ଋଷି ଏବଂ ସାଧକ ଦେଇ ନାହାନ୍ତି ।



ଭାରତବର୍ଷର ଗର୍ବ ଏବଂ ଗୌରବ ଯେ ଶ୍ରୀ ଅରବିନ୍ଦ ଏ ଦେଶରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ସହିତ ସ୍ୱାମୀ ବିବେକାନନ୍ଦ, ଶ୍ରୀ ରାମକୃଷ୍ଣ ମନୁଷ୍ୟ ସମାଜକୁ ମୁକ୍ତିର ବାର୍ତ୍ତା ଦେଇଥିଲେ । ସ୍ୱାମୀ ବିବେକାନନ୍ଦ ତାଙ୍କର ଓଜସ୍ୱିନୀ ଭାଷଣମାନଙ୍କରେ ଭାରତବର୍ଷର ଜନସାଧାରଣଙ୍କୁ ସେମାନଙ୍କର ଭାଗ୍ୟ ଆଡ଼କୁ ନିର୍ଦ୍ଦେଶ ଦେଇଥିଲେ । ଭାରତବାସୀ ପୃଥିବୀକୁ ନେତୃତ୍ୱ ଦେବେ ବୋଲି ଶ୍ରୀ ଅରବିନ୍ଦ ଯେଉଁ ଘୋଷଣା କରିଥିଲେ ନିଜର ଜୀବନକାଳରେ ସାଧନା ଦ୍ୱାରା ସେ ତାହା ସିଦ୍ଧ କରିଯାଇଛନ୍ତି । ଶ୍ରୀ ଅରବିନ୍ଦ ସାଧନାରେ ବ୍ୟସ୍ତ ଥିଲେ । ଶ୍ରୀମା ମଧ୍ୟ ସାଧନା କରୁଥିଲେ । କିନ୍ତୁ ଆଜି ଯେଉଁ ଆଶ୍ରମ ରହିଛି, ଆଶ୍ରମ ସହିତ ଅନେକଗୁଡ଼ିଏ ଅନୁଷ୍ଠାନ ରହିଛି ଏବଂ ପଣ୍ଡିଚେରୀ କହିଲେ ଏହାର ୭୫ ଭାଗ କାର୍ଯ୍ୟ ହେଉଛି ଆଶ୍ରମର କାର୍ଯ୍ୟ । ସେ ସମସ୍ତ ହେଉଛି ମା'ଙ୍କର ସୃଷ୍ଟି । ମା' କର୍ମମୟୀ ଥିଲେ । ସାରା ଜୀବନ ଧରି ସେ ଶ୍ରୀ ଅରବିନ୍ଦଙ୍କର ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ସବୁବେଳେ ବ୍ରତୀ ରହୁଥିଲେ । ଶ୍ରୀ ଅରବିନ୍ଦଙ୍କର କର୍ମର ପ୍ରବର୍ତ୍ତା ଥିଲେ ମା' ଏବଂ ତାକୁ ସେ ଶ୍ରୀ ଅରବିନ୍ଦ ଆଶ୍ରମ ଜରିଆରେ କାର୍ଯ୍ୟକାରୀ କରିଥିଲେ । ଆଜି ଆମେ ଯେତେବେଳେ ଶ୍ରୀ ଅରବିନ୍ଦଙ୍କର ଦର୍ଶନବାଦ ଓ ଆଦର୍ଶର ଚିନ୍ତା କରୁଛେ ମା'ଙ୍କୁ ଛାଡ଼ି ତାକୁ ଆମେ କେବେହେଲେ ଚିନ୍ତା କରିପାରିବା ନାହିଁ । ଶିବ ସତ୍ୟଯୁକ୍ତ । ସତ୍ୟଦ୍ୱାରା ଯୁକ୍ତ ନହେଲେ ଶିବଙ୍କର କୌଣସି ମୂଲ୍ୟ ନାହିଁ । ଶ୍ରୀମାଙ୍କ ବିନା ଶ୍ରୀ ଅରବିନ୍ଦଙ୍କୁ ଆମେ କେବେହେଲେ କଳ୍ପନା କରିପାରିବା ନାହିଁ । ଭାରତର ଦର୍ଶନ ଏବଂ ପରମ୍ପରାରେ ମାତୃଶକ୍ତିକୁ ଅତି ଉଚ୍ଚସ୍ଥାନ ଦିଆଯାଇଛି । ସେଥିପାଇଁ ଦୁର୍ଗାଙ୍କର

କଳ୍ପନାରେ ସଂସାରର, ଦେବତାମାନଙ୍କର, ପ୍ରକୃତିର ସମସ୍ତ ଶକ୍ତି ତାଙ୍କଠାରେ ଏକାକାର । ଆଜି ଶ୍ରୀମାଙ୍କୁ ଆମେ ସେହି ରୂପରେ ଦେଖିବାକୁ ପାଉ । ଅପିକା ରୂପରେ ଆମେ ତାଙ୍କୁ ପ୍ରାର୍ଥନା କରୁଛେ, ସର୍ବମଙ୍ଗଳମାଙ୍ଗଲ୍ୟ ବୋଲି ତାଙ୍କୁ ଆମେ କହୁଚେ । ଦେବୀ ସର୍ବାର୍ଥ ସାଧିକେ ବୋଲି ତାଙ୍କୁ ଆଜି ଆରାଧନା କରୁଛେ । ତା'ର ଉଦ୍ଦେଶ୍ୟ ହେଉଛି ସେ ଥିଲେ ଶ୍ରୀ ଅରବିନ୍ଦଙ୍କର ଆଦର୍ଶର ଏକ ରୂପାୟିତ ପ୍ରତିମୂର୍ତ୍ତି ଏବଂ ସେହି ଦୃଷ୍ଟିରୁ ତାଙ୍କର ଆଦର୍ଶ ଏବଂ ଉପଦେଶ ଆମର ଧ୍ୟେୟ ହେଉ । ଅନେକ ସମୟରେ ସମାଜରେ କେତେକ ଅଛନ୍ତି ଯେଉଁମାନେ ଏହି ସ୍ତ୍ରୀ ଶକ୍ତି ମାତୃଶକ୍ତିର ନିନ୍ଦା କରନ୍ତି । ଅନେକ ମଧ୍ୟ ପ୍ରାଚୀନ ପରମ୍ପରାକୁ ଅନର୍ଥ କରି ପ୍ରକାଶ କରନ୍ତି । କେତେକ ଲୋକ କହନ୍ତି, ମନୁସ୍ମୃତିରେ କୁଆଡ଼େ ଅଛି ଯେ, ସ୍ତ୍ରୀମାନଙ୍କୁ ବିଶ୍ୱାସ କରିବ ନାହିଁ । ଏହା କେବେ ସମ୍ଭବ ନୁହେଁ । ଯେଉଁ ମନୁ ନିଜେ କହିଛନ୍ତି ଯେଉଁଠି ନାରୀ ପୂଜିତା ସେଠାରେ ଦେବତାମାନେ ପୂଜିତ । ସେ କିପରି ଭାବରେ କହିବେ ଯେ ନାରୀକୁ ବିଶ୍ୱାସ କରିବ ନାହିଁ । କେତେକ ଲୋକ ପରବର୍ତ୍ତୀ କାଳରେ ସ୍ତ୍ରୀମାନଙ୍କର ନିନ୍ଦା କରିବା ପାଇଁ ଏହାକୁ ଯୋଡ଼ିଛନ୍ତି ସେଥିରେ । ପ୍ରକୃତରେ ମନୁସ୍ମୃତିରେ ଏହା ନାହିଁ । ସୁତ୍ରି ଭାରତବର୍ଷର ଆଦର୍ଶ ଭିତରେ ନାରୀକୁ ଉପଯୁକ୍ତ ସମ୍ମାନ ଓ ଅଧିକାର ଦିଆଯାଉଛି ଏବଂ ସେ ଅଧିକାର ନଥିଲେ ଭାରତବର୍ଷର ଜାଗରଣ ସମ୍ଭବ ନୁହେଁ । ସ୍ୱାମୀ ବିବେକାନନ୍ଦ ସେ କଥା କହିଛନ୍ତି । ଶ୍ରୀ ଅରବିନ୍ଦ ଶ୍ରୀମାଙ୍କୁ ଅତି ଉଚ୍ଚସ୍ଥାନ ଦେଇ ତାଙ୍କୁ କାର୍ଯ୍ୟରେ ପ୍ରମାଣିତ କରିଛନ୍ତି । ତାଙ୍କର ଉପଦେଶ ଭାରତବର୍ଷ ପାଇଁ ମଧ୍ୟ ସେଇଆ ।

(କଟକର ମାତୃଭବନଠାରେ ଅନୁଷ୍ଠିତ ମହିଳା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ।)

ସରକାର ୧୯୯୬ ମସିହା ଅପ୍ରେଲ ମାସଠାରୁ ଏକ ନୂତନ ବିସ୍ତୃତ କୃଷିନୀତି ପ୍ରବର୍ତ୍ତନ କରିଛନ୍ତି । କୃଷି କାର୍ଯ୍ୟକ୍ରମକୁ ବିସ୍ତୃତ କରିବା ସଙ୍ଗେ ସଙ୍ଗେ କୃଷି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ସହିତ ଯୋଗସୂତ୍ର ରକ୍ଷା କରି କୃଷିର ବିକାଶ କରିବା ପାଇଁ ଏଥିରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି । ଏହି ନୀତିରେ କାର୍ଯ୍ୟକାରୀ ହେବାକୁ ଥିବା ବ୍ୟବସ୍ଥାଗୁଡ଼ିକ ହେଲା-ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ଏବଂ ଉତ୍ପାଦନର ବୈଜ୍ଞାନିକ କୌଶଳର ଅଭିବୃଦ୍ଧି, ଉଚ୍ଚମାନର ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପ୍ରବର୍ତ୍ତାଇବା, ମୃତ୍ତିକା ତଥା ପାରିବେଶିକ ସଂରକ୍ଷଣ ପାଇଁ ସମନ୍ୱିତ ଏବଂ ସମତୁଳ ପରିଚାଳନା ବ୍ୟବସ୍ଥା, କୃଷି ପ୍ରକ୍ରିୟାକରଣ ଓ କୃଷିଶିଳ୍ପ ଜରିଆରେ କୃଷିର ବାଣିଜ୍ୟକରଣ ଏହାର ଅନ୍ତର୍ଭୁକ୍ତ । ଯୁବକମାନେ ଯେପରି କୃଷିକୁ ଏକ ଜୀବିକା ତଥା ଫଳପ୍ରଦ ନିଯୁକ୍ତି ରୂପେ ଗ୍ରହଣ କରିବେ, ସେଥିପାଇଁ ପ୍ରୋତ୍ସାହନ ଦେବା ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ । ରାଜ୍ୟର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏହାର ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ଏବଂ ଅନ୍ୟ ଗବେଷଣା କେନ୍ଦ୍ରଗୁଡ଼ିକ ଜରିଆରେ ଆବଶ୍ୟକ ବୈଷୟିକ ସାହାଯ୍ୟ ଯୋଗାଇ ଦେଉଛନ୍ତି ।

# ସ୍ୱାଧୀନତା ଆନ୍ଦୋଳନରେ ଭଦ୍ରକର ଭୂମିକା

ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

୧୯୨୧ ମସିହା ମାର୍ଚ୍ଚ ୨୬ ତାରିଖ ଭଦ୍ରକବାସୀଙ୍କ ପକ୍ଷରେ ଏକ ସ୍ମରଣୀୟ ଦିବସ । ସେଦିନ ପ୍ରଥମେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ପଦଧୂଳି ଏହି ପବିତ୍ର ମାଟିକୁ ପବିତ୍ରତର କରି ଦେଇଥିଲା । ମହାତ୍ମା ଗାନ୍ଧୀଙ୍କୁ ସ୍ୱାଗତ ଜଣାଇ ସେଦିନ ସଭାରେ ଉତ୍କଳମଣି ଗୋପବନ୍ଧୁ କହିଥିଲେ– "ପାଣ୍ଡବମାନେ ଯେଉଁଠାକୁ ଯାଇ ନଥିଲେ ତାହା ଅପାଣ୍ଡବା ବୋଲି କୁହାଯାଏ । ତାହା ଅପବିତ୍ର । ଏବେ ମହାତ୍ମା ଗାନ୍ଧୀ ଯେଉଁଠିକି ନ ଯିବେ ତାହା ଅପାଣ୍ଡବା ରାଜ୍ୟ ପରି ଅପବିତ୍ର ରହିଯିବ । ଭଦ୍ରକ ଆଜି ଧନ୍ୟ ହୋଇଛି– ଗାନ୍ଧିଜୀଙ୍କ ପାଦ ସ୍ପର୍ଶରେ ।"

ଗାନ୍ଧିଜୀଙ୍କ ଆଗମନ ଦିନରୁ ହିଁ ଜାତୀୟ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ୧୯୨୧ରେ ଅସହଯୋଗ ଆନ୍ଦୋଳନ ଚାଲିଲା ଓଡ଼ିଶା ତମାମ ।ଭାଇରେ ଆଜି ଆସିଛି ଦିନ, ବିଲାତି ବସନ କର ବର୍ଜନ' ଇତ୍ୟାଦି ଗୀତରେ ସେତେବେଳେ ଭଦ୍ରକର ଗଗନ ପବନ ମୁଖରିତ ହେଲା । ଗଦା ଗଦା ବିଲାତି ଲୁଗା ପୋଡ଼ା ଗଲା । ଏହି ଆନ୍ଦୋଳନରେ ହରେକୃଷ୍ଣ ମହତାବ, କୁଆଁସର ଗୋକୁଳାନନ୍ଦ ମହାନ୍ତି, ପୁରୁଣା ବଜାରର ଘନଶ୍ୟାମ ସାହୁ, ପାଳିଆର ଦୋଳଗୋବିନ୍ଦ ମହାପାତ୍ର ପ୍ରଭୃତି ଯୋଗ ଦେଇଥିଲେ ।

୧୯୨୭ରେ ମହାତ୍ମା ଗାନ୍ଧୀ ପୁଣି ଭଦ୍ରକ ଆସିଥିଲେ ଏବଂ ମହେଇ ନଦୀକୂଳର ସୁରିବାଟିଆଠାରେ ଅବସ୍ଥାନ କରିଥିଲେ । ସେତେବେଳେ ଓଡ଼ିଶାର କର୍ମୀ ଓ ନେତାଙ୍କ ସହ ତାଙ୍କର ଆନ୍ତରିକ ଆଳାପ ଆଲୋଚନା ହୋଇଥିଲା । ବିଶେଷ କରି କନିକା ପ୍ରଜା ଆନ୍ଦୋଳନ ବିଷୟରେ ଗାନ୍ଧିଜୀ ସେଠାରେ ରହି ତଥ୍ୟ ସଂଗ୍ରହ କରିଥିଲେ । ବାଉଦପୁରର ଶ୍ରୀ କାଳୀପଦ ଦାସ ଗାନ୍ଧିଜୀଙ୍କର ସେବା ଯତ୍ନ ସେତେବେଳେ କରୁଥିଲେ ।

ଲବଣ ସତ୍ୟାଗ୍ରହର ଡାକରା ଆସିଲା ୧୯୩୦ ମସିହାରେ । ମହାତ୍ମା ଗାନ୍ଧୀ ସାବରମତିରୁ ଦାଣ୍ଡୀକୁ ପଦଯାତ୍ରା କଲେ । ତା'ରି ପ୍ରଭାବରେ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ମଧ୍ୟ ଲୁଣ ମରାଗଲା । ତନ୍ମଧ୍ୟରେ ବାଲେଶ୍ୱର ନି[illegible]ୀ ଇଞ୍ଚୁଡ଼ିରେ ଲବଣ ସତ୍ୟାଗ୍ରହ ସମଗ୍ର ଭାରତରେ ଦ୍ୱିତୀ[illegible]ନ ଅଧିକାର କରିଥିଲା । ଭଦ୍ରକରେ ବାସୁଦେବପୁର ଥାନା ଅନ୍ତର୍ଗତ ଚୂଡ଼ାମଣି, ବଛଦା ଓ ବିଦେଇପୁରଠାରେ ଲବଣ ସତ୍ୟାଗ୍ରହୀମାନେ ଲୁଣ ମାରିଥିଲେ ଓ କାରାବରଣ କରିଥିଲେ । ବାଲେଶ୍ୱରର ଇଞ୍ଚୁଡ଼ିକୁ ଆମ ଭଦ୍ରକରୁ ସତ୍ୟାଗ୍ରହୀମାନେ ଯାଇଥିଲେ । ହରେକୃଷ୍ଣ ମହତାବ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହି ସମୟରେ ମହତାବଙ୍କ ଦ୍ୱାରା ବାଲେଶ୍ୱରରୁ ପ୍ରକାଶିତ 'ପ୍ରଜାତନ୍ତ୍ର' ଜାତୀୟ ଆନ୍ଦୋଳନକୁ ସମର୍ଥନ କରୁଥିଲା । ଏହି କାରଣରୁ ମହତାବ କାରାବରଣ କରିବାରୁ ଅଡ଼ାଳପଙ୍କର ଉପେନ୍ଦ୍ର ପଣ୍ଡା ଏବଂ ତାଳପଦାର କମଳାକାନ୍ତ ମହାପାତ୍ର (କାନ୍ତକବିଙ୍କ ଅନୁଜ) ପ୍ରଜାତନ୍ତ୍ରର ସଂପାଦନା ଦାୟିତ୍ୱ ତୁଲାଇଥିଲେ ।

ଲବଣ ସତ୍ୟାଗ୍ରହରେ ତଥା ତତ୍ ପରବର୍ତ୍ତୀ କାର୍ଯ୍ୟକ୍ରମରେ କର୍ମୀମାନଙ୍କ ସହ ଅନେକ ନାରୀ କର୍ମୀ ମଧ୍ୟ ଯୋଗ ଦେଇଥିଲେ । ସୁଭଦ୍ରା ମହତାବ, କୋକିଳା ଦେବୀ, (ତାଳପଦା) ସରମଙ୍ଗାର କ୍ଷେତ୍ରମଣି ଦେବୀ, ନିଶାମଣି ଦେବୀ (ପୁରୁଣା ବଜାର) ପ୍ରଭୃତିଙ୍କ ଅବଦାନ ଏ ଜାତି ଭୁଲି ପାରିବ ନାହିଁ । ପରବର୍ତ୍ତୀ ସମୟରେ ମୀନା ଦେବୀ ଓ ଲୁଡ଼ିଆର ମୁରଲୀ ପଣ୍ଡାଙ୍କର ଭଗିନୀ ବୈଦେହୀ ଦେବୀ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।

ଅଗରପଡ଼ାର କର୍ମ ମନ୍ଦିର, କୁପାରିଆର ଗୋକୁଳି ବାବୁଙ୍କ ଆଶ୍ରମ, ସରମଙ୍ଗାର ଭୋଳାନାଥ ମହାପାତ୍ରଙ୍କର ରଚନାତ୍ମକ କର୍ମୀ ଶିବିର, ଗରଦପୁରରେ ଜୀବରାମ କଲ୍ୟାଣଜୀଙ୍କ ଆଶ୍ରମ ତଥା ତାଳପଦାର କାନ୍ତକବିଙ୍କର ଭଗିନୀ କୋକିଳା ଦେବୀ ଓ କୁପାସିନ୍ଧୁ ଦାଶଙ୍କ ସମେତ ଗୌରାଙ୍ଗ ମହାନ୍ତି, ଉମାଚରଣ ପଟ୍ଟନାୟକଙ୍କ ଉଦ୍ୟମରେ ହରିଜନ ସେବା କେନ୍ଦ୍ର ସେତେବେଳେ ସ୍ୱଦେଶୀ ଆନ୍ଦୋଳନର ଶକ୍ତିଶାଳୀ କେନ୍ଦ୍ରରେ ପରିଗଣିତ ହୋଇଥିଲା । ୧୯୩୪ ମସିହା ଜୁନ୍ ୨ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ହରିଜନ ପଦଯାତ୍ରାରେ ପୁରୀରୁ ବାହାରି ଭଦ୍ରକରେ ତାହା ସମାପ୍ତ କରିଥିଲେ ।

୧୯୨୧ରୁ ୪୭ ପର୍ଯ୍ୟନ୍ତ ଯେଉଁ ସଂଗ୍ରାମୀମାନଙ୍କର ପ୍ରେରଣା, ତ୍ୟାଗ ଓ ଉତ୍ସର୍ଗ ଦ୍ୱାରା ଦେଶ ସ୍ୱରାଜ୍ୟ ପଥରେ ଆଗେଇ ଯାଉଥିଲା, ସୀମିତ ପରିସର ମଧ୍ୟରେ ସେମାନଙ୍କ ମଧ୍ୟରୁ ମାତ୍ର କେତେଜଣଙ୍କର ନାମ ଏଠାରେ ମନେ ପକାଉଛି । ସେମାନେ ହେଲେ– ଅଗରପଡ଼ାର ହରେକୃଷ୍ଣ ମହତାବ, ଗୋପୀନାଥ ଦାସ, ସୁଭଦ୍ରା ମହତାବ, ଗଗନ ବିହାରୀ ମହାନ୍ତି, କୁଆଁସର ଗୋକୁଳାନନ୍ଦ ମହାନ୍ତି, ଗଦାଧର ମହାନ୍ତି, ତିହିଡ଼ି ଥାନା ଅନ୍ତର୍ଗତ ଆରଣା ଗ୍ରାମର ପୂର୍ବତନ ସାଂସଦ ଭାଗବତ ସାହୁ, ଭାଟପଡ଼ାର ପ୍ରହ୍ଲାଦ ମହାପାତ୍ର, ବାରୁଅର ଅଭୟ ନାୟକ, କୋଛର- ଦୁର୍ଗାଚରଣ ନାୟକ,

ମାଧବାନନ୍ଦ ନାୟକ, ବନ୍ତ ଅଞ୍ଚଳର କ୍ଷେତ୍ରମୋହନ ରାଉଳ, ଅଡ୍ଡାଳପଙ୍କାର ଉପେନ୍ଦ୍ର ପ୍ରସାଦ ପଣ୍ଡା, ଭଣ୍ଡାରୀପୋଖରୀ ଅଞ୍ଚଳର ଧନେଶ୍ୱର ଦାସ, ଗଣେଶ୍ୱର ପାଢ଼ୀ, ନବକିଶୋର ନାୟକ, ଧୁଷୁରୀ ଅଞ୍ଚଳର ମୁରଲୀ ଜେନା, ବୈଷ୍ଣବ ନାୟକ ଓ କାମଦେବ ନାୟକ, ସରମୋଗା ଗ୍ରାମର ଭୋଳାନାଥ ମହାପାତ୍ର, କ୍ଷେତ୍ରମଣି ଦେବୀ, ମୁରଲୀଧର ମହାନ୍ତି, ତାଙ୍କର ଧର୍ମ ପତ୍ନୀ ଓ ପୁତ୍ର ସୂର୍ଯ୍ୟମଣି ମହାନ୍ତି, ଭଦ୍ରକ ସହରସ୍ଥ ପୁରୁଣାବଜାରର ଘନଶ୍ୟାମ ସାହୁ, ମହମ୍ମଦ ହନିଫ୍, ତାଙ୍କର ପୁତ୍ର ନୁଦି, କୈଳାସ (ସାଇକେଲ ବ୍ୟବସାୟୀ), ଦୁର୍ଗା ଲାଲା (ମାରୱାଡ଼ି), ନୂଆ ବଜାରର ନିହାର ଘୋଷ, ସାହାପୁରର ରବି ମହାନ୍ତି, ବାଉଦପୁରର କାଳିପଦ ଦାସ, ବାସୁଦେବପୁର ଥାନା ଅନ୍ତର୍ଗତ ବାଞ୍ଛାନିଧି ମହାନ୍ତି, କମଳା କର, ଗୌରାଙ୍ଗ ମହାନ୍ତି, ଅନିରୁଦ୍ଧ ମହାନ୍ତି, ପ୍ରଭାକର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାଣି, ପାଳିଆର କରୁଣାକର ଦାସ, ନୀଳମଣି ଦାସ, ଦୀନବନ୍ଧୁ ଦାସ, ଶିବପ୍ରସାଦ ବିଶ୍ୱାଳ ଓ ଦୋଳଗୋବିନ୍ଦ ମହାପାତ୍ର, କୁବେରାର ଚନ୍ଦ୍ରମଣି କର, କାଳିମେଘା ମୁକୁନ୍ଦପୁରର ନୀଳମଣି ରାଉତରାୟ, ତାଳପଦା ଜମିଦାର ସାମନ୍ତରାୟ ପରିବାରର ଭାଗବତ ପ୍ରସାଦ ମହାପାତ୍ର (ବିହାର ଓଡ଼ିଶା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି), ତାଙ୍କ ପୁତ୍ର କମଳାକାନ୍ତ ମହାପାତ୍ର (ପ୍ରଜାତନ୍ତ୍ରର ପୂର୍ବତନ ସଂପାଦକ) ଓ ଦୁଇ ପୌତ୍ର ନିତ୍ୟାନନ୍ଦ ମହାପାତ୍ର (ପୂର୍ବତନ ମନ୍ତ୍ରୀ) ଓ ଗୌରଚନ୍ଦ୍ର ମହାପାତ୍ର, ଭାଗବତ ବାବୁଙ୍କ କନ୍ୟା କବୟିତ୍ରୀ କୋକିଳା ଦେବୀ ଓ ତାଙ୍କର ସହକର୍ମୀ ଆନନ୍ଦପୁରର ଉମାକାନ୍ତ ପଟ୍ଟନାୟକ, ସେହି ତାଳପଦାର ସୁବର୍ଣ୍ଣ ନାୟକ କୃପାସିନ୍ଧୁ ଦାଶ, ଲୁଣିଆ ଗ୍ରାମର ମୁରଲୀଧର ପଣ୍ଡା, ସୂର୍ଯ୍ୟପୁର ଗ୍ରାମର ମୁକ୍ତିକାନ୍ତ ଗୋସ୍ୱାମୀ, ରଜନୀକାନ୍ତ ଗୋସ୍ୱାମୀ । ଏମାନଙ୍କ ସମେତ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମୀ ଅଛନ୍ତି ଯେଉଁମାନଙ୍କୁ ମୁଁ ଜାଣିଥିଲେ ମଧ୍ୟ ସେମାନଙ୍କର ନାମ ମୋର ମନେ ପଡୁନାହିଁ ।

ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟରେ ଭାରତଛାଡ଼ ଆନ୍ଦୋଳନର ଆହ୍ୱାନ ଭଦ୍ରକବାସୀଙ୍କୁ ବହୁ ପରିମାଣରେ ପ୍ରଭାବିତ କରିଥିଲା । ଇରମଠାରେ ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ଯେଉଁ ନରସଂହାର ହୋଇଥିଲା ସେଥିରେ ୨୯ଟି ମୂଲ୍ୟବାନ ପ୍ରାଣ ବଳି ପଡ଼ିଥିଲା । ଏହା ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ ବୋଲି ଅଭିହିତ । ସେହିପରି ଲୁଣିଆରେ ସେହି ବର୍ଷ ସେପ୍ଟେମ୍ବର ୨୯ ତାରିଖରେ ବ୍ରିଟିଶ ପୋଲିସ ଗୁଳିରେ ୧୦ ଜଣଙ୍କର ମୁଣ୍ଡ ଟଳି ପଡ଼ିଥିଲା । ଇରମ ତଥା ଲୁଣିଆର ଶହୀଦମାନଙ୍କ ନାମ ସେଠାକାର ସ୍ମୃତିସ୍ତମ୍ଭମାନଙ୍କରେ ଲିପିବଦ୍ଧ ହୋଇ ରହିଛି ।

ସେହି ୧୯୪୨ ମସିହା ଅଗଷ୍ଟ ୧୯ ତାରିଖରେ ମହାଯୋଦ୍ଧା ସଂଗ୍ରାମୀମାନେ ଭଣ୍ଡାରୀପୋଖରୀ ଥାନା ପୋଡ଼ି ଦେଇଥିଲେ ଏବଂ ଧୁଷୁରୀ ଅଞ୍ଚଳକୁ ତା ୨୮–୮–୧୯୪୨ ରିଖରେ ସ୍ୱାଧୀନ ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ସେଠାରେ ସ୍ୱାଧୀନ ସରକାର ଗଠନ କରିଥିଲେ ।

ଭଦ୍ରକର ଯେଉଁ ସ୍ଥାନମାନଙ୍କରେ ସ୍ୱାଧୀନତା ପାଇଁ ବିପ୍ଳବ ନିଆଁ ଜଳି ଉଠିଥିଲା, ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ଦୃଷ୍ଟିରୁ ସେସବୁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସେଥି ବିଷୟରେ ଗବେଷଣା ଓ ଆଲୋଚନା ନ ହେବାରୁ ଆମ ଭବିଷ୍ୟତ ବଂଶଧରମାନେ ସ୍ୱାଧୀନତା ସଂଗ୍ରାମର ଗୁରୁତ୍ୱ ଠିକ୍ ଭାବରେ ଅନୁଭବ କରି ପାରୁନାହାନ୍ତି । ଏ ବିଷୟରେ ସରକାରୀ ଓ ବେସରକାରୀ ସ୍ତରରେ ତଥା ଗଣମାଧ୍ୟମମାନଙ୍କରେ ଗବେଷଣା ଓ ତଥ୍ୟ ସଂଗ୍ରହ କରାଗଲେ ଅନେକ ବିଷୟ ଲୋକଲୋଚନକୁ ଆସି ପାରନ୍ତା ।

---


କାନ୍ତ କୁଟୀର,
ଗୋପୀନାଥ ପ୍ରେସ ଲେନ୍,
ନୂଆବଜାର, ଜିଲ୍ଲା-ଭଦ୍ରକ


ଏହା ମଧ୍ୟରେ ସାତଗୋଟି ଡିଜିକକୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ସଙ୍ଗେସଙ୍ଗେ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ଛଅଟି ଡିଜିକକ ବ୍ୟତୀତ, ଆଉ ଏଗାରଟି ଡିଜିକକୁ ଲାଇସେନସ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଆଖୁ ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଚାଷୀମାନଙ୍କ ମଧ୍ୟରେ ଏହା ଅଧିକ ଆଦୃତ ହୋଇ ପାରିଛି । ନୂତନ କୃଷି ନୀତିରେ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି । କୃଷି ଶିଳ୍ପର ବିକାଶ ଘଟିଲେ କୃଷିର ଗୁଣାତ୍ମକ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ପାଇଁ ଏହା ଲାଭଜନକ ହେବ ଏବଂ ଉନ୍ନତ ମାନର ବାଣିଜ୍ୟିକ ଫସଲ ଉତ୍ପାଦନ କରାଯାଇ ପାରିବ । ଖାଦ୍ୟଶସ୍ୟ ଉତ୍ପାଦନ ରାଜ୍ୟର ମୁଖ୍ୟ କୃଷି କାର୍ଯ୍ୟ । ସର୍ବାଧିକ ୯.୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବାକୁ ଅଟକଳ କରାଯାଉଛି । ସରକାରଙ୍କ ପକ୍ଷରୁ ଏସବୁ ବ୍ୟବସ୍ଥା ଗ୍ରହଣ କରାଯିବା ଫଳରେ ରାଜ୍ୟରେ ଚାଷୀମାନଙ୍କର ଆୟ ବୃଦ୍ଧି ଏବଂ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପଥ ସୁଗମ ହୋଇପାରିଛି ।

# ଗାନ୍ଧୀବାଦର ବାର୍ତ୍ତାବହ ନିରଞ୍ଜନ

ଶ୍ରୀମତୀ ଅମୀୟବାଳା ପଟ୍ଟନାୟକ

ନିରଞ୍ଜନ ପଟ୍ଟନାୟକ ଉତ୍କଳ ଭାରତୀଙ୍କ ଯୋଗ୍ୟ ସନ୍ତାନ । କର୍ମଯୋଗୀ, ସତ୍ୟାଗ୍ରହୀ, ଗାନ୍ଧୀବାଦୀ । ଏ ମାଟିରେ ଅର୍ଦ୍ଧଶତାବ୍ଦୀର ଜୀବନ ଭୋଗ କରିବାର ସୁଯୋଗ ସେ ନ ପାଇଥିଲେ ମଧ୍ୟ ଇତିହାସର ଜିଜ୍ଞାସୁ ଜନମାନସରେ ସେ ଅମର...... । ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଗାନ୍ଧୀ ସମାଗ୍ରଜ'ର ସଂପାଦକ ଓ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଆ ଅନୁଗାମୀ, ପ୍ରଥମ ଓଡ଼ିଆ ସଚିବ......... ।

ପୂର୍ବରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଉତ୍କଳ ସାମ୍ରାଜ୍ୟ ବିସ୍ତାର କରିଥିବା କପିଳେନ୍ଦ୍ରଦେବଙ୍କ ବିଶାଳ ଓଡ୍ର ଭୂଖଣ୍ଡ ସମୟକ୍ରମେ, କାଳର ଘୂର୍ଣ୍ଣିରେ ଖଣ୍ଡବିଖଣ୍ଡ ହେବା, ପୁଣି ମୋଗଲ, ପଠାଣ, ମରହଟ୍ଟା ଶାସନାଧୀନ ହୋଇ ସେମାନଙ୍କ ପଦାତିକ ଓ ଅଶ୍ୱାରୋହୀଙ୍କ ଯୋଦାବାପ୍ପରେ ଯେତେବେଳେ ଉତ୍କଳର ମାଟି ଦଳିତ– ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା, ମୋଗଲ ଶାସକର ଅନୁଗ୍ରହରେ ସେତେବେଳେ ସାତସମୁଦ୍ର– ତେର ନଈ ସେପାରିରୁ ବାଣିଜ୍ୟ କରିବାକୁ ଆସିଥିବା ଗୋରା ବଣିକ ଏହି ବୀରଭୂମିକୁ ଛଳେବଳେ କୌଶଳେ ଶାସନ କରିବାକୁ ଉଦ୍ୟମ କଲା । ସେଇ ବିଦେଶୀ ଜାତି ଫରାସୀ, ଓଲନ୍ଦାଜ ଓ ଇଂରେଜମାନେ ଭାରତମାତାକୁ ନିଜ ଅକ୍ତିଆରରେ ରଖିବା ପାଇଁ ପରସ୍ପର ମଧ୍ୟରେ ଲଢ଼େଇ କରି ବହୁ ରକ୍ତପାତ ଘଟାଇ, ଧନ ଜୀବନ ହାନି ପରେ ଇଷ୍ଟ ଇଣ୍ଡିଆ କଂପାନୀ ଭାରତବର୍ଷରେ ଶାସନ ଚଳାଇଲା । ଉତ୍କଳ ଜନନୀ ଓ ତା'ର ସନ୍ତାନମାନେ କିନ୍ତୁ ଗୋରା ଶାସକର ବଶ୍ୟତା ସ୍ୱୀକାର କଲେନାହିଁ । ଅଖଣ୍ଡ ଭାରତର ବୀରଭୂମି ଗଞ୍ଜାମ ଶହଶହ ଶହୀଦଙ୍କ ରକ୍ତରେ ରଂଜିତ ହେଲା ।

ଭାରତବର୍ଷର ବହୁ ଭୂଖଣ୍ଡ ବ୍ରିଟିଶ ଶାସନର କବଳିତ ହୋଇ ସେମାନଙ୍କ ଦାସତ୍ୱ ଗ୍ରହଣ ସତ୍ତ୍ୱେ ଓଡ଼ିଶାରେ ବ୍ରିଟିଶ ଶାସନର ପ୍ରତିରୋଧ ଓ ସ୍ୱାଧୀନତା ଆନ୍ଦୋଳନର ଆଦ୍ୟ ଆହ୍ୱାନ ଗଞ୍ଜାମରୁ ହିଁ ଶୁଭିଥିଲା । ବୀରପ୍ରସବିନୀ ଉତ୍କଳ ଜନନୀ ତଥା ତା'ର ବୀରଭୂମି ଏବଂ ସତ୍ୟ ଶାନ୍ତି–ମୈତ୍ରୀ ପ୍ରେମୀ ଅଥଚ ଦୁର୍ଦ୍ଧର୍ଷ ସନ୍ତାନମାନଙ୍କ ଲୀଳାଭୂମି ଗଞ୍ଜାମର ଜନତାଙ୍କୁ ବିଭ୍ରାନ୍ତ ବିପର୍ଯ୍ୟସ୍ତ କରିବା ପାଇଁ ବ୍ରିଟିଶ ଶାସକ ୧୭୬୬ରେ ଗଞ୍ଜାମ ଭୂଖଣ୍ଡକୁ ମାନ୍ଦ୍ରାଜ ସରକାର ଅଧୀନରେ ରଖିଥିଲେ ।



୧୮୧୭ରେ ଗୋରା ବ୍ରିଟିଶ ଶାସନ ବିରୁଦ୍ଧରେ ଓଡ଼ିଶାରେ ସଂଘଟିତ ଜଙ୍ଗବାହିନୀର ପାଇକ ମହାସମର ପୂର୍ବରୁ ୧୭୬୬ରେ ଇଂରେଜମାନଙ୍କ ଗଞ୍ଜାମ ଦଖଲବେଳେ ହିଁ ପ୍ରଥମ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା ବୋଲି ଐତିହାସିକ ସୁଶୀଲଚନ୍ଦ୍ର ଦେ ମତବ୍ୟକ୍ତ କରିଛନ୍ତି ।

ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡିର ମାଳଭୂମି, ସୁମ୍ମସର, ଆଠଗଡ଼, ଖଲ୍ଲିକୋଟ ଆଦି ରାଜ୍ୟଗୁଡ଼ିକର ରାଜନ୍ୟମଣ୍ଡଳୀ ଓ ସେମାନଙ୍କ ପ୍ରଜାବର୍ଗ ଆନ୍ଦୋଳନରେ ଝାସ ଦେଇଥିବା ତଥ୍ୟ ଏବେ କ୍ରମଶଃ ଲୋକଲୋଚନକୁ ଆସୁଛି ।

୧୭୬୬ରୁ ଗୋରା ବିଦେଶୀ ସରକାର ବିରୁଦ୍ଧରେ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମଶାଲ ଖେମୁଣ୍ଡିମଣ୍ଡଳର ପାରଳାଖେମୁଣ୍ଡିରୁ ଜଳି ଉଠି ପ୍ରତାପଗିରି (ସାନଖେମୁଣ୍ଡି) ବିଜୟନଗର (ବଡ଼ଖେମୁଣ୍ଡି) ସୁମ୍ମସର, ଆଠଗଡ଼, ଖଲ୍ଲିକୋଟ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ୧୭୬୬ରେ ଗଞ୍ଜାମ ଦଖଲ ହେଲାପରେ ୧୭୬୭ରେ ଇଂରେଜ ଅଫିସର କଟସ୍‌ଫୋର୍ଡ଼ ଗଞ୍ଜାମର ଅବସ୍ଥା ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ପାରଳାଖେମୁଣ୍ଡି ଯାଇଥିଲେ । କିନ୍ତୁ ପାରଳାଖେମୁଣ୍ଡିର ତତ୍କାଳୀନ ପ୍ରବଳ ପରାକ୍ରମୀ, ଦୁର୍ଦ୍ଧର୍ଷ ଶାସକ ଗଜପତି ଜଗନ୍ନାଥ ନାରାୟଣ ଦେବ (୨ୟ) ଗଞ୍ଜାମର

ଗୋରା ଶାସକ ଭାବେ ନିଯୁକ୍ତ କଟସ୍‌ଫୋର୍ଡ଼ଙ୍କୁ ନିଜ ରାଜ୍ୟର ଅବସ୍ଥା ସଂପର୍କରେ ସୂଚନା ଦେବା ଦୂରେ ଥାଉ, ନିଜ ରାଜଧାନୀ ଭିତରକୁ ପ୍ରବେଶ କରିବାର ସୁଯୋଗ ଓ ଅନୁମତି ସୁଦ୍ଧା ଦେଇନଥିଲେ। କଟସ୍‌ଫୋର୍ଡ଼ ଅପମାନିତ ହୋଇ ଗଜପତି ଜଗନ୍ନାଥ ନାରାୟଣ ଦେବଙ୍କୁ ଜବତ୍ କରିବା ପାଇଁ ୟ ର୍ଣ୍ଣେଲ ପିଚଙ୍କୁ ପାରଳାଖେମୁଣ୍ଡି ଦଖଲ ଓ ଦମନ ଅଭିଯାନରେ ପଠାଇଥିଲେ। କର୍ଣ୍ଣେଲ ପିଚ ମଧ୍ୟ ସଦଳବଳ ପାରଳାଖେମୁଣ୍ଡି ଯାଇଥିଲେ।

ପାରଳାରୁ ଆଠଗଡ଼, ପ୍ରତାପଗିରି, ବିଜୟନଗର, ଖଲ୍ଲିକୋଟର ରାଜନ୍ୟମଣ୍ଡଳୀ ଇଂରେଜ ଶାସକଙ୍କୁ ରାଜସ୍ୱ ନଦେଇ ଆନ୍ଦୋଳନର ସୂତ୍ରପାତ କରାଇଥିଲେ। ରାଜସ୍ୱ ନପାଇବାର ଆକ୍ରୋଶରେ ବ୍ରିଟିଶ୍ ଶାସକ ସେତେବେଳେ ଉପରୋକ୍ତ ସ୍ୱାଧୀନ ରାଜ୍ୟର ରାଜାମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସେନାବାହିନୀ ପ୍ରେରଣ କରିଥିଲେ। ପାରଳାର ରାଜା ଗଜପତି ଜଗନ୍ନାଥ ନାରାୟଣ ଦେବ ତଥା ଓ ଖଲ୍ଲିକୋଟ, ଆଠଗଡ଼ ଓ ପ୍ରତାପଗିରିର ରାଜା ଏବଂ ସେମାନଙ୍କ କନ୍ଧ-ଶବର ସେନାବାହିନୀ ବ୍ରିଟିଶ ସେନାବାହିନୀର ମୁକାବିଲା କରିଥିଲେ। ଏହି ସଂଘର୍ଷରେ ବହୁ ବ୍ରିଟିଶ ସୈନ୍ୟ ନିହତ ହୋଇଥିଲେ। କିନ୍ତୁ ଏହି ସଂଘର୍ଷ ପରେ ପାରଳାଖେମୁଣ୍ଡିର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିଲା ଓ ବ୍ରିଟିଶ ସୈନ୍ୟବାହିନୀ ଗୋଟିଏ ପରେ ଗୋଟିଏ ଦୁର୍ଗ ଦଖଲ କରିନେଲେ। ୧୭୭୭ ଏପ୍ରିଲ ୧୭ରେ ପ୍ରତାପଗିରି, ୧୯ରେ ଅଲାଡ଼ି ଏବଂ ମଇ ୯ରେ ସିଦ୍ଧେଶ୍ୱରମ ଦୁର୍ଗ ଦଖଲ ହୋଇଥିଲା।

ବିଦେଶୀ ଇଂରେଜୀ କଂପାନୀ ସରକାର ବିରୁଦ୍ଧରେ ତତ୍କାଳୀନ ଗଞ୍ଜାମର ଘୁମୁସର, ମହୁରି ଆଦି ରାଜ୍ୟର ରାଜନ୍ୟମଣ୍ଡଳୀ ଓ ବନବାସୀ- ଅଧିବାସୀ ଗର୍ଜି ଉଠିଥିଲେ। ବଣିକରୁ ଶାସକ ପାଲଟିଥିବା ଇଂରେଜ କଂପାନୀ ସରକାର ଭାରତର ପ୍ରାୟ ପ୍ରତ୍ୟେକ ପ୍ରଦେଶ, ପ୍ରଗଣା ଓ ଜମିଦାରୀର ଶାସନ ପରିଚାଳନା ଭାର କରଗତ କଲାପରେ ସେମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିଲା ଘୁମୁସର ରାଜ୍ୟ ଉପରେ। ୧୭୮୨ରେ ଘୁମୁସର ରାଜା ଥିଲେ ବିକ୍ରମ ଭଞ୍ଜ। ଇଂରେଜ କଂପାନୀ ସରକାର ତାଙ୍କ ପାଖରୁ ବଢ଼ା ଦରରେ ରାଜସ୍ୱ ଆଦାୟ ଉଦ୍ୟମ କଲା। କିନ୍ତୁ ସେ ରାଜି ହେଲେ ନାହିଁ। ସେହିଦିନଠାରୁ ଘୁମୁସର ଅଧିବାସୀଙ୍କ ମଧ୍ୟରେ ଇଂରେଜୀ ଶାସନ ବିରୁଦ୍ଧରେ ଯୁଦ୍ଧ ଘୋଷଣା ଆରମ୍ଭ ହେଲା। ଇଂରେଜଙ୍କ ଆଧିପତ୍ୟ, ଅନାଚାର ଓ ବ୍ୟଭିଚାର ଏବଂ ସର୍ବୋପରି କରପୀଡ଼ା ଶ୍ରୀକର ଭଞ୍ଜଙ୍କଠାରୁ (୧୭୯୦ରୁ ୧୯, ୧୮୧୮ରୁ ୩୨) ଧନଞ୍ଜୟ ଭଞ୍ଜ (୧୭୯୯ରୁ ୧୮୦୭, ୧୮୩୦-୩୨ଙ୍କ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଘୁମୁସର କନ୍ଧବାହିନୀର ସଂଗ୍ରାମ ଚାଲିଲା। ଏହି କନ୍ଧବାହିନୀର ନେତୃତ୍ୱ ନେଇଥିଲେ ସେନାପତି ମହାବୀର ଦୋହରା ବିଶୋୟୀ।

ମହୁରୀ ରାଣୀ କୃଷ୍ଣପ୍ରିୟା ମହାଦେବୀ (୧୭୮୬ରୁ ୧୮୦୩, ପାରଳାର ରାଣୀ ଗଜପତି ପାଟ ମହାଦେବୀ (୧୮୦୬ରୁ ୧୮୧୦)ଙ୍କ ପରି ବୀର ରମଣୀମାନଙ୍କ ବ୍ରିଟିଶ୍ ଶାସନ ବିରୁଦ୍ଧରେ ସଂଗ୍ରାମ ଭାରତ ଇତିହାସ ପୃଷ୍ଠାରେ ବିସ୍ତୃତ ଭାବେ ଆଲୋଚିତ ହୋଇ ନଥିଲେ ସୁଦ୍ଧା ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ବହୁ ପୂର୍ବରୁ ଏମାନେ ଯେ ସର୍ବପ୍ରଥମ ... ବିଦ୍ରୋହର ବହ୍ନି ଗଞ୍ଜାମ ମାଟିରେ ପ୍ରଜ୍ୱଳିତ କରିଥିଲେ ... ସ୍ୱୀକାର୍ଯ୍ୟ ଏବଂ ଏମାନଙ୍କ କାର୍ଯ୍ୟଧାରା ପରର ପୁରୁଷଙ୍କ ... ପ୍ରେରଣାର ଉତ୍ସ।

୧୭୬୬ରୁ ୧୮୯୬ ପର୍ଯ୍ୟନ୍ତ ୧୩୦ ବର୍ଷ ବ୍ରିଟିଶ ଶାସନ ବିରୁଦ୍ଧରେ ଚାଲିଥିବା ସ୍ୱଦେଶୀ ସେନା ଓ ଶହୀଦ୍ ସେନା ନାୟକମାନଙ୍କ ତ୍ୟାଗପୂତ ଜୀବନର କାର୍ଯ୍ୟଧାରା ଅନୁପ୍ରାଣିତ କରିଥିଲା ୧୮୭... ନଭେମ୍ବର ୨୪ ତାରିଖରେ ଗଞ୍ଜାମ ଜିଲ୍ଲାର ପୋଲସରା ନିକଟବର୍ତ୍ତୀ ରୁକାକଣା ଗ୍ରାମରେ ଜନ୍ମଗ୍ରହଣ କରିଥିବା ନିରଞ୍ଜନ ପଟ୍ଟନାୟକଙ୍କୁ।

ପିତା ଦାମୋଦର ପଟ୍ଟନାୟକ, ମାତା ହୀରାମଣି ଦେବୀ। ଦାମୋଦର ଆସିକା ମୁନିସଫ୍ ଅଦାଲତରେ ନାଜିର। ... କରଣ ପରିବାରର ସନ୍ତାନ ଭାବେ ନିରଞ୍ଜନ ପଟ୍ଟନାୟକ ... ଶୈଶବ ଓ କୈଶୋରରୁ ହିଁ ନିଜର ମେଧା ଓ ଧୀଶକ୍ତି ପ୍ରଦର୍ଶନ କରିଥିଲେ। ଆସିକାରୁ ବ୍ରହ୍ମପୁର, ବ୍ରହ୍ମପୁରରୁ ମାନ୍ଦ୍ରାଜ, ମାନ୍ଦ୍ରାଜରୁ କଲିକତା—୧୯ ବର୍ଷର ଛାତ୍ର ଜୀବନ ମଧ୍ୟରେ ସ୍ନାତକୋତ୍ତରରୁ ସ୍ନାତକ ଓ ସ୍ନାତକରୁ ଆଇନ ବ୍ୟବସାୟ ମଧ୍ୟରେ ତାଙ୍କ ପ୍ରତିଭାର ... ପ୍ରଦର୍ଶନ ଯେପରି ଆଶ୍ଚର୍ଯ୍ୟଜନକ, ସେହିପରି ସ୍ମରଣୀୟ।

ପୂର୍ବସୂରୀଙ୍କ ଗୌରବୋଜ୍ଜ୍ୱଳ ଐତିହ୍ୟ, ପରମ୍ପରା ଓ ସଂଗ୍ରାମ ଯୁବକ ନିରଞ୍ଜନଙ୍କୁ ଉଦ୍‌ବୁଦ୍ଧ କରିଥିଲା। ଗୋଟିଏ ପଟେ ପରାଧୀନ ଭାରତମାତା ଓ ଅପରପକ୍ଷରେ 'ଡିଭାଇଡ୍ ଆଣ୍ଡ ରୁଲ୍'ର ସୁଚତୁର ପ୍ରବର୍ତ୍ତକ ଗୋରା ଶାସକଙ୍କ ଦ୍ୱାରା ଖଣ୍ଡବିଖଣ୍ଡିତ ହୋଇ ପଡ଼ିଥିବା ଉତ୍କଳ ଜନନୀଙ୍କ ଅସହାୟ ସନ୍ତାନ ନିରଞ୍ଜନଙ୍କୁ ... କିଶୋର କାଳରୁ ହିଁ ବିବ୍ରତ କରିଥିଲା। ତେଣୁ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଭାରତବର୍ଷର ସ୍ୱାଧୀନତା ପାଇଁ ଅତୀତ ଇତିହାସକୁ ଅଧ୍ୟୟନ କରି ଭବିଷ୍ୟତ ଆଡ଼କୁ ଲକ୍ଷ୍ୟ ପ୍ରଦାନ ... କଲେ। ତାହାର ଫଳ ସ୍ୱରୂପ ସୃଷ୍ଟି ହେଲା ସତୀଶ ଚନ୍ଦ୍ର ପ୍ରଧାନଙ୍କ ସହଯୋଗରେ THE ORIYA MOVEMENT (ଦି ଓରିଆ ମୁଭମେଣ୍ଟ) ୧୯୧୯ରେ। ଓଡ଼ିଆ ଜାତି ଇତିହାସର ଏହି ତଥ୍ୟ ସମ୍ବଳିତ ସଂଗ୍ରାମୀ ଗ୍ରନ୍ଥ କେବଳ ଯେ ୧୯୦୩ରେ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଓଡ଼ିଶାର ମହାନାୟକ କୁଳବୃଦ୍ଧ ମଧୁସୂଦନଙ୍କୁ ଅଭିଭୂତ କରିଥିଲା ତାହା ନୁହେଁ, ଜାତିର ଜନକ ମହାତ୍ମାଗାନ୍ଧୀ ମଧ୍ୟ ଏହି ଗ୍ରନ୍ଥଟି ପଢ଼ି ଅଭିଭୂତ ହୋଇ ପଡ଼ିଥିଲେ। ଏହି ଗ୍ରନ୍ଥ ଟି ହିଁ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ଭିତ୍ତିଭୂମି ସୃଷ୍ଟି କରିଥିଲା। କେବଳ ତାହା ନୁହେଁ ଏହି ଗ୍ରନ୍ଥର ଲେଖକ ଭାବେ ନିରଞ୍ଜନଙ୍କୁ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତକାଳୀନ ସହିତ ମିଳିବାର ସୁଯୋଗ ଆଣିଦେଇଥିଲା।

୧୯୧୩ରେ ପ୍ରତିଷ୍ଠିତ 'ସାପ୍ତାହିକ ଆଶା'ର ପ୍ରତିଷ୍ଠାତା, ପୁଣ୍ୟତୋୟା ଋଷିକୁଲ୍ୟା ତଟବର୍ତ୍ତୀ ସୋରଡ଼ା ଜନପଦର ଯୋଗ୍ୟତମ ଦାୟାଦ ନରବ୍ୟାଘ୍ର ଶଶିଭୂଷଣଙ୍କ ଅନ୍ତରଙ୍ଗ ସହଯୋଗୀ ଥିଲେ– ବହୁମୁଖୀ ପ୍ରତିଭାର ଅଧିକାରୀ ସତ୍ୟାଗ୍ରହୀ ନିରଞ୍ଜନ ପଟ୍ଟନାୟକ । ସେ ତାଙ୍କ ଯୌବନର ପ୍ରଥମ ଅବସ୍ଥାରୁ ହିଁ ବୋଧହୁଏ ଅନୁଭବ କରିଥିଲେ– ବ୍ରିଟିଶ୍ ଶାସକଙ୍କୁ, ତାର ସୈନ୍ୟବାହିନୀକୁ, କୁଶାସନକୁ, ତାର ଶୋଷଣ ଓ ଭ୍ରଷ୍ଟାଚାରକୁ, ତାର ବାହୁବଳକୁ ଗୁଳିଗୋଳା ମାଧ୍ୟମରେ ପ୍ରତିରୋଧ କରିବା ସମ୍ଭବ ନୁହେଁ । ତେଣୁ ସେ ଗୋରା ଶାସକ ବିରୁଦ୍ଧରେ ଜନମତକୁ ସଂଗଠିତ କରିବା, ଲୋକଶକ୍ତିକୁ ଏକତାବଦ୍ଧ କରି ବଳିଷ୍ଠାନ କରିବାକୁ ହେଲେ ସମ୍ବାଦପତ୍ର ପରି ଏକ 'ମହାବଳ' ସୃଷ୍ଟି କରିବାକୁ ପଡ଼ିବ ବୋଲି ଯୋଜନାବଦ୍ଧ ହେଲେ । ଏଥିପାଇଁ ସେ ସହଯୋଗ ଖୋଜିଲେ–ତତ୍‌କାଳୀନ ବିଛିନ୍ନ ଉତ୍କଳର ନରବ୍ୟାଘ୍ର ଶଶିଭୂଷଣ ରଥଙ୍କର । ସୋରଡ଼ା ମାଟିରେ ଜନ୍ମ ହୋଇ ପାରଳାଖେମୁଣ୍ଡି, ବ୍ରହ୍ମପୁର, କଟକ, କଲିକତା ତଥା ସୁଦୂର ବମ୍ବେ ପର୍ଯ୍ୟନ୍ତ 'ଛତ୍ରପତି' ଭାବେ ନିଜ ବ୍ୟକ୍ତିତ୍ୱର ପ୍ରଭାବ ବିସ୍ତାର କରି ପୁଣି ବ୍ରହ୍ମପୁର ସହରକୁ ନିଜ କର୍ମ ସାଧନର କେନ୍ଦ୍ର ଭାବେ ପରିଣତ କରିଥିବା ଶଶିଭୂଷଣଙ୍କ 'ଆଶା ପ୍ରେସ'ରୁ ଆତ୍ମପ୍ରକାଶ କରିଥିଲା ନିରଞ୍ଜନଙ୍କ ସଂପାଦନାରେ ଓଡ଼ିଶାରେ ସର୍ବପ୍ରଥମ ଲିଥୋକରା ଦୈନିକ ସମ୍ବାଦ ବୁଲେଟିନ୍– 'ଗାନ୍ଧୀସମାଚାର' । ଚଣ୍ଡିପାଠରୁ ଜୋତା ବେପାର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ପାରଙ୍ଗମ କୁଶଳୀ, ବିପୁଳ ଅର୍ଥର ଅଧିକାରୀ ଶଶିଭୂଷଣ ରଥ ଶେଷରେ ଦେଶ ମିଶ୍ରଣ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ବହ୍ନିକୁ ପ୍ରଜ୍ୱଳିତ କରିବା ପାଇଁ 'ସାପ୍ତାହିକଆଶା' ପ୍ରକାଶନ ମାଧ୍ୟମରେ ସର୍ବସ୍ୱାନ୍ତ ହୋଇ ସୁଦ୍ଧା, ସାପ୍ତାହିକ ଆଶାକୁ 'ଦୈନିକ ଆଶା'ରେ ପରିଣତ କରିବା ପାଇଁ ସ୍ୱପ୍ନ ଦେଖୁଥିଲେ । ତେଣୁ ଅନୁଜ ସତୀର୍ଥ ନିରଞ୍ଜନଙ୍କୁ ଓ ତାଙ୍କ ପ୍ରତିଭାକୁ ପରୀକ୍ଷା କରିବା ନିମନ୍ତେ ତାଙ୍କୁ ଉତ୍ସାହିଲେ– 'ଗାନ୍ଧୀ ସମାଚାର' ପ୍ରକାଶନ ନିମନ୍ତେ ।

୧୯୨୦ରେ ନାଗପୁର କଂଗ୍ରେସ ଅଧିବେଶନ ବେଳେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ନିରଞ୍ଜନ ପଟ୍ଟନାୟକ । ସେଠାରେ ତାଙ୍କର ଜାତିର ଜନକ ବାପୁଜୀ....... ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ସହିତ ଭେଟ ହୋଇଥିଲା । ହୁଏତ ମଣି–କାଞ୍ଚନର ସଂଯୋଗ ହେଲା । ଯୁବକ ନିରଞ୍ଜନ ବାପୁଜୀଙ୍କୁ ଉପହାର ଦେଲେ ତାଙ୍କ ରଚିତ– THE ORIYA MOVEMENT ଗ୍ରନ୍ଥ । ସେଇ ଗ୍ରନ୍ଥଟି ତାଙ୍କୁ ବାପୁଜୀଙ୍କ ନିକଟତର କରିଥିଲା । ସେ ପାଲଟି ଗଲେ ଗାନ୍ଧୀବାଦୀ....... ଗାନ୍ଧୀ ମହାତ୍ମାଙ୍କ ପଟ୍ଟଶିଷ୍ୟ । ଶାନ୍ତି, ପ୍ରୀତି, ମୈତ୍ରୀ ଓ ଅଭୟର ବାର୍ତ୍ତାବହ ଗାନ୍ଧିଜୀଙ୍କ ଗାନ୍ଧୀବାଦର ଭଗୀରଥକୁ ଓଡ଼ିଶା ଭୂଖଣ୍ଡକୁ ଭଗୀରଥ ପରି ବହମାନ କରି ଆଣିଥିଲେ ଆମ ନିରଞ୍ଜନ । ପରବର୍ତ୍ତୀ କାଳରେ ଏହି ଗାନ୍ଧୀବାଦୀ ନେତା ସତ୍ୟାଗ୍ରହୀ ନିରଞ୍ଜନ ପଟ୍ଟନାୟକ ଓଡ଼ିଶାରେ ଅସ୍ପୃଶ୍ୟତା ବିରୋଧୀ ଆନ୍ଦୋଳନ, ବାପୁଜୀଙ୍କ ସମସ୍ତ ରଚନାତ୍ମକ କାର୍ଯ୍ୟର ପ୍ରଚାର ଓ ପ୍ରସାର କରିଥିଲେ ।

୧୯୨୭ ନଭେମ୍ବର ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ କାଳରେ ନିରଞ୍ଜନ ପଟ୍ଟନାୟକଙ୍କ ସଂପାଦନାରେ ଦୈନିକ ବୁଲେଟିନ୍ 'ଗାନ୍ଧୀ ସମାଚାର' ପ୍ରକାଶ ପାଇଲା ଶଶିଭୂଷଣ ରଥଙ୍କ "ଆଶା ପ୍ରେସ'ରୁ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ମୁକ୍ତି ସଂଗ୍ରାମ ବେଳେ ସମ୍ବାଦପତ୍ର ସ୍ୱାଧୀନତା ସଂଗ୍ରାମୀ, ଉତ୍କଳ–ଭାରତୀଙ୍କ ବରପୁତ୍ରମାନଙ୍କ ସାଧନା ଓ ସଂଗ୍ରାମର ମାଧ୍ୟମ ଥିଲା । ସତ୍ୟାନୁସନ୍ଧାନର କଣ୍ଟକମୟ ଯାତ୍ରା ଥିଲା ସାମ୍ବାଦିକର ଧର୍ମ–କର୍ତ୍ତବ୍ୟ ଓ ଦାୟିତ୍ୱ । ଫ୍ରାନ୍ସର ମହାନାୟକ ନେପୋଲିୟନଙ୍କ ଭାଷାରେ– ବଲମ ଅପେକ୍ଷା କଲମ ଅଧିକ ଶକ୍ତିଶାଳୀ । ସତ୍ୟାନୁସନ୍ଧାନୀ ସାମ୍ବାଦିକର କଲମ ମୁନରେ ସତ୍ୟ ଉଦ୍‌ଘାଟନ ବେଳେ କେତେ ଯେ ରଥୀ– ମହାରଥୀ ଟଳି ପଡ଼ିବେ ଏବଂ କେତେ ଯେ ପ୍ରତିଭାବନ୍ତ ପ୍ରତିଭା ଆବିର୍ଭୂତ ହେବେ..... ତେବେ ସତ୍ୟ ସବୁକାଳ ଚିରନ୍ତନ ସତ୍ୟ ହୋଇ ରହିବ । ସେପରି ସତ୍ୟର ସନ୍ଧାନୀ ଥିଲେ ନିରଞ୍ଜନ ପଟ୍ଟନାୟକ ।

ଓଡ଼ିଶାର ପ୍ରଥମ ସାପ୍ତାହିକ ସମ୍ବାଦପତ୍ର ହେଉଛି– 'ଉତ୍କଳ ଦୀପିକା' । ପ୍ରତିଷ୍ଠାତା–ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ତାପରେ ଶଶିଭୂଷଣ ରଥଙ୍କ ପ୍ରତିଷ୍ଠିତ ସାପ୍ତାହିକ 'ଆଶା' । ତାପରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ସାପ୍ତାହିକ 'ସମାଜ' । ଓଡ଼ିଶାରେ ସର୍ବପ୍ରଥମ ଦୈନିକ ସମ୍ବାଦପତ୍ର କହିଲେ "ଦୈନିକ ଆଶା"କୁ ବୁଝାଉଥିଲେ ସୁଦ୍ଧା କ୍ଷୀଣାୟୁ ହେଲେ ମଧ୍ୟ 'ଗାନ୍ଧୀ ସମାଚାର'କୁ ହିଁ ମାତ୍ର ଦୁଇ ମାସ ପାଇଁ ପ୍ରଥମ ଦୈନିକ ଓଡ଼ିଆ ସମ୍ବାଦପତ୍ର ଭାବେ ଗ୍ରହଣ କରାଯାଇପାରେ । ଏହି ସମ୍ବାଦପତ୍ରଟି ପ୍ରଥମେ ୧୯୨୭ ମସିହା ନଭେମ୍ବର ୧ ତାରିଖ ଦିନ ଶଶିଭୂଷଣ ରଥଙ୍କ ବ୍ରହ୍ମପୁରସ୍ଥିତ 'ଆଶା ପ୍ରେସ'ରୁ ଜନ୍ମ ନେଇଥିଲା ଏବଂ ୧୯୨୮ ମାର୍ଚ୍ଚ ୩ ତାରିଖରେ ବନ୍ଦ ହୋଇ ଯାଇଥିଲା । ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ୧୯୨୭- ଡିସେମ୍ବର ୧ରୁ ଆରମ୍ଭ ହେଲା ଏବଂ 'ଗାନ୍ଧୀ ସମାଚାର'ରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ କାଳୀନ ସଭା ଓ ଭାଷଣର ବିବରଣୀ ପ୍ରକାଶ ପାଉଥିଲା । ସେତେବେଳେ ଦୈନିକ 'ଗାନ୍ଧୀ ସମାଚାର' ଲୋକଙ୍କ ମଧ୍ୟରେ ବେଶ ଆଦୃତ ହେଉଥିଲା । ମୂଲ୍ୟ ଥିଲା ମାତ୍ର ପଇସାଟିଏ । ବ୍ରହ୍ମପୁର ଆଶା ପ୍ରେସରୁ ଗାନ୍ଧୀ ସମାଚାର ପ୍ରକାଶ ପାଇବା ପରେ ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କ ସଂପାଦିତ 'ସାପ୍ତାହିକ ସମାଜ'ରେ ଲେଖିଥିଲେ– "ମହାତ୍ମା ଗାନ୍ଧୀଙ୍କ ଆଗମନର ଉପଲକ୍ଷ୍ୟରେ ବ୍ରହ୍ମପୁର ଆଶା ପ୍ରେସରୁ ବାବୁ ନିରଞ୍ଜନ ପଟ୍ଟନାୟକଙ୍କ ସଂପାଦକତ୍ୱରେ 'ଗାନ୍ଧୀ ସମାଚାର' ଦୈନିକ ୧ ମାସ ପହିଲାରୁ ବାହାରୁ ଅଛି । ଏହା ଦୁଇମାସ ପର୍ଯ୍ୟନ୍ତ ବାହାରିବ । ଆକାର ଖଣ୍ଡିଏ ଫୁଲ୍‌ସ୍କେପ କାଗଜ । ଏ ଦୁଇ ମାସକୁ ଏହାର ମୂଲ୍ୟ ଦୁଇଟଙ୍କା ରଖାଯାଇଛି । ('ସମାଜ' ସାପ୍ତାହିକ : ୧୦ ଡିସେମ୍ବର ୧୯୨୭) ।

୧୯୨୭ ଡିସେମ୍ବର ୧ରେ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ବେଳେ ନିରଞ୍ଜନ ପଟ୍ଟନାୟକ ଗାନ୍ଧିଜୀଙ୍କ ଅନ୍ୟତମ ବ୍ୟକ୍ତିଗତସଚିବ ଭାବେ

ଦାୟିତ୍ୱ ତୁଲାଇ ଥିଲେ । ଓଡ଼ିଶା ଗସ୍ତ କାଳରେ ଗାନ୍ଧିଜୀ ତତ୍କାଳୀନ ଗଞ୍ଜାମର ବୋଇରାଣୀ (କବିସୂର୍ଯ୍ୟନଗର), କୋଦଳା, ଖଲ୍ଲିକୋଟ, ରମ୍ଭା ଏବଂ ବାଣପୁର, ବୋଲଗଡ଼, ଖୋର୍ଦ୍ଧା, ସାକ୍ଷୀଗୋପାଳ, ପୁରୀ, କଟକ, ଭଦ୍ରକ ଓ ବାଲେଶ୍ୱର ଆଦି ସ୍ଥାନମାନଙ୍କରେ ଉଦ୍‌ବୋଧନ ଦେଇଥିଲେ । ଓଡ଼ିଶାରେ ମୁଖ୍ୟତଃ ଖଦୀର ପ୍ରସାର ପାଇଁ ଗାନ୍ଧିଜୀ ଓଡ଼ିଶା ଭ୍ରମଣରେ ଆସି ୧୯୨୭ ଡିସେମ୍ବର ୫ ତାରିଖରେ ବ୍ରହ୍ମପୁର ରେଳ ଷ୍ଟେସନରେ ପଦାର୍ପଣ କଲା ପରେ ତାଙ୍କର ଗଞ୍ଜାମ ଗସ୍ତ ଆରମ୍ଭ ହୋଇଥିଲା । ଗାନ୍ଧିଜୀଙ୍କ ଓଡ଼ିଶା ଯାତ୍ରା ଓ ଭାଷଣର ପ୍ରତିଟି ବିବରଣୀ ନିରଞ୍ଜନଙ୍କ ସଂପାଦିତ ଗାନ୍ଧୀ ସମାଚାରରେ ପ୍ରକାଶ ପାଉଥିଲା । ଗାନ୍ଧୀ ସମାଚାରରେ ପ୍ରକାଶିତ ବିବରଣୀଗୁଡ଼ିକ ସର୍ବସାଧାରଣରେ ଆଦୃତ ହେବା ସଙ୍ଗେ ସଙ୍ଗେ ଜନମାନସରେ ମଧ୍ୟ ତାହାର ପ୍ରଭାବ ପଡୁଥିଲା । ଗାନ୍ଧିଜୀଙ୍କ ପ୍ରତି ଓଡ଼ିଶାର ଜନତାଙ୍କ ଶ୍ରଦ୍ଧାଭାବ ଓ ସମ୍ମାନ ଥିଲା । ତାହାକୁ ଭିତ୍ତି କରି ୧୯୨୭ ଡିସେମ୍ବର ୧୧ ତାରିଖ ଗାନ୍ଧୀ ସମାଚାରରେ ନିରଞ୍ଜନ ବେଶ ସୁନ୍ଦର ଓ ପ୍ରାଞ୍ଜଳ ଭାବରେ ଲିପିବଦ୍ଧ କରିଥିଲେ– "ଗାନ୍ଧିଜୀ ଜନସାଧାରଣଙ୍କୁ କହିଥିଲେ– ତମେମାନେ କାହାକୁ ଭୟ କରୁଛ ? କେବେ ହେଲେ କାହାକୁ ଭୟ କର ନାହିଁ । କେବଳ ନିଜେ ନିଜକୁ ଭୟ କର ଓ ଈଶ୍ୱରଙ୍କୁ ଭୟ କର । ନିଜ କର୍ମକୁ ସୁସମାହିତ କର । ପୁଲିସ ଆମର ବନ୍ଧୁ । ତାଙ୍କୁ ଭୟ କଲେ ଚଳିବ ନାହିଁ । ଯେଉଁ ମଣିଷ ଅନ୍ୟ ମଣିଷକୁ ଭୟ କରେ– ସେ ମଣିଷ ନୁହେଁ ।"

ଗାନ୍ଧିଜୀ ୧୯୨୭ ଡିସେମ୍ବର ୨୦ ତାରିଖରେ କଟକର ସାଧାରଣ ସଭାରେ ଦେଇଥିବା ଭାଷଣକୁ 'ଗାନ୍ଧୀ ସମାଚାର' ତାହାର ୨୩ ତାରିଖ ସଂଖ୍ୟାରେ ଲିପିବଦ୍ଧ କରିଥିଲା– "ସେ ସଭାରେ ଗାନ୍ଧୀ କହିଥିଲେ– ଖଦୀ ପିନ୍ଧ । ଉତ୍ପାଦନ ବଢ଼ାଅ । ଏହାକୁ ବିକ୍ରି କରିବା ପାଇଁ ବ୍ୟସ୍ତ ହୁଅ ନାହିଁ । ସମଗ୍ର ଭାରତ ପାଇଁ ଓଡ଼ିଶା ଖଦୀ ଯୋଗାଉ ।"

୧୯୨୭ ନଭେମ୍ବର ୯ ତାରିଖରେ ଆତ୍ମପ୍ରକାଶ କରି ୧୯୨୮ ଜାନୁଆରୀ ୩ ତାରିଖରେ ଅସ୍ତମିତ ହୋଇ ଯାଇଥିବା 'ଗାନ୍ଧୀ ସମାଚାର'...... ତାହାର ୨ ମାସ ଆୟୁଷ ମଧ୍ୟରେ ବ୍ରିଟିଶ ପ୍ରଶାସନକୁ ସନ୍ତ୍ରସ୍ତ ଓ ଆତଙ୍କିତ କରି ଦେଇଥିଲା । ଏହି ଦୁଇ ମାସର ପ୍ରକାଶକାଳ ମଧ୍ୟରେ 'ଗାନ୍ଧୀ ସମାଚାର' ଓଡ଼ିଶାର ସହର, ନଗର ଓ ଜନପଦମାନଙ୍କରେ ବେଶ ଆଦୃତ ହୋଇ ଉଠିଥିଲା । ପ୍ରତିଭାବନ୍ତ ପୁରୁଷ ନିରଞ୍ଜନଙ୍କ ରିପୋର୍ଟିଂ ଓ ଶଶିଭୂଷଣ ରଥଙ୍କ ପ୍ରକାଶନ ଏବଂ ପରିବେଷଣ କୌଶଳ ବ୍ରିଟିଶ ପ୍ରଶାସନର ହୃତକମ୍ପନର କାରଣ ହୋଇ ପଡ଼ିଥିଲା । ଫଳରେ 'ଗାନ୍ଧୀ ସମାଚାର' ବ୍ରିଟିଶ ପଦାଧିକାରୀମାନଙ୍କ କୋପଦୃଷ୍ଟିର ଶିକାର ହୋଇଥିଲା ।

'ଗାନ୍ଧୀ ସମାଚାର' ଓ ନିରଞ୍ଜନ ପଟ୍ଟନାୟକଙ୍କ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ସଂପାଦିତ 'ନବଭାରତ' ପତ୍ରିକାରେ ଲେଖିଥିଲେ–"ଗଞ୍ଜାମର ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଓ ଖଦୀ କର୍ମୀ ମହଲରେ ଅତ୍ୟନ୍ତ ସୁପରିଚିତ । ୧୯୨୭ରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ବେଳେ ସମସ୍ତ ଗସ୍ତଟିର ପରିଚାଳନା କାର୍ଯ୍ୟ ତାଙ୍କ କର୍ମ ଥିଲା । ସେତେବେଳେ 'ଗାନ୍ଧୀ ସମାଚାର' ବୋଲି ଦୈନିକ ପ୍ରଚାରପତ୍ର ବାହାର କରି ବଡ଼ ଦକ୍ଷତାର ସହ ଚଳାଇଥିଲେ । ତାହା ହିଁ କାର୍ଯ୍ୟତଃ ଓଡ଼ିଶାର ପ୍ରଥମ ଦୈନିକ ସମ୍ବାଦପତ୍ର କହିଲେ ଚଳେ । ନବଭାରତ–ତୁଳା ୧୩୪୦)

'ଗାନ୍ଧୀ ସମାଚାର' ପହିଲା ନଭେମ୍ବର ୧୯୨୭ରେ ପ୍ରକାଶ ପାଇବା ପରେ ଓଡ଼ିଶାର ପ୍ରଥମ ସାପ୍ତାହିକ 'ଉତ୍କଳ ଦୀପିକା'ର ସଂପାଦକ କର୍ମବୀର ଗୌରୀଶଙ୍କର ରାୟ ନଭେମ୍ବର ୯ ତାରିଖ 'ଉତ୍କଳ ଦୀପିକା'ରେ ଲେଖିଥିଲେ– "ବ୍ରହ୍ମପୁର ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକଙ୍କ ସଂପାଦକତ୍ୱରେ 'ଗାନ୍ଧୀ ସମାଚାର' ନାମକ ଖଣ୍ଡେ ଦୈନିକ ସମ୍ବାଦପତ୍ର ପ୍ରକାଶିତ ହେଉଛି । ଓଡ଼ିଶାର ଜନସାଧାରଣ ଏପର୍ଯ୍ୟନ୍ତ ସମ୍ବାଦପତ୍ରର ଉପକାରିତା ସମ୍ପୂର୍ଣ୍ଣ ରୂପେ ଅନୁଭବ କରି ପାରି ନଥିବାରୁ ସମ୍ବାଦପତ୍ରଗୁଡ଼ିକ ଆଶାନୁରୂପ ସହାନୁଭୂତି ପାଇ ପାରନ୍ତି ନାହିଁ । ତେଣୁ ଅନେକ ସମ୍ବାଦପତ୍ର ସ୍ଥାୟୀ ହୋଇ ପାରୁ ନାହିଁ । ଅବଶ୍ୟ ଏହି ଅବସ୍ଥା ଚିରଦିନ ରହିବ ନାହିଁ । ଆଶା କରାଯାଏ, ଶୀଘ୍ର ଏହି ଅବସ୍ଥା ଦୂର ହୋଇଯିବ । ନିରଞ୍ଜନ ପଟ୍ଟନାୟକଙ୍କ ପ୍ରକାଶ କରିବାର ଉଦ୍ୟମ ସଫଳ ହେଉ ।"

'ଗାନ୍ଧୀ ସମାଚାର' ବ୍ରିଟିଶରାଜର କୋପଦୃଷ୍ଟିରେ ପଡ଼ି ପ୍ରକାଶନର ଦୁଇ ମାସ ପରେ ବନ୍ଦ ହୋଇ ଯାଇଥିଲେ ମଧ୍ୟ ଏହାର ଲୋକପ୍ରିୟତାକୁ ପୁଞ୍ଜି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ମହାରଥୀ ତଥା ଉତ୍କଳ ସମ୍ମିଳନୀର ପୁନଃ ସଂସ୍ଥାପକ ଶଶିଭୂଷଣ ରଥ ଓଡ଼ିଆ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମକୁ ଅଧିକ ସକ୍ରିୟ କରିବା ପାଇଁ ସାପ୍ତାହିକ ଆଶାକୁ 'ଦୈନିକ ଆଶା'ରେ ପରିଣତ କରିଥିଲେ । ନିରଞ୍ଜନ ପଟ୍ଟନାୟକ ବୟସରେ ଶଶିଭୂଷଣ ରଥଙ୍କଠାରୁ କନିଷ୍ଠ ହେଲେ ମଧ୍ୟ ଅନ୍ତରଙ୍ଗ ସହଯୋଗୀ ଭାବରେ "ଦୈନିକ ଆଶା" ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ ।

---

ପାର୍ଶ୍ୱ: ସିଃ ଚର୍ଚ୍ଚ ରୋଡ୍,
ବ୍ରହ୍ମପୁର-୭୬୦୦୧ ।

# ବୃହତ୍ତର ଉତ୍କଳ ଗଠନରେ ଡଃ ମହତାବଙ୍କ ଅବଦାନ

ଶ୍ରୀ ମହେଶ୍ୱର ମୂଳିଆ

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ସଂଗ୍ରାମମୟ ଜୀବନାଲେଖାରେ ଗଡ଼ଜାତ ମିଶ୍ରଣ ଏକ ଯୁଗାନ୍ତକାରୀ ଅଧ୍ୟାୟ। ବୃହତ୍ତର ଉତ୍କଳ ଗଠନ ଏବଂ ବିଶାଳ ଭାରତ ନିର୍ମାଣରେ ବୈପ୍ଳବିକ ଭୂମିକା ଓ ଦୂରଦର୍ଶୀ ନେତୃତ୍ୱ ପାଇଁ ଭାରତ ଇତିହାସରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ।

ସେତେବେଳେ ଓଡ଼ିଶା ମୋଗଲବନ୍ଦୀ ଓ ଗଡ଼ଜାତ ନାମରେ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ବ୍ରିଟିଶ ଶାସନ କାଳରେ ଗଡ଼ଜାତର ରାଜା-ଜମିଦାରମାନେ ସରକାରଙ୍କ ସହିତ ଚୁକ୍ତିବଦ୍ଧ ହୋଇ ତାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ। ୧୯୦୮ ମସିହାରେ ସେମାନେ ବଡ଼ଲାଟ ଲର୍ଡ଼ କର୍ଜନଙ୍କଠାରୁ ସନନ୍ଦ ପାଇଥିଲେ। ୧୯୨୨ରେ ଗଡ଼ଜାତ ରାଜ୍ୟଗୁଡ଼ିକର ଶାସନ ପରିଚାଳନାରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ରାଜାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ବ୍ରିଟିଶ ସରକାର ଜଣେ ପଲିଟିକାଲ ଏଜେଣ୍ଟଙ୍କୁ ନିଯୁକ୍ତ କରିଥିଲେ। ଗଡ଼ଜାତ ରାଜ୍ୟଗୁଡ଼ିକ ବିପୁଳ ଖଣିଜ ଓ ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ ଥିଲେ ମଧ୍ୟ ଅତ୍ୟନ୍ତ ଅନୁନ୍ନତ ଓ ଅବହେଳିତ ଅବସ୍ଥାରେ ରହିଥିଲା। ରାଜା ଜମିଦାରମାନଙ୍କ ଦ୍ୱାରା ଶୋଷିତ ଓ ଅତ୍ୟାଚାରିତ ହୋଇ ପ୍ରଜାମାନେ ଘୋର ଦୁଃଖ ଦୁର୍ଦ୍ଦଶା ଭୋଗୁଥିଲେ। ରାଜାମାନେ ଖୁବ୍ ବିଳାସବ୍ୟସନରେ ରହୁଥିଲେ। ସେମାନେ ଅତ୍ୟନ୍ତ ପ୍ରଜାପୀଡ଼କ ଓ ଅତ୍ୟାଚାରୀ ଥିଲେ। ନିଜର ସୁଖ-ସମ୍ଭୋଗ ଛଡ଼ା ପ୍ରଜାଙ୍କ ମଙ୍ଗଳ ପ୍ରତି ଆଦୌ ଧ୍ୟାନ ଦେଉ ନ ଥିଲେ। ରାଜ୍ୟରେ ପ୍ରବଳ ଭାବରେ ବେଠି, ବେଗାରି ଭେଟି ପ୍ରଥା ପ୍ରଚଳିତ ଥିଲା। ନାନା ପ୍ରକାର କରଭାରରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ପ୍ରଜାମାନେ ସଙ୍ଗଠିତ ନ ଥିଲେ। ରାଜା-ଜମିଦାରମାନଙ୍କ ଅତ୍ୟାଚାର ସେମାନେ ମୁଣ୍ଡ ପାତି ସହିନେଉଥିଲେ। କେହି ଏହି ଅଣାରୀ ଶାସନ ବିରୁଦ୍ଧରେ ତୁଣ୍ଡ ଖୋଲି ପାରୁ ନ ଥିଲେ। ଅତ୍ୟାଚାର ଅସହ୍ୟ ହେଲେ ପ୍ରଜାମେଳି ହେଉଥିଲା। ବ୍ରିଟିଶ ସରକାର ରାଜାମାନଙ୍କୁ ସୁରକ୍ଷା ଦେଉଥିଲେ। ସାମରିକ ବାହିନୀ ବିଦ୍ରୋହକୁ କଠୋର ହସ୍ତରେ ଦମନ କରୁଥିଲେ। ରାଜାଙ୍କ ନିର୍ଯ୍ୟାତନାଠାରୁ ପୋଲିସ ଦମନଲୀଳା ବଳି ପଡୁଥିଲା। ରାଜାମାନେ ପଲିଟିକାଲ ଏଜେଣ୍ଟଙ୍କ ହାତବାରିସୀ ହୋଇ ତାଙ୍କ ଦୟା ଓ ମର୍ଜିରେ ଚଳୁଥିଲେ। ଓଡ଼ିଶାର ୨୬ଟି ଗଡ଼ଜାତ ରାଜ୍ୟରେ ଏହିଭଳି ନିର୍ମମ ଶୋଷଣ ଓ ଅତ୍ୟାଚାରର ଶାସନ ଚାଲିଥିଲା।



ଅସହଯୋଗ ଆନ୍ଦୋଳନ ସମୟରେ ରାଜୁତି ଅତ୍ୟାଚାର ବିରୁଦ୍ଧରେ କନିକାର ପ୍ରଜାମାନେ ପ୍ରଥମେ ସ୍ୱର ଉତ୍ତୋଳନ କଲେ। ଜନତାର ପୁଞ୍ଜିଭୂତ ଅସନ୍ତୋଷରୁ କ୍ରମେ ବିଦ୍ରୋହର ନିଆଁ ଜଳି ଉଠିଲା। ୧୮୦୫ ମସିହାରେ ଇଂରେଜମାନେ କଟକ ଦଖଲ କରିବା ପରେ କନିକା ଜମିଦାରୀ ବ୍ରିଟିଶ ଶାସନ ଅଧୀନରେ ରହିଥିଲା। ଓଡ଼ିଶାର ଗଡ଼ଜାତ ରାଜା ଜମିଦାରମାନଙ୍କ ଭିତରୁ କନିକା ଜମିଦାର ବଳଭଦ୍ର ଭଞ୍ଜ ସର୍ବପ୍ରଥମେ ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରିଥିଲେ। କିନ୍ତୁ କନିକାର ଦେଶଭକ୍ତ ପ୍ରଜାମାନେ ବ୍ରିଟିଶ ପ୍ରଭୁତ୍ୱକୁ ବରଦାସ୍ତ କରିପାରି ନଥିଲେ। ପାଇକ ବୀରମାନେ ବୀରତ୍ୱର ସହିତ କନିକା ଜମିଦାର ଓ ଇଂରେଜ ଫୌଜ ସଙ୍ଗେ ଲଢ଼େଇ କରିଥିଲେ। ସେହିଦିନଠାରୁ କନିକାର ଜମିଦାରମାନେ ଇଂରେଜମାନଙ୍କ ବାହୁଚ୍ଛାୟା ତଳେ ରହି ପ୍ରଜାମାନଙ୍କ ଉପରେ ଅତ୍ୟାଚାର ଚଳାଇ ଆସୁଥିଲେ। କନିକାର ପଞ୍ଚଦଶ ଜମିଦାର ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଅମଳରେ ପ୍ରବଳ ପ୍ରଜା ଆନ୍ଦୋଳନ ଦେଖାଦେଇଥିଲା। କ୍ରମେ ଏହା ଅସହଯୋଗ ଆନ୍ଦୋଳନର ରୂପ ନେଲା। ରାଜେନ୍ଦ୍ର ନାରାୟଣ

ଇଂରେଜମାନଙ୍କର ଅତ୍ୟନ୍ତ ଅନୁଗତ ଥିଲେ । ସେ ଉତ୍କଳ ସମ୍ମିଳନୀର ନେତା ଓ ଜମିଦାରମାନଙ୍କର ପ୍ରତିନିଧି ଭାବରେ ଖୁବ୍ ପ୍ରଭାବଶାଳୀ ଥିଲେ । ସେଥିପାଇଁ ସେ ଅତି ସ୍ୱେଚ୍ଛାଚାରୀ ହୋଇ ଉଠିଥିଲେ । ତାଙ୍କ ଜମିଦାରୀରେ ପ୍ରଜାମାନଙ୍କର କୌଣସି ସ୍ୱତ୍ୱ ନଥିଲା । ରାଜା ସେମାନଙ୍କଠାରୁ ୭୪ ପ୍ରକାର କର ଆଦାୟ କରୁଥିଲେ । ୧୯୦୬ ମସିହାରେ ଓଡ଼ିଶାର ସ୍ୱରିଆଡ଼େ ସରକାରୀ ବନ୍ଦୋବସ୍ତ ହୋଇଥିଲେ ମଧ୍ୟ କନିକାରେ କରାଯାଇ ନଥିଲା । ଯଦ୍ୱାରା ବନ୍ଦୋବସ୍ତ କରାଯାଇ ଜମିର ଖଜଣା ବହୁ ଗୁଣ ବଢ଼ାଇ ଦିଆଯାଇଥିଲା । ୧୯୨୦ ଦୁର୍ଭିକ୍ଷ ସମୟରେ ଦୁର୍ଗତ ଲୋକେ କିଛି ରିଲିଫ ପାଇଲେ ନାହିଁ । ମହାଜନମାନଙ୍କଠାରୁ ରାଜା ସବୁ ଧାନ ନେଇଯାଇ ଗଚ୍ଛିତ କରି ରଖିଲେ । ପରେ ତାକୁ ବଢ଼ା ଦରରେ ସେମାନଙ୍କୁ ବିକିଲେ । ଏହା ଫଳରେ ବ୍ୟାପକ ଜନ ଅସନ୍ତୋଷ ପ୍ରକାଶ ପାଇଲା । ପ୍ରଜାମେଳି ଆରମ୍ଭ ହୋଇଗଲା । ଏହାକୁ ଦମନ କରିବା ପାଇଁ ରାଜା ଓ ଇଂରେଜ ସରକାର ଏକ ହୋଇଗଲେ । ରାଜାଙ୍କ ବିରୁଦ୍ଧରେ ମୁହଁ ଖୋଲିବା ରାଜଦ୍ରୋହ ଅପରାଧ ବୋଲି ବିବେଚିତ ହେଲା । ପୋଲିସ ପ୍ରଜାମାନଙ୍କୁ ମାଡ଼ପିଟ କରି ସେମାନଙ୍କ ଘର ଲୁଟତରାଜ କଲେ । ସ୍ତ୍ରୀଲୋକେ ଅତ୍ୟାଚାରିତା ହେଲେ । ସ୍ୱରିଆଡ଼େ କୋକୁଆ ଭୟ ସୃଷ୍ଟି ହେଲା । ବିନା ବିଚାରରେ ନିରୀହ ଲୋକଙ୍କୁ ଦଣ୍ଡ ଦିଆଗଲା । କାହାରିକୁ କନିକା ଇଲାକାରେ ପଶିବାକୁ ଦିଆଗଲା ନାହିଁ ।

ଗାନ୍ଧିଜୀଙ୍କ ଅସହଯୋଗର ବାର୍ତ୍ତା କଂଗ୍ରେସ କର୍ମୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଥିଲେ । କନିକା ପ୍ରଜା ଅଶାନ୍ତିକୁ କଟକ ଜିଲ୍ଲା କଂଗ୍ରେସ କମିଟି ନିଜ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରି ନେଲେ । କନିକା ହେଲା ଅସହଯୋଗ ଆନ୍ଦୋଳନର ପ୍ରୟୋଗ କ୍ଷେତ୍ର । ଓଡ଼ିଶାର ସବୁ କଂଗ୍ରେସ ନେତା କନିକା ପ୍ରଜା ଆନ୍ଦୋଳନ ସହିତ ଜଡ଼ିତ ହୋଇଗଲେ । ୧୯୨୨ ମସିହାରେ ଓଡ଼ିଶାରୁ ସଂଗୃହୀତ ୨୦ ହଜାର କଂଗ୍ରେସ ପ୍ରାଥମିକ ସଭ୍ୟଙ୍କ ଭିତରୁ ୪ ହଜାର ଥିଲେ କନିକା ଜମିଦାରୀ ଅଞ୍ଚଳର । ପଣ୍ଡିତ ଗୋପବନ୍ଧୁ, ଡ଼ଃ ମହତାବ ପ୍ରମୁଖ କଂଗ୍ରେସ ନେତାମାନେ ସେମାନଙ୍କ ରାଜନୀତିକ ଜୀବନରେ ପ୍ରଥମ କାରାଦଣ୍ଡ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ଯୋଗୁଁ ଭୋଗିଥିଲେ ।

୧୯୨୨ ମସିହାରେ କନିକାରେ ପ୍ରଜା ଆନ୍ଦୋଳନ ତୀବ୍ର ହୋଇଥିଲା । ପ୍ରଜାମାନେ ଜମିଦାରଙ୍କୁ ସବୁ କ୍ଷେତ୍ରରେ ବାସନ୍ଦ କଲେ । ରାଜା–ପ୍ରଜା ମଧ୍ୟରେ ସଂଘର୍ଷ ଚରମ ସୀମାରେ ପହଞ୍ଚିଲା । ଏପ୍ରିଲ ୨୩ ତାରିଖରେ ପ୍ରଜାମେଳି ଦମନ କରିବା ପାଇଁ ପୋଲିସ ଫୌଜ ଗୁଳିଗୁଳା, ବନ୍ଧୁକ ସହ କନିକାରେ ପହଞ୍ଚିଲେ । ହଜାର ହଜାର ଲୋକ ଠେଙ୍ଗା ଓ ବାଡ଼ୁଲି ଖଡ଼ା ଧରି ସେମାନଙ୍କ ମୁକାବିଲା କଲେ । ଦୁଇପକ୍ଷ ମଧ୍ୟରେ ପ୍ରବଳ ସଂଘର୍ଷ ଲାଗିଲା । ପ୍ରଜାମାନେ ଠେଙ୍ଗାରେ ରାଜାଙ୍କ ସିପାହୀ ଓ ଇଂରେଜ ପୋଲିସଙ୍କୁ ପିଟିବାରେ ଲାଗିଲେ । ପୋଲିସ ପକ୍ଷରୁ ଗୁଳିଗୋଳା ଅଗ୍ନିବର୍ଷା ଗୁଳି । ପ୍ରଜାମେଳିର ନେତା ବାସୁ ସେଠୀ ଓ ବିପ୍ରନି ମଣ୍ଡୁଆଳ ଟଳି ପଡ଼ିଲେ । ଏହାପରେ ଇଂରେଜ ଫୌଜ ନିରୀହ ପ୍ରଜାଙ୍କ ଉପରେ ନିର୍ମମ ଦମନଲୀଳା ଚଳାଇଲେ । ସେମାନଙ୍କ ଧନ ସମ୍ପତ୍ତି ଲୁଟି ନେଲେ । ହଜାର ହଜାର ଲୋକ ପୋଲିସ ଭୟରେ ଘରଦ୍ୱାର ଛାଡ଼ି ପଳାଇଲେ । ଜମିଦାର ସେମାନଙ୍କ ଜମିବାଡ଼ି ନିଲାମ କରିଦେଲେ । କନିକା ଗୁଳିକାଣ୍ଡ ସାରା ଦେଶରେ ଚହଳ ପକାଇ ଦେଲା । ପୋଲିସ ଅତ୍ୟାଚାର ପ୍ରତିବାଦରେ ସରକାରଙ୍କ କଟକଣା ସତ୍ତ୍ୱେ କଂଗ୍ରେସ ପକ୍ଷରୁ ଭଦ୍ରକଠାରେ ଏକ ସଭା ହେଲା । କନିକା ଗୁଳିକାଣ୍ଡର ନିନ୍ଦା କରି ମହତାବଜୀ ଏକ ପ୍ରସ୍ତାବ ଆଗତ କଲେ । କନିକା ମେଳିରେ ସମ୍ପୃକ୍ତ ଥିବା ଏବଂ ପୋଲିସଙ୍କୁ ମାଡ଼ ଦେବା ଅଭିଯୋଗରେ ପଣ୍ଡିତ ଗୋପବନ୍ଧୁ ଓ ଭାଗିରଥି ମହାପାତ୍ରଙ୍କୁ ଗିରଫ କରି ନିଆଯାଇଥିଲା । ଗୋପବନ୍ଧୁ ଗିରଫ ହୋଇଯିବା ପରେ କଂଗ୍ରେସର ନେତୃତ୍ୱ ମହତାବ ଓ ନିରଞ୍ଜନ ପଟ୍ଟନାୟକଙ୍କ ଉପରେ ପଡ଼ିଲା । ସେମାନେ ଲକ୍ଷ୍ନୌ ଯାଇ ବଡ଼ଲାଟ ସଭାର ସଭ୍ୟ ପଣ୍ଡିତ ମଦନମୋହନ ମାଲବ୍ୟଙ୍କୁ କନିକା ଅତ୍ୟାଚାରର ବିବରଣୀ ଜଣାଇଲେ । ତାଙ୍କ ନିର୍ଦ୍ଦେଶରେ ମହତାବ ଗୁପ୍ତ ବେଶରେ କନିକା ଅଞ୍ଚଳର ତଥ୍ୟ ସଂଗ୍ରହ କରି ମାଲବ୍ୟଙ୍କ ପାଖକୁ ପଠାଉ ଥିଲେ । କନିକା ପ୍ରଜାମେଳିକୁ ଉତ୍ସାହିତ କରୁଥିବାରୁ ୧୯୨୨ ମସିହା ଜୁନ ୨୮ ତାରିଖରେ ମହତାବଙ୍କୁ ଏକ ବର୍ଷ କାରାଦଣ୍ଡ ହେଲା । କଟକ ଜେଲରୁ ଭାଗଲପୁର ଜେଲକୁ ବଦଳି ହୋଇଯିବା ବେଳେ ମହତାବଜୀ ତାଙ୍କ ସହବନ୍ଦୀମାନଙ୍କୁ କହି ଆସିଥିଲେ, "କନିକା ମୋ' ଜୀବନର ଏକ ପ୍ରଶ୍ନ ହୋଇ ରହିବ । ମୁଁ ସାଧାରଣ କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ କନିକା ପ୍ରଜାଙ୍କ ଖବର ବୁଝୁ ଥିବି ଓ ସେମାନଙ୍କୁ ସାହାଯ୍ୟ କରୁଥିବି ।"

ଜେଲରୁ ଫେରିବା ପରେ ମହତାବ ବାବୁ ପୁଣି କନିକା ଆନ୍ଦୋଳନ ସମ୍ପର୍କରେ ଆସିଲେ । ସେତେବେଳେ କନିକା ଅଞ୍ଚଳରେ ଘୋର ଆତଙ୍କ । ଆନ୍ଦୋଳନକାରୀମାନଙ୍କୁ ଜମିଦାର ବାସନ୍ଦ କରିଥିଲେ । ମହତାବବାବୁଙ୍କ ଉଦ୍ୟମରେ ଜମିଦାର ପ୍ରଜାମାନଙ୍କ ଦାବୀ ମାନିନେଲେ । ସରକାର ନିଜ ତରଫରୁ ଜମି ବନ୍ଦୋବସ୍ତ କରାଇଲେ । ମେଳିଆମାନଙ୍କ ଉପରୁ ବାସନ୍ଦ ଉଠାଇ ନିଆଗଲା । ଏ ଘଟଣା ପରେ ମହତାବବାବୁଙ୍କ ଉପରେ କନିକା ରାଜାଙ୍କ ଆକ୍ରୋଶ ବଢ଼ିଲା । ତାଙ୍କ ବିରୁଦ୍ଧରେ ଅନ୍ୟ ଜମିଦାରମାନଙ୍କୁ ସେ ଏକଜୁଟ କରାଇଲେ ।

୧୯୨୭ ମସିହାରେ ନୀଳଗିରି ରାଜକନ୍ୟାଙ୍କ ବିବାହ ଉପଲକ୍ଷେ ମାଗଣ ଧାର୍ଯ୍ୟର ପ୍ରତିବାଦରେ ପ୍ରଜା ମେଳି ହେଲା । ରାଜାଙ୍କ ପକ୍ଷରୁ ପ୍ରଜାମାନଙ୍କ ଉପରେ ଜୁଲମ ଚାଲିଲା । ସେତେବେଳେ ମହତାବଜୀ ସାପ୍ତାହିକ 'ପ୍ରଜାତନ୍ତ୍ର' ଓ ଇଂରାଜୀ 'ଆଡ଼ଭେଞ୍ଚର' ପତ୍ରିକାରେ ଗଡ଼ଜାତ ରାଜାଙ୍କ ଅତ୍ୟାଚାର ବିଷୟରେ ଲେଖାମାନ ପ୍ରକାଶ କରି ପ୍ରଜା ଆନ୍ଦୋଳନକୁ ତେଜେଇ ରଖିଥିଲେ । ରାଜା–ମହାରାଜାମାନଙ୍କ ଶୋଷଣ ଓ ଅତ୍ୟାଚାର ପଦାରେ ପଡ଼ିଯିବାରୁ କନିକା ଓ ନୀଳଗିରି ରାଜାମାନେ 'ପ୍ରଜାତନ୍ତ୍ର'କୁ ଲୋପ କରିଦେବା ପାଇଁ ନାନା ଷଡ଼ଯନ୍ତ୍ର ଚଳାଇଲେ । ମହତାବଜୀଙ୍କ

ରାଜନୈତିକ ଜୀବନ ଶେଷ କରିଦେବା ପାଇଁ କନିକା ରାଜା ତାଙ୍କୁ ନାନା ମିଥ୍ୟା ମକଦ୍ଦମାରେ ଜଡ଼ିତ କରିଥିଲେ । ୧୯୨୮ରେ ଡକ୍ଟର ମହତାବଙ୍କ ଲିଖିତ 'ନୀଳଗିରି ଅତ୍ୟାଚାର' ପୁସ୍ତକ ପ୍ରବଳ ଜନଜାଗରଣ ସୃଷ୍ଟି କରିଥିଲା । ନୀଳଗିରିର ଅତ୍ୟାଚାରିତ ପ୍ରଜାମାନଙ୍କୁ ବାଲେଶ୍ୱର ପଳାଇ ଯିବାକୁ ସେ ପରାମର୍ଶ ଦେଲେ । ହଜାର ହଜାର ଲୋକ ନୀଳଗିରି ଛାଡ଼ି ପଳାଇଲେ । ମହତାବଜୀ ସି: ଏଫ: ଆଣ୍ଡ୍ରୁଜଙ୍କୁ ଆଣି ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଦେଖାଇଲେ । ଆଣ୍ଡ୍ରୁଜ୍ ତାଙ୍କର ଇଣ୍ଡିଆ ଓ ସାଇମନ ପୁସ୍ତକରେ ନୀଳଗିରି ରାଜାଙ୍କ ଅତ୍ୟାଚାର ବିଷୟ ବର୍ଣ୍ଣନା କରି ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୨୭ ମସିହାରେ ଗାନ୍ଧିଜୀ ତୃତୀୟଥର ପାଇଁ ଓଡ଼ିଶା ଆସିଥିଲେ । ବାଲେଶ୍ୱରରେ ଅବସ୍ଥାନ କାଳରେ ମହତାବଜୀଙ୍କଠାରୁ ସେ କନିକାରେ ପ୍ରଜାମାନଙ୍କ ଉପରେ ନିର୍ମମ ଅତ୍ୟାଚାରର କାହାଣୀ ଶୁଣି ମର୍ମାହତ ହୋଇ ପଡ଼ିଥିଲେ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଗଡ଼ଜାତବାସୀଙ୍କ ମଧ୍ୟରେ ଅପୂର୍ବ ଜାଗରଣ ଦେଖା ଦେଲା । ସ୍ୱେଚ୍ଛାଚାରୀ ରାଜା-ଜମିଦାର ଓ ବ୍ରିଟିଶ ଶାସନ ବିରୁଦ୍ଧରେ ସେମାନେ ସଂଗଠିତ ହେବାକୁ ଲାଗିଲେ । ଗଡ଼ଜାତ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ହୋଇଗଲା । ୧୯୩୬ ମସିହାରେ ପ୍ରାଦେଶିକ ବିଧାନସଭା ନିର୍ବାଚନ ହେଲା । ମହତାବବାବୁ କଂଗ୍ରେସ ସଂଗଠନ ଦାୟିତ୍ୱରେ ଥିଲେ । ଏହି ନିର୍ବାଚନରେ ମହତାବ ଗୋଷ୍ଠୀ ଓ କନିକା ଗୋଷ୍ଠୀ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଲା । ବ୍ରିଟିଶ ସରକାର, କନିକାର ରାଜଗୋଷ୍ଠୀ ଓ ଛୋଟ ବଡ଼ ଜମିଦାରମାନେ କଂଗ୍ରେସକୁ ହରାଇବା ପାଇଁ ପ୍ରବଳ ଉଦ୍ୟମ କରିଥିଲେ । ଭୋଟରମାନଙ୍କୁ ଧୋତି, ଚଦର, ଶାଢ଼ୀ ଦିଆଯାଇଥିଲା । ମହାପ୍ରସାଦ ଖୁଆଇ ଶପଥ କରି ନିଆଯାଇଥିଲା । ସେମାନଙ୍କୁ ନାନା ଧମକ ଚମକ ଦିଆଯାଇଥିଲା । ମାତ୍ର ସବୁ କୌଶଳ ବ୍ୟର୍ଥ ହେଲା । କଂଗ୍ରେସର ବିପୁଳ ବିଜୟ ଫଳରେ ଗଡ଼ଜାତବାସୀ ନିଜର ନାଗରିକ ଅଧିକାର ଦାବୀ କରି ଆନ୍ଦୋଳନ ଚଳାଇଲେ । କଂଗ୍ରେସ ଏହି ଆନ୍ଦୋଳନକୁ ଉତ୍ସାହିତ କଲା ।

୧୯୩୧ ମସିହାରେ ଗଡ଼ଜାତ ପ୍ରଜା ସମ୍ମିଳନୀ ଗଠିତ ହୋଇଥିଲା । ୧୯୩୭ରେ ଏହାର ପୁନର୍ଗଠନ କରାଗଲା । ସର୍ବଭାରତୀୟ ପ୍ରଜା ସମ୍ମେଳନର ନେତା ପଟ୍ଟାଭି ସୀତାରାମାୟା ଓଡ଼ିଶା ଆସି ପ୍ରତିନିଧିମୂଳକ ପ୍ରଜାମଣ୍ଡଳ ଗଠନ କଲେ । ୧୯୩୮ରେ ଗଡ଼ଜାତ ଅଞ୍ଚଳର ପରିସ୍ଥିତି ଅନୁଧ୍ୟାନ ପାଇଁ ପ୍ରଜାମଣ୍ଡଳ ପକ୍ଷରୁ ଓଡ଼ିଶା ଗଡ଼ଜାତ ଅତ୍ୟାଚାର ଅନୁସନ୍ଧାନ କମିଟି ଡକ୍ଟର ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା । ମହତାବବାବୁ ଗଡ଼ଜାତ ସମସ୍ୟା ସମ୍ପର୍କରେ ଏକ ପ୍ରଶ୍ନାବଳୀ ପ୍ରସ୍ତୁତ କରି ସବୁ ଗଡ଼ଜାତର ରାଜା ଓ ପ୍ରଜାଙ୍କ ପାଖକୁ ପଠାଇଲେ । ପାଟଣା ରାଜାଙ୍କ ଛଡ଼ା ଅନ୍ୟ କୌଣସି ରାଜା ଏହି ତଦନ୍ତରେ ସହଯୋଗ କଲେ ନାହିଁ । କମିଟି ବିଭିନ୍ନ ଗଡ଼ଜାତ ଭ୍ରମଣ କରି ରାଜାମାନଙ୍କ ଅତ୍ୟାଚାର ସମ୍ପର୍କରେ ୨ ହଜାର ଲୋକଙ୍କଠାରୁ ସାକ୍ଷ୍ୟ ସଂଗ୍ରହ କଲେ । ରାଜ ଅତ୍ୟାଚାର ଆଗରେ ମୁଣ୍ଡ ନ ନୁଆଁଇବାକୁ ମହତାବଜୀ ଲୋକଙ୍କୁ ସାହସ ଦେଲେ ।

୧୯୩୮ ମସିହା ଜୁଲାଇ ମାସରେ ବଡ଼ଲାଟ ଲିନଲିଥଗୋ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ମହତାବବାବୁ ତାଙ୍କୁ ତଦନ୍ତ କମିଟି ରିପୋର୍ଟ ପ୍ରଦାନ କଲେ । ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗଡ଼ଜାତର ଅନ୍ଧାରୀ ଶାସନର କରୁଣ ଚିତ୍ର ଆଲୋକକୁ ଆସିଲା । ଏହି ରିପୋର୍ଟକୁ ବିଲାତ ଓ ଭାରତର ବଡ଼ ବଡ଼ ସମ୍ବାଦପତ୍ର ପ୍ରଶଂସା କରିଥିଲେ । ବଡ଼ଲାଟ କହିଥିଲେ- "ତମସାଚ୍ଛନ୍ନ ଓଡ଼ିଶାର ଛୋଟ ଛୋଟ ଗଡ଼ଜାତ ଭିତରେ ଏ ରିପୋର୍ଟ ଏକ ଆଲୋକ ରେଖା । ଏଣିକି ଧୀରେ ଧୀରେ ଆମେ ଅଗ୍ରସର ହେବୁ ।" ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ଏହି କମିଟି ସୁପାରିଶ କରିଥିଲେ । କିନ୍ତୁ ଗଡ଼ଜାତ ରାଜାମାନେ ସ୍ୱାଧୀନ ଭାବରେ ରହିବାକୁ ଚାହିଁଥିଲେ ।

୧୯୩୮ ମସିହା ବେଳକୁ ଓଡ଼ିଶାର ବିଭିନ୍ନ ଗଡ଼ଜାତ ରାଜ୍ୟରେ ପ୍ରଜାମଣ୍ଡଳ ଗଠିତ ହୋଇ ସାରିଥିଲା । ପ୍ରଜାମଣ୍ଡଳ ପକ୍ଷରୁ ରାଜାମାନଙ୍କ ଅତ୍ୟାଚାରର ପ୍ରତିରୋଧ, ରାଜୁତି ଶାସନର ଅବସାନ ଓ ନିଜର ଗଣତାନ୍ତ୍ରିକ ଅଧିକାର ହାସଲ ପାଇଁ ନୀଳଗିରି, ଢେଙ୍କାନାଳ, ତାଳଚେର, ନୟାଗଡ଼, ରଣପୁର, ଖଣ୍ଡପଡ଼ା ଆଦି ଗଡ଼ଜାତ ରାଜ୍ୟରେ ସଂଗଠିତ ଆନ୍ଦୋଳନ ଆରମ୍ଭ ହୋଇଗଲା । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ମହତାବଜୀ ପ୍ରଜାମଣ୍ଡଳଗୁଡ଼ିକର ପରାମର୍ଶଦାତା ରୂପେ ରହି ଆନ୍ଦୋଳନକୁ ଉତ୍ସାହିତ କରିଥିଲେ । ବିଭିନ୍ନ ଗଡ଼ଜାତ ଅଞ୍ଚଳ ବୁଲି ସେ ରାଜୁତି ଶାସନ ବିରୁଦ୍ଧରେ ଜନଚେତନା ସୃଷ୍ଟି କରୁଥିଲେ ।

ରାଜାମାନେ ବ୍ରିଟିଶ ପୋଲିସ ବାହିନୀର ସାହାଯ୍ୟ ନେଇ ପ୍ରଜା-ଆନ୍ଦୋଳନକୁ ଲାଠି ଗୁଳି, ଲୁଟତରାଜରେ ଦମନ କରିବାକୁ ଲାଗିଲେ । ଅତ୍ୟାଚାର ଭୟରେ ଲୋକେ ମୋଗଲବନ୍ଦୀ ଅଞ୍ଚଳରେ ଯାଇ ଆଶ୍ରୟ ନେଲେ ।

ପ୍ରଥମେ ନୀଳଗିରିରେ ଦରବାର ଶାସନ ବିରୁଦ୍ଧରେ ସଙ୍ଗଠିତ ଆନ୍ଦୋଳନ ଦେଖାଦେଲା । ମାସ ମାସ ଧରି ସତ୍ୟାଗ୍ରହ ଚାଲିଲା । ମହତାବଜୀଙ୍କ ଉଦ୍ୟମରେ ପ୍ରଜାମଣ୍ଡଳ ନେତାମାନଙ୍କ ସହିତ ରାଜା ମିଳାମିଶା କରିବାକୁ ବାଧ୍ୟ ହେଲେ । ପ୍ରଜା-ଆନ୍ଦୋଳନର ଏହା ହେଉଛି ପ୍ରଥମ ବିଜୟ ।

ମୁଖ୍ୟତଃ ବେଠି ପ୍ରଥା ଉଚ୍ଛେଦ, ଗଛ, ମାଛ ଉପରେ ପ୍ରଜାଙ୍କ ଅଧିକାର, ନିଜ ଜମିରେ ଫଳ ଭୋଗର ଅଧିକାର, ନାଗରିକ ସ୍ୱାଧୀନତା ଆଦି ଦାବୀ ଉପରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲିଥିଲା । ସେତେବେଳେ ଗଡ଼ଜାତ ରାଜ୍ୟରେ ପ୍ରଚଳିତ ବେଠି

ରାଜାମାନଙ୍କୁ ମିଶ୍ରଣ ସପକ୍ଷରେ ଆପୋଷ ଆଲୋଚନା ପାଇଁ ପ୍ରବର୍ତ୍ତାଇଲେ। ବଡ଼ଲାଟ ଲର୍ଡ଼ ୱାଭେଲ ମହତାବଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ୧୯୪୬ ମଇ ୨୦ ତାରିଖରେ ମହତାବବାବୁ ଗଡ଼ଜାତ ରାଜାମାନଙ୍କୁ ବ୍ୟକ୍ତିଗତ ପତ୍ର ଦେଇ ମିଶ୍ରଣ ଫଳରେ ଓଡ଼ିଶା ଭାରତର ଏକ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ ଏବଂ ଗଡ଼ଜାତ ଓ ଓଡ଼ିଶା ପ୍ରଦେଶର ପ୍ରଭୂତ ଉନ୍ନତି ସାଧିତ ହୋଇ ପାରିବ ବୋଲି କହିଲେ।

ଦେଶୀୟ ରାଜ୍ୟ ବିଲୋପ ପାଇଁ ମହତାବଙ୍କ ପ୍ରସ୍ତାବ ଭାରତୀୟ ରାଜନୀତିରେ ପଟ୍ଟ ପରିବର୍ତ୍ତନ କରି ଦେଇଥିଲା। ସେତେବେଳେ ରାଜା– ମହାରାଜାମାନେ ମିଳିତ ହୋଇ ଭାରତରେ ତୃତୀୟ ୟୁନିଅନ ଗଠନ ପାଇଁ ଉଦ୍ୟମ ଚଳାଇଥାନ୍ତି। ହାଇଦ୍ରାବାଦ, କାଶ୍ମୀର, ମହୀଶୂର, ଆଦି ଭାରତର ଛୋଟବଡ଼ ୬୨୭ଟି ଷ୍ଟେଟ ନିଜକୁ ସ୍ୱାଧୀନ ଘୋଷଣା କରିଥାନ୍ତି।

ଗଡ଼ଜାତର ପ୍ରଜାମାନେ ମହତାବଙ୍କ ପରାମର୍ଶ ଗ୍ରହଣ ପାଇଁ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ଅନ୍ୟ ପକ୍ଷରେ ୧୯୪୬ ଜାନୁଆରୀ ମାସରେ ଆଳିପୁରଠାରେ ପୂର୍ବାଞ୍ଚଳ ଗଡ଼ଜାତ ରାଜ୍ୟ ପ୍ରତିନିଧିମାନଙ୍କୁ ନେଇ ଏକ ରାଷ୍ଟ୍ର ସଂଘ ଗଠନ କରାଗଲା। କଂଗ୍ରେସର ବଡ଼ ବଡ଼ ନେତାମାନେ ରାଜାମାନଙ୍କର ଅନ୍ତରଙ୍ଗ ବନ୍ଧୁ ଥିବାରୁ ସେମାନଙ୍କ ବିରୋଧୀ ହେବାକୁ ଆନ୍ତରିକ ଇଚ୍ଛା କରୁ ନଥିଲେ। ମହତାବବାବୁ ଯୁକ୍ତି କରିଥିଲେ, ଗଡ଼ଜାତଗୁଡ଼ିକର ସମ୍ପୂର୍ଣ୍ଣ ମିଶ୍ରଣ ନ ହେଲେ ଭାରତର ଶାସନ, ଶୃଙ୍ଖଳା, ନିରାପତ୍ତା ସମ୍ଭବ ନୁହେଁ। ମହତାବବାବୁଙ୍କ ପ୍ରସ୍ତାବ ଫଳରେ ବଡ଼ ବଡ଼ ରାଜାମାନେ ବ୍ରିଟିଶ ଭାରତ ସଙ୍ଗେ ସ୍ୱାଧୀନ ଭାରତରେ ଫେଡ଼େରେସନ ଗଢ଼ିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ଭାଙ୍ଗିଗଲା। ଛୋଟ ଛୋଟ ରାଜାମାନେ ନିଜ ନିଜ ମଧ୍ୟରେ ୟୁନିଅନ ଗଠନର ଯେଉଁ ଆଶା କରୁଥିଲେ, ତାହା ମଉଳିଗଲା।

୧୯୪୬ ମସିହା ମଇ ୧୬ ତାରିଖରେ କ୍ୟାବିନେଟ ମିସନ ଭାରତ ପାଇଁ ଏକ ଚିଠା ପ୍ରସ୍ତାବ ବ୍ରିଟିଶ ସରକାରଙ୍କୁ ଦେଲେ। ସେଥିରେ କୁହାଯାଇଥିଲା, ଇଂରେଜମାନେ ୧୯୪୮ ଜୁନ୍ ୩୦ ତାରିଖ ପୂର୍ବରୁ ଭାରତ ଛାଡ଼ି ଚାଲିଯିବେ। ଇଂରେଜ ସରକାରଙ୍କର ଦେଶୀୟ ରାଜ୍ୟଗୁଡ଼ିକ ସହିତ ହୋଇଥିବା ସନ୍ଧି, ଚୁକ୍ତି ଓ ସନନ୍ଦ ଲୋପ ପାଇଯିବ। ସେହି ବର୍ଷ ମଇ ୨୫ ତାରିଖରେ ଦେଶୀୟ ରାଜ୍ୟ ପାଇଁ ଅନ୍ୟ ଗୋଟିଏ ସ୍ୱତନ୍ତ୍ର ଘୋଷଣା ପ୍ରକାଶ ପାଇଲା। ସେଥିରେ ଦେଶୀୟ ରାଜ୍ୟଗୁଡ଼ିକୁ ସଙ୍ଘବଦ୍ଧ ହେବାକୁ କିମ୍ବା ଭାରତ ସହିତ ମିଶିଯିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଘୋଷଣା ଅନୁସାରେ ଗଡ଼ଜାତ ରାଜ୍ୟଗୁଡ଼ିକ କାଳେ ସଙ୍ଘବଦ୍ଧ ହୋଇଯିବେ, ସେହି ଆଶଙ୍କାରେ ମହତାବଜୀ ଗଡ଼ଜାତ ମିଶ୍ରଣ ପାଇଁ ନିଜର ସମସ୍ତ ଶକ୍ତି ଖଟାଇ ଦେଲେ।

୧୯୪୬ ଅକ୍ଟୋବର ୧୬ ତାରିଖରେ ମହତାବବାବୁ ସମ୍ବଲପୁରରେ ରାଜାମାନଙ୍କୁ ଭେଟିଲେ। ପଲିଟିକାଲ ଏଜେଣ୍ଟ ସେଠାରେ ଉପସ୍ଥିତ ରହିଲେ। ମହତାବବାବୁ ଗଡ଼ଜାତ ଓ ପ୍ରଦେଶ ପାଇଁ ଗୋଟିଏ ଶାସନର ଆବଶ୍ୟକତା ଉପରେ ଜୋର ଦେଲେ। କିନ୍ତୁ ତାଙ୍କର ସବୁ ଉଦ୍ୟମ ବିଫଳ ହେଲା। ରାଜାମାନେ ମିଶ୍ରଣ ପ୍ରସ୍ତାବରେ ରାଜି ହେଲେ ନାହିଁ। ତଥାପି ମହତାବବାବୁ ଆଶା ହରାଇ ନ ଥିଲେ।

୧୯୪୭ ଅଗଷ୍ଟ ୧୫ରେ ବଡ଼ଲାଟ ମାଉଣ୍ଟବ୍ୟାଟେନ ଭାରତର ଶାସନ କ୍ଷମତା ଅର୍ପଣ ପାଇଁ ଜୁନ୍ ମାସରେ ଘୋଷଣା କଲେ। ସେତେବେଳେ ଭାରତର ଦେଶୀୟ ରାଜ୍ୟର ରାଜାମାନେ ନିଜର ସ୍ୱାଧୀନତା ପାଇଁ ପ୍ରସ୍ତୁତ ହୋଇଗଲେ। ବ୍ରିଟିଶ ସରକାର ଦେଶବାସୀଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ ଚକ୍ରାନ୍ତ କରି ରାଜାମାନଙ୍କୁ ସମର୍ଥନ କଲେ। ମୁସଲିମ୍ ଲିଗ ପ୍ରଜା ଆନ୍ଦୋଳନକୁ ମୂଳରୁ ବିରୋଧ କରି ଆସୁଥିଲେ।

ସ୍ୱାଧୀନତା ପରେ ଓଡ଼ିଶାର କେତେକ ଗଡ଼ଜାତର ଅବସ୍ଥା ଗୁରୁତର ହୋଇପଡ଼ିଲା। ନୀଳଗିରି ଓ ଢେଙ୍କାନାଳରେ ପ୍ରବଳ ପ୍ରଜା ଆନ୍ଦୋଳନ ଦେଖାଦେଲା। ୧୯୪୭ ଅକ୍ଟୋବର ଶେଷବେଳକୁ ନୀଳଗିରି ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିଲା। ଆଦିବାସୀମାନଙ୍କୁ ମତାଇ ନୀଳଗିରି ରାଜା ଅରାଜକତା ସୃଷ୍ଟି ପାଇଁ ଉଦ୍ୟମ କଲେ। ପ୍ରଜାମାନଙ୍କ ଜମିରେ ଜବରଦସ୍ତ ଲୁଣ୍ଠ କରାଗଲା। ନୀଳଗିରିରେ ଆଇନଶୃଙ୍ଖଳାର ଅଧୋଗତି ଦର୍ଶାଇ ମହତାବବାବୁ କେନ୍ଦ୍ର ସରକାରଙ୍କ ସହମତି କ୍ରମେ ସେଠାକୁ ସଶସ୍ତ୍ର ପୋଲିସବାହିନୀ ପଠାଇଦେଲେ। ନୀଳଗିରି ରାଜା ଭୟରେ ମହତାବବାବୁଙ୍କ ଶରଣ ପଶିଲେ। ଆଉ ବଳ ପ୍ରୟୋଗ କରିବାକୁ ପଡ଼ିଲା ନାହିଁ। ଭାରତ ସରକାରଙ୍କ ନିର୍ଦ୍ଦେଶରେ ୧୯୪୭ ନଭେମ୍ବର ୧୪ ତାରିଖରେ ନୀଳଗିରିର ଶାସନ ଓଡ଼ିଶା ସରକାର ଗ୍ରହଣ କଲେ। ସାରା ଭାରତରେ ଏହା ହେଲା ସର୍ବପ୍ରଥମ ଗଡ଼ଜାତ ମିଶ୍ରଣ।

ଏହି କାର୍ଯ୍ୟାନୁଷ୍ଠାନ ଫଳରେ ଅନ୍ୟ ଗଡ଼ଜାତ ସମସ୍ୟାର ସମାଧାନ ସହଜସାଧ୍ୟ ହୋଇଥିଲା। ନୀଳଗିରି ମିଶ୍ରଣ ପରେ ଅନ୍ୟ ରାଜାମାନେ ଆତଙ୍କିତ ହୋଇ ପଡ଼ିଲେ। କେତେକ ରାଜା ହୀରାକୁଦ ବନ୍ଧ ଯୋଜନାର ବିରୋଧ କଲେ। ପ୍ରଜାମଣ୍ଡଳ ନେତାମାନେ ଗଡ଼ଜାତମାନଙ୍କରେ ସମାନ୍ତରାଳ ଶାସନ ପ୍ରତିଷ୍ଠା ପାଇଁ ବାହାରି ପଡ଼ିଲେ।

ପ୍ରଧାନମନ୍ତ୍ରୀ ମହତାବ ଗଡ଼ଜାତ ମିଶ୍ରଣ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ନିକଟରେ ଏକ ଯୋଜନା ଦାଖଲ କଲେ। ୧୯୪୭ ନଭେମ୍ବର ୨୦ ତାରିଖରେ ଦିଲ୍ଲୀରେ ଭାରତ ସରକାର ଏକ ବୈଠକ ଡକାଇଲେ। ସେଥିରେ ମହତାବବାବୁ ଯୋଗଦେଲେ। ଆଲୋଚନାର ସିଦ୍ଧାନ୍ତମତେ ଡିସେମ୍ବର ୧୩ ତାରିଖରେ ସର୍ଦ୍ଦାର ପଟେଲ ଭି. ପି. ମେନନଙ୍କ ସହିତ କଟକ ଆସିଲେ। ପଟେଲ କଟକ ଆସିବା ପୂର୍ବରୁ ପ୍ରଦେଶ ଓ ଗଡ଼ଜାତ ରାଜ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ରାଜାମାନଙ୍କ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ମହତାବବାବୁ ଏହି ଯୋଜନାର ବିରୋଧ କରି ମିଶ୍ରଣ ସପକ୍ଷରେ ପଟେଲଙ୍କୁ ପ୍ରଭାବିତ

ଦୁଆରେ ପ୍ର ।ମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ରାଜାଙ୍କ ପାଗିଡ଼ି, ସଡ଼କ ତିଆରି, ରାଜାଘର ନଅର ତୋଳା, ଗୋରା ଅଫିସରମାନଙ୍କ ଜମି ଚଷ, ଧାନକଟା, ଘର ତିଆରି, ସେମାନଙ୍କ ଛିଅ ବୋହୂଙ୍କୁ ସବାରି, ପାଲିଙ୍କିରେ ବୋହିବା ଆଦି ସବୁ କାମ ବେଠିରେ ହେଉଥିଲା । ପର୍ବପର୍ବାଣୀରେ ପ୍ରଜାମାନଙ୍କୁ ମାଗଣ ଓ ଭେଟି ଦେବାକୁ ପଡୁଥିଲା । ଗଉଡ଼ମାନେ ଦୁଧ, ଦହି, ଛେନା, କେଉଟ ମାଛ, ଚଷୀ ପରିବା, ମାଳ ଜଙ୍ଗଲର ପ୍ରଜା ମହୁ, ଝୁଣା ଆଦି ୨୦/୨୫ ମାଇଲ ବାଟରୁ ବୋହି ଗ୍ଳି ଗ୍ଳି ଆସି ରାଜାଙ୍କ ଦୁଆରେ ଜମା ଦେଉଥିଲେ । ଛାମୁକରଣ ତାର ତାଲିକା କରି ରାଜାଙ୍କୁ ଦେଉଥିଲେ । ରାଜାଙ୍କ ବିନା ଅନୁମତିରେ ପାଲିଙ୍କିରେ ଚଢ଼ି କେହି ବିଭାଘରକୁ ଯାଇପାରିବେ ନାହିଁ । ଗାଁ ପୋଖରୀର ମାଛ ରଜା ଘରର, ପ୍ରଜା ଧରି ଖାଇବା ମନା । ପ୍ରଜାମାନେ ନିଜ ବାଡ଼ିରୁ ଆମ୍ବ, ପଣସ ତୋଳି ପାରିବେ ନାହିଁ । ଜୋତା ଛାଡ଼ି ବା ଛତା ଟେକି ଚାଲିବା ବାରଣ । ରାଜାଘର ଓ ଠାକୁର ଘର ଛଡ଼ା ଅନ୍ୟତ୍ର ଯାଉଁଳି କବାଟ ଲଗାଇବା ମନା ।

ଢେଙ୍କାନାଳ ରାଜାଙ୍କ ଅକଥନୀୟ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମାନେ ବିଦ୍ରୋହୀ ହୋଇ ଉଠିଥିଲେ । ରାଜାଙ୍କୁ ନିଜର ଗୁହାରି ଜଣାଇବାକୁ ଢେଙ୍କାନାଳ ଗଡ଼ରେ ୫୦ ହଜାର ଲୋକଙ୍କ ସମାବେଶରେ ପୋଲିସ ପଶୁ ଭଳି ଗୁଳି ଚଳାଇଥିଲେ । ସାତଟି ସ୍ଥାନରେ ୨୧ ଜଣ ପ୍ରାଣ ହରାଇଲେ । ବ୍ରିଟିଶ ଫୌଜକୁ ନଦୀ ଘାଟରେ ଅଟକାଇ ପୋଲିସ ଗୁଳିରେ ୧୨ ବର୍ଷର ବାଳକ ବାଜି ରାଉତ ଶହୀଦ ହେଲା । ଅନେକ ଲୋକ ଆହତ ହେଲେ । ପୋଲିସ୍ ଗାଁ ଗାଁ ପଶି ଦମନଲୀଳା ଚଳାଇଲେ । ଲୁଟତରାଜ କଲେ ।

ତାଳଚେରରେ ବେଠି ବେଗାରୀ, ଚଷୀ–ଶୋଷଣ ବିରୁଦ୍ଧରେ ଆନ୍ଦୋଳନ ହେଲା । ନିରୀହ ଲୋକଙ୍କ ଉପରେ ପୋଲିସ ପକ୍ଷରୁ ଆଖିବୁଜା ଲାଠି, ଗୁଳି ଚାଲିଲା । ହଜାର ହଜାର ଲୋକ ଆହତ ହେଲେ । ୩୦ ହଜାର ଲୋକ ପୋଲିସ ଭୟରେ ଭିଟାମାଟି ଛାଡ଼ି ଅନୁଗୁଳରେ ଆଶ୍ରୟ ନେଲେ ।

ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର, ନୟାଗଡ଼ରେ ମଧ୍ୟ ବ୍ୟାପକ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଲା ।

ରଣପୁର ରାଜାଙ୍କ ଅନ୍ୟାୟ ଅତ୍ୟାଚାରର ପ୍ରତିବାଦ କରି ବହୁ ଲୋକ ଗିରଫ ହେଲେ । ୧୯୩୯ ଜାନୁଆରୀ ୫ ତାରିଖରେ ବନ୍ଦୀମାନଙ୍କୁ ଖଲାସ କରିବାକୁ ରଣପୁରବାସୀ ରାଜବାଟି ଘେରାଉ କଲେ । ରାସ୍ତା ଅବରୋଧ କରି ବ୍ରିଟିଶ ପୋଲିସ ଫୌଜକୁ ରଣପୁରରେ ପୂରାଇ ଦେଲେ ନାହିଁ । ପଲିଟିକାଲ ଏଜେଣ୍ଟ ବେଜେଲଗେଟଙ୍କ ଗିରଲଭରରେ ପ୍ରଜାମଣ୍ଡଳ କର୍ମୀ ଅର୍ଜୁନ ରାଉତ ପ୍ରାଣ ହରାଇଲେ । ଏହା ଆଗରୁ ବେଜେଲଗେଟ ଢେଙ୍କାନାଳ, ତାଳଚେର, ନୀଳଗିରିରେ ଶହ ଶହ ଲୋକଙ୍କୁ ମାରି ସାରିଥିଲେ । ଉତ୍ତେଜିତ ଜନତା ଏଥିରେ ଉତ୍ତମୁଖା ହୋଇ ଅତ୍ୟାଚାରୀ ବେଜେଲଗେଟଙ୍କୁ ଢୋଙ୍ଗାରେ ପିଟିପିଟି ମାରି ପକାଇଲେ । ହତ୍ୟାକାଣ୍ଡ ଘଟିବା ପରେ ପରେ ସନ୍ଧ୍ୟାରେ ମହତାବବାବୁ ରଣପୁରରେ ପହଞ୍ଚି ଲୋକଙ୍କୁ ଘରଦ୍ୱାର ଛାଡ଼ି ପଳାଇଯିବାକୁ ନିର୍ଦ୍ଦେଶ ଦେଲେ । ସକାଳେ ସାମରିକବାହିନୀ ପହଞ୍ଚିବା ପୂର୍ବରୁ ରଣପୁର ଜନଶୂନ୍ୟ ହୋଇପଡ଼ିଥିଲା । ମହତାବଙ୍କ ଯୋଗୁ ରଣପୁରବାସୀ ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ । ବେଜେଲଗେଟ ହତ୍ୟା ମାମଲାରେ ପ୍ରଜାମଣ୍ଡଳ ନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀଦଣ୍ଡ ହେଲା । ୧୧ ଜଣ ଯାବଜ୍ଜୀବନ କାରାଦଣ୍ଡ ଭୋଗିଲେ । ଏହି ହତ୍ୟାକାଣ୍ଡରେ ଜଡ଼ିତ କରି ମହତାବଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଚକ୍ରାନ୍ତ ହୋଇଥିଲା । ମିସ ହ୍ୟାରିସନଙ୍କ ଉଦ୍ୟମରେ ସେ ରକ୍ଷା ପାଇଗଲେ ।

୧୯୩୯ ଏପ୍ରିଲରେ ଗାଙ୍ଗପୁର ରାଜ୍ୟରେ ବିଦ୍ରୋହୀ ପ୍ରଜାଙ୍କ ଉପରେ ଗୁଳିଚାଳନା ଫଳରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିଲା ।

ବେଜଲଗେଟ ହତ୍ୟା ପରେ ପ୍ରଜାମଣ୍ଡଳ ଆନ୍ଦୋଳନ ଭିନ୍ନ ମୋଡ଼ ନେଇଥିଲା । ଡଃ ରାଜେନ୍ଦ୍ରପ୍ରସାଦ, ସି: ଏଫ୍: ଆଣ୍ଡ୍ରୁଜ, ମିସ୍ ଆଗଥା ହ୍ୟାରସନଙ୍କ ସହଯୋଗରେ ମହତାବବାବୁ ରାଜା ଓ ପ୍ରଜାମଣ୍ଡଳ ମଧ୍ୟରେ ମିଳାମିଶା ପାଇଁ ଉଦ୍ୟମ କରି ସଫଳ ହେଲେ । ଲୋକପ୍ରତିନିଧି ହାତରେ ଶାସନ କ୍ଷମତା ଅର୍ପଣ ପାଇଁ ରାଜାମାନେ ରାଜି ହେଲେ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସତ୍ୟାଗ୍ରହ ଆନ୍ଦୋଳନ ସ୍ଥଗିତ ରହିଲା ।

ବ୍ରିଟିଶ ସରକାର ମହତାବ କମିଟି ରିପୋର୍ଟ ଉପରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ୧୯୩୯ ସେପ୍ଟେମ୍ବର ୩ ତାରିଖରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯିବାରୁ ସେ ଦିଗରେ ଆଉ ଆଗେଇଲେ ନାହିଁ । ପ୍ରଜା ଆନ୍ଦୋଳନ ଧିମେଇଗଲା । ରାଜାମାନେ ଯୁଦ୍ଧରେ ବ୍ରିଟିଶ ସରକାରଙ୍କୁ ସମର୍ଥନ କଲେ ।

ଯୁଦ୍ଧ ପରେ ଭାରତର ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ଗଡ଼ଜାତଗୁଡ଼ିକରେ ପୁଣି ଗଣଜାଗରଣ ଦେଖାଦେଲା । କଂଗ୍ରେସ ଓ ପ୍ରଜାମଣ୍ଡଳ ରାଜ୍ୟରେ ପ୍ରତିନିଧିମୂଳକ ସରକାର ଗଠନ ପାଇଁ ଦାବୀ କଲେ ।

ଭାରତର ଶାସନ କ୍ଷମତା ହସ୍ତାନ୍ତର ପୂର୍ବରୁ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡଃ ମହତାବ ଗଡ଼ଜାତ ସମସ୍ୟାର ସମାଧାନ ପାଇଁ ପ୍ରବଳ ଉଦ୍ୟମ ଚଳାଇଥିଲେ । ବ୍ରିଟିଶ ସରକାର ଭାରତକୁ ସ୍ୱାଧୀନତା ଦେବାକୁ ଘୋଷଣା କରି ୧୯୪୬ ଏପ୍ରିଲ ୬ ତାରିଖରେ କାବିନେଟ ମିଶନ ଏବଂ ଏପ୍ରିଲ ୨୬ ତାରିଖରେ ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ଭାରତ ପଠାଇଲେ । ମହତାବଜୀ ତାଙ୍କୁ "ଓଡ଼ିଶା ପ୍ରଦେଶ ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଲାଗି କଂଗ୍ରେସର ଦାବୀ" ଶୀର୍ଷକ ସ୍ମାରକପତ୍ର ଦେଲେ । ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଏକ ୮ ଦଫା ସମ୍ବଳିତ ଯୋଜନା ସେ କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ, ମହାତ୍ମାଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ପାଖକୁ ପଠାଇଲେ । ଭାରତେ ରାଜନ୍ୟମଣ୍ଡଳୀର ଚାନ୍ସେଲର ଭୁପାଳର ନବାବ ଏବଂ ଅନ୍ୟାନ୍ୟ ବଡ଼ ବଡ଼ ନବାବଙ୍କ ସହ ପତ୍ର ବିନିମୟ କଲେ । ଗଡ଼ଜାତ

# ଭାରତ ବିପ୍ଳବରୁ ଚେତନା ବିପ୍ଳବ

ଶ୍ରୀ ରମେଶ ଚନ୍ଦ୍ର ରଥ

ବିଂଶ ଶତାବ୍ଦୀଟି ବିଦାୟ ନେବା ପୂର୍ବରୁ ଭାରତବର୍ଷର ଇତିହାସ ପାଇଁ ଦୁଇଟି ବିପ୍ଳବର ଭିତିଭୂମି ଛାଡ଼ି ଦେଇ ଯାଇଛି । ଗୋଟିଏ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତୀୟ ସ୍ୱାଧୀନତା ପ୍ରାପ୍ତିର ଔପଚାରିକ ଘୋଷଣା ଓ ଅନ୍ୟଟି ହେଲା ଶ୍ରୀଅରବିନ୍ଦଙ୍କ ଧ୍ୟାନ ଦୃଷ୍ଟିରେ ଏକ ଆଧ୍ୟାତ୍ମିକ ଅତିମାନସ ଶକ୍ତି ଚେତନାର ବିଶ୍ୱାସକ ପ୍ରେରଣା : ଯାହା ଭାରତୀୟମାନଙ୍କ ପାଇଁ ଗୋଟିଏ ଭବିଷ୍ୟତର ପକ୍ଷିବାଚକ ଭରସା ଉତ୍ପାଦନ କରେ ।

ବିଂଶ ଶତାବ୍ଦୀର ଏହି ଦୁଇଟି ଅବଦାନ ଭାରତବର୍ଷକୁ ସ୍ପଷ୍ଟ ଇଂଗିତ ଦେଇଛି ଯେ ଆତ୍ମଶକ୍ତିର ଉତ୍‌ଥାନ ହିଁ ମାନବିକତାର ପ୍ରକୃତ ସ୍ୱରୂପ । ଏହା କେତେବେଳେ ସ୍ଥୂଳ ତ କେତେବେଳେ ସୂକ୍ଷ୍ମ । ସ୍ଥୂଳ ଭାବରେ ସ୍ୱାଧୀନତା ଲାଭ, ରଙ୍ଗ ପରିବର୍ତ୍ତନ ଦ୍ୱାରା ଚିହ୍ନିତ ହେଲାବେଳେ ସୂକ୍ଷ୍ମ ଭାବରେ ଏହି ସ୍ୱାଧୀନଚେତା ଢଙ୍ଗ ପରିବର୍ତ୍ତନକୁ ସୂଚିତ କରେ । ଅର୍ଥାତ୍ ସ୍ୱାଧୀନତା ଗୋଟିଏ ବିପ୍ଳବର ବାର୍ତ୍ତାକୁ ହିଁ ପ୍ରତିନିୟତ ଉପସ୍ଥାପନ କରେ । ତାହା ଦଳ ବଳ, ନୀତି ଓ କାର୍ଯ୍ୟକ୍ରମକୁ ଭିତ୍ତି କରି ହେଉଥିବା ମନ, ବୁଦ୍ଧି, ଚେତନା ଓ ଉଜ୍ଜୀବନର ସଂଜ୍ଞାକୁ ବିଭିନ୍ନ ଅନୁଭବ ଅନୁପ୍ରେରଣା ଦ୍ୱାରା ପ୍ରବର୍ତ୍ତିତ ହେବାର ହେଉ, ସେଥିରେ ବିରୋଧାଭାସ ବା ସଂଶୟ ନାହିଁ । ଏହା ନିଶ୍ଚିତ ଯେ ଭାରତବର୍ଷ ପାଇଁ ସ୍ୱାଧୀନତା ଓ ଆଧ୍ୟାତ୍ମିକତା ଏ ଉଭୟର ଏକ ସଦାକାଳୀନ ଏକାତ୍ମତା ହିଁ ପ୍ରତିପାଦିତ ହୋଇ ଆସିଛି । ଶହେଟି ବର୍ଷର ସମସ୍ତ ସୀମା ଭାରତବର୍ଷକୁ ଗୋଟାଏ ଚେତନାର ସ୍ପର୍ଶ ଦେଇଛି ଏହା ଦଳ, ମତ, ବିଶ୍ୱାସ ନିର୍ବିଶେଷରେ ସମସ୍ତେ ସ୍ୱୀକାର କରିବେ । ଗାନ୍ଧୀ–ଅରବିନ୍ଦ ଏ ଦୁଇଟି ରାଜନୀତି ଓ ଧର୍ମର କଳ୍ପିତ ପରିସୀମାର ଊର୍ଦ୍ଧ୍ୱରେ ଏକଥାକୁ ପୁନରୁକ୍ତି କରିବା ଅନାବଶ୍ୟକ । ଏ ଦୁଇଟି ଶକ୍ତି ଭାରତାତ୍ମାର ସାମଗ୍ରିକ ସ୍ୱରୂପକୁ ବିଶ୍ୱମୁଖୀ କରାଇବାରେ ସମର୍ଥ ହୋଇଛନ୍ତି । ଏହା ଇତିହାସର ସତ୍ୟପାଠ । ଦାସତ୍ୱରୁ ମୁକ୍ତି, ମୋହାନ୍ଧତାରୁ ନିଷ୍କୃତି, ଛଳନା ଓ ମିଥ୍ୟାଶ୍ରୟରୁ ପ୍ରତ୍ୟାହୃତି ହିଁ ବିପ୍ଳବର ପ୍ରଥମ ସର୍ତ୍ତ–ଯାହା ସ୍ୱାଧୀନତା ଓ ଆଧ୍ୟାତ୍ମିକତାକୁ ଭାରତବର୍ଷର ପ୍ରାଚୀନ ଐତିହ୍ୟ ଦ୍ୱାରା ପୁନରୁଜ୍ଜୀବିତ କରିବାରେ ସଫଳତା ଅର୍ଜନ କରିଛି । ଭାରତ ବିପ୍ଳବରେ ହିଁ ଚେତନାର ରୂପାନ୍ତର ହୋଇଛି । ଏହା ପଛରେ ରହିଛି ଭାରତୀୟ ପରମ୍ପରାର ନିର୍ଦ୍ଦେଶ । ଗାନ୍ଧୀଙ୍କ ରାଜନୀତିରେ ଯେଉଁ ଧର୍ମବୋଧ ଥିଲା ତାହା ଧ୍ୱଜାଧାରୀ ଧର୍ମ ନୁହେଁ, ପ୍ରଜାପ୍ରାଣ ଧର୍ମ । ତାଙ୍କ ରାମନାମ, ରାମରାଜ୍ୟ ଇତ୍ୟାଦି ଭାବାଦର୍ଶ ଅଯୋଧ୍ୟା କି ରାମାୟଣର ସ୍ଥାନକାଳପାତ୍ର ମଧ୍ୟରେ ଆବଦ୍ଧ ନଥିଲା । ତାହା ଥିଲା ସର୍ବନାମ ବାଚକ ଓ ଶବ୍ଦ ଯାହା ଭାରତବର୍ଷକୁ ତା'ର ପ୍ରଜାରେ ପ୍ରେମରେ ପୁନର୍ଯୋଜିତ କରିବାରେ ଅଭିପ୍ରେତ ଥିଲା । ରାଷ୍ଟ୍ର ଶକ୍ତି କେବଳ କ୍ଷମତା ଓ ବାହୁବଳର ପ୍ରତୀକ ନୁହେଁ, ଏହା ମଧ୍ୟ ମମତା ଓ ସମତାର ଗୋଟିଏ ବିବେକ ବିଗ୍ରହର ପ୍ରତୀକ । ସତ୍ୟ, ନ୍ୟାୟ, ନିରପେକ୍ଷତା ସହିତ ବୀରତ୍ୱ ଓ ବୈରାଗ୍ୟ ସମନ୍ୱିତ ହୋଇ ପାରେ । ତାହା ହିଁ ରାମ ଚରିତ୍ରର ବିଶେଷତ୍ୱ । ଜଣେ ସମ୍ରାଟ ସନ୍ନ୍ୟାସୀ ହେବାର ଏବଂ ଜଣେ ସନ୍ନ୍ୟାସୀ ସମ୍ରାଟ ହେବାର ବିଚ୍ଛେଦନାକୁ ବିପ୍ଳବ କୁହାଯାଏ । ଗାନ୍ଧୀଙ୍କ ରାମକୁ ଏବଂ ତାଙ୍କର ଧର୍ମ ଭାବନାକୁ କେହି ଯେପରି ବିକୃତ ଭାବରେ ଗ୍ରହଣ ନ କରନ୍ତି ତାହା ଏ ଆଲୋଚନାର ମର୍ମ । ରାମଙ୍କ ଚରିତ୍ରକୁ ଆଧାର କରି ଯେଉଁ ରାମାୟଣ ସୃଷ୍ଟି ହୋଇଛି ସେଥିରେ ଭାରତବର୍ଷର ରାଷ୍ଟ୍ର ତତ୍ତ୍ୱକୁ ବିଭିନ୍ନ ଆଖ୍ୟାନ ବ୍ୟାଖ୍ୟାନ ମାଧ୍ୟମରେ ଏକ ସାମାଜିକ ଓ ମାନବିକ ଆଚରଣ ବିଧିରେ ପରିଣତ କରିବାର ଚେଷ୍ଟା କରାଯାଇଛି ମାତ୍ର । ଏଥିରେ ଜାତି, ଗୋଷ୍ଠୀ, ଉଚ୍ଚନୀଚ ଭେଦଭାବର ପ୍ରଶ୍ନ ନାହିଁ । ଏଥିରେ ସ୍ୱାଧୀନତା, ଶାଳୀନତା, ନ୍ୟାୟପରତା, ସତ୍ୟବାଦିତା, ନିର୍ଭୀକତା ଇତ୍ୟାଦି ଗୁଣାବଳୀକୁ ହିଁ ପ୍ରକାରାନ୍ତରରେ ଅନୁସରଣୀୟ ଆଦର୍ଶ ଭାବେ ଘୋଷଣା କରି ଭାରତବର୍ଷକୁ ଏକ ଅଖଣ୍ଡ, ଐକ୍ୟବଦ୍ଧ ଅହିଂସ ସାମ୍ୟବାଦୀ ଗଣତନ୍ତ୍ରର ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି ।

ଅପର ପକ୍ଷରେ ଏହି ଭାରତ ବିପ୍ଳବର କୁଶଳୀରୁ ଶ୍ରୀଅରବିନ୍ଦ ଭାରତୀୟ ସଂସ୍କୃତିର ଭିତ୍ତିଭୂମିକୁ ସୁଦୃଢ଼ କରିବାର ପ୍ରୟାସ କରିଥିଲେ । ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠପଟରେ ସେ ଆଙ୍କିଥିଲେ ଏକ ଆଧ୍ୟାତ୍ମିକ ଭାରତବର୍ଷର ପ୍ରତିଛବି । ଏହି ଭାରତବର୍ଷ ଆକୁମାରୀ ହିମାଚଳ ବିସ୍ତୃତ, ତ୍ରିଦିଗରୁ ସମୁଦ୍ର ପରିବେଷ୍ଟିତ ଏକ ଦିବ୍ୟ ଚେତନାର ଭୂଖଣ୍ଡ, ଯାହା ଯୁଗ ଯୁଗ ଧରି ତାର ବିଶାଳ ଶସ୍ୟାଳ ପରମ୍ପରାରେ ଗଢ଼ି ତୋଳିଛି ଜୀବନ ବେଦର ପବିତ୍ର ପ୍ରତିମା, ବେଦଧ୍ୱନିର ବିଶ୍ୱମୟ ବିଭୂତିରେ ଯାହା ପ୍ରତିବିମ୍ବିତ କରିଛି ଅଜସ୍ର ବିଭବ, ବିକାଶ ପ୍ରକ୍ରିୟା । ଦେବତନ୍ତ୍ର ରାଜତନ୍ତ୍ରରେ ଏବଂ ରାଜତନ୍ତ୍ର ଗଣତନ୍ତ୍ରରେ ପରିଣତ ହେବାର ବିଧାନଗତ ପରୀକ୍ଷା ନିରୀକ୍ଷାରେ ଭାରତବର୍ଷ ହୋଇ ଉଠିଛି ଏକ ଅନୁପମ ପ୍ରୟୋଗଶାଳା । ଦେବର୍ଷି, ବ୍ରହ୍ମର୍ଷି, ରାଜର୍ଷି, ମହର୍ଷି ଇତ୍ୟାଦି ଗୁଣତନ୍ତ୍ରର ରୂପକଳ୍ପ ଭାରତୀୟ ଶାସ୍ତ୍ର ପୁରାଣର କେବଳ ସ୍ମରଣୀୟ ବିଷୟବସ୍ତୁ ନୁହେଁ, ଏହା ମଧ୍ୟ ଏକ ଆଚରଣୀୟ ଅନୁସରଣୀୟ

କରିଥିଲେ । ଡିସେମ୍ବର ୧୪ ଓ ୧୫ ତାରିଖରେ ଲାଲବାଗସ୍ଥିତ ରାଜଭବନରେ ଗଡ଼ଜାତ ରାଜାମାନଙ୍କ ବୈଠକ ବସିଲା । ପଟେଲ ଓ ମହତାବଙ୍କ ବହୁ ପ୍ରବର୍ତ୍ତନା ପରେ କେବଳ ମୟୂରଭଞ୍ଜ ଛଡ଼ା ଓଡ଼ିଶାର ୨୫ଟି ଗଡ଼ଜାତ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ସେତେବେଳେ ଏକ ମନ୍ତ୍ରିମଣ୍ଡଳ ହାତରେ ମୟୂରଭଞ୍ଜ ରାଜ୍ୟର ଶାସନ ଛାଡ଼ିଦିଆଯାଇଥିଲା । ମନ୍ତ୍ରିମଣ୍ଡଳ ମତ ନେବାପରେ ମିଶ୍ରଣ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ମୟୂରଭଞ୍ଜ ରାଜା କହିଲେ । ୧୯୪୭ ଡିସେମ୍ବର ୨ ତାରିଖରେ ଭାରତ ସରକାର ଓଡ଼ିଶା ସରକାରଙ୍କ ହାତରେ ବିଧିବଦ୍ଧ ଭାବରେ ଗଡ଼ଜାତ ଶାସନ କ୍ଷମତା ଅର୍ପଣ କଲେ । ୧୯୪୮ ଜାନୁଆରୀ ୧ ତାରିଖରୁ ମିଶ୍ରଣ କାର୍ଯ୍ୟକାରୀ ହେଲା । ଏତିକିବେଳେ ମୟୂରଭଞ୍ଜ ରାଜ୍ୟରେ ଆଦିବାସୀ ଆନ୍ଦୋଳନ ଦେଖାଗଲା । ଆଦିବାସୀ ନେତାମାନେ ଝାଡ଼ଖଣ୍ଡ ପକ୍ଷୀ ଥିବାରୁ ମୟୂରଭଞ୍ଜକୁ ବିହାରରେ ମିଶାଇବା ପାଇଁ ଚକ୍ରାନ୍ତ ଚଳାଇଥିଲେ । ରାଜ୍ୟରେ ଅରାଜକତା ସୃଷ୍ଟି କରୁଥିଲେ । ମିଶ୍ରଣ ପ୍ରସ୍ତାବ ନେଇ ଇତିମଧ୍ୟରେ ମହାରାଜା ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମତଭେଦ ଘଟିଲା । ମହତାବବାବୁଙ୍କ ପ୍ରବର୍ତ୍ତନା ଫଳରେ ମହାରାଜା ତିନି ମନ୍ତ୍ରୀଙ୍କଠାରୁ ସେମାନେ ମିଶ୍ରଣ ବିରୋଧୀ ନୁହନ୍ତି ବୋଲି ଲେଖାଇ ନେଲେ । ୧୯୪୮ ଅକ୍ଟୋବର ୧୭ ତାରିଖରେ ମୟୂରଭଞ୍ଜ ମହାରାଜା ଓ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇ ପଟେଲଙ୍କ ଆଗରେ ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ । ୧୯୪୯ ଜାନୁଆରୀ ୧ ତାରିଖରେ ଏହା ବିଧିବଦ୍ଧ ଭାବରେ ଓଡ଼ିଶା ସରକାରଙ୍କ ଶାସନାଧୀନ ହେଲା ।

ରାଜାମାନେ ଚୁକ୍ତିପତ୍ରରେ ସ୍ୱାକ୍ଷର କରିବା ପରେ ପୁଣି ନିଜର ମତ ପରିବର୍ତ୍ତନ କରି ମହାକୋଶଳ ରାଜ୍ୟ ଗଠନ ପାଇଁ ଚକ୍ରାନ୍ତ ଚଳାଇଲେ । କଲିକତାର ଜଣେ ଇଂରେଜ ସାହେବଙ୍କ ଘର ସେମାନଙ୍କ ମୁଖ୍ୟ କର୍ମକେନ୍ଦ୍ର ହୋଇଥିଲା । ସେଠାରେ ଓଡ଼ିଶା ସରକାରଙ୍କ ବିରୁଦ୍ଧରେ ଗୁପ୍ତ ମନ୍ତ୍ରଣା ଚାଲିଥିଲା । ମୁଖ୍ୟମନ୍ତ୍ରୀ ମହତାବ ଏ ଖବର ପାଇ କଲିକତାକୁ ପୋଲିସ ପଠାଇଲେ । ଅଫିସ ଘେରାଉ କରି ଗୁପ୍ତ କାଗଜପତ୍ର ଜବତ କରିନେଲେ । ସେମାନଙ୍କ ଚକ୍ରାନ୍ତ ପଣ୍ଡ ହେଲା । 'ବୃହତ୍ତର ଉତ୍କଳ ଗଠନରେ ବାଧାବିଘ୍ନ' ନାମରେ ସରକାରଙ୍କ ପକ୍ଷରୁ ଏକ ପୁସ୍ତକ ପ୍ରକାଶ କରାଇ ମହତାବବାବୁ ରାଜାମାନଙ୍କ ଷଡ଼ଯନ୍ତ୍ର ପଦାରେ ପକାଇଦେଲେ ।

ବିହାର ସରକାର ଚକ୍ରାନ୍ତ କରି ଷଢ଼େଇକଳା ଓ ଖରସୁଆଁର ଆଦିବାସୀମାନଙ୍କୁ ମିଶ୍ରଣ ବିରୁଦ୍ଧରେ ମତାଇ ସେଠାରେ ଅରାଜକତା ସୃଷ୍ଟି କଲେ । ପ୍ରଜାମାନେ ବିଦ୍ରୋହ କରିବାରୁ ସେଠାରେ ଗୁଳିଚାଳନା କରାଗଲା । ଏହି ଅସ୍ଥିରତାର ସୁଯୋଗ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରି ବିହାର ସରକାର ଷଢ଼େଇକଳା ଓ ଖରସୁଆଁକୁ ଓଡ଼ିଶାରୁ ଛଡ଼ାଇ ନେଲେ । ୧୯୪୮ ମଇ ୧୬ ତାରିଖରେ ଏହି ଦୁଇ ରାଜ୍ୟ ବିହାରରେ ମିଶିଗଲା ।

ଏହାପରେ ଭାରତର ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକର ଭାରତ ରାଷ୍ଟ୍ର ସହିତ ସମ୍ପୂର୍ଣ୍ଣ ମିଶ୍ରଣର ବାଟ ଖୋଲିଗଲା ।

ଗଡ଼ଜାତ ମିଶ୍ରଣ ପରେ ରାଜା–ମହାରାଜାଙ୍କ ହାତପାଣ୍ଟି ମିଶ୍ରଣ ସମ୍ପର୍କରେ କେହି ଚିନ୍ତା କରିନଥିଲେ । ଗଡ଼ଜାତ କ୍ଷମତା ହସ୍ତାନ୍ତର ବେଳେ ରାଜା–ମହାରାଜାମାନେ ସେମାନଙ୍କର ଟ୍ରେଜେରୀ ଚାବିକାଠି ଦେଲେ ନାହିଁ । ମହତାବବାବୁ ଜାଣିପାରି ଟ୍ରେଜେରୀଗୁଡ଼ିକ ଡବଲ ଲକ ଓ କଉପୁଦ କରି ପୋଲିସ ଜଗାଇ ରଖିଲେ । ରାଜା–ମହାରାଜାମାନେ ଏହି ପାଣ୍ଟି ଓଡ଼ିଶା ସରକାରଙ୍କୁ ଦେବାକୁ ରାଜି ହେଲେ ନାହିଁ । ଗଡ଼ଜାତ ମିଶିଗଲା ପରେ ରାଜକୋଷରେ ସେମାନଙ୍କର ଆଉ ଦାବୀ ବା ଅଧିକାର ନାହିଁ ବୋଲି ମହତାବବାବୁ ଖୋଲଖୋଲ ଜଣାଇ ଦେଲେ । ଏହାପରେ ଗଡ଼ଜାତ ରାଜାମାନଙ୍କ ଟ୍ରେଜେରୀରେ ଗଚ୍ଛିତ ପାଣ୍ଠିର ତାଲିକା ପ୍ରସ୍ତୁତ କରି ଦିଲ୍ଲୀ ଯାଇ ସର୍ଦ୍ଦାର ପଟେଲଙ୍କୁ ଜଣାଇଲେ । କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ପୁରୀ ଆସିଲେ । ସେଠାରେ ରାଜନ୍ୟବର୍ଗଙ୍କ ସମ୍ମିଳନୀ ବସିଲା । ଶେଷରେ ରାଜା–ମହାରାଜାମାନଙ୍କ ହାତପାଣ୍ଟି ଉଚ୍ଛେଦ ହୋଇ ସରକାରୀ ରାଜକୋଷରେ ମିଶିଲା ।

ଦେଶୀୟ ରାଜ୍ୟ ମିଶ୍ରଣରେ ଡକ୍ଟର ମହତାବଙ୍କ ବିଚକ୍ଷଣ ବୁଦ୍ଧି ଓ ବଳିଷ୍ଠ ନେତୃତ୍ୱ ଭାରତୀୟ ରାଜନୀତିରେ ଏକ ସ୍ମରଣୀୟ ଘଟଣା ହୋଇ ରହିଥିବ ।

●



ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ କର୍ମଚାରୀଙ୍କ ସମ୍ମାନାର୍ଥେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ
ଡକ୍ଟର ସି. ରଙ୍ଗରାଜନ୍, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପୁରୋ ଉପହାରରେ ପୁରସ୍କୃତ କରୁଛନ୍ତି । (୯-୭-୧୯୯୭)



ଓଡ଼ିଶା ଧାତୁ ଉନ୍ନୟନ ନିଗମ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ହରିହର ସାହୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ହାତରେ ୫ ଲକ୍ଷ
ଟଙ୍କାର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିକୁ ଦାନ କରୁଛନ୍ତି । ନିଗମର ନିର୍ଦ୍ଦେଶକ ବିଧାୟକ ଶ୍ରୀ ଶରତ୍ର ବେହେରା ଓ
ଶ୍ରୀ ବିହାରୀ ବେହେରା, ପୂର୍ବତନ ବିଧାୟକ ଶ୍ରୀ ରବି ଦାସ ଓ ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଅଛନ୍ତି । (୯-୭-୧୯୯୭)

ଜୀବନ ଦର୍ଶନ। ଶ୍ରୀଅରବିନ୍ଦ ଭାରତୀୟ ଧର୍ମ ଭାବନାକୁ ନକରାତ୍ମକ ଦୃଷ୍ଟିରେ ଆଦୌ ବିଚାର କରି ନାହାନ୍ତି ବରଂ ସେସବୁର ଯଥାର୍ଥ ମୂଲ୍ୟାୟନ କରିବା ସହିତ ସେ ବାଢ଼ିଛନ୍ତି ଭବିଷ୍ୟତ ଭାରତରେ ଅବଶ୍ୟମ୍ଭାବୀ ଭବିତବ୍ୟକୁ। ଭାରତବର୍ଷ ପାଶ୍ଚାତ୍ୟ ରାଷ୍ଟ୍ର ସମୂହ ଭଳି ଏକ ରାଜନୈତିକ ନିଗଡ଼ବଦ୍ଧ ଜଡ଼ପିଣ୍ଡ ନୁହେଁ। ଏହା ଏକ ଚୈତନ୍ୟ ପିଣ୍ଡ, ଯାହା ପ୍ରତିନିୟତ ନିତ୍ୟନୂତନ ରୂପ, ରସ, ଛନ୍ଦରେ ଆପଣାର ସନାତନ ସ୍ୱରୂପକୁ ପୂର୍ଣ୍ଣରୁ ପୂର୍ଣ୍ଣତର ଓ ପୂର୍ଣ୍ଣତମ ପରିବ୍ୟାପ୍ତି ଆଡ଼କୁ ମୁହାଁଇ ଚାଲିଛି। ଏହା କୌଣସି ସିଦ୍ଧ ସମାଧାନ ଠାରେ ଅଟକି ଯାଇ ନାହିଁ କି କୌଣସି ସିଦ୍ଧାନ୍ତକୁ ସର୍ବଶେଷ ବୋଲି ଗ୍ରହଣ କରି ନେଇ ସ୍ଥାଣୁତ୍ୱକୁ ଆଦରି ନେଇ ନାହିଁ। ଏଥିପାଇଁ ଭାରତବର୍ଷକୁ ଆଗନ୍ତୁକ ଆସିଛନ୍ତି ଜିଜ୍ଞାସୁର ପ୍ରବୃତ୍ତି ନେଇ, ଜିଜ୍ଞାସୁ ହେଉ ହେଉ ସେହି ସବୁ ଅଣଭାରତୀୟ ଶକ୍ତି ପ୍ରବାହ ଏ ଦେଶକୁ ସେମାନଙ୍କର ସ୍ୱଦେଶଭୂମି କରି ଶେଷକୁ ଏହି ଭୂମିରେ ଏହାର ଭୂମାତ୍ୱର ସମ୍ମୋହନରେ ଏକାତ୍ମ ହୋଇ ଯାଇଛନ୍ତି। ଏଥିରେ ହୋଇପାରେ ଭାରତବର୍ଷ କିଛି ହରାଇଛି ଯାହା ଆଉ ପାଇ ପାରିବ ନାହିଁ ଏବଂ ସେହିପରି କିଛି ପାଇଛି ଯାହାକୁ ହରାଇବ ନାହିଁ। ଶ୍ରୀଅରବିନ୍ଦଙ୍କ ଭାରତ ବିପ୍ଳବର ଧାରାରେ ସ୍ୱାଧୀନତା ଶେଷ କଥା ନୁହେଁ। ସ୍ୱାଧୀନତା ଗୋଟିଏ ନିରନ୍ତର ଆତ୍ମପ୍ରକାଶର, ଆତ୍ମ ଉତ୍‌ଥାନର ଓ ଆତ୍ମ ବିସ୍ତାରର ସୁଯୋଗ ଯଦ୍ୱାରା ବିଦେଶୀ ନୁହେଁ କି ସ୍ୱଦେଶୀ ମଧ୍ୟ ନୁହେଁ, କୌଣସି ପ୍ରଚ୍ଛପ ପ୍ରଚ୍ଛଦ୍ମର ବଶବର୍ତ୍ତୀ ନ ହୋଇ ଅନ୍ତରସ୍ଥ ଜ୍ୟୋତିଶକ୍ତିରେ ଜଡ଼ତାର, ମୂଢ଼ତାର ସମସ୍ତ ଆବରଣକୁ ଛିନ୍ନ କରି ଏକ ନିରବଚ୍ଛିନ୍ନ ଆନ୍ତରାତ୍ମିକ ଜାଗୃତିରେ ବିଶ୍ୱଶକ୍ତି, ବିଶ୍ୱ ପ୍ରକ୍ରିୟାରେ ସହଯୋଗୀ ହେବା– ସଂପୃକ୍ତ ହେବା ଏକ ପାର୍ଥିବୋତ୍ତର, ମାନସୋତ୍ତର ଏକ ଦିବ୍ୟ ଚିନ୍ମୟ ତରଙ୍ଗରେ। ଏହା ହିଁ ଭାରତବର୍ଷର ଆଧ୍ୟାତ୍ମିକ ସମାଜବାଦ, ଯାହାର ସୀମା ଜନଶକ୍ତି ଧନଶକ୍ତି ଦ୍ୱାରା ଚିହ୍ନିତ ନୁହେଁ। ଏହା ରାଜତନ୍ତ୍ର ନୁହେଁ, ଗଣତନ୍ତ୍ର ବି ନୁହେଁ, ଏହା ପ୍ରକୃତ ଅର୍ଥରେ ଏକ ଈଶ୍ୱରତନ୍ତ୍ର, ଯେଉଁ ଈଶ୍ୱର ବିଶ୍ୱମୟ ପୁଣି ବିଶ୍ୱାତୀତ, ଯାହାଙ୍କର ସଦସ୍ୟ ଉପସ୍ଥିତି ପାଇଁ ଆମେ କେବଳ ଖୋଲାଦ୍ୱାର ଭଳି ସଦା ଉନ୍ମୁକ୍ତ ରହିବା। ଏହି ଭାରତ ବିପ୍ଳବର ନେପଥ୍ୟ ଶିବିରରେ ଭାରତୀୟ ସାରସ୍ୱତ ସାଧକ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର ଭାବମୟ ବିଭୂତିରେ ଆବାହନ କରିଥିଲେ ବିଶ୍ୱାତ୍ମାକୁ "ଏଇ ଭାରତେର ମହାମାନବେର ସାଗର ତୀରେ" କବିତାରେ ଏବଂ ବିପୁଳ କାବ୍ୟକୃତିରେ ସେ ଫୁଟାଇଥିଲେ ଏକ ଭବ୍ୟ–ଭାରତୀୟ ସାର୍ବଜନୀନତାକୁ। ବିଶ୍ୱକବି ଥିଲେ ଉଭୟ ଗାନ୍ଧୀ ଓ ଅରବିନ୍ଦଙ୍କ ମଧ୍ୟରେ ଏକ ସର୍ଣକାତର ସାକ୍ଷୀ ପୁରୁଷ। ଭାରତବିପ୍ଳବରେ ସେ ପ୍ରତ୍ୟକ୍ଷ ଭାବେ ଅଂଶ ଗ୍ରହଣ କରି ନଥିଲେ ସତ, କିନ୍ତୁ ଚେତନା ବିପ୍ଳବରେ ତାଙ୍କର ସ୍ୱର ସ୍ପନ୍ଦିତ ହୋଇ ଥିଲା ଏହା ଅନସ୍ୱୀକାର୍ଯ୍ୟ।

ଭାରତ ବିପ୍ଳବ ସରିନାହିଁ, ସରିବାର ନୁହେଁ। ଏହା ମଧ୍ୟ କେବଳ ଗୋଟିଏ ଶତାବ୍ଦୀରେ ସୀମିତ ନୁହେଁ, ଯେପରି ରୁଷ ବିପ୍ଳବ, ଫ୍ରାନ୍‌ସ ବିପ୍ଳବ ଇତିହାସର ପୃଷ୍ଠାଙ୍କିତ ହୋଇଛି। ଭାରତ ବିପ୍ଳବ ଏକ ଚେତନାର ବିପ୍ଳବ। ସମୟର ସରହଦରେ ଆମେ ଏହାର ଗୋଟିଏ ଅଂଶକୁ ମାତ୍ର ଅନୁଭବ କରୁ କିନ୍ତୁ ଆମେ ଭାରତୀୟ ଅତୀତର ନୋହୁଁ କି ବର୍ତ୍ତମାନରେ ପରିଚିତ ନୋହୁଁ ବରଂ ଅନନ୍ତକାଳ ପର୍ଯ୍ୟନ୍ତ ଆମର ଭାରତୀୟତା ହିଁ ବିଶ୍ୱମାନବତାର ପ୍ରମାଣ ଦେବା ସହିତ ଏକ ଅନବଦ୍ୟ ଦେବତ୍ୱ ଲାଭ ପାଇଁ ଏକ ପ୍ରବେଶ ପଥ ମାତ୍ର। ଏହା ଜନାଦେଶ ନୁହେଁ, ରାଜାଦେଶ ମଧ୍ୟ ନୁହେଁ ବରଂ ଦିବ୍ୟ ସଂଦେଶ।

---

ଚେତନାଭବନ,
ମଠସାହି, ସୁଭଦ୍ରିଆଗଡ଼, କଟକ–୪

ଓଡ଼ିଶାର ୩ ଗୋଟି ଅତି ପୁରାତନ ତଥା ପଡି ରହିଥିବା ରେଳବାଇ ପ୍ରକଳ୍ପର କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯାଇଥିବା ଏକ ଉଲ୍ଲେଖନୀୟ ସାଫଲ୍ୟ। ବିଗତ ବର୍ଷଗୁଡିକର ସ୍ଥାଣୁତା ଭଙ୍ଗ ହୋଇଥିବା ସଙ୍ଗେ ସଙ୍ଗେ ତାଳଚେର–ସମ୍ବଲପୁର, ଦଇତାରୀ–ବାଂଶପାଣି ଓ ଲାଞ୍ଜିଗଡ ରୋଡ–ଜୁନାଗଡ ରେଳପଥର ନିର୍ମାଣ କାର୍ଯ୍ୟରେ ପ୍ରଗତି ସାଧିତ ହୋଇଛି। ପ୍ରସ୍ତାବିତ ଖୋର୍ଦ୍ଧା ରୋଡ–ବଲାଙ୍ଗୀର ରେଳପଥର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଖୋର୍ଦ୍ଧାରୋଡ ସୀମାନ୍ତରୁ ପ୍ରସ୍ତାବିତ ରେଳପଥର ପ୍ରଥମ ପର୍ଯ୍ୟାୟ ପାଇଁ ଭୂ–ଅର୍ଜନ କାର୍ଯ୍ୟ ହାତକୁ ନିଆଯାଇଛି।



ଏନ୍. ସି. ସି. ମହାନିର୍ଦ୍ଦେଶକ ଲେଫ୍‌ଟେନାଣ୍ଟ ଜେନେରାଲ ବି. ଏସ୍. ମଲିକ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସଚିବାଳୟସ୍ଥ ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି (୧୨-୬-୧୯୯୮)




ବିଶାଖାପାଟଣାସ୍ଥ ଇ. ଏନ୍. ସି. ପୂର୍ବାଞ୍ଚଳ ନୌବାହିନୀ ମୁଖ୍ୟ ଭାଇସ୍ ଆଡ଼ମିରାଲ୍ ଶ୍ରୀ ଭି. ପାସରିଚା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । (୧୦-୬-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ପଞ୍ଚାୟତିରାଜ ପରାମର୍ଶଦାତା କମିଟି ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । (୮-୭-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ଅନୁଷ୍ଠିତ କୃଷି ବିଭାଗ ପରାମର୍ଶଦାତା କମିଟି ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । (୮-୭-୧୯୯୮)



ସଚିବାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ରାଜ୍ୟ ଶେଡିଉଲ୍ଡ ଜାତି ମଙ୍ଗଳ ଉପଦେଷ୍ଟା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି । (୧୭-୭-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପରିଷଦସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୩୦ତମ ଶାସନ ନିୟନ୍ତ୍ରଣ
ବୋର୍ଡ଼ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି (୪-୬-୧୯୯୭)



ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାନ୍ତି ପରିଷଦସ୍ଥ ପ୍ରକୋଷ୍ଠରେ +୨ କଳା ଓ ବାଣିଜ୍ୟ ପରୀକ୍ଷାଫଳ
ପୁସ୍ତିକା ଉନ୍ମୋଚନ କରୁଛନ୍ତି (୭-୬-୧୯୯୭)



ଭାରତୀୟ ରାଷ୍ଟ୍ରୀୟ କମିଟିର ସଭ୍ୟ ଓ କେନ୍ଦ୍ର ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ସାକ୍ଷାତ କରୁଛନ୍ତି । (୭-୬-୧୯୯୮)



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଉତ୍କବି ଗୋପାଳ ଦାସଙ୍କ ୧୦୩ ତମ ଜୟନ୍ତୀ ଉତ୍ସବ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । (୧୬-୬-୧୯୯୮)



ଜଗତ୍‌ପୁରଠାରେ ବାଙ୍କୀ-ଚୌଦ୍ୱାର-ସାଲେପୁର ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ରକ୍ତଦାନ ବସ୍ତ୍ର ବିତରଣ
ଓ ସ୍ୱାସ୍ଥ୍ୟ ସେବା ଶିବିର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ
କରୁଛନ୍ତି । (୩୦-୬-୧୯୯୮)




ହୋଟେଲ୍ ସାଉଥ୍‌ଏଣ୍ଡଠାରେ ଆୟୋଜିତ ଭୁବନେଶ୍ୱର ମିଡ୍-ଟାଉନ୍ ରୋଟାରୀ କ୍ଲବ୍‌ର ସଂସ୍ଥାପନ ଦିବସ
ଉପଲକ୍ଷେ ପ୍ରକାଶିତ ବୁଲେଟିନ୍ "ସୁରଭିତ"କୁ ମୁଖ୍ୟ ଅତିଥି ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଏସ୍. ବି. ମିଶ୍ର
ଉନ୍ମୋଚନ କରୁଛନ୍ତି । (୭-୭-୧୯୯୭)



ପ୍ରଫେସର୍ କେ. ଏସ୍. ବେହେରା ଓ ପ୍ରଫେସର ଗୋପାଳକୃଷ୍ଣନ୍‌ଙ୍କ ମିଳିତ ସହଯୋଗରେ 'ଓଡ଼ିଆ ସାହିତ୍ୟ ଶୈଳୀ' ଉପରେ ଲିଖିତ ଏକ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସଭବନରେ ଆୟୋଜିତ ଏକ ଉତ୍ସବରେ ଉନ୍ମୋଚନ କରୁଛନ୍ତି । (୧୭-୭-୧୯୯୮)




ପ୍ରସିଦ୍ଧ ତାମିଲ ଗ୍ରନ୍ଥ 'ତିରୁକୁରାଲ' ହୋଟେଲ୍ ସ୍ୱସ୍ତି, ଭୁବନେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି ।(୧୭-୬-୧୯୯୮)



ଜାତୀୟସ୍ତରରେ ବାଲ୍ମୀକି ପ୍ରତିଷ୍ଠାନ ପକ୍ଷରୁ ଭୁବନ ଭବନରେ ଆୟୋଜିତ ବାଲ୍ମୀକି ମହର୍ଷିଙ୍କ ଜନ୍ମ ଶତବାର୍ଷିକୀ ପୂର୍ତ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁସ୍ତିକା ଉନ୍ମୋଚନ କରୁଛନ୍ତି । (୧୫-୭-୧୯୯୮)

# ନିର୍ଭୀକ ଶାସକ ବିଶ୍ୱନାଥ ଦାସ

**ସ୍ୱର୍ଗତ ବଳରାମ ମହାନ୍ତି**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଆନ୍ଦୋଳନର ନେତା, ନିର୍ଭୀକ ଶାସକ ଓ ଧର୍ମପ୍ରାଣ ସ୍ୱର୍ଗୀୟ ବିଶ୍ୱନାଥ ଦାସ ୧୮୮୮ ମସିହା ଗଞ୍ଜାମ ଜିଲ୍ଲାର ପୋଲସରା ନିକଟବର୍ତ୍ତୀ ବେଲଗାଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେତେବେଳକୁ ଗଞ୍ଜାମ ଜିଲ୍ଲା ଓଡ଼ିଶା ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇ ମାନ୍ଦ୍ରାଜ ପ୍ରଦେଶ ସହିତ ରହିଥିଲା । ତେଣୁ ସେ ମାନ୍ଦ୍ରାଜ ପ୍ରଦେଶରେ ହିଁ ଜନ୍ମ ହୋଇଥିଲେ । ତାଙ୍କ ପିଲାଦିନେ ଗଞ୍ଜାମ ଜିଲ୍ଲାକୁ ଓଡ଼ିଆ ସହିତ ମିଶ୍ରଣ ପାଇଁ ଆନ୍ଦୋଳନ ଚାଲିଥିଲା ତେଣୁ ପିଲାଦିନୁ ଓଡ଼ିଆ ଆନ୍ଦୋଳନ ପ୍ରତି ସେ ଆକୃଷ୍ଟ ହୋଇଥିଲେ । ତାଙ୍କ ଜନ୍ମର ୬ ବର୍ଷ ପୂର୍ବରୁ ୧୮୮୨ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସ 'ଉତ୍କଳ ସଭା' ଅନୁଷ୍ଠାନ ଗଠନ କରି ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଆନ୍ଦୋଳନ ଚଳେଇଥିଲେ ।



ବିଶ୍ୱନାଥ ବାବୁ କଟକ ରେଭେନ୍ସା କଲେଜରୁ ବି.ଏ. ପାଶ୍ କରି ଯାଇ କଲିକତାଠାରେ ଓକିଲାତି ପାଶ୍ କରି ଥିଲେ ଏବଂ ବ୍ରହ୍ମପୁରଠାରେ ଆସି କିଛି ଦିନ ଓକିଲାତି କରିଥିଲେ । ସେ କଟକ କଲେଜରେ ଅଧ୍ୟୟନ କରୁଥିଲା ବେଳେ ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ଘନିଷ୍ଠ ସଂସ୍ପର୍ଶରେ ଆସି ଦେଶପ୍ରେମ ଓ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପ୍ରତି ଆକୃଷ୍ଟ ହୋଇଥିଲେ । ସେ ତାଙ୍କ କର୍ମମୟ ଜୀବନ ଆରମ୍ଭରେ ଗଞ୍ଜାମ ଜିଲ୍ଲା ରୟତ ସଙ୍ଘ ଗଠନ କରିଥିଲେ ଓ ୧୯୨୦ ମସିହାରେ ସେ ଗଞ୍ଜାମ ତାଲୁକ ବୋର୍ଡ଼ର ସଭାପତି ନିର୍ବାଚିତ ହେଲେ । ତାର ବର୍ଷକ ପରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେଲା ।

୧୯୨୧ ମସିହାଠାରୁ ୧୯୩୦ ପର୍ଯ୍ୟନ୍ତ ବିଶ୍ୱନାଥ ବାବୁ ସେତେବେଳର ମାନ୍ଦ୍ରାଜ ବ୍ୟବସ୍ଥା ପରିଷଦର ସଭ୍ୟଥିଲେ । ସଭ୍ୟ ଥିଲାବେଳେ ସେ ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଶିକ୍ଷା ପ୍ରସାର ତଥା ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଉଦ୍ୟମ କରିଥିଲେ । ୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଚାଲିଥିଲା । ସେତିକିବେଳେ ଜାତୀୟ କଂଗ୍ରେସର ନିର୍ଦ୍ଦେଶମତେ ଓଡ଼ିଶାର ଅନ୍ୟାନ୍ୟ ନେତାଙ୍କ ସହିତ ସେ ମାନ୍ଦ୍ରାଜ ବ୍ୟବସ୍ଥା ପରିଷଦର ସଭ୍ୟ ପଦରୁ ଇସ୍ତଫା ଦେଇ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ଏକ ବର୍ଷ କାରାବରଣ କରିଥିଲେ । ସେ ମାନ୍ଦ୍ରାଜ ପ୍ରଦେଶର ଭେଲୋର ଜେଲରେ ରହିଥିଲେ ।

୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ୧୯୩୭ ମସିହା ପ୍ରଥମ ଥରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ବିଧାନସଭା ପାଇଁ ନିର୍ବାଚନ ହେଲା । ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠ ଦଳ ରୂପେ ନିର୍ବାଚିତ ହେଲେ । ସେତେବେଳର ପ୍ରାଦେଶିକ ଲାଟଙ୍କର ଅତିରିକ୍ତ କ୍ଷମତାର ବ୍ୟବହାର ସମ୍ପର୍କରେ ଭାରତ ସରକାର ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ଦେବା ପରେ ସ୍ୱର୍ଗୀୟ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରୀତ୍ୱରେ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା ଓ ଏହି ମନ୍ତ୍ରିମଣ୍ଡଳ ପ୍ରାୟ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା । ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା ।

ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ କଂଗ୍ରେସ ମନ୍ତ୍ରିମଣ୍ଡଳ ବିହାର-ଓଡ଼ିଶା ପ୍ରଜାସତ୍ତ୍ୱ ଆଇନକୁ ପରିବର୍ତ୍ତନ କରି କୃଷକମାନଙ୍କୁ ସର୍ବନିମ୍ନ ଅଧିକାର ଦେଇଥିଲେ । ଆଇନ୍ ବଳରେ କୃଷକମାନେ ନିଜ ବାଗିରେ ଥିବା ଗଛ ଓ ପୋଖରୀରେ ଥିବା ମାଛ ଉପରେ ସମ୍ପୂର୍ଣ୍ଣ ଅଧିକାର ପାଇଥିଲେ । ଜମି ହସ୍ତାନ୍ତର ଉପରେ ଅଧିକାର ଓ ଦାଖଲ ଖାରଜ ଛାଡ଼ ପାଇଥିଲେ । ମଠଗୁଡ଼ିକର ସମ୍ପତ୍ତି ଜନସାଧାରଣଙ୍କ ମଙ୍ଗଳ ସାଧନ କାର୍ଯ୍ୟରେ ଉପଯୋଗ ପାଇଁ



ଭୁବନେଶ୍ୱର ରେଡିଓ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବନମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ 'ନାଗକେଶର' ଗଛ ରୋପଣ କରୁଛନ୍ତି । (୪-୭-୧୯୯୮)



ଅନୁଗୁଳ ଶୈଳ ଶ୍ରୀକ୍ଷେତ୍ରସ୍ଥିତ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାପିତ ହେବାକୁ ଯାଉଥିବା ଚାରିଠାକୁର ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ । (୪-୭-୧୯୯୮)

# ନବଭାରତ ନିର୍ମାତା ପଣ୍ଡିତ ନେହେରୁ

**ଶ୍ରୀ ରମାକାନ୍ତ ରାଉତ**

ପଣ୍ଡିତ ଜବାହର ଲାଲ ନେହେରୁ ନବଭାରତର ନିର୍ମାତା ରୂପେ ସମ୍ମାନିତ। ଗାନ୍ଧିଜୀ ତାଙ୍କୁ ଭାରତର ଭାବୀ ପ୍ରଧାନମନ୍ତ୍ରୀ ଭାବେ ମନୋନୟନ କରିଥିଲେ।



କାଳକ୍ରମେ ଗାନ୍ଧିଜୀ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଗଲେ। ଏପରିକି ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ସ୍ୱଇଚ୍ଛାରେ ସେ ଅପସରି ଗଲେ। ନେହେରୁଙ୍କ ନିକଟକୁ ନେତୃତ୍ୱ ଆସିଲା। ସାଧାରଣ ନିର୍ବାଚନରେ ତାଙ୍କ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ କଲା ଓ ତାଙ୍କ ଜୀବନୀ ସଙ୍ଗେ ଭାରତର ପ୍ରାୟ ଅର୍ଦ୍ଧଶତକର ଇତିହାସ ଜଡ଼ିତ।

## ନେହେରୁ ପରିବାର ଓ ଶିକ୍ଷା ପରିସର

ପୃଥିବୀର ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର କର୍ଣ୍ଣଧାରମାନଙ୍କ ସଙ୍ଗେ ନେହେରୁଙ୍କୁ ତୁଳନା କରିବା ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ। ତାଙ୍କ ବଂଶ, ଶିକ୍ଷା, ସାମାଜିକ ତଥା ଶୈକ୍ଷିକ ଭିତ୍ତିଭୂମିକୁ ଆଲୋଚନା ପରିସର ମଧ୍ୟକୁ ଆଣିବା ବିଧେୟ। ନେହେରୁ ଥିଲେ କାଶ୍ମୀର କାଉଲ ପରିବାରର, ନୈଷ୍ଠିକ ବ୍ରାହ୍ମଣ ପଣ୍ଡିତ। ତାଙ୍କ ପୂର୍ବପୁରୁଷ ରାଜକାଉଲ ୧୭୧୬ ଖ୍ରୀଷ୍ଟାବ୍ଦରେ କାଶ୍ମୀରରୁ ଦିଲ୍ଲୀକୁ ସ୍ଥାନାନ୍ତରିତ ହୋଇ ଆସିଥିଲେ। ତାଙ୍କ ପିତା ମୋତିଲାଲ ନେହେରୁ ଆହ୍ଲାବାଦ ଉଚ୍ଚନ୍ୟାୟାଳୟରେ ଜଣେ ପ୍ରଭାବଶାଳୀ ଆଇନଜୀବୀ। ଆହ୍ଲାବାଦ ସହରରେ ଜବାହରଲାଲ ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମଦିନ ଶିଶୁଦିବସ ରୂପେ ପାଳିତ ହେଉଛି। ମାଆ ସ୍ୱରୂପା ରାଣୀ କୁଳୀନ ବ୍ରାହ୍ମଣ ପରିବାରର କନ୍ୟା। ପିଲାବେଳେ ଚରମ ଐଶ୍ୱର୍ଯ୍ୟ ମଧ୍ୟରେ ନେହେରୁ ବଢ଼ିଥିଲେ।

୧୫ ବର୍ଷ ବୟସରେ ନେହେରୁ ବିଲାତ ଯାଇ ହାରୋ ସ୍କୁଲରେ ଅଧ୍ୟୟନ କଲେ। ହାରୋରେ ଅଧ୍ୟୟନ କାଳରେ ତାଙ୍କ ଦୃଷ୍ଟି ବିସ୍ତାରିତ ହେଲା। ସେ ଫରାସୀ ବିପ୍ଳବ, ଜର୍ମାନୀ ଓ ଇଟାଲୀର ଏକତ୍ରୀକରଣ ବିଷୟ ଅଧ୍ୟୟନ କଲେ। ଗାରିବଲ୍ଡି, ମାଜିନି ଓ କାଉଣ୍ଟ କାଭୁର ପ୍ରମୁଖଙ୍କ ବିପ୍ଳବ ତାଙ୍କୁ ଭାରତର ମୁକ୍ତି ସଂଗ୍ରାମ ନିମନ୍ତେ ଅନୁପ୍ରାଣିତ କରିଥିଲା। ହାରୋ ଛାଡ଼ି ସେ କେମ୍ବ୍ରିଜରେ ପଢ଼ିଲେ। କେମ୍ବ୍ରିଜରେ ତାଙ୍କ ରାଜନୈତିକ ଦିଗ୍‌ବଳୟ ବ୍ୟାପକ ହେଲା। ସେଠାରୁ ଗ୍ରାଜୁଏସନ ପରେ ସେ ଲଣ୍ଡନର Inner Templeରୁ ବାର-ଏଟ-ଲ ପାଶ କରି ୧୯୧୨ ମସିହାରେ ଆହ୍ଲାବାଦ ହାଇକୋର୍ଟରେ ଓକିଲାତି କଲେ। କିନ୍ତୁ ସେଥିପ୍ରତି ସେ ଧ୍ୟାନଶୀଳ ହେଲେ ନାହିଁ। ରାଜନୀତି ଆଡ଼େ ତାଙ୍କ ଆଗ୍ରହ ବଢ଼ିଲା। ୧୯୧୬ ମସିହାରେ ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ କନ୍ୟା କମଳା କାଉଳଙ୍କ ସଙ୍ଗେ ତାଙ୍କର ବିବାହ ସମ୍ପନ୍ନ ହେଲା ଓ ଗୋଟିଏ ବର୍ଷକ ପରେ ଅର୍ଥାତ୍ ୧୯୧୭ ମସିହାରେ କନ୍ୟା ଇନ୍ଦିରାଙ୍କ ଜନ୍ମ ହେଲା, ଯେ କି ପରବର୍ତ୍ତୀ କାଳରେ ନେହେରୁଙ୍କ ରାଜନୈତିକ ଉତ୍ତରାଧିକାରିଣୀ ରୂପେ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ। ସେ ବିଚକ୍ଷଣ ରାଜନୀତିଜ୍ଞ ଓ ଦୃଢ଼ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ।

## ଆନ୍ଦୋଳନରେ ଯୋଗଦାନ

ଜାତୀୟ କଂଗ୍ରେସରେ ଗାନ୍ଧିଜୀଙ୍କ ପ୍ରବେଶ ସ୍ୱାଧୀନତା ଆନ୍ଦୋଳନର ପଟ୍ଟପରିବର୍ତ୍ତନ କରିଥିଲା। ୧୯୧୯ ମସିହା ଅପ୍ରେଲ ମାସରେ ପଞ୍ଜାବର ଜାଲିଆନାୱାଲାବାଗ ଗଣହତ୍ୟାର ଲୋମହର୍ଷଣକାରୀ ନାରକୀୟ କାଣ୍ଡ ତଥା ସାମରିକ ଆଇନ୍ ବିରୁଦ୍ଧରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ। ଏ

ଆଇନ୍ ପ୍ରଣୀତ ହୋଇଥିଲା । ଓଡ଼ିଶାରେ ଶିକ୍ଷା ପ୍ରସାର ନିମନ୍ତେ ଓ ବନ୍ୟା ସମସ୍ୟା ସମାଧାନ ପାଇଁ ସେ ପ୍ରାଥମିକ କାର୍ଯ୍ୟ କରି ଯାଇଥିଲେ । ସେ ଜଣେ ନିର୍ଭୀକ ପ୍ରଶାସକ ଥିଲେ । ତାଙ୍କ ଶାସନ ସମୟରେ ଓଡ଼ିଶା ଲାଟ କିଛିଦିନ ଛୁଟିରେ ଯିବାକୁ ଚାହିଁଥିଲେ ଓ ତାଙ୍କ ସ୍ଥାନରେ ରାଜସ୍ୱ କମିସନର ଡେନ୍‌ସାହେବ ଅସ୍ଥାୟୀ ଭାବରେ ଲାଟ ହୋଇ ରହିବା ପାଇଁ ଆଦେଶ ଦେଇଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ତାର ବିରୋଧ କରି ଥିଲେ । ତାଙ୍କ ଅଧୀନସ୍ଥ ଜଣେ ସରକାରୀ ଅଫିସର ମନ୍ତ୍ରିମଣ୍ଡଳ ବୈଠକରେ ଅଧ୍ୟକ୍ଷତା କରିବାକୁ ସେ ବିରୋଧ କରିଥିଲେ । ଶେଷରେ ତାଙ୍କରି କଥା ରହିଲା । ଲାଟ ସାହେବ ଛୁଟିରେ ନ ଯାଇ ରହିଲେ ।

ସେତେବେଳେ ଅଧିକାଂଶ ବିଭାଗରେ ବ୍ରିଟିଶ ଆଇ.ସି.ଏସ୍. ଅଫିସରମାନେ ସେକ୍ରେଟେରୀ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଭାବରେ ବିଶ୍ୱନାଥବାବୁ ନିର୍ଭୀକ ଓ ଦୃଢ଼ତାର ସହିତ ପ୍ରଶାସନିକ କାର୍ଯ୍ୟ ନିର୍ବାହ କରୁଥିଲେ । ତାଙ୍କ ବେଶ ପୋଷାକ, ଚଳଣି ଓ ବ୍ୟବହାରରେ କୌଣସି ପରିବର୍ତ୍ତନ ହୋଇ ନଥିଲା । ସେ ସରଳ ଜୀବନଯାପନ କରୁଥିଲେ, ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ଅନୁସରଣ କରୁଥିଲେ । ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଥିଲେ ।

୧୯୩୯ ମସିହା ସେପ୍ଟେମ୍ବର ମାସରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେବା ବେଳେ ସେତେବେଳର ଇଂରେଜ ଶାସକ ଭାରତବାସୀଙ୍କ ଇଚ୍ଛା ବିରୁଦ୍ଧରେ ଭାରତକୁ ଯୁଦ୍ଧରେ ଭର୍ତ୍ତି କରି ଦେବାରୁ ତାର ପ୍ରତିବାଦରେ କଂଗ୍ରେସ ମନ୍ତ୍ରିମଣ୍ଡଳମାନଙ୍କୁ ଇସ୍ତଫା ଦେବା ପାଇଁ ଜାତୀୟ କଂଗ୍ରେସ କର୍ତ୍ତୃପକ୍ଷ ଆଦେଶ ଦେବାରୁ ବିଶ୍ୱନାଥ ଦାସ ଇସ୍ତଫା ଦେଇଥିଲେ । ସେ ୧୯୪୨ ଅଗଷ୍ଟ ଭାରତଛାଡ଼ ଆନ୍ଦୋଳନ ବେଳେ ଗିରଫ ହୋଇ ଅଟକବନ୍ଦୀ ଭାବରେ ବ୍ରହ୍ମପୁର ଜେଲରେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ ରହିଥିଲେ । ୧୯୫୧–୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇ ଆସିଥିଲେ । ସେ ୧୯୪୮ ମସିହାରୁ ୧୯୫୩ ପର୍ଯ୍ୟନ୍ତ ଓ ୧୯୫୫–୫୬ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ ।

୧୯୬୨ ମସିହାଠାରୁ ୧୯୬୬ ପର୍ଯ୍ୟନ୍ତ ବିଶ୍ୱନାଥ ଦାସ ଉତ୍ତର ପ୍ରଦେଶର ରାଜ୍ୟପାଳ ରୂପେ କାର୍ଯ୍ୟ କରିଥିଲେ ଏବଂ ସୁଖ୍ୟାତି ଅର୍ଜନ କରିଥିଲେ । ରାଜ୍ୟପାଳ ଭାବରେ ସେ ଉତ୍ତର ପ୍ରଦେଶର ଶିକ୍ଷାବିତ୍ ଓ ବିଦ୍ୱାନମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ଲାଭ କରିଥିଲେ । ସେଠାରେ ରାଜ୍ୟପାଳ ରହିଥିବା ବେଳେ ଧର୍ମପ୍ରାଣ ବିଶ୍ୱନାଥ ଦାସ ବେଦଜ୍ଞାନର ପ୍ରସାର ନିମନ୍ତେ ଭାରତର ଚତୁର୍ଦ୍ଧାମଠାରେ ବେଦ ଭବନ ପ୍ରତିଷ୍ଠା କରିବା ପାଇଁ ପରିକଳ୍ପନା କରିଥିଲେ ଓ ରାଜ୍ୟପାଳ ଭାବରେ ସେ ପାଉଥିବା ସମସ୍ତ ଅର୍ଥକୁ ଖର୍ଚ୍ଚ କରି ବେଦ ଭବନମାନ ପ୍ରତିଷ୍ଠା କରିଥିଲେ । ୧୯୭୦–୭୧ରେ ସେ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଦ୍ୱିତୀୟଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ସାମାଜିକ, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ବିଶ୍ୱନାଥ ଦାସ ଦେଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ସେ ଲୋକ ସେବକ ମଣ୍ଡଳର ସଭାପତି ନିର୍ବାଚିତ ହୋଇଥିଲେ । ଏହି ଲୋକ ସେବକ ମଣ୍ଡଳ ଦେଶର ଅନ୍ୟ କେତେକ ଅନୁଷ୍ଠାନ ସହିତ ଓଡ଼ିଶାର ସତ୍ୟବାଦୀ ପ୍ରେସ ଓ ଦୈନିକ ପତ୍ରିକା 'ସମାଜ' ଅନୁଷ୍ଠାନ ପରିଚାଳନା କରନ୍ତି । ସ୍ୱର୍ଗୀୟ ଦାସ ମୃତ୍ୟୁ ପର୍ଯ୍ୟନ୍ତ ଲୋକ ସେବକ ମଣ୍ଡଳର ସଭାପତି ରହିଥିଲେ । ୧୯୮୪ ମସିହାରେ ତାଙ୍କର ପରଲୋକ ହୋଇଥିଲା । ଯୌବନକାଳରେ ତାଙ୍କର ପତ୍ନୀ ବିୟୋଗ ହୋଇଥିଲେ ମଧ୍ୟ ସେ ଆଉ ବିବାହ କରି ନଥିଲେ । ତାଙ୍କର ଦୁଇଟି ପୁତ୍ର ଅଛନ୍ତି । ତାଙ୍କ ତ୍ୟାଗ, ଦେଶପ୍ରେମ, ଶାସନ କ୍ଷେତ୍ରରେ ନିର୍ଭୀକତା ଓ କାର୍ଯ୍ୟ କ୍ଷେତ୍ରରେ ଏକାନ୍ତ ନିଷ୍ଠା ପାଇଁ ସ୍ୱର୍ଗୀୟ ବିଶ୍ୱନାଥ ଦାସ ଓଡ଼ିଶା ଇତିହାସରେ ସ୍ମରଣୀୟ ହୋଇ ରହିବେ ।

ଜଙ୍ଗଲ ସଂରକ୍ଷଣ ତଥା ବନୀକରଣ ବ୍ୟବସ୍ଥା ଦ୍ୱାରା ଜଙ୍ଗଲ ସମ୍ପଦ ଓ ପରିବେଶର ସୁରକ୍ଷା କରାଯାଇ ପାରୁଥିବାରୁ ସାମାଜିକ ବନୀକରଣ ଓ ଏହାର ଉପ ପ୍ରକଳ୍ପ ଅନ୍ତର୍ଗତ କୃଷି ଜଙ୍ଗଲ ସୃଷ୍ଟି କରିବାକୁ ଯଥାର୍ଥ ଗୁରୁତ୍ୱ ଆରୋପ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଅବ୍ୟାହତ ଓ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଜଙ୍ଗଲ ସୃଷ୍ଟି ନିମନ୍ତେ ଚାରା କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଉଛି । ପାରିବେଶିକ କ୍ଷୟକ୍ଷତିକୁ ରୋକିବା ଲାଗି ଯେଉଁଠି କୌଣସି ବ୍ୟବସ୍ଥା ନାହିଁ ଓ ପରିବେଶର ବିଶେଷ ଅବକ୍ଷୟ ଘଟୁଛି, ସେ ସ୍ଥାନରେ ବିଭିନ୍ନ ଯୋଜନା ତଥା ତଥା ବୈଧାନିକ ବ୍ୟବସ୍ଥାମାନ କାର୍ଯ୍ୟକାରୀ ହେଉଛି ।

ରକ୍ତପାତ, ଜୀବନହାନି ହେଲେ ବି ତାହାକୁ ବରଦାସ୍ତ କରାଯିବ । ଏଥିରୁ ଗାନ୍ଧୀଙ୍କର ଅଭିପ୍ରାୟ ସେ ବୁଝିଗଲେ । ସେ ତତ୍‌କ୍ଷଣାତ୍ ଘୋଷଣା କଲେ ଭାରତକୁ ସ୍ୱାଧୀନତା ହସ୍ତାନ୍ତର ନିମନ୍ତେ ସେ ଆସିଛନ୍ତି । କିନ୍ତୁ କାହା ହାତରେ ସେ ଶାସନଭାର ଅର୍ପଣ କରିବେ ? ଅଗତ୍ୟା ଗାନ୍ଧୀ ଉତ୍ତର ଦେଲେ– ଜିନ୍ନାଙ୍କୁ ସରକାର ଗଠନ ନିମନ୍ତେ ଆମନ୍ତ୍ରଣ କରାଯାଉ । ଜଣେ ଭାରତୀୟ ରୂପେ ଜିନ୍ନା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରନ୍ତୁ । ଏହା ମୋର ଆନ୍ତରିକ ପରାମର୍ଶ । ମୌଲାନା ଆଜାଦ୍ ଖାଁ, ଅବଦୁଲ ଗଫୁର ଖାଁ ଗାନ୍ଧୀଙ୍କ ପ୍ରସ୍ତାବକୁ ସମର୍ଥନ କଲେ । କିନ୍ତୁ କଂଗ୍ରେସର ତୁଙ୍ଗ ନେତା– ଜବାହରଲାଲ, ସର୍ଦ୍ଦାର ପଟେଲ ପ୍ରମୁଖ ନେତାମାନେ ଏଥିରେ ଏକମତ ହେଲେ ନାହିଁ । ଗାନ୍ଧୀ ଦେଶର ଏ ଚରମ ବିପର୍ଯ୍ୟୟରେ କିଛି ସମାଧାନର ରାହା ପାଇଲେ ନାହିଁ । ନିଜକୁ କେମିତି ଅତି ନିଃସଙ୍ଗ ଓ ଅସହାୟ ମନେ କଲେ । ଜିନ୍ନା ନିଜେ ମଧ୍ୟ ବିଶେଷ ଉତ୍ସାହିତ ହେଲେ ନାହିଁ । ସେ ଭାବିଲେ ହିନ୍ଦୁ ବହୁଳ ଅଖଣ୍ଡ ଭାରତରେ ସେ କେତେଦିନ କ୍ଷମତାରେ ରହିପାରିବେ ? ତେଣୁ ପାକିସ୍ଥାନ ଗଠନ ଭିନ୍ନ ତାଙ୍କର ଉପାୟାନ୍ତର ନାହିଁ । ଶେଷରେ ଗାନ୍ଧୀ ଚରମ ଅନୁଶୋଚନା ଓ ନୈରାଶ୍ୟ ମଧ୍ୟରେ ବଡ଼ ଲାଟଙ୍କୁ ଜଣାଇ ଦେଲେ, "ମୁଁ ବରଂ ବର୍ତ୍ତମାନ କହିବି ମତେ, ଆପଣ ବିଚ୍ଛିନ୍ନଧାରାରୁ ଏବେ ବାଦ୍ ଦିଅନ୍ତୁ । ଯେଉଁ ବରିଷ୍ଠ କଂଗ୍ରେସ ନେତାମାନେ ମଧ୍ୟବର୍ତ୍ତୀ ସରକାରରେ ଅଛନ୍ତି ସେମାନେ ଅଭିଜ୍ଞ ଦେଶ ସେବକ ଏବଂ ସେହିମାନେ ହିଁ ହେଉଛନ୍ତି ଆପଣଙ୍କର ଉପଦେଷ୍ଟା । ବଡ଼ ଲାଟ ଏହା ଗ୍ରହୁଁଥିଲେ । ଦେଶ ବିଭାଜନ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ ହୋଇଗଲା । ଗାନ୍ଧୀ ଚାଲିଗଲେ ଚରମ ଗ୍ଳାନି ମଧ୍ୟରେ ଆଶ୍ରମ ମଧ୍ୟକୁ । ଗାନ୍ଧୀଙ୍କ କଥା ନା ଶୁଣିଲେ ଜିନ୍ନା, ନା ଜବାହର, ନା ମାଉଣ୍ଟବେଟନ୍ ???

୧୯୪୭ ମସିହା ଅପ୍ରେଲ୍ ୫ ତାରିଖ ଦିନ ଜିନ୍ନା ମାଉଣ୍ଟବେଟନ୍ ଆଲୋଚନା ହେଲା । ଜିନ୍ନା ସେତେବେଳକୁ ଯକ୍ଷ୍ମା ରୋଗରେ ଅସ୍ଥିକଙ୍କାଳ ସାର ତଥାପି ତାଙ୍କ ଜିଦ୍, ଔଦ୍ଧତ୍ୟ ଓ ଦାମ୍ଭିକତା ଅତୁଟ ଥିଲା । ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ମୁସଲିମ୍ ନେତା । ତାଙ୍କୁ ଆଉ ଟିକିଏ ଜିଦ୍‌ଖୋର କରିବା ଅଭିପ୍ରାୟରେ ମାଉଣ୍ଟବେଟନ୍ ଅଗ୍ନି ସଂଯୋଗ କଲେ । ଅଖଣ୍ଡ ବଙ୍ଗ ଓ ପଞ୍ଜାବ ପାକିସ୍ଥାନକୁ ଛାଡ଼ି ଦେବା ନିମନ୍ତେ କଂଗ୍ରେସ ରାଜି ନୁହେଁ । ଏଥିରେ ଉତ୍ୟକ୍ତ ଜିନ୍ନା ମନ୍ତବ୍ୟ ଦେଲେ ଏକ ଘୁଣଖିଆ ପାକିସ୍ଥାନ ସେ ଚାହାନ୍ତି ନାହିଁ । ସେ ତତ୍‌କ୍ଷଣାତ୍ କକ୍ଷ ତ୍ୟାଗ କଲେ ।

କଂଗ୍ରେସ ନେତାମାନଙ୍କ ସଙ୍ଗେ ଆଲୋଚନା ବେଳେ ମାଉଣ୍ଟବେଟନ୍ ଅନୁରୂପ କୂଟନୀତି ପ୍ରୟୋଗ କରିଥିଲେ । ଲୁହାଯାଏ ନେହେରୁଙ୍କୁ ପ୍ରରୋଚିତ କରିବା ସକାଶେ ଚରମ କୂଟନୀତିର ଜାଲ ବିଛାଇ ଦିଆଯାଇଥିଲା । ସତ୍ୟତା ଯାହା ହେଉନା କାହିଁକି, ଦେଶ ବିଭାଜନ ନିମନ୍ତେ ମାଉଣ୍ଟବେଟନ୍ ଯେଉଁ କଣ୍ଟା ବିଛାଇଲେ ତାର ଶରବ୍ୟ ହେଲେ କଂଗ୍ରେସ ଓ ମୁସଲିମ୍‌ଲିଗ୍‌ର ନେତୃବୃନ୍ଦ ନିଜ ନିଜର ରାଜନୈତିକ ସ୍ୱାର୍ଥକୁ ଆଖି ଆଗରେ ରଖି । ତେବେ ସାମ୍ପ୍ରଦାୟିକ ଅଗ୍ନି ଏତେ ପ୍ରବଳ ଓ ଉତ୍କଟ ରୂପ ନେଇଥିଲା ଓ ବ୍ରିଟିଶର ଯୋଜନା ଏତେ କୂଟନୀତି ପ୍ରଣୋଦିତ ହୋଇଥିଲା ଯେ ତହିଁରୁ ମୁକୁଳିବା ସମ୍ଭବ ନଥିଲା । ତାହା ଯେପରି ଇତିହାସର ଏକ ଅପରିହାର୍ଯ୍ୟ ଘଟଣା ହୋଇ ଯାଇଥିଲା । ୧୯୪୮ ମସିହା ମଧ୍ୟ ଭାଗ ପୂର୍ବୁ କ୍ଷମତା ହସ୍ତାନ୍ତର କରିବାର ବ୍ରିଟିଶ୍ କ୍ୟାବିନେଟ୍‌ର ନିଷ୍ପତ୍ତି ସତ୍ତ୍ୱେ ଅପ୍ରତ୍ୟାଶିତ ଭାବେ ମାଉଣ୍ଟବେଟନ୍ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ କ୍ଷମତା ହସ୍ତାନ୍ତର ଘୋଷଣା କରିଦେଲେ ଯଦିଓ ସେତେବେଳକୁ ପାକିସ୍ଥାନର ମାନଚିତ୍ର ସର୍ବସାଧାରଣଙ୍କ ସାମ୍ନାରେ ସ୍ପଷ୍ଟ ହୋଇ ନଥିଲା । ତାପରେ ଚାଲିଲା ହିଂସା, ପ୍ରତିହିଂସା, ଦେଶ ଅଦଳ ବଦଳ, ଶରଣାର୍ଥୀର ପଟୁଆର, ହତ୍ୟା, ରକ୍ତପାତ, ଲୁଣ୍ଠନ, ଧର୍ଷଣର ବିଭତ୍ସ କାଣ୍ଡ । ଲକ୍ଷ ଲକ୍ଷ ଜୀବନଦୀପ ଲିଭିଗଲା । ସେ ଗରଳ ଜ୍ୱାଳା ଏବେ ବି ଲିଭି ନାହିଁ । ଏକ ରୁ ଦୁଇ, ଦୁଇରୁ ତିନି ହୋଇ ବଙ୍ଗଳା ଦେଶର ଉତ୍ପତ୍ତି ହେଲା । ତାପରେ ଚାଲିଛି ଖାଲିସ୍ଥାନର ଧମକ, କାଶ୍ମୀର ବିଭାଜନର ପ୍ରଶ୍ନ । ୧୭୫୭ ମସିହା ପଲାଶୀ ଯୁଦ୍ଧରେ ଜିତିବାଠାରୁ ବ୍ରିଟିଶ୍ କଂପାନୀ ଦଳ ୧୯୪୭ ମସିହା ଯାଏ ପ୍ରାୟ ୨୦୦ ବର୍ଷ ଶାସନ, ଲୁଣ୍ଠନ ତଥା ଅନ୍ତସାର ଶୂନ୍ୟ କରିବା ପରେ ବି ତା'ର ଭବିଷ୍ୟତ ବିକାଶକୁ ବିଦ୍ୱସିତ କରି ଯାଇଛନ୍ତି । ତାର ସଭ୍ୟତା, ସଂସ୍କୃତି, ଅର୍ଥନୀତି, ସାହିତ୍ୟ ତଥା ଆଧ୍ୟାତ୍ମିକତାକୁ ସମ୍ପୂର୍ଣ୍ଣ ବିକଳାଙ୍ଗ କରି ଦେଇଛନ୍ତି । ଯିବା ବେଳେ ବିଭେଦର ଯେଉଁ ବିଷ ମଞ୍ଜି ବୁଣି ଦେଇ ଗଲେ, ତାହା ଏ ଦେଶକୁ ନଷ୍ଟ ଭ୍ରଷ୍ଟ କରି ଦେଇଛି ।

## କଣ୍ଟକିତ ସ୍ୱାଧୀନତା

୧୯୪୬ ମସିହା ସେପ୍‌ଟେମ୍ବର ୨ ତାରିଖରେ ବ୍ରିଟିଶ୍ ସରକାର ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କଲେ । ପଣ୍ଡିତ ନେହେରୁ ଏହାର ନେତୃତ୍ୱ ଗ୍ରହଣ କଲେ । ଅକ୍ଟୋବର ମାସରେ ମୁସଲିମ୍ ଏଥିରେ ଯୋଗ ଦେଲେ । କିନ୍ତୁ ଦୁଇଦଳ ଏକାଠି କାର୍ଯ୍ୟ କରିପାରିଲେ ନାହିଁ । ଏହି ସରକାର ମାଉଣ୍ଟବେଟନ୍‌ଙ୍କ ଅଙ୍ଗୀକାର ସ୍ୱାଧୀନତା ପ୍ରଦାନ କରାଯିବ ଭାରତ ଏବଂ ନବଗଠିତ ପାକିସ୍ଥାନକୁ । ନେହେରୁ ଯଦିଓ ଏହି ପୃଥକ୍ ଦେଶ ଗଠନକୁ ପ୍ରତିବାଦ କରୁଥିଲେ, ସାମ୍ପ୍ରଦାୟିକ ଅଶାନ୍ତ ପରିବେଶ ତଥା ମୁସଲିମ୍‌ଲିଗ୍‌ର ଜିଦ୍‌ଖୋର ମନୋବୃତ୍ତି ହେତୁ ପାକିସ୍ଥାନ ଗଠନ ଆସନ୍ନ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ ମଧ୍ୟ ରାତ୍ରିରେ କ୍ଷମତା ହସ୍ତାନ୍ତର କରାଗଲା । ଇଉନିଅନ ଜାକ୍ର ପତାକାକୁ ଓହ୍ଲାଇ ଦିଆଗଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ପଣ୍ଡିତ ଜବାହରଲାଲ ନେହେରୁ ଅଶୋକଚକ୍ର ଶୋଭିତ ତ୍ରିରଙ୍ଗା ପତାକା ଲାଲ୍‌କିଲ୍ଲାରେ ଉତ୍ତୋଳନ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଲେ "Long years ago we made a tryst with destiny and now the time comes when we shall redeem pledge not wholly or in full measures but very substantially. At the stroke of the midnight hour when the world sleeps,

ପ୍ରସଙ୍ଗରେ ଗାନ୍ଧିଜୀଙ୍କ ଘୋଷଣା : "We shall not cooperate with the foreign Government in any way. We shall resist peacefully." ଗାନ୍ଧୀଙ୍କର ଏ ଆହ୍ୱାନରେ ଜବାହରଲାଲ ସତ୍ୟାଗ୍ରହକୁ ପଶିଆସିଲେ । ତାଙ୍କ ପିତା ମୋତିଲାଲ ମଧ୍ୟ ଆନ୍ଦୋଳନରେ ଯୋଗ ଦେଲେ । ୧୯୨୧ ମସିହାରେ ଉଭୟ ପିତା ପୁଅ ଜେଲ ବରଣ କରିଥିଲେ । ୧୯୨୭ ମସିହା ଡିସେମ୍ବର ମାସ ମାଡ୍ରାସ ଅଧିବେଶନରେ ନେହେରୁ ପ୍ରସ୍ତାବ ଦେଲେ ପୂର୍ଣ୍ଣ ସ୍ୱାଧୀନତା ଆନ୍ଦୋଳନର ଲକ୍ଷ୍ୟ ହେବା ଉଚିତ । ଯାହାର ସ୍ୱୀକୃତି ୧୯୨୯ ମସିହା ଲାହୋର ଅଧିବେଶନରେ ସେ ଘୋଷଣା କଲେ : "India must sever the British connection and attain 'PURNA SWARAJ' or complete independence."

୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଜବାହରଲାଲ ପ୍ରଥମ ସତ୍ୟାଗ୍ରହୀ ଭାବେ ଜେଲ ବରଣ କଲେ । ଏହି ସମୟରେ ମୋଟ ୩ ବର୍ଷ ୩ ମାସ ଜେଲ ଜୀବନ ଯାପନ କରିଛନ୍ତି । ୧୯୩୬ ମସିହା ତାଙ୍କ ଜୀବନର ଦୁଃଖତମ ସମୟ । ତାଙ୍କ ସହଧର୍ମିଣୀ କମଳା ସୁଇଜରଲ୍ୟାଣ୍ଡରେ ଦେହତ୍ୟାଗ କଲେ । ତାଙ୍କ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା । ସେ ଆଉ ଦ୍ୱିତୀୟବାର ଗ୍ରହଣ କରିନାହାନ୍ତି । ସମସ୍ତ ସ୍ନେହ ଏକମାତ୍ର କନ୍ୟା ଇନ୍ଦିରା ପ୍ରତି ଅଜାଡ଼ି ଦେଲେ । ଜେଲରୁ ପ୍ରତ୍ୟହ ଚିଠି ଲେଖନ୍ତି । ସେସବୁର ସମାହାରରେ Glimpses of World History ଆତ୍ମପ୍ରକାଶ କଲା ।

୧୯୩୬ ମସିହାରେ ବ୍ରିଟିଶ ସରକାର କେତେକ ଶାସନତାନ୍ତ୍ରିକ ସୁବିଧା ଜନସାଧାରଣଙ୍କୁ ଦେଲେ । କଂଗ୍ରେସ ୮ଟି ପ୍ରଦେଶରେ ନିର୍ବାଚନରେ ଜିଣି ମନ୍ତ୍ରିମଣ୍ଡଳ ଗଠନ କଲେ । ନେହେରୁ ସାଂଗଠନିକ ଓ ନିର୍ବାଚନ କାର୍ଯ୍ୟ ନିମନ୍ତେ ସାରା ଦେଶ ଭ୍ରମଣ କଲେ । ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେତୁ ସ୍ୱାଧୀନତା ଆନ୍ଦୋଳନରେ କେତେକାଂଶରେ ଭଟ୍ଟା ପଡ଼ିଥିଲା । ଯୁଦ୍ଧ ପରେ ବ୍ରିଟିଶ ସରକାରଙ୍କ ଉଦାସୀନ ଭାବକୁ ଲକ୍ଷ୍ୟ କରି ୧୯୪୨ ମସିହା ଅଗଷ୍ଟ ମାସ ୮ ତାରିଖରେ କଂଗ୍ରେସ ଚରମ ପଦକ୍ଷେପ ଗ୍ରହଣ କଲା ଏବଂ ଭାରତଛାଡ଼ ଆନ୍ଦୋଳନର ସୂତ୍ରପାତ ହେଲା । ଗାନ୍ଧୀ, ନେହେରୁ ପ୍ରମୁଖ ଭାରତର ତୁଙ୍ଗ ନେତାମାନେ ଗିରଫ ହେଲେ । ୧୯୪୫ ମସିହା ଜୁନ୍ ମାସରେ ନେହେରୁ ଜେଲରୁ ଖଲାସ ହେଲେ । ତାପରେ ତତ୍କାଳୀନ ବ୍ରିଟିଶ ଭାଇସ୍‌ରାୟ ଲର୍ଡ ୱାଭେଲଙ୍କ ଦ୍ୱାରା ଆହୂତ ସିମଲା କନ୍‌ଫରେନସ୍‌ରେ ନେହେରୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରେ ୧୯୪୬ ମସିହା କ୍ୟାବିନେଟ୍ ମିଶନ ଏବଂ ୧୯୪୭ରେ ଲର୍ଡ ମାଉଣ୍ଟବେଟନ୍‌ଙ୍କ ସଙ୍ଗେ ଭାରତର ସ୍ୱାଧୀନତା ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସେ ନେତୃତ୍ୱ ନେଇଥିଲେ ।

## ମାଉଣ୍ଟବେଟନ୍‌ଙ୍କ ମାୟାଜାଲ

ମୁସଲିମ୍‌ଲିଗ୍‌ର ନେତା ମହମ୍ମଦ ଅଲ୍ଲୀ ଜିନ୍ନା ଭାରତର ପଶ୍ଚିମ ଓ ପୂର୍ବାଞ୍ଚଳ ମୁସଲିମ୍ ଅଞ୍ଚଳକୁ ନେଇ ସ୍ୱାଧୀନ ପାକିସ୍ଥାନ ଗଠନ ଦାବୀ କଲେ । ୧୯୪୦ ମସିହା ମାର୍ଚ୍ଚ ୨୪ ତାରିଖରେ ଲାହୋରଠାରେ ଏକ ପ୍ରସ୍ତାବ ମଧ୍ୟ ସେ ଅନୁମୋଦନ କରାଇ ନେଲେ । ଗାନ୍ଧୀ ଏ ବିଭାଜନ ଓ ବିଚ୍ଛେଦ ପାଇଁ ମର୍ମାହତ ହେଲେ । ଇସ୍ପା ମୂଳରେ ବ୍ରିଟିଶ୍ କୂଟନୀତିର ପଶ୍ଚାତ୍ ଇଙ୍ଗିତ ଥିଲା । ୧୯୪୫ ମସିହାରେ ଯଦିଓ ନାଠ ଦଳର ପରାଜୟ ଘଟି ଶ୍ରମିକଦଳର କ୍ଲିମେଣ୍ଟ ଅଟ୍‌ଲି ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେଲେ, ଚର୍ଚ୍ଚିଲଙ୍କ ପ୍ରଭାବ ସମ୍ପୂର୍ଣ୍ଣ ଲୋପ ହୋଇ ନଥିଲା । ଭାରତ ସମ୍ପର୍କରେ ତାଙ୍କ ପରାମର୍ଶ ଅଗ୍ରାଧିକାର ଥିଲା । ସର୍ବଶେଷ ବ୍ରିଟିଶ୍ ବଡ଼ଲାଟ ଲର୍ଡ ଲୁଇ ମାଉଣ୍ଟବେଟନ ଚର୍ଚ୍ଚିଲଙ୍କ ଲୋକ ଥିଲେ ଏବଂ ତାଙ୍କ ପରାମର୍ଶକୁ ଖୁବ୍ ଗୁରୁତ୍ୱ ଦେଉଥିଲେ । ଶ୍ରମିକଦଳ ଭାରତକୁ କ୍ଷମତା ହସ୍ତାନ୍ତରର ଯେଉଁ ମାନସିକ ନିଷ୍ପତ୍ତି ନେଲେ, ତାର ଅନ୍ତରାଳରେ ବେଶ ଏକ କୂଟନୀତିର ବିଷ ବୁଣି ଦିଆଗଲା । ତାହା ସାମ୍ପ୍ରଦାୟିକ ବିଦ୍ୱେଷ । ହିନ୍ଦୁ ଓ ମୁସଲମାନଙ୍କୁ ପରସ୍ପର ବିରୁଦ୍ଧରେ ଉସ୍କାଇ ଦେଶକୁ ଭାଗ ଭାଗ କରି ଦିଆଗଲା । ମହମ୍ମଦଅଲ୍ଲୀ ଜିନ୍ନା ସ୍ୱାଧୀନ ପାକିସ୍ଥାନ ଦାବୀ କରୁଥିବା ବେଳେ ହାଇଦ୍ରାବାଦ ନିଜାମଙ୍କ ସମେତ ୫୬୨ଟି ଗଡ଼ଜାତକୁ ମଧ୍ୟ ସ୍ୱାଧୀନ ରହିବାର ସୁଯୋଗ ଦିଆଗଲା । ଫଳରେ ଭାରତୀୟ ଉପମହାଦେଶକୁ ଖଣ୍ଡବିଖଣ୍ଡିତ ତଥା ବିଶ୍ରୀ ବିକଳାଙ୍ଗ କରି ଦେବାର ଏକ ବିଧିବଦ୍ଧ ଯୋଜନା ବ୍ରିଟିଶ ମସ୍ତିଷ୍କରୁ ସୃଷ୍ଟି ହେଲା । ତାର ସୂତ୍ରଧର ଥିଲେ ଚର୍ଚ୍ଚିଲ୍ ଏବଂ କାର୍ଯ୍ୟକାରୀ କଲେ ମାଉଣ୍ଟବେଟନ୍ । ଶ୍ରମିକଦଳ ଏଥିରୁ ବାଦ୍ ପଡ଼ି ନାହାନ୍ତି । ସେମାନେ ଏକ ଶକ୍ତିଶାଳୀ ଭାରତ ଗଠନ ଚାହୁଁ ନଥିଲେ । ଏହି ଯୋଜନାର ପ୍ରଥମ ପଦକ୍ଷେପ ଜିନ୍ନାଙ୍କର ୧୯୪୬ ମସିହା ଅଗଷ୍ଟ ୧୬ ତାରିଖରେ ପ୍ରତ୍ୟକ୍ଷ କାର୍ଯ୍ୟ ଦିବସ ପାଳନ, ହିନ୍ଦୁ ମୁସଲମାନ ସଂଘର୍ଷ, ଦଙ୍ଗା, ଲୁଣ୍ଠନ, ହତ୍ୟାକାଣ୍ଡ କଲିକତା ଓ ଗଙ୍ଗା–ବ୍ରହ୍ମପୁତ୍ର ଅବବାହିକାରେ ବିଭୀଷିକା ସୃଷ୍ଟିକଲା । ଏଥିରେ ଗାନ୍ଧୀଙ୍କ ପରି ଦୃଢ଼ମନା ବ୍ୟକ୍ତି ମଧ୍ୟ ବିଚଳିତ ହୋଇ ପଡ଼ିଲେ । ଗଫୁର୍ ଖାଁ ପ୍ରମୁଖ କେତେଜଣ ସହକର୍ମୀଙ୍କ ସଙ୍ଗେ ଗାନ୍ଧୀ ବିହାରର ଦଙ୍ଗା ଅଞ୍ଚଳ ଗସ୍ତକଲେ । କଲିକତାର ଦଙ୍ଗା ଅଞ୍ଚଳକୁ ଗଲେ ଜୀବନକୁ ବିପନ୍ନ କରି । ଏହାକୁ ଲକ୍ଷ୍ୟ କରି ରବୀନ୍ଦ୍ରନାଥ ଲେଖିଥିଲେ–

"ଯଦି ତୋର ଡାକ୍ ଶୁନେ କେଉନା ଆସେ.........
ତବେ ଏକ୍‌ଲା ଚଲୋ, ଏକ୍‌ଲା ଚଲୋ,
ଏକ୍‌ଲା ଚଲୋରେ ।"

## ଗାନ୍ଧିଜୀଙ୍କ ଅସହାୟତା

୧୯୪୭ ମସିହା ମାର୍ଚ୍ଚ ୩୧ ତାରିଖରେ ମାଉଣ୍ଟବେଟନ୍–ଗାନ୍ଧୀ ଆଲୋଚନା ହେଲା । କୂଟନୀତି ବିଶାରଦ ମାଉଣ୍ଟବେଟନ୍ କେବଳ ଗାନ୍ଧୀଙ୍କ ବକ୍ତବ୍ୟ ଶୁଣିଲେ । କିଛି ମନ୍ତବ୍ୟ ଦେଲେ ନାହିଁ । ତାଙ୍କ ମନୋଭାବ ଅଧ୍ୟୟନ ମାଉଣ୍ଟବେଟନ୍‌ଙ୍କ ଅଭିପ୍ରାୟ ଥିଲା । ଦ୍ୱିତୀୟ ଦିବସରେ ଗାନ୍ଧୀ ଦୃଢ଼ ସ୍ୱରରେ ଘୋଷଣା କଲେ ଦେଶର ହିଂସାତ୍ମକ ପରିଣତି ଲାଗି ବ୍ରିଟିଶ୍ ଭେଦନୀତି ଅଗ୍ନି ସଂଯୋଗ କରିଛି । ତାହା କିନ୍ତୁ ସଫଳ ହେବ ନାହିଁ । ଭାଇ ଭାଇ ଅବଶ୍ୟ ଏକାଠି ହେବେ ଏବଂ ମିଳିମିଶି ନିଜ ନିଜର ରାଜନୈତିକ ସଙ୍କଟର ଅବସାନ ଘଟାଇବେ । ଭାରତର ଅଖଣ୍ଡତା ରକ୍ଷା ଆଜି ଏକାନ୍ତ କାମ୍ୟ । ଏଥିପାଇଁ ଯେତେ

ସୁଭାଷ ଚନ୍ଦ୍ର ବୋଷ ଜାତୀୟ କଂଗ୍ରେସର ସଭାପତି । ଏକ ଯୋଜନା କମିଶନ ଗଠନ କରାଗଲା, ଯାହାର ସଭାପତି ହେଲେ ଜୱାହରଲାଲ ଏବଂ ସଂପାଦକ ହେଲେ ପ୍ରଫେସର କେ.ଟି. ସାହା । ୧୯୪୪ ମସିହାରେ ଏକ ଯୋଜନା ଓ ଉନ୍ନୟନ ବୋର୍ଡ଼ ଏବଂ ୧୯୪୬ ମସିହାରେ ଅନୁରୂପ ବୋର୍ଡ଼ ଗଠନ କରା ଯାଇଥିଲା । ଏଥିରେ ଡଃ କେ.ସି. ନିୟୋଗୀଙ୍କୁ ଚେୟାରମେନ୍ ରୂପେ ନେହେରୁ ମନୋନୀତ କରିଥିଲେ । ଭାରତ ନିମନ୍ତେ ଏକ ଯୋଜନା ପ୍ରସ୍ତୁତି ଏବଂ ଏହାରି କାର୍ଯ୍ୟକାରିତା ସମ୍ପର୍କରେ ସୁପାରିଶ ପାଇଁ କମିଟିକୁ ନ୍ୟସ୍ତ କରାଯାଇଥିଲା । ଏଥିରେ ଆମେରିକୀୟ ଇଂଜିନିୟର ସୋଲମୋନ ଟ୍ରନିଙ୍କୁ ଉପଦେଷ୍ଟା ରୂପେ ସେ ସାମିଲ କରିଥିଲେ । ଏସବୁ ସତ୍ତ୍ୱେ ସେ ଉପଲବ୍ଧି କଲେ ଯେ ସ୍ୱାଧୀନତା ନଥାଇ କୌଣସି ଯୋଜନାକୁ ଜନମଙ୍ଗଳ ନିମନ୍ତେ କାର୍ଯ୍ୟକାରୀ କରିବା ସମ୍ଭବପର ନୁହେଁ । ଇଂଜିନିୟର ବିଶ୍ୱେଶ୍ୱରିଆ ଓ ଅର୍ଥନୀତିଜ୍ଞ ପି.ସି. ମହଲାନବିଶଙ୍କ ଦ୍ୱାରା ସେ ଆକୃଷ୍ଟ ହୋଇଥିଲେ । ଏକ ବୈଜ୍ଞାନିକ ଅଭିପ୍ରାୟ, ବିଜ୍ଞାନସିଦ୍ଧ ବ୍ୟକ୍ତିତ୍ୱ ତଥା ପ୍ରଯୁକ୍ତି ଦ୍ୱାରା ଜାତୀୟ ପ୍ରଗତିର ବିକାଶ, ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ଏବଂ ମୁଣ୍ଡପିଛା ଆୟ ବୃଦ୍ଧି ଘଟାଇ ସାମାଜିକ ନ୍ୟାୟ ପ୍ରତିଷ୍ଠା, ବୈଜ୍ଞାନିକ ମନୋଭାବ ଗଠନ, ବୈଜ୍ଞାନିକ ବ୍ୟକ୍ତିତ୍ୱର ବିକାଶ ତଥା ପ୍ରୟୋଗ (Scientific temper, scientific personality and application) ଜନସାଧାରଣଙ୍କୁ ପ୍ରଦାନ କରିବା ନେହେରୁ ପ୍ରବର୍ତ୍ତିତ ଯୋଜନାର ଆଭିମୁଖ୍ୟ ଥିଲା ।

## ଅର୍ଥନୀତି ଓ ଯୋଜନା

ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ନେହେରୁଙ୍କର ସ୍ୱପ୍ନ ଥିଲା । ଫ୍ରାନ୍ସ ଓ ସୋଭିଏତ ଋଷ ଢାଞ୍ଚାରେ ଏହା ଗଠନ କରିବା କଥା ସେ ଚିନ୍ତା କରୁଥିଲେ । ଏହି ଦୁଇ ଦେଶର ସମସ୍ୟା ସଙ୍ଗେ ଭାରତର ମେଳ ଅଛି । ସ୍ୱାଧୀନତା ପରେ ପରେ ଅର୍ଥାତ୍ ଭାରତ ଏକ ସାର୍ବଭୌମ ଗଣତନ୍ତ୍ର ଦେଶର ସ୍ୱୀକୃତି ପାଇବା ପରେ ଯୋଜନା ପ୍ରଣୟନ କରାଗଲା । ଏକ ସନ୍ତୁଳିତ ଅର୍ଥନୈତିକ ପ୍ରଗତି ନିମନ୍ତେ ଯୋଜନା ଏକାନ୍ତ ଅପରିହାର୍ଯ୍ୟ ବୋଲି ସେ ଭାବୁଥିଲେ । ଭାରତରେ ଏକ ମିଶ୍ର ଅର୍ଥନୀତି (mixed economy) ପ୍ରଚଳନ ନିମନ୍ତେ ସେ ଚିନ୍ତା କରୁଥିଲେ । ଏହାର ସଫଳତା ଯୋଜନା ଦ୍ୱାରା ହୋଇ ପାରିବ । ୧୯୫୧ ମସିହାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା ଏବଂ ତାଙ୍କ ଜୀବଦ୍ଦଶାରେ ୩ଟି ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟ କରିଥିଲା । ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଅବ୍ୟବହିତ ପୂର୍ବେ ନେହେରୁ କହିଥିଲେ– "It is a dynamic plan for the dynamic nation determined to go ahead and stand on own feet and bring about social order free from exploitation poverty, unemployment and injustice." ଯୋଜନା ମାଧ୍ୟମରେ ରାଷ୍ଟ୍ରୀୟ ପ୍ରଗତି ସଙ୍ଗେ ସାମାଜିକ ଶୃଙ୍ଖଳା, ବେକାରୀ ଦୂରୀକରଣ, ଦାରିଦ୍ର୍ୟ, ଅନ୍ୟାୟ, ଶୋଷଣ ଆଦିର ବିଲୋପ କରାଯାଇ ପାରିବ । ୧୯୫୦ ମସିହା ମାର୍ଚ୍ଚ ୧୫ ତାରିଖର କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଜାତୀୟ ଉନ୍ନୟନ ପରିଷଦ (National Development Council) ଗଠନ କରାଗଲା । ତଦନୁଯାୟୀ ଯୋଜନା ବୋର୍ଡ଼ ଗଠିତ ହେଲା । ଶିଳ୍ପାୟନ ବିଶେଷତଃ ଭାରିଶିଳ୍ପର ବିକାଶ ନେହେରୁ ଯୋଜନାର ଆଭିମୁଖ୍ୟ ଥିଲା । ସେ ତିନି ପ୍ରକାର ଶିଳ୍ପ ବ୍ୟବସ୍ଥା, ଭାରିଶିଳ୍ପ (Heavy Industry) ବୃହତ୍ ଶିଳ୍ପ (Large Industry), ମଧ୍ୟମ ଶିଳ୍ପ (Middle Industry) ଏବଂ ଗ୍ରାମ୍ୟ ଓ କୁଟୀର ଶିଳ୍ପ (Village & Cottege Industry)ର ପ୍ରବର୍ତ୍ତନ ସେ କରିଥିଲେ । ଏଥିରେ ଉଭୟ ପୁଞ୍ଜିବାଦୀ ଓ ସମାଜବାଦୀ ଅର୍ଥନୀତି ବ୍ୟବସ୍ଥା ଗୃହୀତ ହୋଇଥିଲା । ଲୋକଙ୍କ ଆର୍ଥିକ ମାନର ଉନ୍ନତି ସାଧନ ଏହାର ପ୍ରଧାନ ଲକ୍ଷ୍ୟ ଥିଲା । କିନ୍ତୁ ତଦ୍ୱାରା ସୃଜନଶୀଳତାକୁ ବଳି ଦେବାକୁ ସେ ଖୋଜୁ ନଥିଲେ । ତେଣୁ କୁଟୀର ଶିଳ୍ପ ପ୍ରବର୍ତ୍ତନ ଦ୍ୱାରା ଗ୍ରାମ୍ୟ କାରିଗରୀ ଓ ମୌଳିକ ବ୍ୟବସ୍ଥାର ଉନ୍ନତି ପ୍ରତି ଲକ୍ଷ୍ୟ ରଖା ଯାଇଥିଲା । ଏହି ଭାବେ ନେହେରୁ ଯୋଜନା ସନ୍ତୁଳିତ ଓ ପରିପୂର୍ଣ୍ଣତା ଲାଭ କରିଥିଲା ।

୧୯୫୫ ମସିହା ଆଭାଡ଼ୀ କଂଗ୍ରେସ ଅଧିବେଶନରେ ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଯୋଜନାର ଲକ୍ଷ୍ୟ ହେଉଛି ସମାଜବାଦୀ ରାଷ୍ଟ୍ରଗଠନ । ଏହା ଦ୍ୱାରା ଉତ୍ପାଦନରେ ରାଷ୍ଟ୍ରର ନିୟନ୍ତ୍ରଣ ଜାରି ରହିବ ଓ ମାଲିକାନା ସ୍ଥିରୀକୃତ ହେବ । ଜାତୀୟ ସମ୍ପତ୍ତିର ସୁଷମ ବଣ୍ଟନ କରାଯିବ । ଘରୋଇ ଉଦ୍ୟୋଗ ଉପରେ ସର୍ବସାଧାରଣ ଉଦ୍ୟୋଗର ପ୍ରାଧାନ୍ୟ ଜାରି ହେବ । ସେହିପରି ନାଗପୁର ଅଧିବେଶନରେ ସିଦ୍ଧାନ୍ତ ଗ୍ରହଣ କରାଯାଇ ଯୌଥ ସମବାୟ କୃଷିକୁ ଅଗ୍ରାଧିକାର ଘୋଷଣା କରାଗଲା । କୃଷୀକୁ ଜମିର ମାଲିକାନା ପ୍ରଦାନର (Land to the tiller) ସ୍ଲୋଗାନ ଗ୍ରହଣ କରାଗଲା । ଭୂ–ସଂସ୍କାରର ଲକ୍ଷ୍ୟ ଧାର୍ଯ୍ୟ କରାଗଲା । ତାହା କିନ୍ତୁ ଏଯାବତ୍ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏହି ଭାବେ ଦରିଦ୍ର ଲୋକଙ୍କ ଉନ୍ନତି କଳ୍ପେ ଯୋଜନାକୁ ବିନିଯୋଗ କରି ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା ନେହେରୁଙ୍କ ନବଭାରତ ଗଠନ ନକ୍ସାର ମୂଳ ଭିତ୍ତି ।

ଗ୍ରାମ ବିକାଶ ଓ ଗ୍ରାମ ସଂଗଠନକୁ ନେହେରୁ ଗୁରୁତ୍ୱ ଆରୋପ କରିଥିଲେ । ୧୯୫୯ ମସିହାରେ ଏଥି ନିମନ୍ତେ ଗ୍ରାମ ପ୍ରଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରାଗଲା । ଏଥି ସକାଶେ ତିନିଥାକିଆ ପଞ୍ଚାୟତିରାଜ ପ୍ରଥା ପ୍ରଚଳନ କରାଗଲା । ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ଗଠନ କରାଯାଇ ଲୋକଙ୍କୁ କ୍ଷମତା ପ୍ରଦାନ କରାଗଲା ଓ ଶାସନର ବିକେନ୍ଦ୍ରୀକରଣର ବ୍ୟବସ୍ଥା ଶୁରୁ କରାଗଲା । ଗାନ୍ଧୀ କହୁଥିଲେ ଭାରତର ଆତ୍ମା ଗାଁରେ ଅଛି । ତାଙ୍କ ଅନ୍ତେ ଗ୍ରାମ ବିକାଶ ଭାର ନେହେରୁ ଗ୍ରହଣ

India will awake to life and freedum. We have to build the noble mansion of free India where all her children may dwell." ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଲାଭ କଲା । ନୂତନ ସମ୍ବିଧାନ ଏହି ଦିନରୁ ହିଁ କାର୍ଯ୍ୟକାରୀ ହେଲା । ବ୍ରିଟେନ୍, ସ୍ୱିଜରଲ୍ୟାଣ୍ଡ ଆଦି ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ ଢାଞ୍ଚାରେ ଆମ ସମ୍ବିଧାନ ପ୍ରଣୀତ ହୋଇ ଥିଲେ ହେଁ ଧର୍ମନିରପେକ୍ଷତା ଆଦି ଅନେକ ମୌଳିକତା ଏଥିରେ ପ୍ରତିପାଦିତ ହୋଇଛି । ପ୍ରଥମ ସାଧାରଣ ନିର୍ବାଚନ ୧୯୫୨ରେ ହେଲା । ଏଥିରେ କଂଗ୍ରେସ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଲାଭ କଲା । ପଣ୍ଡିତ ନେହେରୁ ଆରମ୍ଭରୁ ୧୯୬୪ ମସିହା ମଇ ୨୭ ତାରିଖ ଯାଏ ପ୍ରଧାନମନ୍ତ୍ରୀ ଥିଲେ । ଜୀବନର ଶେଷ ଅଠର ମାସ ସେ ବଡ଼ ମ୍ରିୟମାଣ ହୋଇ ପଡ଼ିଥିଲେ, ଚୀନ୍ ଆକ୍ରମଣ ତଥା ଭାରତୀୟ ନେତୃବର୍ଗଙ୍କ ଦୁର୍ନୀତି ପରାୟଣତା ହେତୁ ।

## ଜାତୀୟ ସଙ୍କଟ

ସ୍ୱାଧୀନତାର ପ୍ରଥମ ପର୍ଯ୍ୟାୟ ଥିଲା ନେହେରୁଙ୍କ ପାଇଁ ବହୁ ସମସ୍ୟା ଓ ଚ୍ୟାଲେଞ୍ଜର ସମୟ । ପାକିସ୍ଥାନ ଗଠନ ହେତୁ ସାମ୍ପ୍ରଦାୟିକ ଦଙ୍ଗା ଓ ଶରଣାର୍ଥୀ ସମସ୍ୟା ଚରମ ଅବସ୍ଥାରେ ପହଞ୍ଚି ଥିଲା । ଶରଣାର୍ଥୀଙ୍କ ସ୍ରୋତ ପାକିସ୍ଥାନରୁ ଛୁଟିଲା, ଯଦିଓ ଭାରତରେ ଥିବା ମୁସଲମାନମାନେ ଏଠି ନିରାପଦରେ ରହିଗଲେ । ଆଜି ଭାରତରେ ସର୍ବାଧିକ ମୁସଲମାନ ବାସ କରନ୍ତି । ସୀମା ସମସ୍ୟା ଏବେ ବି ଅସମାହିତତାକୁ ଭିତ୍ତି କରି ୧୯୬୨ ମସିହାରେ ଏକ ଯୁଦ୍ଧ ମଧ୍ୟ ହୋଇଗଲା । ନେହେରୁଙ୍କ ଜୀବଦ୍ଦଶାରେ ଚୀନ୍ ଆକ୍ରମଣ ତାଙ୍କ ପାଇଁ ଆଉ ଏକ ଧକ୍କା । ଯେଉଁ ପଞ୍ଚଶୀଳ ନୀତି ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ବାନ୍ଦୁଙ୍ଗ ସମ୍ମିଳନୀର ଆୟୋଜନ କରିଥିଲେ ତାର ଓଲଟା ଫଳ ହେଲା । ବୈଦେଶିକ ଆକ୍ରମଣ ଦ୍ୱାରା ତାଙ୍କ ବୈଦେଶିକ ନୀତିର ଦୁର୍ବଳ ଦିଗ ସମ୍ପର୍କରେ ସଚେତନ ହୋଇ ସେ ମର୍ମାହତ ହୋଇଥିଲେ । ଆତତାୟୀର ଗୁଳିବିଦ୍ଧରେ ଗାନ୍ଧିଜୀଙ୍କ ମୃତ୍ୟୁ ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖରେ ସମଗ୍ର ଦେଶ ପାଇଁ ବିଷାଦର କଳାଛାଇ ଢାଳି ଦେଲା । ଏଥିରେ ନେହେରୁ ମର୍ମାହତ ହେଲେ । ଦେଶବାସୀଙ୍କ ଉଦ୍ଦେଶ୍ୟରେ ଯେଉଁ ଭାଷଣ ଦେଲେ ତାହା ଅତି ଭାବପ୍ରବଣ ଥିଲା । ସେ କହିଥିଲେ "Light has gone out of our life and there is darkness every where" ସ୍ଥିତାବସ୍ଥାକୁ ଫେରି ଆସି ସେ କହିଲେ ସେ ଆଲୋକର ବିଲୟ ନାହିଁ । ତାହା ଏକ ଅମର ଜ୍ୟୋତି ରୂପେ ନିରନ୍ତର ଏ ଦେଶବାସୀଙ୍କୁ ଆଲୋକିତ କରିବ ଓ ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବ । ଗାନ୍ଧିଜୀଙ୍କ ଅହିଂସାନୀତି ଅବଲମ୍ବନ କରି ଏ ସାମ୍ପ୍ରଦାୟିକ ଆବରଣର ସମାଧାନ ନିମନ୍ତେ ସେ ଦେଶବାସୀଙ୍କୁ ଅନୁରୋଧ କରିଥିଲେ ।

ଗଡ଼ଜାତ ମିଶ୍ରଣ ଓ ସୀମାନ୍ତ ସମସ୍ୟାର ସମାଧାନ ତାଙ୍କ ସମୟର ଦୁଇଟି ମୁଖ୍ୟ କାର୍ଯ୍ୟ । ଏ ଦିଗରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ପଟେଲ ମୁଖ୍ୟ ଭୂମିକା ଗ୍ରହଣ କରି ଥିଲେ । ଅସୀମ ସାହସିକତା ଓ କୂଟନୀତି ପ୍ରୟୋଗ କରି ସେ ଦେଶୀୟ ରାଜାମାନଙ୍କୁ ଭାରତୀୟ ଗଣତନ୍ତ୍ରରେ ସାମିଲ କରାଇଥିଲେ । ଏକରକମ ବାଧ୍ୟବାଧକତାରେ ସେମାନେ ସ୍ୱାକ୍ଷର କଲେ । ଦ୍ୱିମତ ହେବାର ଅବକାଶ ବା ସୁଯୋଗ ଦିଆଗଲା ନାହିଁ । ଯେଉଁ କେତେଜଣ ଅସମ୍ମତି ପ୍ରକାଶ କଲେ ତାହାକୁ ଦୃଢ଼ ଭାବେ ପ୍ରତିହତ କରାଗଲା । ଭାରତୀୟ ରାଷ୍ଟ୍ରୀୟ ପୂର୍ଣ୍ଣତା ପ୍ରକଟିତ ହେଲା । ତା' ନୋହିଥିଲେ ଏହା ପୂର୍ବପରି ଅନେକ ଖଣ୍ଡିତ ରୂପ ନେଇ ରହିଥାନ୍ତା । ପରବର୍ତ୍ତୀ ଉଲ୍ଲେଖନୀୟ କାର୍ଯ୍ୟ ଜମିଦାରୀ ଉଚ୍ଛେଦ । ବ୍ରିଟିଶ ସରକାରଙ୍କ ଅମଳରୁ ଉତ୍ତରାଧିକାରୀ ସୂତ୍ରରେ ଜମିଦାରୀ ଭୋଗ କରି ଆସୁଥିବା ବ୍ୟବସ୍ଥାର ଉଚ୍ଛେଦ ଆଇନ ୧୯୫୨ ମସିହାରେ ଭାରତ ସରକାର ପ୍ରଣୟନ କରିଥିଲେ । ଏହା ଫଳରେ ଜମିର ମାଲିକାନା ସିଧାସଳଖ ଲୋକଙ୍କ ପାଖକୁ ଗଲା । ସରକାର ଖଜଣା ଆଦାୟ କଲେ ଓ ମଧ୍ୟ ସ୍ୱତ୍ୱାଧିକାରୀ ବ୍ୟବସ୍ଥାର ଲୋପ କରାଯାଇ ଶୋଷଣର ଅବସାନ ଘଟିଲା । କୃଷି ଓ କୃଷକ କଲ୍ୟାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଗଲା ।

## ସମାଜବାଦୀ ଚେତନା

ଜବାହରଲାଲ ନେହେରୁଙ୍କର ରାଷ୍ଟ୍ର ଗଠନ ଓ ପ୍ରଶାସନରେ ଦୃଢ଼ ଭିତ୍ତିଭୂମି ଥିଲା । । ସେ ଇଂଲଣ୍ଡର ହାରୋ ଏବଂ କେମ୍ବ୍ରିଜରେ ଅଧ୍ୟୟନ କରୁଥିବା ବେଳେ ଗଣତାନ୍ତ୍ରିକ ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ । ଇଟାଲି ବା ଜର୍ମାନୀର ସ୍ୱାଧୀନତା ଆନ୍ଦୋଳନ ଅଧ୍ୟୟନକାଳରେ ତାଙ୍କ ମାନସ ଚକ୍ଷୁରେ ଭାରତର ସ୍ୱାଧୀନତାର ଚିତ୍ର ଉଦ୍‌ଭାସିତ ହୋଇ ଉଠୁଥିଲା । ସେଇ ସ୍ୱପ୍ନରେ ସେ ସେତେବେଳେ ବିଭୋର ହୋଇ ପଡୁଥିଲେ । ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଭିତ୍ତି ତାଙ୍କଠାରେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ତଥା ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ସମ୍ୟକ ଚିନ୍ତାଧାରା ଉଦ୍ରେକ କରିଥିଲା । ଇଂଲଣ୍ଡରେ ରହଣୀକାଳରେ ସେ ଫେବିୟାନ ସୋସାଲିଷ୍ଟଙ୍କ ସମ୍ପର୍କରେ ଆସିଥିଲେ । ସେହି ସମୟରେ ସେ ମାର୍କ୍ସଙ୍କ ଗ୍ରନ୍ଥ ଅଧ୍ୟୟନ କରି ତଦ୍ୱାରା ପ୍ରଭାବିତ ହୋଇ ଥିଲେ । ୧୯୨୭ ମସିହାରେ ସେ ସୋଭିଏତ ଋଷ ଭ୍ରମଣ କରି ସାମ୍ୟବାଦ ଆନ୍ଦୋଳନ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ । ସେହି ବର୍ଷ ମଧ୍ୟ ଜାତୀୟ କଂଗ୍ରେସର ପ୍ରତିନିଧି ରୂପେ ସେ ବ୍ରସେଲଠାରେ ଦଳିତ ଜନତା କଂଗ୍ରେସ ସମ୍ମିଳନୀରେ ଯୋଗ ଦେଇଥିଲେ । ୧୯୨୯ ମସହାରେ ସେ ଜାତୀୟ କଂଗ୍ରେସ ସଭାପତି ରୂପେ ନିର୍ବାଚିତ ହେଲେ । ସେହି ଲାହୋର ଅଧିବେଶନରେ ନିଜକୁ ଜଣେ 'ସୋସାଲିଷ୍ଟ' ଏବଂ 'ରିପବ୍ଲିକାନ' ଭାବେ ଘୋଷଣା କଲେ । ସମାଜବାଦ ନେହେରୁଙ୍କର ଜୀବନ ଦର୍ଶନରେ ପରିଣତ ହୋଇଗଲା । ୧୯୩୬ ମସିହାରେ

ଯେପରି Museum Specim ବା ନୃତତ୍ତ୍ୱ ପ୍ରତୀକ ଭାବେ ଅବଲୋକନ କରୁଛୁ ଏବଂ ତାଙ୍କ ଦାରିଦ୍ର୍ୟ ଓ ଅସହାୟତାର ସୁଯୋଗ ନେଇ ସେମାନଙ୍କୁ ଅନୁକମ୍ପା ପ୍ରଦର୍ଶନର ସର୍ଦ୍ଧା କରୁଛୁ ତାହାକୁ ସେ ପ୍ରବଳ ସମାଲୋଚନା କରୁଥିଲେ । ତାଙ୍କ ମତରେ "We must give them a measure of protection in their areas so that no outsider can interfere with them except with their consent and good will." ସେମାନଙ୍କୁ ମାନବୀୟ ମର୍ଯ୍ୟାଦା ଓ ସମ୍ମାନରୁ ବିରତ କରିବା ଅତି ଗୁରୁତର ଅପରାଧ ବୋଲି ସେ ଭାବନ୍ତି । ଦେଶର ଜନସାଧାରଣଙ୍କ ପ୍ରତି ତାଙ୍କର ଅଶେଷ ଦରଦ ଥିଲା । ସେମାନଙ୍କ ସମସ୍ୟା ସେ ଭଲ ଭାବେ ଅନୁଧ୍ୟାନ କରିଥିଲେ । ସେ ଦେଶର ସମସ୍ୟା ଅନୁଧ୍ୟାନ କରି Discovery of Indiaରେ ବଖାଣ କରିଥିଲେ ।

ପଣ୍ଡିତ ନେହେରୁଙ୍କୁ ବହୁଭାବେ ପାଶ୍ଚାତ୍ୟ ସମୀକ୍ଷକମାନେ ଆକଳନ କରନ୍ତି । ପ୍ରଫେସର ପୋଲିଭୋଇ ଉଲନୋଭସ୍କି 'ସୋଭିଏତ ରିଭ୍ୟୁ'ରେ 'Nehru and Scientific Socialism' ଶିରୋନାମାରେ ଲେଖିଛନ୍ତି: "Characteristic of Nehru was a striving to congnise and assimilate much of what had been accumulated in mankind's experience and select the best". ତାଙ୍କର ସୁଦୂର ପ୍ରସାରୀ ଆଭିମୁଖ୍ୟ ଥିଲା ଏବଂ ଏହି ଲକ୍ଷ୍ୟ ପୂରଣ ନିମନ୍ତେ ସେ ଦୃଢ଼ ପରିକର ଥିଲେ । ଆଉ ଜଣେ ପାଶ୍ଚାତ୍ୟ ସମୀକ୍ଷକ ଲୁଇ ଫିସରଙ୍କ ମତରେ ଗାନ୍ଧୀ ମାତୃ ଶକ୍ତିର ପ୍ରତୀକ ହୋଇଥିଲା ବେଳେ ନେହେରୁ ପୁରୁଷାକାରର ମୂର୍ତ୍ତିମନ୍ତ ବିକାଶ । ତାଙ୍କ ସାହସିକ ପଦକ୍ଷେପ, ଦୃଢ଼ତା, ଧୈର୍ଯ୍ୟ, ଦୂରଦୃଷ୍ଟି ତାହାର ସତ୍ୟତା ପ୍ରତିପାଦନ କରେ । ଶାସ୍ତ୍ରୀ ତାଙ୍କ ମୃତ୍ୟୁରେ କହିଥିଲେ: "Let us not fail him because he has never failed us". ରାଷ୍ଟ୍ର ଗଠନରେ ନେହେରୁ ନିଶ୍ଚିତ ଏକ ଅବିସ୍ମରଣୀୟ ନାମ । ସେ ଖୁବ୍ ଦୃଢ଼ମନା ଥିଲେ । ୧୯୫୯ ଗଡ଼କାମଣ୍ଡଠାରେ ସେ କହିଥିଲେ: "ମୁଁ କାହାକୁ ଭୟ କରେ ନାହିଁ, ଏପରିକି ଭଗବାନଙ୍କୁ ମଧ୍ୟ ନୁହେଁ । ମୁଁ ଧର୍ମାନ୍ଧ ନୁହେଁ" ।

ନବଭାରତ ଗଠନରେ ପଣ୍ଡିତ ନେହେରୁ ପ୍ରଥମ ତଥା ପ୍ରଧାନ କର୍ଣ୍ଣଧାର । ଭାରତକୁ ଏକ ଧର୍ମ ନିରପେକ୍ଷ ସମାଜବାଦୀ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିବା ତାଙ୍କର ସ୍ୱପ୍ନ ଥିଲା । ବିଜ୍ଞାନ ଓ ବୈଷୟିକ ଉନ୍ନତି ସଂସାଧନ ଦ୍ୱାରା ଏକ ଶକ୍ତିଶାଳୀ ଭାରତ ଗଠନର ପରିକଳ୍ପନା ସଙ୍ଗେ ତା'ର ଐତିହ୍ୟ, ପରମ୍ପରା, ଶାନ୍ତି ମୈତ୍ରୀ ତଥା 'ବିଶ୍ୱଭାବକୁ ବଜାୟ ରଖିବା ନିମନ୍ତେ ସେ ଅହରହ ଉଦ୍ୟମ କରାଇଥିଲେ । ପଞ୍ଚଶୀଳ ନୀତି, ବାନ୍ଦୁଂ ସମ୍ମିଳନୀ ଓ ଏସୀୟ ରାଷ୍ଟ୍ର ସମ୍ମିଳନୀ ଆଦି ଦ୍ୱାରା ସେ ଭାରତର ବୈଦେଶିକ ନୀତିର ଦୃଢ଼ତା ସଙ୍ଗେ ପ୍ରତିବେଶୀ ରାଷ୍ଟ୍ରମାନଙ୍କ ସଙ୍ଗେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ମୈତ୍ରୀ ସଂପର୍କ ସ୍ଥାପନ କରି ପାରିଥିଲେ ।

ରାଷ୍ଟ୍ର ଗଠନରେ ସେ ଏକ ଅବିସ୍ମରଣୀୟ ନାମ ଓ ବିଶ୍ୱରାଜନୀତିରେ ଜଣେ ପ୍ରବାଦ ପୁରୁଷ । ତଦାନୀନ୍ତନ ବୃହତ୍ ଶକ୍ତି ସୋଭିଏତ ଋଷ ଓ ଯୁକ୍ତରାଷ୍ଟ୍ର ଆମେରିକା ଉଭୟଙ୍କର ସେ ଥିଲେ ମିତ୍ର ଏବଂ ଆସ୍ଥାଭାଜନ । ସେ ଥିଲେ ଜଣେ ସୁଲେଖକ, ପ୍ରଚଣ୍ଡ ବାଗ୍ମୀ, ଓ ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନପ୍ରିୟ ନେତା । ତାଙ୍କ 'Glimpses of World History', 'Discovery of India' ଓ ଅନ୍ୟାନ୍ୟ ରଚନାରେ ଉଚ୍ଚ ସମାଜବାଦୀ ଚେତନା ସଙ୍ଗେ ଓଜସ୍ୱିନୀ ଭାଷା ଓ କବିତ୍ୱର ସ୍ୱତଃ ସ୍ଫୁରଣ ନିହିତ । ତାଙ୍କ ଅଭିବ୍ୟକ୍ତିରେ ମାନବବାଦ, ସତ୍ୟ, ନ୍ୟାୟ ଓ ନୀତିନିଷ୍ଠତାର ପ୍ରତିଫଳନ ପରିଲକ୍ଷିତ ହୁଏ ।

ସେ ବିଶ୍ୱର ଶ୍ରେଷ୍ଠ ରାଜନୀତିଜ୍ଞ ଓ ଶାନ୍ତିପ୍ରିୟ ଜନନାୟକ । ତାଙ୍କୁ ଭାରତୀୟ ରାଜନୀତିରେ ଏକ ବିରାଟ ବଟବୃକ୍ଷ ସଙ୍ଗେ ତୁଳନା କରାଯାଇ ଥାଏ । ତାଙ୍କ ବ୍ୟକ୍ତିତ୍ୱର ଆକଳନ ସହଜସାଧ୍ୟ ନୁହେଁ । ମାର୍କିନ କବି ରବର୍ଟ ଫ୍ରଷ୍ଟଙ୍କ କବିତା ତାଙ୍କ ପ୍ରେରଣାର ଉତ୍ସ ଥିଲା । ତାହା ଟେବୁଲ ଉପରେ ସେ ଲେଖି ରଖିଥିଲେ । "Miles to go before I sleep and miles to go before I sleep" ତାଙ୍କ କର୍ମ ପ୍ରେରଣା ଓ କର୍ତ୍ତବ୍ୟ ନିଷ୍ଠାର ଅନ୍ତ ନାହିଁ । ରାଷ୍ଟ୍ର ନିର୍ମାଣର ଦୁସ୍ତର ଅସରନ୍ତି ପଥ ଅତିକ୍ରାନ୍ତ ହେବା ଆଗରୁ ମୃତ୍ୟୁ ପାରାବାରରେ ସେ ଲୀନ ହୋଇଗଲେ ।

ଘର ନଂ: ୩ ଆର ୫/୪,
କଳ୍ପନା ଅଞ୍ଚଳ, ଭୁବନେଶ୍ୱର-୭୫୧୦୧୪

କରିବେ ବୋଲି ଗାନ୍ଧୀ ସ୍ପଷ୍ଟ ମତ ଦେଇଛନ୍ତି । "Jawahar would talk my language after me while emphasising the need for panchayat he observed." ନେହେରୁ କହୁଥିଲେ ଯୋଜନାକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରାଧିକାରୀମାନେ ଲୋକଙ୍କ ସମ୍ପର୍କରେ ଆସୁନାହାନ୍ତି କିମ୍ବା ସେମାନଙ୍କୁ ଏହି ଦିଗରେ ଅନୁପ୍ରାଣିତ କରିପାରୁ ନାହାନ୍ତି । ସାଧାରଣ ଲୋକ ଓ କ୍ଷେତ୍ରାଧିକାରୀଙ୍କ ମଧ୍ୟରେ ବ୍ୟବଧାନ ହେତୁ ଯୋଜନା ଅସଫଳ ହେଉଛି । ଲୋକେ ସାମିଲ୍ ହେଉନାହାନ୍ତି । ଲୋକଙ୍କୁ ଏ ଦାୟିତ୍ୱ ଠିକ୍ ଭାବେ ନ୍ୟସ୍ତ କରାଗଲେ ରାଷ୍ଟ୍ର ଗଠନ ଓ ଗ୍ରାମ ପ୍ରଶାସନରେ ସେମାନଙ୍କ ଭୂମିକା ସମ୍ପର୍କରେ ଲୋକେ ସଚେତନ ହୋଇ ଦାୟିତ୍ୱ ଗ୍ରହଣ ନିମନ୍ତେ ଆଗ୍ରହୀ ହେବେ । ତା ନହେଲେ ଯୋଜନାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ନାହିଁ ।

ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ମୁଖ୍ୟତଃ Trickle-down-strategy ଅବଲମ୍ବନ କରାଯାଇଥିଲା । ମୁଣ୍ଡପିଛା ଆୟର ବୃଦ୍ଧି ଘଟିଲେ ଦାରିଦ୍ର୍ୟ ନିରାକରଣ ହେବ । ତେଣୁ କୃଷି ଓ ଶିଳ୍ପ ବିକାଶ ପ୍ରତି ଅଗ୍ରାଧିକାର ଆରୋପ କରାଗଲା । ସାରାଦେଶ ସେତେବେଳେ ଚରମ ଦାରିଦ୍ର୍ୟ ମଧ୍ୟରେ ଉବୁଟୁବୁ । ୧୯୬୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ବିଶେଷଜ୍ଞ କମିଟି ମତ ଦେଲେ ଯେ ସର୍ବନିମ୍ନ ମାସିକ ୨୦ ଟଙ୍କା ନହେଲେ ସାଧାରଣ ଭାବେ ଖାଇପିଇ ବଞ୍ଚି ହେବ ନାହିଁ । ପ୍ରଫେସର ପି. କେ. ବର୍ଦ୍ଧନଙ୍କ ହିସାବ ଅନୁଯାୟୀ ଗ୍ରାମାଞ୍ଚଳ ଲୋକଙ୍କ ନିମନ୍ତେ ମୁଣ୍ଡପିଛା ସର୍ବନିମ୍ନ ମାସକୁ ୧୫ ଟଙ୍କା ଲୋଡ଼ା । ସେ ଦର୍ଶାଇଥିଲେ ଯେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ହାର ୧୯୬୦ ମସିହା ପୂର୍ବରୁ ଶତକଡ଼ା ୩୮ ଥିବାବେଳେ ୧୯୬୪–୬୫ ବେଳକୁ ତାହା ଶତକଡ଼ା ୪୫କୁ ବୃଦ୍ଧି ପାଇଥିଲା ଏବଂ ୧୯୬୮–୬୯ରେ ତାହା ଶତକଡ଼ା ୫୪ ହୋଇଗଲା । ଡଃ ଭି. ଏମ୍. ଦାଣ୍ଡେକର ଓ ଡଃ ନୀଳକଣ୍ଠ ରଥଙ୍କ ଅଧ୍ୟୟନରୁ ଜଣାଯାଏ ବର୍ଷକୁ ସର୍ବନିମ୍ନ ୧୨୦ ଟଙ୍କାରୁ କମ୍ ହେଲେ ୨୨୫୦ କ୍ୟାଲୋରି ଖାଦ୍ୟ ମିଳିବ ନାହିଁ । ତଦନୁଯାୟୀ ଶତକଡ଼ା ୩୩ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ସେମାନେ ମଧ୍ୟ ଅନୁଧ୍ୟାନ କରିଥିଲେ ଯେ ଗ୍ରାମାଞ୍ଚଳରେ ଶତକଡ଼ା ୪୦ ଲୋକ ଦିନକୁ ୫୦ ପଇସା ଏବଂ ସହରାଞ୍ଚଳରେ ଶତକଡ଼ା ୫୦ ଭାଗ ଲୋକଙ୍କର ଦୈନିକ ମୁଣ୍ଡପିଛା ଖର୍ଚ୍ଚ ଥିଲା ୭୫ ପଇସା । ଏପରିସ୍ଥଳେ ଲୋକଙ୍କୁ ଏ ଚରମ ଦାରିଦ୍ର୍ୟରୁ ଉଠାଇ ଜାତୀୟ ଉତ୍ପାଦନ ବୃଦ୍ଧି ଓ ଜାତୀୟ ଆୟବୃଦ୍ଧି ନିମନ୍ତେ ନେହେରୁ ଅହରହ ଚିନ୍ତା କରୁଥିଲେ । ସେହି ଅଭିପ୍ରାୟରେ ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରାଗଲା ଓ ପ୍ରଥମ ତିନିଟି ଯୋଜନାରେ କୃଷି ଏବଂ ଶିଳ୍ପ ପ୍ରତି ଅଗ୍ରାଧିକାର ଦିଆଗଲା । କିନ୍ତୁ ୧୯୬୮ ମସିହା ସୁଦ୍ଧା ଜାତୀୟ ଉତ୍ପାଦନ ଅଭିବୃଦ୍ଧି ହାର ମାତ୍ର ଶତକଡ଼ା ଦୁଇ ବୃଦ୍ଧି ପାଇଲା । ଆଧୁନିକ ଯନ୍ତ୍ରପାତି ଶିଳ୍ପ କ୍ଷେତ୍ରରେ ପ୍ରୟୋଗ ହେତୁ ଶ୍ରମିକ ଛଟେଇ ସମସ୍ୟା ସୃଷ୍ଟି ହେଲା । ତେଣୁ ଏହାର ସୁଫଳ ବିଶେଷ ଅନୁଭୂତ ହେଲା ନାହିଁ । ତା ସତ୍ତ୍ୱେ ଡଃ ଜିତେନ୍ଦ୍ର ଢୋଲକିଆଙ୍କ ଅଧ୍ୟୟନ (Economic time, 14 Nov. 1988)ରୁ ଜଣାଯାଏ ୧୯୫୦–୬୪ ମଧ୍ୟରେ ଜାତୀୟ ଆୟର ହାରାହାରି ଅଭିବୃଦ୍ଧି ଥିଲା ଶତକଡ଼ା ୩.୯ । କିନ୍ତୁ ୧୯୬୫–୮୦ ମଧ୍ୟରେ ଏହା ଶତକଡ଼ା ୩.୨କୁ ଖସି ଆସିଥିଲା । ସେହିପରି ଆଧୁନିକ ଶିକ୍ଷା ବିକାଶ ନେହେରୁଙ୍କର ଧ୍ୟାନ ଥିଲା । ରାଧାକୃଷ୍ଣନ୍ ଓ କୋଠାରୀ କମିଶନ, ମୁଦାଲିୟର କମିଶନ, ଜାକିର ହୁସେନ୍ କମିଶନମାନ୍ ତାଙ୍କ ସମୟରେ ଗଠନ କରାଯାଇ ଶିକ୍ଷା କ୍ଷେତ୍ରରେ ସଂସ୍କାର ନିମନ୍ତେ ଉଦ୍ୟମ ଆରମ୍ଭ ହେଲା । ବିଜ୍ଞାନ, କୃଷି ଓ ବୈଷୟିକ ଶିକ୍ଷାର ପ୍ରଭୂତ ବିକାଶ ସାରା ଦେଶରେ କରାଗଲା ।

ପଣ୍ଡିତ ଜବାହରଲାଲ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ବିଶ୍ୱ ରାଜନୀତିରେ ସେ ବହୁ ସମ୍ମାନର ଅଧିକାରୀ ଥିଲେ । ପୃଥିବୀର ଦୁଇ ବିରାଟ ଶକ୍ତି, ଋଷ ଓ ଆମେରିକା ଉଭୟ ଦେଶର ସେ ସମ୍ମାନ ଓ ଆସ୍ଥା ଭାଜନ ହୋଇ ପାରିଥିଲେ । ଏସୀୟ ରାଷ୍ଟ୍ରନାୟକମାନଙ୍କର ଦୃଷ୍ଟି ନେହେରୁଙ୍କପାରେ ନିବଦ୍ଧ ଥିଲା । ପରାଧୀନ ରାଷ୍ଟ୍ରମାନଙ୍କର ସ୍ୱାଧୀନତା ନିମନ୍ତେ ସେ ନିରନ୍ତର ଉଦ୍ୟମ ଚଳାଇଥିଲେ । ଏସୀୟ ରାଷ୍ଟ୍ରମାନଙ୍କର ଶୀର୍ଷସମ୍ମିଳନୀ ସେ ବହୁବାର ଡକାଇ ସମସ୍ୟାଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନର ଉପାୟ ଚିନ୍ତା କରୁଥିଲେ । ବିଶ୍ୱ ଶାନ୍ତି ସକାଶେ ତାଙ୍କର ଯଥେଷ୍ଟ ଅବଦାନ ଥିଲା । ଚୀନ୍‌ର ତତ୍କାଳୀନ ରାଷ୍ଟ୍ରମୁଖ୍ୟ ଶୁଏନ୍ ଲାଇଙ୍କ ସହ ସେ ପଞ୍ଚଶୀଳ ନୀତି ସ୍ୱାକ୍ଷର କରିଥିଲେ, ଯଦିଓ ପରବର୍ତ୍ତୀ ପର୍ଯ୍ୟାୟରେ ଚୀନ୍ ତାହା ଭଙ୍ଗ କରି ଭାରତ ଆକ୍ରମଣ କରିଥିଲା । ଏହାକୁ କେହି କେହି ନେହେରୁଙ୍କ ବୈଦେଶିକ ନୀତିର ଦୁର୍ବଳ ଦିଗ ବୋଲି ମତ ଦିଅନ୍ତି । ଭାରତର ରାଷ୍ଟ୍ରନାୟକ ଭାବେ ନେହେରୁ ବିଶ୍ୱ ଦରବାରରେ ଦେଶର ସମ୍ମାନ ବଢ଼ାଇ ଥିଲେ । ତାଙ୍କୁ ନବ ଭାରତର ନିର୍ମାତା ବୋଲି କୁହାଯାଏ । ହୁଏତ ଅନେକ ଆକ୍ଷେପ କରନ୍ତି ଯେ ନେହେରୁ ପ୍ରଥମେ ଭାରିଶିଳ୍ପକୁ ଗୁରୁତ୍ୱ ଦେବା ଦ୍ୱାରା ଜନସାଧାରଣଙ୍କ ଉନ୍ନତି ଦ୍ରୁତତର ହେଲା ନାହିଁ । ଦାରିଦ୍ର୍ୟ ଓ ବେକାରୀ ବଢ଼ିଲା । ଏହା ଆମ ଯୋଜନାର ଦୁର୍ବଳ ଦିଗ । ଏହା ଏକ କାରଣ ହୋଇପାରେ । କିନ୍ତୁ ପଣ୍ଡିତ ନେହେରୁ ଯେଉଁ ଭାବେ ଏକ ସମସ୍ୟା ସଙ୍କୁଳ ପରିସ୍ଥିତିକୁ ମୁକାବିଲା କରି ଦେଶରେ ବହୁ ବୃହତ ଶିଳ୍ପ, ନଦୀବନ୍ଧ ଯୋଜନା, କୃଷି ବିକାଶ ଓ ଅନ୍ୟାନ୍ୟ ବହୁମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି ତା'ର ତୁଳନା ନାହିଁ । ସେ ଅତି ଉଦାରଚେତା ଓ ଉଚ୍ଚମନା ଥିଲେ । ବୈଜ୍ଞାନିକ ତଥା ବୈଷୟିକ ବିକାଶ ଦ୍ୱାରା ଜାତୀୟ ଉନ୍ନତି ସଂସାଧନ ତାଙ୍କର ଆଭିମୁଖ୍ୟ ଥିଲା । ଦୁନିଆର ପ୍ରଗତି ସହିତ ତାଳ ମିଳାଇ ଏକ ସମୃଦ୍ଧ ଆଧୁନିକ ଭାରତ ନକ୍ସା ପଣ୍ଡିତଜୀ ପ୍ରସ୍ତୁତ କରିଥିଲେ । ଦେଶର ଅଗଣିତ ଜନସାଧାରଣ ବିଶେଷ କରି ଆଦିବାସୀ ହରିଜନ ଓ ଦୁର୍ବଳ ଶ୍ରେଣୀର ସାମୂହିକ ବିକାଶ ତାଙ୍କ ଯୋଜନାର ଆଭିମୁଖ୍ୟ ଥିଲା । ଆମେ ଆଦିବାସୀମାନଙ୍କୁ

ଶାସନ କରିବା ନାମରେ ଶୋଷଣର ସ୍ରୁଅ ଛୁଟି ଚାଲିଲା । ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କର ବର୍ବରୋଚିତ ଆକ୍ରମଣ ଓ ଦୋଷ ଦୁର୍ବଳତାର ପ୍ରବଳ ପ୍ରତିବାଦ । ଉତ୍କଳର ଗଜପତି ମହାରାଜାଙ୍କ ପ୍ରତି ଇଂରେଜମାନଙ୍କର ଅପମାନ, ଜୟୀ ରାଜଗୁରୁଙ୍କୁ ଫାଶି ଦେବା ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନ ହୋଇପଡ଼ିଥିବା ହେତୁ ସ୍ୱାଭିମାନୀ ଓଡ଼ିଆ ଜାତି ଇଂରେଜ ଶାସନ ବିରୁଦ୍ଧରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କଲେ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଏବଂ ୧୮୬୮ ମସିହାର ଭାଷାବିଲୋପ ଆନ୍ଦୋଳନ ଓଡ଼ିଶା ପ୍ରତି ଥିଲା ଦୁଇଟି ଦାରୁଣ ଆଘାତ, ଯାହାର ଫଳଶ୍ରୁତି ଏବେବି ଓଡ଼ିଆ ଜାତିର ପ୍ରାଣରେ ଶିହରଣ ଜାତ କରେ । ଫଳରେ ତତ୍କାଳୀନ ଓଡ଼ିଶାର ପ୍ରତିଭାଶାଳୀ ତଥା ସ୍ୱାଭିମାନୀ ଫକୀରମୋହନ ସେନାପତି, ରାଧାନାଥ ରାୟ, ରାମଶଙ୍କର ରାୟ, ଗୌରୀଶଙ୍କର ରାୟ ଏବଂ ମଧୁସୂଦନ ଦାସ ପ୍ରମୁଖ ଯୁବକମାନଙ୍କ ପ୍ରାଣରେ ଜାତୀୟତାର ଜାଗରଣ ଘଟାଇଥିଲା । ୧୮୮୮ ମସିହାରେ ମଧୁସୂଦନ ଦାସ କଟକର ଜନତାଙ୍କୁ ଏକତ୍ରିତ କରି ଇଂରେଜ ସରକାର ନିକଟରେ ଓଡ଼ିଆମାନଙ୍କର ଦାବୀ ଉପସ୍ଥାପନ କରିଥିଲେ । ଓଡ଼ିଆ କହିଲେ କେବଳ ଓଡ଼ିଆ ଜାତି ବା ଓଡ଼ିଆ ଭାଷାଭାଷୀଙ୍କୁ ନ ବୁଝାଇ ଓଡ଼ିଶାର ମାଟି, ପାଣି, ପବନରେ ପରିପୁଷ୍ଟ ହୋଇଥିବା ସମସ୍ତ ଜନତାଙ୍କୁ ନିର୍ଦ୍ଦେଶ କରିଥିଲା । ବିଂଶ ଶତାବ୍ଦୀର ଆଦ୍ୟଭାଗରେ (୧୯୦୩) ଦେଶପ୍ରାଣ



ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଆମାନଙ୍କର ଜାତୀୟ ଚେତନାକୁ ଅଭିବୃଦ୍ଧି କରିବା ଲକ୍ଷ୍ୟ ନେଇ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରାଗଲା । ଉତ୍କଳଗୌରବ ମଧୁସୂଦନ ଜାତୀୟତାଭିତ୍ତିରେ ଉତ୍କଳୀୟମାନଙ୍କୁ ଆହ୍ୱାନ ଦେଇ କହିଥିଲେ, "ଏହି ସମ୍ମିଳନୀ ଜାତି ପ୍ରାଣବିନ୍ଦୁ କୋଟି ପ୍ରାଣବିନ୍ଦୁ ଧରେ/ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ଦେଖି ପଡ଼ି ସିନ୍ଧୁନୀରେ" । ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି, ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରଭୃତି ବହୁ ସୁଚିନ୍ତିତ ଉଦ୍ୟମକୁ ଉପସ୍ଥାପନ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା । ୧୯୦୫ ମସିହାରେ ସମ୍ବଲପୁର ଅଞ୍ଚଳର ମିଶ୍ରଣ ଏବଂ ୧୯୧୨ ମସିହାରେ ସ୍ୱଦେଶୀ ଆନ୍ଦୋଳନର ମୂଳ ଲକ୍ଷ୍ୟ ଭିତ୍ତିରେ ଏବଂ ବିହାର ଓଡ଼ିଶା ପ୍ରଦେଶ ଗଠନ ଆଦି ମାଧ୍ୟମରେ ଓଡ଼ିଶାରେ ଜାତୀୟଭାବ ଚେତନାର ଏକ ସ୍ରୋତ ଅବିରାମଭାବେ ପ୍ରବାହିତ ହେଲା । ଉତ୍କଳ ସମ୍ମିଳନୀ ଉତ୍କଳୀୟମାନଙ୍କୁ ଏକତ୍ରୀକରଣ କରି ଏହାର ଭାଷା ସାହିତ୍ୟ ସୁରକ୍ଷା ଦିଗରେ ଯେଉଁ ମହତ୍ ଉଦ୍ୟମ ଆରମ୍ଭ କରିଥିଲା ତାହା ସତ୍ୟବାଦୀ ସାଧକମାନଙ୍କୁ ଜାତୀୟ ସାହିତ୍ୟ ସୃଷ୍ଟି କରିବାର ଏକ ସୁଗମ ମାର୍ଗ ଉନ୍ମୋଚନ କଲା ।

ସାରଳାଦାସ ଓଡ଼ିଆ ସାହିତ୍ୟର ଆଦିକବି । ପ୍ରଥମ ଜାତୀୟ କବିଭାବେ ସେ ସର୍ବମାନ୍ୟ ଆସନର ଅଧିକାରୀ । ତାଙ୍କ ସାହିତ୍ୟରେ ଭାରତର ବିଭିନ୍ନ ଚିତ୍ର ଉପସ୍ଥାପନ ସହିତ ଓଡ଼ିଶାର ବହୁ ନଦୀ, ପର୍ବତ, ଦେବ ଦେବୀ ଏବଂ ବନଉପବନର ବର୍ଣ୍ଣନା ଦେଖିବାକୁ ମିଳେ । ସେହିପରି ପଞ୍ଚସଖା ଯୁଗରେ ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ଏବଂ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ସ୍ୱଦେଶ ପ୍ରୀତିର ଏକ ମହାନ୍ ସ୍ୱର ଝଙ୍କୃତ । କିନ୍ତୁ ରୀତିଯୁଗୀୟ ସାହିତ୍ୟରେ ଏହାର ବହୁଳ ଅଭାବ ପରିଲକ୍ଷିତ ହୁଏ । କବିବର ରାଧାନାଥ ରାୟ ଯଥାର୍ଥରେ ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟରେ ଜାତୀୟବାଦୀ କାବ୍ୟ ପରମ୍ପରାର ଆଦ୍ୟ ଉଦ୍‌ଗାତା । ତାଙ୍କ ସାହିତ୍ୟରେ ଜାତିପ୍ରୀତି, ଜାତୀୟବୀରତ୍ୱ ଏବଂ ଅତୀତ ପ୍ରତି ଗଭୀର ମମତ୍ୱବୋଧ ମାଧ୍ୟମରେ ଜାତୀୟତାବାଦର ଏକ ଝରଣା ସୃଷ୍ଟି ହୋଇଥିଲା । 'ସର୍ବେଶାଂନୋ ଜନନୀଭାରତ'ଠାରୁ ଚିଲିକା, ଦରବାର ଓ ମହାଯାତ୍ରା ପ୍ରଭୃତି ପର୍ଯ୍ୟନ୍ତ ଜାତୀୟତାବାଦର ବର୍ଣ୍ଣନାରେ ପରିପୁଷ୍ଟ । ମାତୃଭାଷା ଓ ମାତୃଭୂମିର ମୁଖୋଜ୍ଜ୍ୱଳ କରିବା ଦିଗରେ ରାଧାନାଥଙ୍କୁ ବାଦ୍‌ଦେଲେ ଫକୀରମୋହନ, ନନ୍ଦକିଶୋର, ଗଙ୍ଗାଧର ଓ ମଧୁସୂଦନଙ୍କ ନାମ ଚିରସ୍ମରଣୀୟ । ରାଧାନାଥ ଯୁଗପରେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ଅଭ୍ୟୁଦୟ ହେଲା । ଏହି ଯୁଗ ଯଥାର୍ଥରେ ଓଡ଼ିଆ ସାହିତ୍ୟର ଜାତୀୟବାଦୀ ଯୁଗ । ଏହି ଯୁଗର ପ୍ରାଣପ୍ରତିଷ୍ଠାତା ଏବଂ ଉତ୍କଳଗାନ୍ଧୀ ପଣ୍ଡିତ ଗୋପବନ୍ଧୁ ଏବଂ ତାଙ୍କ ଅନୁଗାମୀ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ତାଙ୍କ କାବ୍ୟ କବିତାରେ ଜାତୀୟତାବୋଧର ପ୍ରକୃତ ସ୍ୱର ପ୍ରକାଶ କରିଥିଲେ । ସତ୍ୟବାଦୀ ଯୁଗର ଆତ୍ମପ୍ରକାଶ ସମ୍ପର୍କରେ ମନ୍ତବ୍ୟ ଦେଇ ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ କୁହନ୍ତି, "ଉତ୍କଳ ସମ୍ମିଳନୀ ମଞ୍ଚପରୁ ଯେଉଁ ଉଗ୍ର ଜାତୀୟଭାବର ଅଭ୍ୟୁଦୟ ହୋଇଥିଲା, ତାହାର ଗଠନାତ୍ମକ ପରିପ୍ରକାଶ ଘଟିଥିଲା ୧୯୦୯-୧୯୧୦ ବେଳକୁ ପଣ୍ଡିତ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱରେ । ଏହି ନୂତନ ଜାଗରଣର

# ସତ୍ୟବାଦୀ ସାଧକମାନଙ୍କ କାବ୍ୟ କବିତାରେ ଜାତୀୟତାବାଦ

ଡକ୍ଟର ଶ୍ରୀଚରଣ ଦାସ

ଜାତୀୟତାବାଦ ଏକ ଆଧୁନିକ ମତବାଦ । ବ୍ୟକ୍ତି ଚୁଡ଼ିରୁ ଗୋଷ୍ଠୀ ଚୁଡ଼ିକୁ ଏହାର ଗତି ହୋଇଥିବାରୁ ଇଂରେଜୀରେ ଏହାକୁ କୁହାଯାଏ Nationalism । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଏହା ସର୍ବପ୍ରଥମେ ୟୁରୋପ ଓ ଆମେରିକାରୁ ସୃଷ୍ଟିହୋଇ ତତ୍କାଳୀନ ସାମାଜିକ ଓ ବ୍ୟକ୍ତି ଜୀବନକୁ ବହୁଳଭାବରେ ପ୍ରଭାବିତ କରିଥିଲା । ପରେ ପରେ ଏହା ସମଗ୍ର ପାଶ୍ଚାତ୍ୟ ଦେଶରେ ପ୍ରସାରିତ ହୋଇ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ଏସିଆ ଓ ଆଫ୍ରିକାରେ ପ୍ରାଧାନ୍ୟ ବିସ୍ତାର କଲା । ଜାତୀୟତାବାଦକୁ ଦେଶପ୍ରେମଠାରୁ ଭିନ୍ନ ଭାବରେ ଗ୍ରହଣକରି ପ୍ରଫେସର ହାଏସ୍ ତାଙ୍କର 'Essays on Nationalism' ପୁସ୍ତକରେ କହିଛନ୍ତି, "Nationalism is, modern emotional fusion and exaggera- tion of two phenomena" — "Nationalism and patriotism." ଜାତୀୟତାବାଦ ଯେପରି ପାଶ୍ଚାତ୍ୟ ଦେଶରେ ସୃଷ୍ଟିହୋଇ ପରେ ପରେ ସମଗ୍ର ବିଶ୍ୱକୁ ପ୍ରସାରିତ ହୋଇଥିଲା ତଦନୁରୂପ ଜାତୀୟତାବାଦୀ ସାହିତ୍ୟର ଆବପ୍ରକାଶ ହୋଇଥିଲା ପାଶ୍ଚାତ୍ୟ ଦେଶରୁ । ଜାତୀୟତାବାଦର ମହାପ୍ରବାହ ଭାରତୀୟ ଜନତାଙ୍କୁ ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ସ୍ପର୍ଶକଲା । ଇଂରେଜମାନଙ୍କ ବାହୁଛାୟାତଳେ ରହିବାକୁ ସମ୍ପୂର୍ଣ୍ଣ ବିରୋଧ କରି ଇଂରେଜୀ ଶିକ୍ଷା ଲାଭ କରିଥିବା ବହୁ ସଙ୍ଖ୍ୟ ଓ ଶିକ୍ଷିତ ଭାରତୀୟ ଯୁବକ ଜାତୀୟତାବାଦୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ଏକ ବିରାଟ ଅସନ୍ତୋଷରୁ ଭାରତର ପ୍ରତ୍ୟେକ ଅଞ୍ଚଳକୁ ଏହା ପ୍ରସାରିତ ହୋଇଯାଇଥିଲା । ପରାଧୀନ ଭାରତର ଦୁର୍ଦ୍ଦଶା ଓ ଅବହେଳିତ ଅବସ୍ଥା ବହୁ ଶିକ୍ଷିତ ଭାରତୀୟଙ୍କ ହୃଦୟକୁ ବ୍ୟଥିତ କଲା । ଫଳରେ ଏକ ବୃହତ୍ତର ଜାତୀୟ ଚେତନାର ପ୍ରବାହରେ ଭାରତର ରାଜନୀତିଜ୍ଞ, ଜନନାୟକ, ଲେଖକ, ଦାର୍ଶନିକ, ବୁଦ୍ଧିଜୀବିମାନେ ସାମିଲ୍ ହେଲେ । ଧର୍ମୀୟ ଓ ସାହିତ୍ୟିକ ଆନ୍ଦୋଳନ ମାଧ୍ୟମରେ ଜାତୀୟତାର ବାର୍ତ୍ତା ପ୍ରଚାରିତ ହେଲା । ଭାରତୀୟମାନଙ୍କର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ପଣ୍ଡ କରିବାକୁ ବହୁ ଉଦ୍ୟମ କରି ଇଂରେଜ ସରକାର ବ୍ୟର୍ଥ ହେଲେ । ୧୮୮୫ ମସିହାରେ ଭାରତର ଜାତୀୟ କଂଗ୍ରେସ ସୃଷ୍ଟି ହୋଇ ଭାରତୀୟମାନଙ୍କୁ ସୁସଙ୍ଗଠିତ କରି ବହୁ ସତ୍ୟାଗ୍ରହ, ଧର୍ମଘଟ ଓ ପଦଯାତ୍ରା ଆଦି କରିବାକୁ ଲାଗିଲେ । ସବୁ ଦୃଷ୍ଟିରୁ ଭାରତୀୟ ଜନତାଙ୍କର ଇଂରେଜ ଶାସନ ପ୍ରତି ଘୃଣାଭାବ ଉଦ୍ରେକ ହେଲା । ସରକାରୀ ଚାକିରି ପରିତ୍ୟାଗ ସାଙ୍ଗକୁ ବିଦେଶୀ ଦ୍ରବ୍ୟ ବର୍ଜନ ଏବଂ ଅସହଯୋଗ ଆନ୍ଦୋଳନ ପ୍ରଭୃତି ଇଂରେଜ ଶାସନକୁ ଦୋହଲାଇ ଦେଲା । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅବ୍ୟାହତ ରହିଲା । ଜାତୀୟତାର ଶକ୍ତି ପ୍ରଖର କରିବା ପାଇଁ ନୈତିକତା ଭିତ୍ତିରେ ଲେଖନୀ ଚାଳନା କରି ବହୁ କବି ଓ ଲେଖକ ଜନଜାଗରଣ ସୃଷ୍ଟି କରିଥିଲେ ।



ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ପ୍ରକୃତ ଗୁରୁତ୍ୱପୂର୍ଣ୍ଣ । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରୁ (୧୫୬୮) ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କର ମୃତ୍ୟୁ ପରଠାରୁ ଉତ୍କଳର ସ୍ୱାଧୀନତାର ରବି ଅସ୍ତମିତ ହେଲା । ଏହାପରେ ମୋଗଲ (୧୫୬୮-୧୭୫୧) ଏବଂ ମରହଟ୍ଟା (୧୭୫୧-୧୮୦୩)ମାନଙ୍କ ନିଷ୍ଠୁର ଆକ୍ରମଣର ଶରବ୍ୟ ହୋଇ ଉତ୍କଳୀୟମାନେ ଅଶାନ୍ତିଗ୍ରସ୍ତ ହୋଇପଡ଼ିଥିଲେ । ଏପରିକି ଉତ୍କଳର ବହୁ ହିନ୍ଦୁମନ୍ଦିର ନଷ୍ଟହୋଇ ଏବଂ ସ୍ୱୟଂ ଜଗନ୍ନାଥ ମଧ୍ୟ ଏହି ଆକ୍ରମଣରୁ ନିଜକୁ ରକ୍ଷା କରିପାରି ନଥିଲେ । ଖଣ୍ଡ ବିଖଣ୍ଡିତ ଓ ବିପର୍ଯ୍ୟସ୍ତ ଓଡ଼ିଶା ପ୍ରଦେଶ ମରହଟ୍ଟାମାନଙ୍କ କବଳରୁ ଇଂରେଜମାନଙ୍କ ଅଧୀନକୁ ଗଲା ୧୮୦୩ ଖ୍ରୀଷ୍ଟାବ୍ଦରେ । ବିଭିନ୍ନ ଉପାୟରେ ଓଡ଼ିଶାର ଜନଚେତ

"ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ସୁରକ୍ଷିତେ ମାନବର ସମାଜ ସଂସ୍ଥିତି" ।

ସେଥିପାଇଁ ସେ କାରାବାସ କରିଛନ୍ତି ଏବଂ ପୂର୍ବରୁ ଗ୍ରାମ ଗ୍ରାମ ବୁଲି ଆଯୋଜନ କରିବାକୁ ନିବେଦନ କରିଛନ୍ତି । ସତ୍ୟ ଧର୍ମରେ ବିଶ୍ୱାସ କରିବା, ଜଗନ୍ନାଥଙ୍କୁ ଉତ୍କଳର ନେତାଭାବରେ ସ୍ୱୀକୃତି ଦେବା, ଦେଶର ଅଭାବ ଅସୁବିଧାରେ ବ୍ୟସ୍ତ ବିବ୍ରତ ହୋଇ ପଡ଼ିବାର ସମସ୍ତ ଚିତ୍ର ତାଙ୍କ କବିତାରେ ସ୍ପଷ୍ଟ ରୂପ ନେଇଛି । ଉତ୍କଳର ଦୁଃଖମୟ ଚିତ୍ର ଦେଖି ଦୁଃଖ ନ କରି ଆଶାବାଦୀ ହେବାକୁ ତାଙ୍କ ସାହିତ୍ୟରେ ପରାମର୍ଶ ଦିଆଯାଇଛି । ତେଣୁ ତାଙ୍କର ଭଗବାନଙ୍କଠାରେ ପ୍ରାର୍ଥନା, ଉତ୍କଳ ତନଯ୍ୱେ ଦିଅ ନବବଳ/ଉତ୍କଳ ଶାଦପେ ରସମୟଫଳ । ଉତ୍କଳ ସରିତେ ପବିତ୍ର ଜୀବନ/ଉତ୍କଳ କାନନେ ସ୍ୱର୍ଗୀୟ ସୁମନ । ଉତ୍କଳ ଆକାଶେ ନବ ଯଶ ଛବି/ଉତ୍କଳ ପ୍ରକୃତି ଧରୁ ନବଛବି ।

ଓଡ଼ିଶାର ବନ୍ୟା ଓ ମରୁଡ଼ିରେ, ଦୁର୍ଭିକ୍ଷ ଓ ଅନାଟନ ସମୟରେ ସେ ଦେବଦୂତ ଭଳି ଆବିର୍ଭୂତ ହେଉଥିଲେ । ଦାରିଦ୍ର୍ୟ ପ୍ରପୀଡ଼ିତ ଓଡ଼ିଆ ନରନାରୀଙ୍କ ଦୁର୍ଦ୍ଦଶାରେ ତାଙ୍କ ପ୍ରାଣ ସର୍ବଦା ଅସ୍ଥିର ଥିଲା । ଓଡ଼ିଆମାନଙ୍କର ଦୁଃଖରେ ତାଙ୍କ ଆଖିରେ ଅନେକ ଲୁହ ଭରି ଯାଉଥିଲା । ତେଣୁ ସ୍ୱତଃ ତାଙ୍କ ପ୍ରାଣରୁ ଝରି ଉଠୁଥିଲା ।

"ଦେହେନାହିଁ ମାଂସ ଦୋହଲୁଛି କଙ୍କା
ଅନାହାରେ ଆହା ନଉଠଇ ଅଙ୍ଗ
ଅର୍ଜନ୍ତି ଯା ଦୁଃଖେ ମାରି ମୁଣ୍ଡ ଝାଳ
ଦୁଷ୍ଟ ମହାଜନ ଗ୍ରାମ କଟୁଆଳ
ପ୍ରଜାରକ୍ତ ଶୋଷି କେତେ ଜମିଦାର
ହରନ୍ତି ସର୍ବସ୍ୱ ବଜାଇ ପାହାର
ଉତ୍କଳର କେତେ କନ୍ୟା ନାରଖାର
ନ କରନ୍ତି ପେଟ ପୂରାଇ ଆହାର
ଲଜ୍ଜା ଢାଙ୍କିବାକୁ ନପାନ୍ତି ବସନ
ଫୁଟେ ନାହିଁ ଅଙ୍ଗେ କେବେ ଯଉବନ ।୫ ।

ଓଡ଼ିଆ ପ୍ରାଣରେ ଜାତୀୟ ସ୍ପନ୍ଦନ ଆଣିବା ପାଇଁ ଦେଶପ୍ରାଣ କବି ଏ ଦେଶର ଗୌରବମୟ ଇତିହାସର ଉଜ୍ଜ୍ୱଳ ଚିତ୍ର ଉପସ୍ଥାପନ କରିଛନ୍ତି । ସମ୍ପ୍ରତି ଦୁଷ୍କ୍ରିୟା, ଦୁର୍ନୀତି, ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା, ଉଚ୍ଛୃଙ୍ଖଳତା, କଳହ, ପ୍ରବଞ୍ଚନା ପ୍ରଭୃତି ଦେଶର ଅନର୍ଥର କାରଣଗୁଡ଼ିକ ଦଣ୍ଡାୟମାନ । ପରମ୍ପରାଗତ ସାମାଜିକ ଓ ଧର୍ମଗତ ଅନୁଷ୍ଠାନ ତଥା ସାମାଜିକ ବିଧିବ୍ୟବସ୍ଥାପ୍ରତି ଓଡ଼ିଆମାନଙ୍କର ଯେଉଁ ଅନାଦର ଭାବ ପ୍ରକାଶ ପାଉଛି ତାହା ସ୍ମରଣ କରି ଗୋପବନ୍ଧୁ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଛନ୍ତି । ଅତୀତର ଉତ୍କଳୀୟ ଧର୍ମ ଓ ସଂସ୍କୃତିର ଗୌରବ, ଉତ୍କଳୀୟମାନଙ୍କର ଭଗବାନଙ୍କ ପ୍ରତି ଗଭୀର ଭକ୍ତି, ଅଟଳ ବିଶ୍ୱାସ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଓଡ଼ିଆମାନଙ୍କ ପ୍ରତି ଅସୀମ ଅନୁକମ୍ପା ବିଷୟରେ ଚିନ୍ତାକରି ସେ ଗର୍ବରେ ଯେପରି ଉତ୍‌ଫୁଲ୍ଲିତ, ତଦ୍‌ପେକ୍ଷା ସହସ୍ରଗୁଣରେ ମର୍ମାହତ ଉତ୍କଳୀୟମାନଙ୍କର ନୈତିକ ଏବଂ ଅର୍ଥନୈତିକ ଅଧଃପତନକୁ ଲକ୍ଷ୍ୟକରି । ତାଙ୍କର ବଳିଷ୍ଠ ମତହେଲା,–"ଭୂମିଖଣ୍ଡରେ ଜାତୀୟତା ବଞ୍ଚେ ନାହିଁ, ତାହା ବଞ୍ଚେ ଭାବରେ, ଆଦର୍ଶରେ, ସଂହତିରେ ଏବଂ ଜାତୀୟ ଜୀବନର ମୌଳିକତାରେ" । ବିଶ୍ୱଜାତୀୟତା ପାଇଁ ତାଙ୍କ ବାଣୀ ହେଉଛି,– "ନିଜ ସୁଖଲାଗି ଜାତ ନୁହେଁ ବିନ୍ଦୁ/ବିଶ୍ୱହିତେ ବିନ୍ଦୁ ପ୍ରତିଶରନ୍ତ ବିନ୍ଦୁ" । ବନ୍ଦୀର ଆତ୍ମକଥା ଯଦିଓ ଉତ୍କଳପ୍ରୀତି, ଭାରତପ୍ରୀତି ଏବଂ ବିଶ୍ୱପ୍ରୀତିର ଏକ ମହାସମ୍ମିଳନୀ, କାରା କବିତା ହେଉଛି ଉଚ୍ଛ୍ୱସିତ ସ୍ୱଦେଶ ପ୍ରୀତିର ଏକ ମହାନ ଦୀପବର୍ତ୍ତି । ଜାତିର ଅଭିବୃଦ୍ଧି ଉତ୍କଳୀୟ ପ୍ରୀତିର ପରମ ଆଦର୍ଶ । ସେଥିପାଇଁ କବି ଗୋପବନ୍ଧୁ ଧର୍ମପଦରେ କହିଛନ୍ତି– ବଂଶପଙ୍କେ ଯାଉ ଜାତି ବୁଡ଼ି ଯାଉ ସାଧ ଏ ଉଦାର ନୀତି" । ଗୋଟିଏ ବାରବର୍ଷର ବଢ଼େଇ ପିଲାର ଆତ୍ମତ୍ୟାଗ ମଧ୍ୟରେ ସେ ଚେତାବନୀ ଦେଇଛନ୍ତି, 'ଏଜଗତେ କାହା ପୁଅ ବା କାହାର ସମସ୍ତ ମାୟା ଭିଆଣ । ସାର୍ଥକ ଜନମ ତାର ଏକାଧିନ ପରହିତେ ଯାଉପ୍ରାଣ ।' ଜାତିକୁ ରକ୍ଷା କରିବା ପାଇଁ ଧର୍ମପଦକୁ ଶହୀଦ୍ କରି କବି ଜାତି ଉଦ୍ଦେଶ୍ୟରେ ଛାଡ଼ିଯାଇଛନ୍ତି ଏକ ଅମଳିନ ଚିରଉଜ୍ଜ୍ୱଳ ଆଲୋକର ଶିଖା । ସେହିପରି ଅବକାଶ ଚିନ୍ତାର, "ଉତ୍କଳ ମାତାର ଅତୀତର ଯଶ/ବିପୁଳ ବିଭବ ବଳ ଓ ସାହସ" ମାଧ୍ୟମରେ କବି ଜାତୀୟ ଐତିହ୍ୟକୁ ମନେ ପକାଇ ଦେଇଛନ୍ତି । ଏତଦ୍ ସହିତ ଏହି କବିତା ସଂକଳନର ଅନେକ କବିତାରେ ଈଶ୍ୱର ପ୍ରୀତି, ଦେଶ ପ୍ରୀତି ଏବଂ ମାନବ ପ୍ରୀତିର ବାର୍ତ୍ତା ପ୍ରସାରିତ । ଜଗନ୍ନାଥ ଦାସ, ବଳରାମ ଦାସ ଉପେନ୍ଦ୍ରଭଞ୍ଜ , ଅନଙ୍ଗଭୀମଦେବ କବିତାରେ ଉତ୍କଳର ବରପୁତ୍ରମାନଙ୍କ କୀର୍ତ୍ତି ରୋମନ୍ଥନ କରିବା ସହିତ କାଠଯୋଡ଼ିନଦୀ, ଭାର୍ଗବୀ ସ୍ତୁତି, ଖଣ୍ଡଗିରିଶିଖର ଓ ବାରବାଟୀ ଦର୍ଶନରେ ଉତ୍କଳର ଐତିହ୍ୟପୂର୍ଣ୍ଣ ପ୍ରାକୃତିକ ଚିତ୍ରକୁ ଉପସ୍ଥାପନ କରିଛନ୍ତି ।

ସତ୍ୟବାଦୀ ସାଧକମାନଙ୍କ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ । ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଭାବେ ତାଙ୍କର ବ୍ୟକ୍ତିତ୍ୱ ସୀମାବଦ୍ଧ ନଥିଲା । ଜଣେ ବିଶିଷ୍ଟ ସମାଜ ସଂସ୍କାରକ, ଆଦର୍ଶବାଦୀ ନେତା, ଖ୍ୟାତନାମା କବି, ନିର୍ଭୀକ ସମାଲୋଚକ, ଚିନ୍ତାଶୀଳ ଦାର୍ଶନିକ ଏବଂ ଜ୍ଞାନଶୀଳ ବକ୍ତାଭାବେ ସେ ଥିଲେ ବିପୁଳ ଗୌରବର ଅଧିକାରୀ । ତାଙ୍କ ବ୍ୟକ୍ତିତ୍ୱ ସାଧନାର ପ୍ରଧାନ ମାପକାଠି ଥିଲା ସ୍ୱାଧୀନଚିନ୍ତା । ସତ୍ୟବାଦୀ ଗୋଷ୍ଠୀର ଜାତୀୟତାର ମନ୍ତ୍ରଦାତାଭାବେ ସେ ସ୍ମରଣୀୟ । କବିଙ୍କର 'କୋଣାର୍କେ' ଓ 'ଖାରବେଳ' ପ୍ରଭୃତି କାବ୍ୟ ଏବଂ 'ଭକ୍ତିଗାଥା'ରେ ଜାତୀୟତାବାଦର ସ୍ୱର ସନ୍ନିବେଶିତ । ୧୯୦୩ ମସିହାର ଉତ୍କଳ ସମ୍ମିଳନୀରେ ଉତ୍କଳୀୟମାନଙ୍କୁ ଏକତ୍ରୀକରଣ ଏବଂ ଭାଷା ସାହିତ୍ୟ ସୁରକ୍ଷା ଦିଗରେ ଯେଉଁ ପ୍ରବଳ ଉଦ୍ୟମ ହୋଇଥିଲା ତାହା ସେଦିନର ସମ୍ମିଳନୀରେ ଉପସ୍ଥିତ ଥିବା ପଣ୍ଡିତ ନୀଳକଣ୍ଠଙ୍କୁ ଯଥେଷ୍ଟ ପ୍ରେରଣା

ନେତୃତ୍ୱ ନେଇଥିଲେ ପଣ୍ଡିତ ଗୋପବନ୍ଧୁ । ସେ କେତେକ ସହକର୍ମୀଙ୍କୁ ନେଇ ସାକ୍ଷୀଗୋପାଳ ନିକଟବର୍ତ୍ତୀ ବକୁଳ କୁରୀଅନାକୁ ବେଷ୍ଟିତ ଗୁପ୍ତବୃନ୍ଦାବନ ନାମରେ ଖ୍ୟାତ ସତ୍ୟବାଦୀରେ ଏକ ବିଦ୍ୟାଳୟ ସ୍ଥାପନ କଲେ । ଜାତିର ପ୍ରୟୋଜନ ସାଧନ ଲାଗି ମନୁଷ୍ୟ ତିଆରି କରିବା ଏହି ବିଦ୍ୟାଳୟର ଥିଲା ପ୍ରଧାନ କାର୍ଯ୍ୟ । ତେଣୁ ଦେଶର ଅନ୍ୟାନ୍ୟ ବିଦ୍ୟାଳୟ ପରି ଏଠାରେ କେବଳ ପାଠ୍ୟ–ନିର୍ଘଣ୍ଟ ଅନୁସାରେ ଶିକ୍ଷା ଦିଆଯାଉ ନଥିଲା । ନିର୍ଦ୍ଦିଷ୍ଟ ଓ ଫଳପ୍ରଦ ଭାବରେ ଜାତୀୟ ଚେତନାକୁ ପ୍ରତିଫଳିତ କରି ସକଳ ଦିଗରେ ଜାତିର ଅଭାବ ଦୂର କରିବା ଏବଂ ପ୍ରୟୋଜନ ପୂରଣ କରିବା ଥିଲା ଏହି ବିଦ୍ୟାଳୟର ଲକ୍ଷ୍ୟ । ସତ୍ୟବାଦୀ ବନ ବିଦ୍ୟାଳୟକୁ କେନ୍ଦ୍ର କରି ପଣ୍ଡିତ ଗୋପବନ୍ଧୁ ଏବଂ ତାଙ୍କର ସହକର୍ମୀଗଣ ତ୍ୟାଗପୂତ ଭାବରେ ବ୍ୟକ୍ତିଗତ ଶ୍ରେୟସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଯେଉଁ ନୂତନ ଚିନ୍ତାଧାରାର ସ୍ରୋତ ଛୁଟାଇ ଦେଲେ, ତାହା ଏ ଦେଶର ଇତିହାସରେ ଓ ଲୋକଜୀବନରେ ଥିଲା ଏକ ଅଭିନବ ଓ ବିସ୍ମୟକର ।୧ ।

ସତ୍ୟବାଦୀ ସାଧକମାନଙ୍କ କାବ୍ୟ କବିତାକୁ ବିଶ୍ଳେଷଣ କଲେ ଜଣାଯାଏ ଏହାର ପ୍ରତି ଛନ୍ଦେ ଛନ୍ଦେ ଯେପରି ପୂରି ରହିଛି ଜାତୀୟତାବାଦର ସ୍ୱରସ୍ୱରୂପ ସ୍ୱଦେଶ ପ୍ରେମ, ଜାତିପ୍ରୀତି, ପ୍ରଗାଢ଼ ଧର୍ମ ବିଶ୍ୱାସ ଏବଂ ଦେଶକୁ ସ୍ୱାଧୀନତା ଦେବାର ବିପ୍ଳବ ଓ ବିଦ୍ରୋହର ପ୍ରତିଧ୍ୱନି । ଦେଶ ପ୍ରେମରେ ପାଗଳ ହୋଇ ଉଠିଥିବା ଏହି ଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି, ଅଗ୍ରଗତି ପଥରେ ଯାହା କିଛି ଅଶିବ, ଅସୁନ୍ଦର ଓ କ୍ଷତିକାରକ ତା'ର ମୂଳୋତ୍ପାଟନ ସହିତ ସେବା ଦ୍ୱାରା ସତ୍ୟ, ଶିବ, ସୁନ୍ଦରର ପ୍ରତିଷ୍ଠା ଲାଗି ନିଷ୍ଠାପରଭାବେ ଉଦ୍ୟମ କରିଥିଲେ । ଏହା ଏକ ଅବିସମ୍ବାଦିତ ସତ୍ୟ ଯେ, ସତ୍ୟବାଦୀ ସାଧକମାନଙ୍କ ସାହିତ୍ୟ ସାଧନାରେ ଯେଉଁ ଆଦର୍ଶଗତ ଜାତୀୟଭାବ, ସମାଜ ସଂସ୍କାର ଓ ତ୍ୟାଗ ଭରି ରହିଛି ଏହା ରାଧାନାଥଙ୍କ ସାହିତ୍ୟଠାରୁ ବହୁଭାବରେ ପୃଥକ୍ ଏବଂ ମୌଳିକତାରେ ସମ୍ପୂର୍ଣ୍ଣ ନୂତନ ଧରଣର । ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ଜାତିପ୍ରାଣ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସୃଷ୍ଟ ସାହିତ୍ୟଥିଲା ଦେଶବାସୀଙ୍କ ମନରେ ଜାତୀୟଭାବ ଜାଗ୍ରତ କରିବାର ସ ଞ୍ଜିବନୀ ମନ୍ତ୍ର ସ୍ୱରୂପ । ତାଙ୍କ ଜାତୀୟ ଚେତନାର ଉନ୍ମେଷ ଉତ୍କଳ ପ୍ରୀତିରୁ ହୋଇ ବିଶ୍ୱପ୍ରୀତିରେ ଉଦ୍ଭାସିତ ହୋଇଥିଲା । ସେ ଉତ୍କଳ ସମ୍ମିଳନୀର ଚତୁର୍ଥ



ଅଧିବେଶନରେ ଭାଷଣ ଦେଇ କହିଥିଲେ, "ମନେରଖିବାକୁ ହେବ ଆମେମାନେ ପ୍ରଥମେ ମନୁଷ୍ୟ, ପରେ ଭାରତୀୟ ଓ ସର୍ବଶେଷରେ ଓଡ଼ିଆ" । ସେଥିପାଇଁ ତ ସେ ବନ୍ଦୀଗୃହ ମଧ୍ୟରେ ବି ଭଗବାନଙ୍କ ନିକଟରେ ଉତ୍କଳୀୟମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ । "ଜାତୀୟ ମମତା ବିଶ୍ୱଜନ ପ୍ରୀତି/ଉତ୍କଳବାସୀର ହେଉ ଏହା ନୀତି । ନୀରବେ ନିଷ୍ଠାଳେ ବସି ବନ୍ଦୀଘରେ/ମାଗେ ଏହି ଭିକ୍ଷା ପ୍ରଭୁ ଶ୍ରୀପଦ୍ମରେ" ।୩ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର କାରାକବିତା ଓ ବନ୍ଦୀର ଆତ୍ମକଥା ଦେଶ ଓ ଜାତି ପାଇଁ ଏକ ଜାତୀୟ ଆହ୍ୱାନ । ଉତ୍କଳ ପ୍ରୀତି ଓ ବିଶ୍ୱପ୍ରୀତି ମଧ୍ୟରେ ଭାରତ ପ୍ରୀତି ଥିଲା ତାଙ୍କ ପାଇଁ ଏକ ସଂଯୋଗର ସେତୁ । କାରାଗାରର କ୍ଷୁଦ୍ର କୋଠରୀ ମଧ୍ୟରେ ସୃଷ୍ଟି କରିଥିବା ଏହି କାବ୍ୟ ଗ୍ରନ୍ଥରେ ଜାତୀୟତାର ବହୁମୁଖୀ ଅଭିବ୍ୟକ୍ତି ପ୍ରକାଶିତ । ଦେଶ ମାଟିରେ ଦେହକୁ ମିଶାଇ, ପିଠିରେ ଦେଶବାସୀଙ୍କୁ ନେଇ ଯିବାର ପ୍ରତିଜ୍ଞା ଏବଂ ଦେଶର ସ୍ୱରାଜ ପଥର ଗଡ଼ ନିଜ ମାଂସ ହାଡ଼ରେ ପରିପୂର୍ଣ୍ଣ କରିବାର ଚିନ୍ତାହିଁ ତାଙ୍କ କବିତାର ଅନ୍ତଃସ୍ୱର । ସବୁବେଳେ ତାଙ୍କ କବିତାରେ ଏକ ବ୍ୟସ୍ତତାର ଚିତ୍ର ଲକ୍ଷ୍ୟ କରାଯାଏ, ଉତ୍କଳର ଅଗ୍ରଗତି, ଦେଶର ସ୍ୱାଧୀନତା, ଭାରତର ମଙ୍ଗଳ ଓ ବିଶ୍ୱର ଉନ୍ନତି ପାଇଁ । ସେଇଥି ପାଇଁ ତ ତାଙ୍କ କବିତାରେ ଦେଶ ପାଇଁ, "ମିଳେ ଯଦି କାହାଭାଗ୍ୟେ କାରାବାସ/ଜାଣ ନୁହଇଁ ସେ ପବିତ୍ର ପ୍ରଭାସ" ବୋଲି ସ୍ଥାନ ପାଇଛି । ଦେଶର ସ୍ୱାଧୀନତା ପ୍ରାପ୍ତି ତାଙ୍କ ଜୀବନର ଥିଲା ପରମବ୍ରତ ଏବଂ ମୁଖ୍ୟ ଲକ୍ଷ୍ୟ । ତେଣୁ ତାଙ୍କ "ବନ୍ଦୀର ଆତ୍ମକଥା"ରେ ସେ କହିଛନ୍ତି –

"କର ଯୋଡ଼ି କରେ ବିନତି ଏତିକି
ଅସହଯୋଗରେ ରଖିବ ମତିକି
ଢାଳିଦିଅ ପ୍ରାଣ ସ୍ୱରାଜ୍ୟ ସାଧନେ
ଆଶ୍ୱାସିବ ଯେବେ ମୋତେ ନିର୍ବାସନେ" ।

ଦେଶବାସୀମାନଙ୍କ ପାଇଁ ତାଙ୍କର ନିର୍ଭୀକ ଉଦ୍‌ବୋଧନ, ଜେଲ ଯାଉ ଅଥବା ଘର ଭଗ୍ନ ହେଉ, କାରାବାସ ହେଉ କିମ୍ବା ଲାଠି ପ୍ରହାର ମିଳୁ, କୌଣସି କଥାକୁ ଖାତିରି ନକରି ଦେଶକୁ ପରାଧୀନତାର ନିଗଡ଼ରୁ ମୁକ୍ତ କରିବାକୁ ପଡ଼ିବ । କାରଣ ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର ।

ଉନ୍ନତି । ଅନୁବାଦ କାବ୍ୟ 'ପ୍ରଣୟିନୀ'ରେ ମଧ୍ୟ ସ୍ୱଦେଶ ପ୍ରୀତିର ଚିତ୍ର ଅନେକତ୍ର ପ୍ରକଟିତ । 'ଦାସ ନାଏକ' କାବ୍ୟରେ କବିଙ୍କର ଜଗନ୍ନାଥ ଚେତନାର ସ୍ୱର ଅତ୍ୟନ୍ତ ପ୍ରଶସ୍ତ ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଏ । ଶ୍ରୀଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା । ଜାତିର ପ୍ରତ୍ୟେକ ଆନୁଷ୍ଠାନିକ କାର୍ଯ୍ୟ ସହିତ ତାଙ୍କର ଯେପରି ସମ୍ପର୍କ ଅଚ୍ଛେଦ୍ୟ, ଓଡ଼ିଶା ଜନତାର ସୁଖ ଦୁଃଖରେ ସେହିପରି ସେ ସହଭାଗୀ । ତେଣୁ ଅସହ୍ୟ ଯନ୍ତ୍ରଣାରେ ସମ୍ମୁଖୀନ ହୋଇ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶରଣାପନ୍ନ ହୋଇଥିବା 'ଦାସ ନାଏକ'ଙ୍କୁ ଶ୍ରୀଜଗନ୍ନାଥ ଯେପରି ଉଦ୍ଧାର କରିଛନ୍ତି ସେଥିରୁ ନୀଳକଣ୍ଠଙ୍କର ଜାତୀୟ ଦେବତାଙ୍କ ପ୍ରତିଥିବା ଅଖଣ୍ଡ ବିଶ୍ୱାସ ମାଧ୍ୟମରେ ଜାତୀୟତାବାଦର ପରିଚୟ ମିଳେ ।

କାବ୍ୟ ବ୍ୟତିରେକେ ନୀଳକଣ୍ଠଙ୍କ ରଚିତ ଅନେକ ଶିଶୁକବିତାରେ ମଧ୍ୟ ଜାତୀୟଚେତନା ତଥା ଦେଶ ପ୍ରୀତିର ଚିତ୍ର ପାଠକ ମନରେ ପ୍ରତିବିମ୍ବିତ ହୁଏ । ଭାରତର ଜାତୀୟ ପତାକାରେ ଥିବା ତିନୋଟି ରଙ୍ଗ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଲାଲ ରଙ୍ଗକୁ ହିନ୍ଦୁ ଓ ଶାଗୁଆ ରଙ୍ଗକୁ ମୁସଲମାନ ଭାବରେ ଗ୍ରହଣ କରି ଶିଶୁମାନଙ୍କୁ ଭାରତର ଏକତା ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବା ପାଇଁ ପରାମର୍ଶ ଦେଇଛନ୍ତି । ଜାତିର ଉନ୍ନତି ଏବଂ ଶିଶୁମାନଙ୍କ ପ୍ରାଣରେ ଜାତୀୟ ଭାବ ଜାଗରଣ ପାଇଁ ସେ ମହାତ୍ମାଗାନ୍ଧୀ, ଜୟଭାରତ ପ୍ରଭୃତି ଶିଶୁ କବିତା ରଚନା କରିଛନ୍ତି ।

ସତ୍ୟବାଦୀର ଅନ୍ୟତମ ସାଧକ ଗୋଦାବରୀଶ ମିଶ୍ର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ସାହିତ୍ୟିକ ଭାବରେ ସେ ବହୁ ଗୀତି କବିତା, ଗାଥା କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ ଓ ନାଟକର ରଚୟିତା । ପରାଧୀନଗ୍ରସ୍ତ ଉତ୍କଳ ଜନତାଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ପାଇଁ ଗୋଦାବରୀଶ ମିଶ୍ର ରଚନା କରିଥିଲେ, 'ପୁରୁଷୋତ୍ତମ ଦେବ ଏବଂ ମୁକୁନ୍ଦଦେବ' ନାମକ ଦୁଇଖଣ୍ଡ ନାଟକ । ପୁରୁଷୋତ୍ତମ ଦେବଙ୍କର କାଞ୍ଚିଅଭିଯାନ ଏକ କିମ୍ବଦନ୍ତୀମୂଳକ ରଚନା ହେଲେହେଁ ଏଥିରେ ନାଟ୍ୟକାର ଓଡ଼ିଶା ସେନାବାହିନୀର ଶୌର୍ଯ୍ୟ ବୀର୍ଯ୍ୟର ବର୍ଣ୍ଣନା ଯେପରି ନିଖୁଣ କରିଛନ୍ତି ତନ୍ମଧ୍ୟରୁ ତାଙ୍କର ଜାତିପ୍ରୀତିର ବଳିଷ୍ଠ ପ୍ରମାଣ ମିଳେ । ଗୋପବନ୍ଧୁ ଓ ନୀଳକଣ୍ଠଙ୍କ ଅନୁରୂପ ସେ ଅତୀତର କାହାଣୀ, ରାଜାମାନଙ୍କର ବୀରତ୍ୱ ଏବଂ ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କୁ ତାଙ୍କ ରଚନାବଳୀ ମଧ୍ୟରେ ପ୍ରାଧାନ୍ୟ ଦେଇଥିଲେ । ତାଙ୍କ ଜାତୀୟତାବାଦ ପ୍ରାଦେଶିକ ସ୍ତରରୁ ସର୍ବଭାରତୀୟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଉଭୟ ନାଟକର ନାୟକଙ୍କ ଜୀବନର ଆଦର୍ଶ ଥିଲା ଦେଶପ୍ରୀତି, ଜନତାଙ୍କ ସେବା, ଜାତୀୟ ଦେବତାଙ୍କ ସମ୍ମାନ ପ୍ରତିଷ୍ଠା ଓ ଆତ୍ମତ୍ୟାଗ । ଓଡ଼ିଆ ଜାତିର ସାହସିକତା ସମ୍ପର୍କରେ ଗୋଦାବରୀଶ ମୁକୁନ୍ଦଦେବ ନାଟକରେ ଲେଖିଛନ୍ତି, ଓଡ଼ିଆ ଶତ୍ରୁ ନିକଟରେ ଭୀତ ନୁହେଁ କଦାପି । ବରଂ ଆମେମାନେ ବିଜିତ, ଲାଞ୍ଛିତ, ସର୍ବସ୍ୱାନ୍ତ ହୋଇପାରୁ ତଥାପି ସଂକୀର୍ଣ୍ଣ ନୋହୁଁ, ଦୀନତାର ଆଶ୍ରୟ ଗ୍ରହଣ କରୁନାହୁଁ ।୧୦ । ସେହିପରି ପୁରୁଷୋତ୍ତମଦେବ ନାଟକରେ ସମାଜଜୀବନର ନିମ୍ନସ୍ତରରେ ଜାତୀୟତାର ଯେଉଁ ଅପୂର୍ବ ପ୍ରାଣସ୍ପନ୍ଦନ ପ୍ରକଟିତ ହୋଇଥିଲା ତାହାର ସୂଚନା ନାଟ୍ୟ--କାରଙ୍କ ଭାଷାରେ "ଏ ଜାତି ଏତେ ପତିତ ହେଲେ ମଧ୍ୟ ଏପରି ମହତ୍ତ୍ୱ, ବୀରତ୍ୱ, ସାହସ, ଶକ୍ତି, ରାଜପ୍ରାସାଦର ଉଚ୍ଚ ପାଷାଣ ସୌଧ ମଧ୍ୟରୁ ବିଲୁପ୍ତ ହୋଇଥିଲେ ମଧ୍ୟ କୁଟୀରେ କୁଟୀରେ ତାର ପୁଣ୍ୟ ସୌରଭ ବିକଶି ଉଠିଛି ।୧୧ । ନାଟକର ଏକ ସଙ୍ଗୀତରେ ଦେଶ ପାଇଁ ଆତ୍ମତ୍ୟାଗ କରିବାକୁ ପରାମର୍ଶ ପ୍ରଦତ୍ତ । "ଇତିହାସ ଯାର ଭୀମ ଲଳିତ/ସଂସ୍କୃତି କଳେ ସ୍ତୁତ ମହତ । ଭୂଷିତ କର ସେ ଜନନୀ ତନୁ/ କୀର୍ତ୍ତି କୁସୁମମାନେ । ଜୀବନପଣ କରହେ ଭାଇ/ଦେଶ କରମେ ପ୍ରାଣଦେଇ । ବୀରଧର୍ମେ ପାଇବଫଳ/ ଜୀବନ ପରପାରେ ।୧୨ ।

'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ, ଏହାର ସୁରକ୍ଷା ପ୍ରତ୍ୟେକ ସନ୍ତାନର କର୍ତ୍ତବ୍ୟ । ଅତ୍ୟନ୍ତ ଆଦରର ଓ ଆପଣାର ଏହି ଦେଶର ପରାଧୀନତା ସମସ୍ତଙ୍କ ପାଇଁ ଅସହ୍ୟ ଓ ଯନ୍ତ୍ରଣାଦାୟକ । ତେଣୁ ଗୋଦାବରୀଶ 'କାଶୀଯିବା' କବିତାରେ ଲେଖିଛନ୍ତି ।

ବାଲିଧୂଳିମାଟି ପଙ୍କେ ଭିନା ଗଢ଼ା
ସବାରୁ ବଡ଼ ଏ ଜନମ ଭୂଇଁ
କିପରି ଦେଖିବି ହରିନେବ ପରି
ଏ ପିଣ୍ଡେ ବାନ୍ଧୁରେ ପରାଣ ଥାଇ ।

ନିଜ ଦେଶର ଗୌରବଗାନ ତଥା ସ୍ୱଜାତିର ଅଭ୍ୟୁଦୟ ନିମନ୍ତେ ମାଟି ପ୍ରକୃତି ଉପରେ ସେ ଗୁରୁତ୍ୱ ଦେଇଥିଲେ । "ଜନ୍ମଭୂମିର ଧୂଳିମାଟି, ନଦନଦୀ, ବନ ପର୍ବତ ପ୍ରଭୃତି ସତ୍ୟବାଦୀ ଗୋଷ୍ଠୀର ଧ୍ୟାନ ଧାରଣାରେ ଥିଲା ଅତ୍ୟନ୍ତ ପବିତ୍ର । ସେଗୁଡ଼ିକର ମହତ୍ତ୍ୱ ପ୍ରତିପାଦନ ମାଧ୍ୟମରେ ସମୂହ ଜନ ଜାଗରଣ ସୃଷ୍ଟି ଏବଂ ପରିଣାମରେ ଉତ୍କଳର ସାର୍ବିକ ଅଭ୍ୟୁଦୟ--ଏହାହିଁ ଥିଲା ସତ୍ୟବାଦୀ ଗୋଷ୍ଠୀର ଚିରନ୍ତନ ସ୍ୱପ୍ନ । ଅତୀତର ଉଦ୍‌ବୋଧନରେ, ପ୍ରଥିତଯଶା ପୂର୍ବପୁରୁଷମାନଙ୍କର ଗୌରବଗାଥା କୀର୍ତ୍ତନରେ ଆତ୍ମସମୀକ୍ଷା ଥିଲା ଏହାର ଅନ୍ୟଏକ ଦିଗ । କବି ଗୋଦାବରୀଶ ଅନେକ ରଚନାରେ ଏହି ଚିନ୍ତା ଭାବନାଗୁଡ଼ିକୁହିଁ ବ୍ୟକ୍ତ କରିଥିବାନ୍ତି । ଜନନୀ ଓ ଜନ୍ମଭୂମି ମଧ୍ୟରେ ଅଭେଦତ୍ୱ ପରିକଳ୍ପନାର ଶାସ୍ତ୍ରୀୟ ଚିନ୍ତାହିଁ ସତ୍ୟବାଦୀର ଦର୍ଶନ ମଧ୍ୟରେ ଦୃଢ଼ଭାବରେ ସ୍ଥାନ ପାଇଥିଲା ।୧୩ । ତତ୍କାଳୀନ ଓଡ଼ିଶାର ବିଷ୍ଣୁଷିତ ଅବସ୍ଥାର ଚିତ୍ର ପ୍ରଦାନ କରିବାକୁ ଯାଇ ସେ ଦୁଃଖୀଧନ କବିତାରେ ଲେଖିଛନ୍ତି :

"ବଡ଼ ହୀନିମାନ ଆମଘର ଦଶା
ଶୁଣିଲେ ଫାଟଇ ବୁକୁ ।
ତଉଖଣ୍ଡ ହୋଇ ଓଡ଼ିଶା ଦେଶଲୋ
ପଡ଼ିଛୁଏ ଦୁଃଖ ଭୁଞ୍ଜି ।"

ଜାତିର ବରପୁତ୍ରମାନଙ୍କ ପ୍ରତି ସମ୍ମାନବୋଧ ଥିଲା ତାଙ୍କ ଜାତୀୟତାବାଦର ଏକ ବିଶିଷ୍ଟ ଦିଗ । ତେଣୁ 'ବିକ୍ରମସିଂହ'

ଯୋଗାଇ ଥିଲା । ତେଣୁ ପରବର୍ତ୍ତୀ କାଳରେ ସେ ତାର ସୂଚନା ଦେଇ କହିଥିଲେ– "ଜାତୀୟ ଜୀବନର ସେ ନବଉନ୍ମେଷ ଆଜି ମୋର ମନରେ ପ୍ରାଚୀନ ହେଲେ ମଧ ଜୀର୍ଣ୍ଣ ହୋଇ ନାହିଁ । ଜୀବନରେ ତାହାହିଁ ଯେପରି ମୋର ଏକ ପ୍ରଧାନ ଦୀକ୍ଷା" । ସୁତରାଂ ଓଡ଼ିଆ ଜାତିର ଜଣେ ସୁଯୋଗ୍ୟ ଦାୟାଦ ଭା ବେ ଇଂରେଜମାନଙ୍କର ବିରୁଦ୍ଧାଚରଣ କରିବା ଏବଂ ଇଂରେଜ ବସ୍ତ୍ର ପରିତ୍ୟାଗ କରିବା ପାଇଁ ସେ ଅକୁଣ୍ଠିତ ଚିତ୍ତରେ ବାହାରି ପଡ଼ିଥିଲେ ।

ଉତ୍କଳର ଅତୀତକୁ ସ୍ମରଣ କରି ତାହାର ଆଦର୍ଶରେ ଉଦ୍‌ବୁଦ୍ଧ ହେବାପାଇଁ ତାଙ୍କ ଜାତୀୟତାବାଦର ପରାମର୍ଶ ଥିଲା । ସେଥିପାଇଁ ତାଙ୍କ କାବ୍ୟରେ ଉତ୍କଳର ବୀର ପାଇକମାନଙ୍କର ଗର୍ବ, ଗୌରବର ଇତିହାସ, ଉତ୍କଳ ରମଣୀର ବୀରତ୍ବ, ସାମ୍ରାଜ୍ୟର ପରିବ୍ୟାପ୍ତି, ସାଧବ ପୁଅର ବଣିଜ, ଶିଳ୍ପୀର ଶିଳ୍ପକଳା, ଋଷି ଓ ମହର୍ଷିଙ୍କ ପବିତ୍ର ଓଁକାର ଧ୍ୱନି ଏବଂ ଉତ୍କଳର ଧର୍ମ, ସଂସ୍କୃତି ଓ ସାହିତ୍ୟର ଚିତ୍ର ପ୍ରତିପାଦିତ ହୋଇଛି । 'କୋଣାର୍କେ' କାବ୍ୟ ଉତ୍କଳୀୟ ଜନତାଙ୍କ ପ୍ରତି ଏକ ଆହ୍ୱାନ, ନିବେଦନ ଓ ପ୍ରେରଣାର ଉତ୍ସ । ଏହି ପୁସ୍ତକର ଆରମ୍ଭ ହୁଏ ଜମ୍ବୁଦ୍ୱୀପ ଏବଂ ନୀଳାଚଳ ଦେଶର ପ୍ରଶସ୍ତିଗାନରେ । ନୀଳକଣ୍ଠଙ୍କ ମତରେ ଉତ୍କଳ ଦେଶ ମହତ୍ ଏବଂ ପୁଣ୍ୟଦେବଭୂମି । ରାଧାନାଥଙ୍କ ପରେ ନୀଳକଣ୍ଠ ଯଥାର୍ଥରେ ହେଉଛନ୍ତି ଓଡ଼ିଶାର ଜାତୀୟକବି । ନୀଳକଣ୍ଠ ଓ ରାଧାନାଥଙ୍କ ଜାତୀୟବାଦ ମଧ୍ୟରେ ପାର୍ଥକ୍ୟ ଏତିକି ଯେ, ରାଧାନାଥଙ୍କଠାରେ ପରିସ୍ପୃ ଦେଶାତ୍ମବୋଧ ନଥିଲା । ସେ ଓଡ଼ିଶାର ଚିର ଭାସ୍ୱର କୀର୍ତ୍ତି କୋଣାର୍କକୁ ତିଆରି ହେଉ ହେଉ ଭାଙ୍ଗି ଦେଇଛନ୍ତି । କିନ୍ତୁ ନୀଳକଣ୍ଠଙ୍କ ଜାତୀୟତାବୋଧ 'କୋଣାର୍କକୁ ଅଭିଶାପ ଦେଇ ଭାଙ୍ଗିନି । ତାଙ୍କର ଐତିହ୍ୟବୋଧ ଥିଲା ସୁବିପୁଳ । ସ୍ୱଦେଶ ପ୍ରୀତିଥିଲା ଅମାପ । ସେ ଛାତ୍ରମାନଙ୍କୁ କେବଳ ଲେଖକଙ୍କ ବିଶ୍ରାମାଳାପ ମଧ୍ୟରେ କହି ନାହାନ୍ତି, କହିଛନ୍ତି ସେମାନଙ୍କ ସ୍ୱପ୍ନ ପର୍ଯ୍ୟାୟରେ, ଯେଉଁ ସ୍ୱପ୍ନ ଭାଙ୍ଗିଗଲେ ସେମାନେ କେବଳ ନରସିଂହ ଦେବଙ୍କୁ ଦେଖିବେ ନାହିଁ । ତାଙ୍କର ଅକ୍ଷୟ କୀର୍ତ୍ତି କୋଣାର୍କକୁ ମଧ୍ୟ ଦେଖିବେ ।୬ ।

ଦ୍ୱିଧା ବିଭାଜିତ 'କୋଣାର୍କେ' କାବ୍ୟର ପ୍ରଥମ ଭାଗ ରାମଚଣ୍ଡୀରେ ରାତି ଓ ସକାଳଠାରୁ ଦ୍ୱିତୀୟଭାଗ ମାୟାଦେବୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ଜୀବନ୍ତ ଇତିହାସ ଓ କବିପ୍ରାଣର ମାର୍ମିକ ଜାତୀୟତାବୋଧର ସ୍ୱରସ୍ୱାକ୍ଷରରେ ଝଙ୍କୃତ । କାବ୍ୟର ପ୍ରଥମରୁ ଓଡ଼ିଶାର ନୌବାଣିଜ୍ୟ କଥା ସୂଚନା ଦେବାକୁ ଯାଇ କବି ସମୁଦ୍ରରୁ ଉଠିଥିବା ଝଡ଼କୁ ସମ୍ବୋଧନ କରିଛନ୍ତି :–

"କେଉଁ ଖାଇକରୁ ଆସିଛୁ କହ ବତାସୀ ମୋରେ
ଓଡ଼ିଆ ବୋହିତ ଖବର କିଛି ଆଣିଛୁ କିରେ ।୭ ।

ପ୍ରାଚୀନ ଉତ୍କଳକୁ ନୌ–ବାଣିଜ୍ୟରେ ସମୃଦ୍ଧ କରିଥିବା ଓଡ଼ିଶାର ସାଧବ ପୁଅମାନେ ସାତ ସମୁଦ୍ର ତେର ନଈ ପାରହୋଇ ଜାଭା, ସୁମିତ୍ରା ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରା କରୁଥିଲେ । ସେ ଦେଶର ଦେବା–ଦେବୀ ମନ୍ଦିର ଓ ପର୍ବତ ଗାତ୍ରରେ ଖୋଦିତ ହୋଇଥିବା ଓଡ଼ିଆ ଭାଷାର ଶିଳାଲିପି ହିଁ ସାକ୍ଷୀ ଏହାର ପ୍ରମାଣ ଦିଏ । ଓଡ଼ିଶାର ଅତୀତକୁ ମନେପକାଇ ସୁପ୍ତ ଜାତୀୟ ଚେତନାକୁ ଜାଗ୍ରତ କରିବା ପାଇଁ କବି ଇତିହାସକୁ ମୁଖ୍ୟ ଆୟୁଧ ଭାବରେ ଗ୍ରହଣ କରିଛନ୍ତି । ସେଥିପାଇଁ ସେ କାବ୍ୟରେ ମର୍କତ କେଶରୀଙ୍କ କାଠଯୋଡ଼ି ପଥରବନ୍ଧ, ମତ୍ସ୍ୟକେଶରୀଙ୍କ ପୁରୀ ଓ ଯାଜପୁର ଅଠରନଳା, ଲଳିତେନ୍ଦୁ କେଶରୀଙ୍କ ଭୁବନେଶ୍ୱର ଓ ଅନଙ୍ଗଭୀମ ଦେବଙ୍କ ପୁରୀମନ୍ଦିର ପ୍ରଭୃତି କୀର୍ତ୍ତିରାଜି କଥା ଉଲ୍ଲେଖ କରିଛନ୍ତି ।

"ମରକତ, ମତ୍ସ୍ୟ ଲଳିତ ବୀର ଅନଙ୍ଗଭୀମ
ତଟିନୀ ମେଖଳା ମନ୍ଦିର ଯହିଁ କୀର୍ତ୍ତି କରମ ।୮ ।

କବି ପ୍ରାଚୀନ ଉତ୍କଳର ସଂସ୍କୃତି ଓ ପରମ୍ପରା ସହିତ ଶ୍ରୀଜଗନ୍ନାଥଙ୍କୁ ଓତଃପ୍ରୋତ ଭାବରେ ଜଡ଼ିତ କରି ପୁରୁଷୋତ୍ତମଙ୍କ ସମୟର ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି । ତାଙ୍କର ଦୃଢ଼ ବିଶ୍ୱାସ ଶ୍ରୀଜଗନ୍ନାଥ ଯେଉଁ ଜାତିର ବଡ଼ଠାକୁର, ଗର୍ବ ଓ ଗୌରବ, ସେଜାତି ପରାଧୀନ ହୋଇ ରହି ନପାରେ । ନୀଳକଣ୍ଠ ଦାସଙ୍କର ଅନବଦ୍ୟ କୃତି ତଥା ଓଡ଼ିଆ ସାହିତ୍ୟର ଜାତୀୟକାବ୍ୟ 'ଖାରବେଳ' ହେଉଛି କବିଙ୍କର ଉତ୍କଳପ୍ରାଣତାର ଏକ ବଳିଷ୍ଠତମ ନିଦର୍ଶନ । ଏହା ଉତ୍କଳର ଗର୍ବ ଓ ଗୌରବ । ଶ୍ରେଷ୍ଠ ବୀର ଦିଗ୍ ବିଜୟୀ, ମହାମେଘବାହନ ଐରଖାରବେଳଙ୍କର ଐଶ୍ୱର୍ଯ୍ୟମୟ ଜୀବନର ଏକ ଅଧ୍ୟାୟ । ଉତ୍କଳୀୟ ଜନତାଙ୍କ ମନରେ ଜାତୀୟତାଭାବର ଅଭିବୃଦ୍ଧି ପାଇଁ କବିଙ୍କର ଏହା ଏକ ଯଥାର୍ଥ ପରିକଳ୍ପନା । କାବ୍ୟନାୟକ ଜାତୀୟବୀର ଖାରବେଳ ଏକଦା ରାଜ୍ୟ ଜୟ ଉଦ୍ଦେଶ୍ୟରେ କପିଶ (ଆଫଗାନିସ୍ଥାନ) ଆଡ଼େ ଯାଇ ସେଠାରେ ଯବନମାନଙ୍କ ଅତ୍ୟାଚାରରେ ହାଲାଡ଼ିପାଡ଼ି କରୁଥିବା କପିଶ ରାଜା ଏବଂ କୁଶଳ ସୈନ୍ୟମାନଙ୍କର ସାହାଯ୍ୟରେ ଯବନମାନଙ୍କୁ ପରାସ୍ତ କରିଥିଲେ । ତାଙ୍କର ବୀରତ୍ୱ କଥା ଶୁଣି କପିଶ ରାଜକନ୍ୟା ଧୂପି ଖାରବେଳଙ୍କ ପ୍ରତି ପ୍ରଥମେ ଆକର୍ଷିତ ହୋଇ ପଡ଼ିଥିଲେହେଁ ସେ ପ୍ରେମ ଅପେକ୍ଷା କର୍ମକୁ ଶ୍ରେଷ୍ଠଭାବରେ ଗ୍ରହଣ କରି ସଂଗ୍ରାମରତ ରହିଥିଲେ । ତାଙ୍କ ଅନ୍ତରର ବାଣୀ ହେଲା–'କଠୋର କର୍ମ ପଡ଼ିଛି ଆଗେ/ପୀରତିରେ ତାକୁ ଏଡ଼ି ସୋହାଗେ/କି ଯଶ ହେବ ? ମୁଁ ରାଜକୁମାର/ଜଗତେ ମୋତେ ବୋଲନ୍ତି ବୀର ।୯ । ଜାତି ସମକ୍ଷରେ ବ୍ୟକ୍ତି ପ୍ରେମକୁ ସେ ତୁଚ୍ଛ ମନେ କରିଥିଲେ । ଉତ୍କଳୀୟ କଳା ଓ ସ୍ଥାପତ୍ୟକୁ ବିଶ୍ୱରେ ପରିଚୟ ଦେବାପାଇଁ ସେ ଉଦୟଗିରିର ରାଣୀ ନଅର ଓ ରାଣୀହଂସପୁର ନିର୍ମାଣ କରିଥିଲେ ।

ନୀଳକଣ୍ଠଙ୍କର 'ଭକ୍ତିଗାଥା'ରେ ବିଶ୍ୱର ଦୁଃଖ, ଦୁର୍ଦ୍ଦଶା ଏବଂ ଦୁର୍ଦ୍ଦିନର ଅପସାରଣ ପାଇଁ ଇଶ୍ୱରଙ୍କ ନିକଟରେ ଆର୍ତ୍ତନିବେଦନ ଜ୍ଞାପନ କରାଯାଇଛି । ସବୁ ଦିଗରୁ ସେ ପ୍ରାର୍ଥନା କରିଛନ୍ତି ଏବଂ ଖୋଜିଛନ୍ତି ଦେଶର ପ୍ରଗତି, ବିଶ୍ୱର ସମୃଦ୍ଧି ଓ ଜାତିର ସର୍ବାଙ୍ଗୀନ

# ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ କେତୋଟି ଅନାଲୋଚିତ ଘଟଣା

ପ୍ରଫେସର ଜଗନ୍ନାଥ ପଟ୍ଟନାୟକ

ସମୁଦ୍ରକୂଳରେ ବାଲେଶ୍ୱର ସହରଠାରୁ ପ୍ରାୟ ୧୬ କିଲୋମିଟର ଦୂରରେ ଅବସ୍ଥିତ ଇଞ୍ଚୁଡ଼ି, ଏକ ଜନ ବହୁଳ ଗ୍ରାମ । ୧୯୩୦ ମସିହା ଏପ୍ରିଲ ୧୩ ତାରିଖ ଦିନ ସେଠାରେ ସହସ୍ରାଧିକ ସତ୍ୟାଗ୍ରହୀ ଲବଣ ଆଇନ ଭଙ୍ଗକରି ସ୍ୱାଧୀନତା ସଂଗ୍ରାମର ଇତିହାସ ପୃଷ୍ଠାକୁ ମୁଖରିତ କରିଛନ୍ତି । ଏହା ମଧ୍ୟ ଭାରତବର୍ଷର ଦ୍ୱିତୀୟ ଦାଣ୍ଡିର ସ୍ୱାକ୍ଷର ବହନ କରି ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

୧୯୩୦ ମସିହାର ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରବର୍ତ୍ତନ କରିବାର ପ୍ରସ୍ତାବ ଗୃହୀତ ହେବାପରେ ଗାନ୍ଧିଜୀ ପ୍ରଥମେ ଲବଣ ଆଇନ ଭଙ୍ଗ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କାରଣ ଆବହମାନକାଳରୁ ଭାରତବର୍ଷର ଦିଗନ୍ତବିସ୍ତାରୀ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଅଧିବାସୀମାନେ ସମୁଦ୍ର ଜଳରୁ ଲୁଣ ପ୍ରସ୍ତୁତ କରି ଜୀବିକା ନିର୍ବାହ କରି ଆସୁଥିଲେ । ମାତ୍ର ଇଂରେଜ ସରକାର ଲୁଣ ବିକ୍ରୟ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିଥିଲେ । ଏଥି ସହିତ ଭାରତୀୟମାନଙ୍କୁ ଇଂଲଣ୍ଡସ୍ଥିତ ଲିଭରପୋଲରେ ପ୍ରସ୍ତୁତ ଲୁଣ କ୍ରୟ କରିବା ପାଇଁ ବାଧ୍ୟ କରାଯାଉଥିଲା । ଏହାଥିଲା ଇଂରେଜ ପ୍ରଶାସକଙ୍କର ହାତରେ ନମାରି ଭାତରେ ମାରିବା ନୀତି । ତେଣୁ ଗାନ୍ଧିଜୀ ନିଜେ ଲବଣ ଆଇନ ଭଙ୍ଗ କରିବା ପାଇଁ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ୭୮ ଜଣ ସତ୍ୟାଗ୍ରହୀଙ୍କ ସହ ସାବରମତି ଆଶ୍ରମରୁ ବାହାରି ଦୀର୍ଘ ୩୨୦ କିଲୋମିଟର ଦୂରବର୍ତ୍ତୀ ଗୁଜରାଟର ସମୁଦ୍ର ଉପକୂଳର ଦାଣ୍ଡିଠାରେ ଏପ୍ରିଲ ୬ ତାରିଖ ଦିନ ଲୁଣ ମାରି ଲବଣ ଆଇନ ଭଙ୍ଗ କରିଥିଲେ । ଓଡ଼ିଶା ପାଇଁ ଗୌରବର କଥା ଯେ ଦାଣ୍ଡିଯାତ୍ରାରେ ଓଡ଼ିଶାରୁ ମୋତିବାସ ଦାସ ନାମକ ଜଣେ ୨୦ ବର୍ଷ ବୟସ୍କ ଯୁବକ ବାଲେଶ୍ୱରର ସ୍ୱରାଜମନ୍ଦିରରୁ ଯାଇ ସେହି ସତ୍ୟାଗ୍ରହୀଙ୍କ ସହ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କର ସଚିବ ମହାଦେବ ଦେଶାଇ ତାଙ୍କର ଦୈନିକ ବିବରଣୀରେ ଲେଖିଛନ୍ତି, "ଯେତେବେଳେ ଗାନ୍ଧିଜୀ ଦାଣ୍ଡିଠାରେ ଲୁଣ ମୁଠାଏ ଉଠାଇଲେ, ତାଙ୍କୁ ଲାଗିଲେ ଜଣାପଡୁଥିଲା ଯେପରି ସେ ଭାରତବର୍ଷରେ ଇଂରେଜ ଶକ୍ତିର ଚେରକୁ ଉତ୍ପାଟନ କରୁଛନ୍ତି । ଗାନ୍ଧିଜୀଙ୍କର ଲବଣ ଆଇନ ଭଙ୍ଗ ସମଗ୍ର ଭାରତବର୍ଷରେ ଏକ ଅଭୂତପୂର୍ବ ଉନ୍ମାଦନା ସୃଷ୍ଟି କରିଥିଲା । ଓଡ଼ିଶା ଏଥିରୁ ବହିର୍ଭୂତ ନଥିଲା ।

ନିଖିଳ ଭାରତ କଂଗ୍ରେସ କମିଟିର ଆଦେଶକ୍ରମେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଲବଣ ଆଇନ ଭଙ୍ଗ କରିବାର ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ପ୍ରଥମେ ସେମାନେ ଇଞ୍ଚୁଡ଼ିକୁ ଉପଯୁକ୍ତ ସ୍ଥାନ ଭାବରେ ନିର୍ବାଚନ କରିଥିଲେ । ଏହାକୁ ନିର୍ବାଚନ କରିବା ମୂଳରେ ତୁଇତିନୋଟି କାରଣ ରହିଥିବା ଚିନ୍ତା କରାଯାଇପାରେ । ପ୍ରଥମତଃ ଇଞ୍ଚୁଡ଼ିରେ ପ୍ରସ୍ତୁତ ସ୍ୱଦେଶୀ ଲୁଣ ବିକ୍ରୟ କରିବା ପାଇଁ ଅନତିଦୂରରେ ବାଲେଶ୍ୱର ବଜାର ଥିଲା ପ୍ରଶସ୍ତ କ୍ଷେତ୍ର । ଦ୍ୱିତୀୟତଃ ବାଲେଶ୍ୱରରୁ ଇଞ୍ଚୁଡ଼ିକୁ ଗାଡ଼ି, ମଟରରେ ଯିବା ପାଇଁ ଆଦୌ ସୁବିଧା ନଥିଲା । କାରଣ ରାସ୍ତାଟି ଥିଲା କଚ୍ଚା, ସନ୍ତସନ୍ତିଆ ଓ ଅଧିକାଂଶ ସମୟରେ କର୍ଦ୍ଦମାକ୍ତ । ତେଣୁ ଇଂରେଜ ସୈନ୍ୟ ବା ପୋଲିସ ଫୌଜଙ୍କ ପକ୍ଷେ ସେଠାକୁ ଯିବା ସହଜସାଧ୍ୟ ନଥିଲା । ତୃତୀୟତଃ ଇଞ୍ଚୁଡ଼ି ନିକଟବର୍ତ୍ତୀ ସମୁଦ୍ର କୂଳେ କୂଳେ ଅବସ୍ଥିତ ବହୁ ଗ୍ରାମ ସଂହତିତ ହୋଇ ଲବଣତୀର୍ଥରେ ପରିଣତ ହେବ । ତାହାହିଁ ହୋଇଥିଲା ।

୧୯୩୦ ମସିହା ଏପ୍ରିଲ ୬ ତାରିଖ ଦିନ ଗାନ୍ଧିଜୀ ଲବଣ ଆଇନ ଭଙ୍ଗ କରି ଥିବାରୁ ସେହିଦିନ ସେ ସର୍ବତ୍ର ଉକ୍ତ ଆଇନ ଭଙ୍ଗ କରିବା ପାଇଁ ନିବେଦନ କରିଥିଲେ । ତଦନୁଯାୟୀ କଟକ ସ୍ୱରାଜ ଆଶ୍ରମରୁ ସେହିଦିନ ସକାଳ ସାଢ଼େ ୬ଟା ସମୟରେ ୨୧ ଜଣ ସତ୍ୟାଗ୍ରହୀ ପଦଯାତ୍ରାରେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କରିଥିଲେ । ଗୋପବନ୍ଧୁ ଚୌଧୁରୀ ରାସ୍ତାରେ ଗିରଫ ହୋଇଯିବାରୁ ଆଚାର୍ଯ୍ୟ ହରିହର ଦାସ ଏକାକୀ ନେତୃତ୍ୱ ନେଇଥିଲେ । ପରମ୍ପରା ଅନୁଯାୟୀ ସେମାନେ ବାହାରିବା ପୂର୍ବରୁ ଶ୍ରୀମତୀ ରମାଦେବୀ, ମାଳତୀଦେବୀ, କୋକିଳଦେବୀ, କିରଣବାଳା ସେନ ପ୍ରମୁଖ ନାରୀନେତ୍ରୀ ସେମାନଙ୍କ ମସ୍ତକରେ ଚନ୍ଦନ, ସିନ୍ଦୂରଟୋପା ଲଗାଇବାପରେ ବନ୍ଦାପନା ଓ ଫୁଲମାଳ ପିନ୍ଧାଇ ବିଦାୟ ଦେଇଥିଲେ । ସତ୍ୟାଗ୍ରହୀମାନଙ୍କର,, ଯାତ୍ରାପଥରେ , ଶହଶହ ଗ୍ରାମବାସୀ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେମାନଙ୍କର ଧ୍ୱନିଥିଲା 'ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହୀଙ୍କି ଜିନ୍ଦାବାଦ' । ସେମାନେ ମଧ୍ୟ ରାସ୍ତାରେ ବିପ୍ଳବୀ ବୀରକିଶୋର ଦାସଙ୍କ ଦ୍ୱାରା ରଚିତ ସଙ୍ଗୀତ, "ଆସରେ ଆଜି ଆସ ଆସ, ଦରିଆ ଦଖଲ କରି ଯିବ କିଏ ଆସ ଏବଂ ସାରା ଭାରତରେ ହାହାକାର ଆମେ ପକେଇ ଦେବୁରେ ପକେଇଦେବୁ" ଆଦି ସଙ୍ଗୀତ ଗାନ କରୁଥିଲେ । ସେମାନେ ବାଲେଶ୍ୱରରେ ୧୨ ତାରିଖ ଦିନ ସନ୍ଧ୍ୟାବେଳେ ପରମିଟ କୋଠିରେ ପହଞ୍ଚିଥିଲେ । ଏହି ପରମିଟ କୋଠି ପୁରୁଣା

କବିତାରେ ଉତ୍କଳର ଗଜପତିଙ୍କୁ ସେ ପ୍ରଶଂସା କରିଛନ୍ତି । 'ଜାଣିମେ ଜଗତେ ଯେତେ ଯେ ନୃମଣି ବଡ଼ଧନମାନ କଲେ/ସଭିଙ୍କ ମହତ୍ ମଣି ଏ ଓଡ଼ିଆ ଗଜପତି ମହୀତଳେ ।" କବିଙ୍କର ମୁକ୍ତାବଳୀ, ଆମ ଜନ୍ମଭୂମି, ଆମେ ଛାତ୍ରଛାତ୍ରୀ ଓ ଜନ୍ମଭୂମି ଆଦି ବହୁ ଶିଶୁକବିତାରେ ଜାତୀୟତାବାଦର ସ୍ୱର ଶୁଣାଯାଏ । ତାଙ୍କର 'ଜନ୍ମଭୂମି' କବିତାରେ ନିମ୍ନ ପଦରେ ଜାତୀୟତାବାଦର ଏକ ସ୍ପଷ୍ଟ ନମୁନା ପ୍ରଦତ୍ତ ।

'ଜନମ ଭୂଇଁ ଯେ ମାଟି ପଥରର
ଜନନୀକୁ ବଳିବଡ଼
ସେ ଜନମଭୂଇଁ ସେବା ଯେ କରଇ
ନର ଜନ୍ମ ଧନ୍ୟ ତାର ।"

ଶିଶୁ କବିତା ବ୍ୟତୀତ ଲାଲମାଧବ, କାଞ୍ଚିବିଜୟ ଓ ସାକ୍ଷୀଗୋପାଳ ପ୍ରଭୃତି ଗାଥା କବିତାଗୁଡ଼ିକ ଜାତୀୟତାବାଦର ସ୍ୱର ସ୍ୱାକ୍ଷରରେ ସମୃଦ୍ଧ ।

ସତ୍ୟବାଦୀର ସାଧକମାନଙ୍କ ମଧ୍ୟରୁ ଗୋପବନ୍ଧୁ, ନୀଳକଣ୍ଠ ଏବଂ ଗୋଦାବରୀଶ ଥିଲେ କବି । ତେଣୁ ସେମାନଙ୍କ କାବ୍ୟ କବିତାରେ ଜାତୀୟତାର ଏକ ଅବିଚ୍ଛିନ୍ନ ଧାରା ପ୍ରବାହିତ ହେଉଥିଲା । କିନ୍ତୁ ଆଚାର୍ଯ୍ୟ ହରିହର ଏବଂ ଐତିହାସିକ କୃପାସିନ୍ଧୁ ଥିଲେ ଋଷିପ୍ରାଣ ଓ ଆଦର୍ଶବାଦୀ । ଜାତିଗଠନ ଥିଲା ସେମାନଙ୍କ ସ୍ୱପ୍ନର ଏକ ସାକାର ପରିକଳ୍ପନା । କୃପାସିନ୍ଧୁ କୋଣାର୍କ, ବାରବାଟୀ, ଓଡ଼ିଶାର ଇତିହାସ ପ୍ରଭୃତି ଗଦ୍ୟାସକ ରଚନାରେ ଓଡ଼ିଶାର ବହୁ ଗୌରବୋଜ୍ଜ୍ୱଳ ଘଟଣା ଲିପିବଦ୍ଧ କରିଥିଲେ । ଆଚାର୍ଯ୍ୟ ହରିହରଙ୍କର ଶ୍ରୀମଦ୍‌ଭଗବତ୍ ଗୀତା ଏବଂ ଉପନିଷଦରୁ ଭାରତର ସମୃଦ୍ଧିସମ୍ପନ୍ନ ପ୍ରାଚୀନ ସଂସ୍କୃତି ସମ୍ପର୍କରେ ଉପଲବ୍ଧ ହୁଏ । ସତ୍ୟବାଦୀ ସାଧକମାନଙ୍କର ସାହିତ୍ୟରେ ଜାତୀୟତାବାଦର ଯେଉଁ ଅପୂର୍ବ ଝଙ୍କାର ସୃଷ୍ଟି ହୋଇଥିଲା ତାହା ଉତ୍ତରସୂ ଦାୟାଦମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।


୧। ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ପୃ-୨୨୭- ଡଃ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ।
୨। ଓଡ଼ିଆ ସାହିତ୍ୟର ଇତିହାସ, ପୃ-୪୩୯ ପଠା- ମଠାଶି ପଟ୍ଟନାୟକ ।
୩। ବନ୍ଦୀର ଆତ୍ମକଥା, ପୃ-୩ ।
୪। କାରା କବିତା, ପୃ-୧୧ ।
୫। ବନ୍ଦୀର ଆତ୍ମକଥା, ପୃ-୧୧ ।
୬। ମନିଷୀ ନୀଳକଣ୍ଠ ଚିନ୍ତାମଣିଦାସ, ପୃ-୩୩୦ ।
୭। ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ-ଦ୍ୱିତୀୟ ସଂସ୍କରଣ-୧୯୭୩ ।
୮। ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ-ଦ୍ୱିତୀୟ ସଂସ୍କରଣ-୧୯୭୩ ପୃ-୩୬୧ ।
୯। ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ-୨ୟ ସଂସ୍କରଣ-ପୃ-୪୩୮ ।
୧୦। ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ, ପୃ-୬୩୦ ।
୧୧। ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ, ପୃ-୬୧୭ ।
୧୨। ଗୋଦାବରୀଶ ମିଶ୍ର ଗ୍ରନ୍ଥାବଳୀ, ପୃ-୬୧୮ ।
୧୩। ଗୋଦାବରୀଶ ପରିକ୍ରମା, ପୃ-୭୮ ।



ଓଡ଼ିଆ ବିଭାଗ,
ତ୍ରି: କେ: ଏନ୍: କଲେଜ, ଏରଣ୍ଡ, କଟକ


## ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରକ୍ଷା କରାଯିବ

—ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ନବଜାଗରଣ ଆଣିବା ପାଇଁ ଯେଉଁ କବିମାନେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ସେମାନଙ୍କର ସ୍ମୃତିରକ୍ଷା ପାଇଁ ରାଜଧାନୀ ଭୁବନେଶ୍ୱରରେ ସେମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । [illegible]

ସେମାନଙ୍କ ଉପସ୍ଥିତିରେ ମଧ୍ୟ ଲୁଣମରା ଚାଲିଲା । ଇତିମଧ୍ୟରେ ଦୁଇଜଣ ସତ୍ୟାଗ୍ରହୀଙ୍କୁ ପୋଲିସ ଗିରଫକରି ନେଇଥିଲେ । ଫଳରେ ୬୦୦ ଜଣ ଗ୍ରାମବାସୀ ପୋଲିସ ଛାଉଣି ନିକଟରେ ଏକତ୍ରିତ ହୋଇ ପୋଲିସଙ୍କର ପୋଷାକ ନେଇ ଯାଇଥିଲେ । କୌଶଳକ୍ରମେ ୫ ଜଣ ସତ୍ୟାଗ୍ରହୀଙ୍କୁ ଗିରଫ କରାଯାଇଥିଲା ଓ ତନ୍ମଧ୍ୟରୁ ସାଧୁଚରଣ ମହାପାତ୍ର ଥିଲେ ଅନ୍ୟତମ । ତାଙ୍କୁ ୪ ମାସ କାରାଦଣ୍ଡ, ପଚାଶଟଙ୍କା ଜୋରିମାନା ଓ ଜୋରିମାନା ଆଦାୟ ନହେଲେ ଆଉ ୩ ମାସ କାରାଦଣ୍ଡ ଦିଆଯାଇଥିଲା । ତାଙ୍କୁ କଟକ ଜେଲକୁ ପଠାଯାଇଥିଲା ମାତ୍ର ଜିଲ୍ଲା ମାଜିଷ୍ଟ୍ରେଟ ତାଙ୍କୁ ହଜାରିବାଗ ସଂସ୍କାର ବିଦ୍ୟାଳୟରେ ୪ ବର୍ଷ ଅଟକ କରି ରଖିବା ପାଇଁ ପଠାଇଲେ । ତାଙ୍କ ମା ପାର୍ବତୀ ବେଓ୍ୱା ଓ ସତ୍ୟାଗ୍ରହୀମାନେ ଏହି ଦଣ୍ଡାଦେଶରେ ଆଇନଗତ ତ୍ରୁଟି ଉତ୍ଥାପନ କରି ସରକାରଙ୍କୁ ପ୍ରାର୍ଥନା କରିଥିଲେ । ଶେଷରେ ଇଂରେଜ ନିଜର ତ୍ରୁଟି ବୁଝିପାରି ସାଧୁଚରଣଙ୍କୁ ମୁକ୍ତ କରି ତାଙ୍କ ମାଙ୍କ ହାତରେ ଦେଇଥିଲେ । ଏହା ହେଉଛି ଜଣେ କୋମଳମତି ମଫସଲ ବାଳକର ଅସାଧାରଣ ଦେଶପ୍ରୀତି ଓ ସ୍ୱାଧୀନ ଚିନ୍ତାଧାରାର ଅଭୂତପୂର୍ବ ନିଦର୍ଶନ ।

ଏହିପରିଭାବେ ଇଞ୍ଚୁଡିର ଲବଣସତ୍ୟାଗ୍ରହ ବହୁ କୌତୁହଳ ଓ ରୋମାଞ୍ଚକର ତଥ୍ୟର ଗନ୍ତାଘର ।

---

ଏନ ୨/୧୦୧, ନୟାପଲ୍ଲୀ,
ଭୁବନେଶ୍ୱର-୭୫୧୦୧୫

# ଅମୃତ ଫଳ

ଶ୍ରୀ କୈଳାସ ତ୍ରିପାଠୀ



ସ୍ୱାଧୀନତା ପାଇଁ କେତେ ସ୍ୱପ୍ନର ରେଖା
ଲେଖିଥିଲ ତୁମେ ଅଗ୍ନିବୀର ହେ କାଲି
ସ୍ୱାଧୀନତା ପରେ ଦଣ୍ଡେ ଦେଲନି ଦେଖା
ମହାନାୟକ ହେ ସ୍ୱପ୍ନ ଗଲ କି ଭୁଲି ?
ତୁମର ଦୀପ୍ତ ସୁହାଣୀ ଦୃପ୍ତ ବାଣୀ
ଅଳିଭା ସ୍ମୃତିରେ ବର୍ଷକ ପରେ ବର୍ଷ
ବିଗତ ହୋଇଛି ସୁଭାଷ ହୃଦୟ ହାଣି
ପଚାଶ ବର୍ଷ ସ୍ୱର୍ଣ୍ଣୋତ୍ସବ ହର୍ଷ–
ଉଲ୍ଲାସ ବେଳେ ତୁମେ ତ ପଡୁଛ ମନେ
ମନେ ବି ପଡୁଛି 'ଦିଲ୍ଲୀ ଚଲୋ' ସେ ନାରା
ଆଜାଦ୍ ହିନ୍ଦ୍ ଫଉଜ ପାଦର ତାନେ
ଏବେ ଲୋଡ଼ା ପୁଣି ତୁମ ବିପ୍ଳବ ଧାରା ।

ରକ୍ତ ବଦଳେ ସ୍ୱାଧୀନ କାମନା ଜାଗେ
ସ୍ୱାଧୀନ ହୋଇ ବି ଉପରେ ଭାରତ ଜୀର୍ଣ୍ଣ
ଲୋଭରେ ଶୋଷରେ ମଣିଷ ଜୀବନ ତ୍ୟାଗେ
ମରଣ ଯଜ୍ଞେ ମହାମନ୍ତ୍ରକୁ ଗାଏ ।

ସଂସାର ଏଠି ରକ୍ତ ଢଳକେ ମାତେ
ସ୍ୱେଚ୍ଛାରେ କାହା ନିଃଶ୍ୱାସ ନାହିଁ ଚଳେ
କଥାରେ କଥାରେ ତାଣ୍ଡବ ଏଠି ସତେ
ଜାନ୍ତବତାରେ ଜୀବନ ଆମର ଜଳେ

ବ୍ରିଟିଶ୍ ପରେ ବି ବ୍ରିଟିଶମୟ ଏ ମାଟି
ଆମକୁ ଲାଗୁଛି ଖାଲି ସ୍ୱାଧୀନ ଯାହା
ଖାଲି ଯାଇଛି ତ ଶୃଙ୍ଖଳ ଯାହା ଫିଟି
ଅମୃତ ଫଳ ଅନେକ ଦୂରରେ ଆହା !

ଦୁର୍ବେଳ ବେଳେ କେଉଁଠି ନିର୍ବିକାରେ
ସୁଭାଷ ରହିଛ ଅଜ୍ଞାତବାସ ନେଇ
ହିନ୍ଦୁସ୍ଥାନ ଦୁଃଖ ଦେଖ ହେ ବାରେ
ଫେରି ଆସ ତୁମେ, ନିଶ୍ଚୁପ ରହନାହିଁ ।

ତୁମେ ଯଦି ନାହିଁ, ଜନ୍ମ ଥରଟେ ନିଅ
ହିନ୍ଦୁସ୍ଥାନ ଲୁହ କିଛି ଦିଅ ପୋଛି
ଅନ୍ଧ ହେଲେ ବି ହସରୁ ବେରାଏ ଦିଅ
ଆଶାର ପୀୟୁଷ ବିନ୍ଦୁଏ ଦିଅ ସିଞ୍ଚି ।

---

'ଚନ୍ଦନା ଲୋକ',
୩/୨-ଆଇ.ଭି-ବି, ୟୁନିଟ୍-୩, ଭୁବନେଶ୍ୱର

ଗୌରୀଦତ୍ତ ମାରୱାଡ଼ିଙ୍କର, ସେତେବେଳେ ବାଲେଶ୍ୱରର ସତ୍ୟାଗ୍ରହୀମାନେ ଏହାକୁ ଶିବିର ରୂପେ ବ୍ୟବହାର କରୁଥିଲେ ।

୭ ତାରିଖ ଦିନ ସନ୍ଧ୍ୟା ପ୍ରାର୍ଥନା ପରେ ଆଚାର୍ଯ୍ୟ ହରିହର ଦାସ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀ ପଦବ୍ରଜରେ ପରମିଟ କୋଠିରୁ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କରିଥିଲେ । ରାସ୍ତାରେ ନାରୀମାନେ ଦୀପଜାଳି ପୁଷ୍ପବୃଷ୍ଟି ସମେତ ବନ୍ଦାପନା କରି ସତ୍ୟାଗ୍ରହୀଙ୍କ ଲଲାଟରେ ବିଜୟର ସିନ୍ଦୂର ଟୋପା ଲଗାଇଥିଲେ । ରାସ୍ତାରେ କି ଉଦ୍ଦୀପନା ! ଶଙ୍ଖ ହୁଳହୁଳିରେ ଗାଁ ଭୂଇଁ ଉଚ୍ଛୁଳି ପଡୁଥିଲା । ଚାଷୀ, ମଜୁରିଆ ଦୁଃଖ ସୁଖ ଭୁଲି କ୍ଷେତରେ କାର୍ଯ୍ୟବନ୍ଦ କରି ତାଙ୍କପଛରେ ଚାଲିଥାଆନ୍ତି । ସେହିପରି ରମାଦେବୀ, ମାଳତୀ ଦେବୀ, କୋକିଳ ଦେବୀ, ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, କିରଣବାଳା ସେନ ପ୍ରମୁଖ ନାରୀ ନେତ୍ରୀ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରା କରୁଥିବାର ଦେଖି ଗାଁଗହଳିର ପରଦାତଳେ ଲୁଚି ରହିଥିବା କୁଳବଧୂମାନେ ଶାଶୁ ଶ୍ୱଶୁରଙ୍କ ବାରଣ ସତ୍ତ୍ୱେ ସେମାନଙ୍କ ପଛରେ ଯିବାପାଇଁ କୁଣ୍ଠାବୋଧ କରିନଥିଲେ । ପରେ ପରେ ଇଞ୍ଚୁଡ଼ିର ଚତୁର୍ଦ୍ଦିଗରେ ଅବସ୍ଥିତ ଗ୍ରାମଗୁଡ଼ିକରୁ ଆବାଳବୃଦ୍ଧବନିତାଙ୍କର ଜନସ୍ରୋତ ଛୁଟିଥିଲା ସଭାସ୍ଥଳକୁ ।

ଏପ୍ରିଲ ୧୨ ତାରିଖଦିନ ଇଞ୍ଚୁଡ଼ିର ପଶ୍ଚିମା ଠାକୁରାଣୀଙ୍କ ପଦାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ସେଦିନ ସନ୍ଧ୍ୟାରେ ଗୋଟିଏ ଘଟଣା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଇଞ୍ଚୁଡ଼ିଠାରେ ପଶ୍ଚିମା ଠାକୁରାଣୀଙ୍କର ଆସ୍ଥାନ । ପୂର୍ବରୁ ଗୁପ୍ତ ମନ୍ତ୍ରଣା ହୋଇଥିଲା ଯେ ସେଠାରେ ବୈକୁଣ୍ଠନାଥ ଦାସ ନାମକ ଜଣେ ବ୍ୟକ୍ତି କାଳସୀ ହେବେ । ତଦନୁଯାୟୀ ସେ କାଳସୀ ହୋଇଥିଲେ । କାଳସୀ ହେବା ପରେ ପୋଲିସଙ୍କୁ ଲକ୍ଷ୍ୟ କରି କହିଥିଲେ, "ମୋ ଆସ୍ଥାନକୁ ଅପବିତ୍ର କଲା କିଏ ? କାହାନ୍ତି ସେମାନେ ? ତାଙ୍କୁ ଗୋଟି ଗୋଟି କରି ଖାଇବି ।" ଏହାଶୁଣି ଧର୍ମଭୀରୁ ପୋଲିସଫୌଜ ସେହିସ୍ଥାନ ଛାଡ଼ି ଚାଲି ଯାଇଥିଲେ । ତା'ପରେ ସଭାକାର୍ଯ୍ୟ ଚାଲିଥିଲା । ତା'ପରଦିନ ଏପ୍ରିଲ ୧୩ ତାରିଖ ସକାଳେ ପ୍ରାର୍ଥନାପରେ ଆଚାର୍ଯ୍ୟ ହରିହର ଦାସ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀ ଇଞ୍ଚୁଡ଼ି ଗ୍ରାମର ପୂର୍ବପଟ ଧୋବାଗଡ଼ି ନଦୀର ତଟାଣରେ ବଡ଼ି ଓ ଗୁଳା ନାମକ ସ୍ଥାନରୁ ଲୁଣଗଦା ଭାରକରି ପଶ୍ଚିମା ଠାକୁରାଣୀଙ୍କ ନିକଟରେ ଥିବା ସ୍ଥାନକୁ ବୋହି ଆଣିଥିଲେ । ସେହିଦିନ ଆଚାର୍ଯ୍ୟ ହରିହର ଓ ତାଙ୍କର ଅନ୍ୟ ୭ ଜଣ ସହକର୍ମୀଙ୍କୁ ଗିରଫ କରି ନିଆଯାଇଥିଲା । ମାତ୍ର ଲୁଣ ମାରିବା କାର୍ଯ୍ୟ ବନ୍ଦ ରହିନଥିଲା । ପୋଲିସର ଅତ୍ୟାଚାର ହାତରୁ ହାଣ୍ଡି ଓ ଲୁଣକୁ ରକ୍ଷା କରିବା ପାଇଁ ନାରୀମାନେ ଗୋଲାକାର ହୋଇ ଗୋଟିଏ ଧାଡ଼ିରେ ବସିଥାଆନ୍ତି । ପୁରୁଷମାନେ ଅନ୍ୟ ଗୋଟିଏ ଧାଡ଼ିରେ ଠିଆହୋଇ ଥାଆନ୍ତି । ପାଣିଫୁଟି ଦିନ ୯ଟା ସମୟରେ ହାଣ୍ଡି ମଧ୍ୟରେ ସ୍ୱଦେଶୀ ବା ଗାନ୍ଧୀ ଲୁଣ ଉତ୍ପନ୍ନ ହେବାର ଦେଖି ସତ୍ୟାଗ୍ରହୀମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେମାନଙ୍କ ମଧ୍ୟରୁ କେତେଜଣ ନିଜ ନିଜ ଗାମୁଛା କାନିରେ ଲୁଣ ବାନ୍ଧି ଛୋଟ ଛୋଟ ଟୋକେଇରେ ବାଲେଶ୍ୱର ସହରକୁ ବିକ୍ରୟ କରିବା ପାଇଁ ଆଣିଥିଲେ । ପରେ ପରେ କଟକରୁ ଲୌହସ୍ୱରାଜବାହିନୀ, ପୁରୀରୁ ପତିତପାବନ ବାହିନୀ, ଗଞ୍ଜାମରୁ ଗଞ୍ଜାମ ବାହିନୀ, ସମ୍ବଲପୁରରୁ ସମ୍ବଲପୁର ବାହିନୀ ଓ ଗୁଜୁରାଟ ବାହିନୀରୁ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଯାତ୍ରା କରି ଲବଣ ଆଇନ ଭଙ୍ଗ କରିଥିଲେ । ଇତିମଧ୍ୟରେ ଇଞ୍ଚୁଡ଼ିରୁ ଲୁଣଧରି ବାଲେଶ୍ୱରକୁ ଆସୁଥିବା ସମୟରେ ସହରଠାରୁ ୬ କିଲୋମିଟର ଦୂରରେ ସୁନ୍ଦରୀ ଗ୍ରାମର ଖଡ଼ଖିଆବର ନିକଟରେ ପୋଲିସ ବାହିନୀ ସହିତ ସେମାନଙ୍କର ମୁହାଁମୁହିଁ ହୋଇଥିଲା । ଏଥିରେ ବହୁ ସଂଖ୍ୟକ ସତ୍ୟାଗ୍ରହୀ ଲାଠିମାଡ଼ରେ ଆହତ ହୋଇଥିଲେ । ମାତ୍ର ଲୁଣପୋଡ଼ିଆକୁ ସେମାନେ ଛାଡ଼ିନଥିଲେ । ସବୁ ଲୁଣ ଜୁଡ଼ଜୁଡ଼ କରି ପରମିଟ ପଡ଼ିଆରେ ରଖାଯାଇଥିଲା । ସର୍ବମୋଟ ୨୦ ମହଣ ଲୁଣ ପ୍ରସ୍ତୁତ କରାଯାଇ ଥିବାର ଜଣାଯାଏ । ସେଥିରୁ କିଛି ଲୁଣ ମାଳତୀ ଚୌଧୁରୀ କଟକ ଆଣି ଏକ ସଭାରେ ନିଲାମ କରିଥିଲେ । ପରେ ପରେ ନେତାମାନଙ୍କୁ ଗିରଫ କରାଯାଇଥିଲା । ମାତ୍ର ଇଞ୍ଚୁଡ଼ିରେ ଲବଣ ସତ୍ୟାଗ୍ରହର ମୁଖ୍ୟନାୟକ ସୁରେନ୍ଦ୍ର ନାଥ ଦାସଙ୍କୁ ଧରାଯାଇ ପାରି ନଥିଲା । ଶେଷରେ ସେ ଧରା ପଡ଼ିଥିଲେ ଏକ କୌତୁହଳପୂର୍ଣ୍ଣ ଘଟଣାରେ । ଦିନେ ଇଞ୍ଚୁଡ଼ିରୁ ଲୁଣମାରି ସେ ଗୋଟିଏ ବୋଝରେ ତାକୁ ଆଣି ନିଜଗାଁ ଭୀମପୁରରେ ରଖିଥିଲେ । ଖାଇସାରି ଲୁଣ ବିକ୍ରୀ କରିବାକୁ ବାଲେଶ୍ୱର ନେବେ । ଦିନ ୧୦ଟା ସମୟରେ ଦାନ୍ତଘଷି ଖାଇବାକୁ ଯାଉଛନ୍ତି, ସେ ଜାଣିବାକୁ ପାଇଲେ ଯେ ତାଙ୍କୁ ଧରିବା ପାଇଁ ୯ ଜଣ ପୋଲିସ୍ ତାଙ୍କ ଘର ଚାରିପଟେ ଘେରାଉ କରିଛନ୍ତି । ତେଣୁ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏକ ନୂଆ ଉପାୟ ଚିନ୍ତାକଲେ । ତାଙ୍କର ପ୍ରଥମ ସ୍ତ୍ରୀ ଗୌରୀଙ୍କୁ କହିଲେ ତାଙ୍କର ସବୁ ଗହଣା ଓ ଶାଢ଼ୀଟିଏ ଦେବା ପାଇଁ । ତାକୁ ପିନ୍ଧି ଲୁଣ ବିକ୍ରୟ କରିବା ପାଇଁ ଚାଲିଲେ ବାଲେଶ୍ୱର । ମାତ୍ର ଦୁର୍ଭାଗ୍ୟବଶତଃ ୧୪ କିଲୋମିଟର ଯିବାପରେ ମୋତିଗଞ୍ଜ ଥାନା ନିକଟରେ ହଠାତ୍ ତାଙ୍କ ମୁଣ୍ଡରୁ ଓଢ଼ଣୀ ଖସିଯିବାରୁ ସେତେବେଳେ ପହରା ଦେଉଥିବା ପୋଲିସ୍ ତାଙ୍କୁ ଧରି ଥାନାକୁ ନେଇଯାଇଥିଲେ । ତାଙ୍କଠାରୁ ସମସ୍ତ ଗହଣା ଓ ଶାଢ଼ୀ ଖୋଲି ନେବା ସଙ୍ଗେ ସଙ୍ଗେ ୫୦ ଟଙ୍କା ଜୋରିମାନା ନେଇ ଛାଡ଼ି ଦେଇଥିଲେ । ପରେ ପରେ ତାଙ୍କୁ ଗିରଫ କରାଯାଇଥିଲା ।

ସେହି ଲବଣ ସତ୍ୟାଗ୍ରହ ସମୟରେ ଇଞ୍ଚୁଡ଼ିଠାରୁ ଅନତିଦୂରରେ ଅବସ୍ଥିତ ଅଠିଲାବାଦ ଗ୍ରାମର ୧୪ ବର୍ଷର ବୟସର ଜଣେ କୋମଳମତି ବାଳକ ସାଧୁଚରଣ ମହାପାତ୍ର ଲବଣ ସତ୍ୟାଗ୍ରହରେ ଯୋଗଦେଇ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ । ଏହା ହେଉଛି ଏକ ରୋମାଞ୍ଚକର କାହାଣୀ । ୧୯୩୦ ମସିହା ମେ ମାସ ୧୯ ତାରିଖର ଘଟଣା । ଅଠିଲାବାଦ ଗ୍ରାମରେ ଲବଣ ସତ୍ୟାଗ୍ରହକୁ ଦମନ କରିବା ପାଇଁ ଜଣେ ଜମାଦାର ଓ କେତେଜଣ ପୋଲିସ ସିପାହୀ ସେଠାରେ ଛାଉଣି କରି ରହିଥିଲେ । ମାତ୍ର

ଦ୍ବାରା ଲୋକେ ବିଭିନ୍ନ ପ୍ରକାର କୃଷି ଓ ଶିଳ୍ପାଦି ଶିଖି ଜୀବିକା ନିର୍ବାହ କରିବେ ଓ ସ୍ୱାବଲମ୍ବୀ ହେବେ ଏବଂ ସେମାନଙ୍କ ମଧ୍ୟରୁ ସଂଘର୍ଷ, ଶୋଷଣ, ଅନ୍ୟାୟ ଅତ୍ୟାଚାର, ଉଚ୍ଚନୀଚ ଓ ଛୁଆଁ ଅଛୁଆଁ ମନୋଭାବ ଲୋପପାଇବ । ଗଠନାତ୍ମକ କାର୍ଯ୍ୟକ୍ରମରେ ନିମ୍ନଲିଖିତ କାର୍ଯ୍ୟମାନ ଅନ୍ତର୍ଭୁକ୍ତ ହୋଇଥିଲା, ଯଥାଃ– ଗ୍ରାମ ସଫାଇ, କୃଷି, ଗୋ–ପାଳନ, ଖଜୁରୀଗୁଡ଼ ତିଆରି, ମହୁମାଛି ପାଳନ, ଖଦୀର ପ୍ରସାର, ଚମଡ଼ା କାମ, ଅସ୍ପୃଶ୍ୟତା ଦୂରୀକରଣ, ହରିଜନମାନଙ୍କର ମନ୍ଦିର ପ୍ରବେଶ, ରାଷ୍ଟ୍ରଭାଷା ଶିକ୍ଷା ଓ ସାମ୍ପ୍ରଦାୟିକ ଏକତା ସ୍ଥାପନ । ସେବାଘରର କର୍ମୀମାନେ ଶାନ୍ତିପୂର୍ଣ୍ଣ ଉପାୟରେ ନିରୀହ ପ୍ରଜାମାନଙ୍କୁ ସ୍ଥାନୀୟ ଜମିଦାରମାନଙ୍କର ଅତ୍ୟାଚାରରୁ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ । ସେମାନେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ ଅଧିକାର ଦେବାପାଇଁ ଲୋକଙ୍କୁ ବୁଝାଉଥିଲେ । ଗଠନାତ୍ମକ କାର୍ଯ୍ୟକ୍ରମର ସାମାଜିକ ପ୍ରଭାବ ପ୍ରସଙ୍ଗରେ ରମାଦେବୀ ଲେଖିଛନ୍ତି :

"ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ଆମକୁ ପ୍ରଜା ଆନ୍ଦୋଳନ କରିବାକୁ ପଡ଼ିନାହିଁ । ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାର ଆପେ ଆପେ ବନ୍ଦ ହୋଇଗଲା । ହରିଜନ ଛୁଆଁ ଛୁଇଁ କେତେ ପରିମାଣରେ କମିଗଲା । ଗୋଟିଏ ମନ୍ଦିରରେ ହରିଜନ ପ୍ରବେଶ ହେଲା ।.........ଜଣେ ବ୍ରାହ୍ମଣ ଯୁବକ ଗୋଟିଏ ହରିଜନ ଝିଅକୁ ଓ ଆଉଜଣେ ବ୍ରାହ୍ମଣ ଯୁବକ ଗୋଟିଏ ଅବ୍ରାହ୍ମଣ କନ୍ୟାକୁ ବିବାହ କଲେ । ଏ ବିବାହ କେବଳ ଜାତିପ୍ରଥା ପ୍ରତି କୁଠାରାଘାତ କରିବା ଉଦ୍ଦେଶ୍ୟରେ ବୋଲି ସେ ବ୍ରାହ୍ମଣ ଯୁବକ ଓ କନ୍ୟାପିତା କହିଲେ । ସବର୍ଣ୍ଣ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ହରିଜନ ଛୁଆଁ ବାଛଣି ଅନେକ କମିଲା" ।

ସେବାଘରର ମହିଳା କର୍ମୀମାନେ ବିଭିନ୍ନ ଗ୍ରାମମାନଙ୍କରେ ରହି ଖଦୀ ପ୍ରସାର ଆଦି ଗଠନାତ୍ମକ କାର୍ଯ୍ୟମାନ କରୁଥିଲେ । ଏମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ଥାନୀୟ ମହିଳାମାନେ ଗଠନାତ୍ମକ କାର୍ଯ୍ୟକ୍ରମରେ ଯୋଗ ଦେଲେ ।

ସେବାଘରର କର୍ମୀମାନେ ଗ୍ରାମବାସୀମାନଙ୍କ ସହିତ ମିଳିମିଶି କାମ କରିବା ଫଳରେ ବହୁତ ଉତ୍ତମ ଫଳ ମିଳିଥିଲା । ରମାଦେବୀ ଲେଖିଛନ୍ତି;

"କର୍ମୀମାନେ ଯେ ଜଣ ଜଣ କରି ଗ୍ରାମବାସୀଙ୍କ ଭିତରେ ରହୁଥିଲେ, ତାର ଫଳ ବହୁତ ଭଲ ହେଉଥିଲା । ଉଦାହରଣ ଜମିଦାର–ପ୍ରଜାଙ୍କର ବହୁ ପୁରାତନ କଳି ସଂଘର୍ଷ ଆମ କର୍ମୀ ରହିବା ଦ୍ୱାରା ସମାଧାନ ହୋଇଗଲା । କର୍ମୀମାନେ ଗ୍ରାମରେ ନୂଆ ବାତାବରଣ ଆଣିପାରିଥିଲେ । କର୍ମୀ ଓ ଗ୍ରାମଲୋକେ ଖୁବ୍ ସଦ୍‌ଭାବରେ ଚଳୁଥିଲେ । ଅନ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆମେ କର୍ମୀଙ୍କୁ ଗାଁରୁ ନେଇଆସିଲୁ । କର୍ମୀ ଗାଁ ଛାଡ଼ିବାକୁ ଚାହୁଁ ନଥିଲେ କିମ୍ବା ଗ୍ରାମବାସୀ ତାଙ୍କୁ ଛାଡ଼ିବା ପାଇଁ ଚାହୁଁ ନଥିଲେ । କର୍ମୀ ଓ ଗ୍ରାମବାସୀଙ୍କ ମଧ୍ୟରେ ମଧୁର ସମ୍ପର୍କ ସ୍ଥାପିତ ହୋଇଥିଲା ।"

୧୯୩୮ ମସିହାଠାରୁ ସରକାରୀ ଓ ବେସରକାରୀ ଭାବରେ ବରୀର ବିଭିନ୍ନ ବିଦ୍ୟାଳୟରେ ମୌଳିକ ଶିକ୍ଷା (Basic Education) ପ୍ରବର୍ତ୍ତନ କରାଗଲା । ଏହି ଶିକ୍ଷାରେ ଗ୍ରାମବାସୀମାନେ ଆଗ୍ରହ ପ୍ରଦର୍ଶନ କରିଥିଲେ ।

ଗଠନାତ୍ମକ କାର୍ଯ୍ୟକଳାପ ଫଳରେ ଯେଉଁ ଜନ ସଚେତନତା ସୃଷ୍ଟି ହୋଇଥିଲା, ତାହା ୧୯୩୦ ଓ ୧୯୪୨ ଆନ୍ଦୋଳନରେ ପ୍ରତିଫଳିତ ହୋଇଥିଲା । ଫଳରେ ସାଧାରଣ ଲୋକେ, ହରିଜନ ଶ୍ରେଣୀର ଲୋକ ଓ ଗ୍ରାମ ମହିଳାମାନେ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଯାଜପୁର ବିଶେଷତଃ ବରୀର ସାଧାରଣ ଲୋକଙ୍କ ଯୋଗଦାନ ସମ୍ପର୍କରେ ମନ ମୋହନ ଚଉଧୁରୀ ଲେଖିଛନ୍ତି :

"ଦେଖାଗଲା ଯେ ଯାଜପୁର ସବ୍ ଡିଭିଜନ୍‌ରେ ହିଁ ସବୁଠୁ ଅଧିକ ବିକ୍ଷୋଭ ହୋଇଛି । ଯାଜପୁର ସହରରେ ପୂର୍ବ ଯାଜପୁର ଆଡୁ ଆସିଥିବା ବହୁ ସହସ୍ର ଲୋକ କଚିରୀ ଘେରାଉ କରି ସରକାରୀ କର୍ମଚାରୀମାନଙ୍କର ଇସ୍ତଫା ଦାବୀ କରିଥିଲେ । ବରୀ ଅଞ୍ଚଳରୁ ଦଳଦଳ ହୋଇ କର୍ମୀ ଓ ଲୋକ ବାହାରି ପାଖ ଆଖ ଅଞ୍ଚଳରେ ବୁଲି ଡାକଘରମାନଙ୍କରେ କାଗଜପତ୍ର ନଷ୍ଟ କରିବା, ଅଫିମ ଗଞ୍ଜେଇ ଦୋକାନରୁ ନିଶାଦ୍ରବ୍ୟ ନେଇ ପୋଡ଼ି ଦେବା, ଚୌକିଦାର ଓ ଦଫାଦାରମାନଙ୍କର ପୋଷାକ ପୋଡ଼ିଦେବା ଓ ସେମାନଙ୍କୁ ସରକାରୀ ଚାକିରି ଛାଡ଼ିବା ପାଇଁ ପ୍ରବର୍ତ୍ତାଇବା ଏହି ଭଳି ସବୁ କାମ କରିଥିଲେ । ମୌଳିକ ବିଦ୍ୟାଳୟମାନଙ୍କର ପ୍ରାୟ ସମସ୍ତ ଶିକ୍ଷକ ଏ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ।"

ଭାରତ ଛାଡ଼ ଆନ୍ଦୋଳନ ବେଳେ ବରୀଆଶ୍ରମଠାରୁ ପାଞ୍ଚମାଇଲ ଦୂରରେ କାଇପଡ଼ାଠାରେ ପୋଲିସ୍ ଓ ଜନତା ମଧ୍ୟରେ ସଂଘର୍ଷ ଫଳରେ ୪ ଜଣ ଲୋକ ପ୍ରାଣ ହରାଇଥିଲେ । ଏହି ଆନ୍ଦୋଳନରେ ସାଧାରଣ ଲୋକଙ୍କର ସକ୍ରିୟ ଅଂଶ ଗ୍ରହଣ ପାଇଁ ସରକାର ବରୀ ଆଶ୍ରମକୁ ଦାୟୀ କଲେ; ଏହାକୁ ବେଆଇନ ଘୋଷଣା କଲେ ଏବଂ ଶେଷରେ ଏଥିରେ ନିଆଁ ଲଗାଇଲେ । ବରୀର ସାଧାରଣ ଲୋକଙ୍କ ଉପରେ Punitive tax ବସାଗଲା ।

ଆନ୍ଦୋଳନ ପରେ ଜେଲରୁ ମୁକ୍ତ ହୋଇ ଗୋପବନ୍ଧୁ ଚଉଧୁରୀ, ରମାଦେବୀ ଓ ମନମୋହନ ଚଉଧୁରୀ ପୁଣିଥରେ ବରୀରେ ଗଠନାତ୍ମକ କାର୍ଯ୍ୟରେ ଲାଗିପଡ଼ିଲେ । ଗୋପବନ୍ଧୁ ଚଉଧୁରୀ ମୌଳିକ ଶିକ୍ଷାରେ, ରମାଦେବୀ ନାରୀ କଲ୍ୟାଣରେ ଓ ମନମୋହନ ଚଉଧୁରୀ ଖଦୀ ପ୍ରସାରରେ ଧ୍ୟାନ ଦେଉଥିଲେ । ଚଉଧୁରୀ ପରିବାରର ସଦସ୍ୟମାନେ ପ୍ରକୃତ ଗାନ୍ଧୀବାଦୀ ଥିଲେ ଓ ଗଠନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରକୃତ ସ୍ୱରାଜ ଆସିବ ବୋଲି ସେମାନେ ଭାବୁଥିଲେ ।

ଅଧ୍ୟାପକ, ଇତିହାସ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

# ବରୀରେ ସ୍ୱାଧୀନତା ଆନ୍ଦୋଳନ

**ଡଃ ଅତୁଲ ଚନ୍ଦ୍ର ପ୍ରଧାନ**

ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବରୀ ଅଞ୍ଚଳରେ ସ୍ୱାଧୀନତା ଆନ୍ଦୋଳନ ବିଭିନ୍ନ କାରଣରୁ ପ୍ରଣିଧାନଯୋଗ୍ୟ । ଏହି ଅଞ୍ଚଳର ଆନ୍ଦୋଳନ୍ ସହିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋପବନ୍ଧୁ ଚଉଧୁରୀ, ତାଙ୍କର ପତ୍ନୀ ସ୍ୱର୍ଗତ ରମାଦେବୀ ସେମାନଙ୍କର ପୁତ୍ର କନ୍ୟା (ମନମୋହନ ଚଉଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣା) ଏବଂ ସହକର୍ମୀମାନେ ଘନିଷ୍ଠଭାବରେ ଜଡ଼ିତ ଥିଲେ । ଗ୍ରାମାଞ୍ଚଳରେ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ରୂପାୟନ କରିବା ପାଇଁ ବରୀରେ ଯେଉଁ ପ୍ରଚେଷ୍ଟା କରାଯାଇଥିଲା ତାହା ଓଡ଼ିଶା ପାଇଁ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଏହି ରଚନାତ୍ମକ କାର୍ଯ୍ୟକ୍ରମରେ ମହିଳାମାନେହିଁ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଫଳରେ ଅନୁନ୍ନତ ବରୀ ଅଞ୍ଚଳର ସାଧାରଣ ଜନତା ମଧ୍ୟରେ ଏକ ଜାଗରଣ ସୃଷ୍ଟି ହୋଇଥିଲା ।

ବରୀ ସାମ୍ପ୍ରତିକ ଯାଜପୁର ଜିଲ୍ଲାର ଖରସ୍ରୋତା ଓ ବିରୂପା ନଦୀମଧ୍ୟରେ ଅବସ୍ଥିତ ଏକ ଦୋଆବ ଅଞ୍ଚଳ । ଏହା ପୂର୍ବେ ବହୁତ ଅନୁନ୍ନତ ଅବସ୍ଥାରେ ଥିଲା । ଏଠାକୁ ଗମନାଗମନର ସୁବିଧା ନ ଥିଲା ।

ବରୀ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ, ଯଥା : ୧୯୩୦–୩୪, ୧୯୩୪–୩୯ ଏବଂ ୧୯୪୦–୪୭ ।

୧୯୩୦ ମସିହାରେ ରମାଦେବୀ ବରୀରେ ଏକ ବିଶାଳ ଜନସଭାରେ ଭାଷଣ ଦେଇଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନ ବେଳେ ଏ ଅଞ୍ଚଳରେ ଇଂରେଜସରକାରଙ୍କ ବିରୋଧରେ ସଭାସମିତି ଓ ଶୋଭାଯାତ୍ରାମାନ ଆୟୋଜିତ ହୋଇଥିଲା ଏବଂ କିଛି ଲୋକେ ଅଫିମ ପିକେଟିଂ, ଖଜୁରୀ ତାଡ଼ି ବନ୍ଦ କରିବା ଆଦି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ୧୯୩୨ରେ ପୁରୀରେ ନିଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନ ବସିବା ପାଇଁ ସ୍ଥିର ହୋଇଥିଲା । ସେହି ଅଧିବେଶନର ସ୍ୱେଚ୍ଛାସେବକମାନଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ବରୀରେ ଏକ କେନ୍ଦ୍ର ଖୋଲାଯାଇଥିଲା । ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ଫେରିବା ପରେ ପୁଣି ଥରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଥିଲା ଏବଂ ବରୀ ତାଲିମ କେନ୍ଦ୍ରର ଆୟୋଜକ ଓ ସ୍ୱେଚ୍ଛାସେବକମାନେ ସେଥିରେ ଅଂଶ ଗ୍ରହଣ କରି ଗିରଫ ହୋଇଥିଲେ । ୧୯୩୪ ମସିହା ମେ ମାସ ଶେଷ ବେଳକୁ ହରିଜନ ପଦଯାତ୍ରାରେ ଗାନ୍ଧିଜୀ ବରୀକୁ ଆସିଥିଲେ । ଏହି ସମୟରେ ସେ ଗ୍ରାମାଞ୍ଚଳରେ ରଚନାତ୍ମକ କାର୍ଯ୍ୟ କରିବା ପାଇଁ କଂଗ୍ରେସ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଗାନ୍ଧିଜୀଙ୍କ ପ୍ରଦର୍ଶିତ ପନ୍ଥାକୁ ଅନୁସରଣ କରି ଗୋପବନ୍ଧୁ ଚଉଧୁରୀ ବରୀକୁ ତାଙ୍କର ରଚନାତ୍ମକ କାର୍ଯ୍ୟକ୍ରମର କ୍ଷେତ୍ରଭାବେ ବାଛିଥିଲେ । ଯାଜପୁରରେ ସେକେଣ୍ଡ ଅଫିସର୍ ଥିବା ବେଳେ ସେ ଏହି ଅଞ୍ଚଳର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ନିଜ ଆଖିରେ ଦେଖିଥିଲେ ଏବଂ ଏହି ଅଞ୍ଚଳରେ ରିଲିଫ୍ କାର୍ଯ୍ୟନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ମତପାର୍ଥକ୍ୟ ହେବାରୁ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ କଂଗ୍ରେସ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେତେବେଳେ ବରୀ ଏକ ଅନୁନ୍ନତ ଅଞ୍ଚଳ ଥିଲା । ମହାତ୍ମା ଗାନ୍ଧୀ ଏହି ଅଞ୍ଚଳ ଦେଇ ପଦଯାତ୍ରାରେ ଯାଇଥିଲେ । ତେଣୁ ଗୋପବନ୍ଧୁ ଚଉଧୁରୀ ଏହି ଅଞ୍ଚଳକୁ ତାଙ୍କର କର୍ମସ୍ଥଳୀ ରୂପେ ବାଛିଥିଲେ ।

୧୯୩୪ ମସିହା ଅଗଷ୍ଟ ୧୩ ତାରିଖରେ କଟକ ସ[illegible] ପୈତୃକ କୋଠାବାଡ଼ି ଗୋପବନ୍ଧୁ ଚଉଧୁରୀ ବରୀ [illegible]ଥିଲେ । ସଙ୍ଗରେ ଆସିଲେ ପତ୍ନୀ ରମାଦେବୀ, କନ୍ୟା ଅନ୍ନପୂର୍ଣ୍ଣା, ଆଉ ପାଞ୍ଚଜଣ ମହିଳା କର୍ମୀ (ମଙ୍ଗଳା ଦେବୀ, ଗୋଦାବରୀ ଦେବୀ, ଶୋଭା ଦେବୀ, ମାଣିକ ଦେବୀ ଓ ସୁଶୀଳା ଦେବୀ) ଓ ଜଣେ ଯୁବକ କର୍ମୀ (ସୁରେନ୍ଦ୍ର ପଟ୍ଟନାୟକ) । ପରେ ବିନୋଦ କାନୁନ୍‌ଗୋ (ପରବର୍ତ୍ତୀକାଳରେ ଜ୍ଞାନମଣ୍ଡଳର ସମ୍ପାଦକ) ଓ ମନମୋହନ ଚଉଧୁରୀ ଏମାନଙ୍କ ସହିତ ଯୋଗ ଦେଲେ । ଏହି କର୍ମୀମାନେ ପ୍ରଥମେ ବାଗ୍‌ଦା ଗ୍ରାମର ଜମିଦାର ବାମନ ଚରଣ ଦାସଙ୍କ ଚୌପାଢ଼ି ଘରେ ଅବସ୍ଥାନ କରିଥିଲେ । ପରେ ବାମନ ଚରଣ ଦାସଙ୍କ ପ୍ରଦତ୍ତ ଏକ ଜମିରେ କର୍ମୀମାନଙ୍କ ପାଇଁ ଆଶ୍ରମ ନିର୍ମିତ ହେଲା । ମହାତ୍ମା ଗାନ୍ଧୀଙ୍କ ଉପଦେଶ ଅନୁସାରେ ଏହାର ନାମ ଦିଆଗଲା 'ସେବାଘର' । ସାଧାରଣତଃ ଲୋକେ ଏହାକୁ ବରୀ ଆଶ୍ରମ କହୁଥିଲେ ।

ସେବାଘରର କର୍ମୀମାନେ ଆଶ୍ରମବାସୀଙ୍କ ଭଳି କଠୋର ଜୀବନ ଯାପନ କରୁଥିଲେ । ରାତି ୪–୧/୨ଟାରୁ ଉଠି ପ୍ରାର୍ଥନା ଓ ନିତ୍ୟକର୍ମାଦି କରୁଥିଲେ, ବଗିଚାରେ କାମ କରୁଥିଲେ ଏବଂ ଗ୍ରାମ ସଫେଇ ତଥା ବିଭିନ୍ନ ରଚନାତ୍ମକ କାର୍ଯ୍ୟ କରୁଥିଲେ । ରଚନାତ୍ମକ କାର୍ଯ୍ୟକ୍ରମର ମୁଖ୍ୟତଃ ଦୁଇଟି ଦିଗ ଥିଲା– ଅର୍ଥନୈତିକ ଓ ସାମାଜିକ । ମୋଟ ଉପରେ ଏହାର ଉଦ୍ଦେଶ୍ୟ

ପାଖ ଲାଗି ପୋତାହୁଏ ଏବଂ ଏହି ଧାଡ଼ିରୁ ୧୦ ଫୁଟ ଅନ୍ତରରେ ଆଉ ଧାଡ଼ିଏ ସେହିଭଳି ମଜଭୁତ କାଠ ଖମ୍ବ ପୋତାଯାଇଥାଏ। ଏହି ଦୁଇଧାଡ଼ି କାଠଖମ୍ବ ମଧ୍ୟବର୍ତ୍ତୀ ସ୍ଥାନକୁ କାଠ ଗଣ୍ଡିଦ୍ୱାରା ପୂରଣ କରାଯାଇ ବିରାଟ କାଠ ପାଚେରୀ ତିଆରି ହୁଏ। ଏହି ପ୍ରାଚୀର ଉପରି ଭାଗରେ ସ୍ୱଚ୍ଛନ୍ଦରେ ଚଲାବୁଲା କରିବା ପାଇଁ ବ୍ୟବସ୍ଥା ହୋଇଥାଏ। ରାଜା ତଥା ତାଙ୍କର ବିଶିଷ୍ଟ ଅତିଥିମାନେ ଏହି ପ୍ରାଚୀର ଉପରେ ରହି ହାତୀଧରା କୌଶଳ ଦେଖିବା ଲାଗି ସବୁ ପ୍ରକାର ନିରାପଦ ଓ ଆରାମଦାୟକ ବ୍ୟବସ୍ଥା କରିଥାନ୍ତି। ଦୁଇଟି ଦ୍ୱାରରେ ଦୁଇଟି ମଜଭୁତ ଜାଲି କବାଟ ଲାଗେ। ପ୍ରବେଶ ପଥର କବାଟଟି ଉପରେ ବନ୍ଧାହୋଇ ଝୁଲୁଥାଏ। ପ୍ରସ୍ଥାନ ପଟ କବାଟ ବନ୍ଦ କରି ବାହାର ପଟେ କାଠ ଗଡ଼ରେ ମଜଭୁତ ଖାତ କରାଯାଏ। ଦୁଇଟି ଯାକର କବାଟର ଭିତର ପଟେ ଓ ଗ୍ରିଲିପଟେ ପୋତାଯାଇଥିବା ଖମ୍ବମାନଙ୍କରେ ବଡ଼ବଡ଼ ମୁନିଆଁ ଲୁହା କଣ୍ଟା ସବୁ ପିଟାଯାଇଥାଏ। ଏହି କଣ୍ଟା ହେତୁ ହାତୀମାନେ କବାଟ ବା ପ୍ରାଚୀର ଭାଙ୍ଗିବାକୁ ସାହସ କରନ୍ତି ନାହିଁ। ପ୍ରବେଶ ପଥର କବାଟଟି କେବିନର ଉଠା କବାଟ ଭଳି ଉପରକୁ ଉଠାଯାଇ ଦଉଡ଼ିରେ ବନ୍ଧା ହୋଇ ରଖାଯାଇଥାଏ। ବଣହାତୀ ଗୀର୍ଦ୍ଧା ମଧ୍ୟରେ ପ୍ରବେଶ କରିବା ମାତ୍ରେ ଉପର ଦଉଡ଼ି କାଟି ଦେବା ଫଳରେ କବାଟ ପଡ଼ିଯାଏ ଓ ସଙ୍ଗେସଙ୍ଗେ ଗାଡ଼ିଗାଡ଼ି କାଠ ଗଣ୍ଡି କାଠ କବାଟକୁ ଲାଗି ଜମା କରି ଦିଆଯାଏ। ଏତିକିରେ ହାତୀ ଖୀର୍ଦ୍ଧାରେ ଆବଦ୍ଧ ରୁହନ୍ତି।

ଗୀର୍ଦ୍ଧାର ପ୍ରବେଶ ପଥଠାରୁ ନଙ୍ଗଲରୁ କିଛି ଭିତରକୁ ୨୦ ଫୁଟ ଓସାରର ଗୋଟିଏ କଦଳୀ ବଣ ତିଆରି ହୋଇ ତାର ଦୁଇ କଡ଼ରେ ଗଣ୍ଡିକାଠର ଦଶ ଫୁଟର ପ୍ରାଚୀର କରାଯାଇଥାଏ। ବଣହାତୀ କଦଳୀ ଖାଇବା ଆଶାରେ ଏହି ବଣରେ ପ୍ରବେଶ କରି ଆସ୍ତେ ଆସ୍ତେ ଗୀର୍ଦ୍ଧା ଆଡ଼କୁ ପଶି ଆସନ୍ତି। ଧରାଯାଉ ହାତୀମାନଙ୍କର ସଂଖ୍ୟାନୁପାତରେ ସ୍ଥଳବିଶେଷରେ ୫ ମାଇଲରୁ ୭ ମାଇଲ ଗୋଲେଇରେ ଗୋଟିଏ ମନୁଷ୍ୟ ପ୍ରାଚୀର ତିଆରି ହୁଏ। ଏମାନେ ପ୍ରଧାନତଃ ହତଭାଗ୍ୟ ପ୍ରଜା। ଏହି ମଣିଷ ପ୍ରାଚୀରକୁ ଜଗଟିବେଢ଼ କୁହାଯାଏ। ଏହି ଜଗଟିବେଢ଼ର ଚତୁଃପାର୍ଶ୍ୱରେ କେତେଜଣ ମାଜିଷ୍ଟ୍ରେଟ, ପୋଲିସ, ଫରେଷ୍ଟର ତଥା ଅନ୍ୟାନ୍ୟ ବିଭାଗୀୟ ଦାୟିତ୍ୱ-ସମ୍ପନ୍ନ ଅଫିସରମାନେ ତମ୍ବୁ ପକାଇ ରହିଥାନ୍ତି। ମଣିଷ ପ୍ରାଚୀରର ପ୍ରତି ଦଶହାତରେ ଜଣେ କନେଷ୍ଟବଳ ବା ଫରେଷ୍ଟ ଗାର୍ଡ଼ଙ୍କ ସହିତ କେତେଜଣ ଚୌକିଦାର, ମଝିରେ ମଝିରେ ବିଭିନ୍ନ ଗ୍ରାମର ସର୍ବରାକାର ଓ ଅନେକ ପ୍ରକାରର ବାଜା ସହିତ ବାଜାବାଲା, ବନ୍ଧୁକଧାରୀ ଓ ବାଣଫୁଟାଇବା ଲୋକ ସବୁ ରହିଥାନ୍ତି। ଏ ସମସ୍ତ କର୍ମଚାରୀ ଓ ବେଠିଆ ପ୍ରଜାମାନେ ଅହରହ ଜାଗ୍ରତ ଅବସ୍ଥାରେ ରହି କୋଳାହଳ ଶବ୍ଦ କରିବା ସହିତ ବାଜା ବଜାଇ, ବାଣଫୁଟାଇ ହାତୀମାନଙ୍କୁ ଭୟଭୀତ କରାଉ ଥାଆନ୍ତି। ଦିନରାତି ଲକ୍ଷଲକ୍ଷ ଟଙ୍କାର କାଠସବୁ ପୋଡ଼ି ଛାରଖାର କରି ଦିଅନ୍ତି। ଅଗ୍ନି ଭୟରେ ହାତୀମାନେ ଲୋକମାନଙ୍କ ପାଖକୁ ଆସିବେ ନାହିଁ ବୋଲି ଏପରି କରାଯାଇଥାଏ। ଏହା ସତ୍ତ୍ୱେ ବି କେବେକେବେ ଦୁଷ୍ଟ ହାତୀମାନେ ଜଗଟିବେଢ଼ ଭାଙ୍ଗି ପଳାଇ ଯାଆନ୍ତି। ହାତୀମାନେ ଏହି ଜଗଟିବେଢ଼ ଭିତରେ କିଛିଦିନ ଖାଦ୍ୟ ଓ ପାଣି ନପାଇ ଯେତେବେଳେ ଇତସ୍ତତଃ ହୁଅନ୍ତି ସେତେବେଳେ ଏହି ଜଗଟିବେଢ଼କୁ ନିର୍ଦ୍ଦେଶକ ଅଫିସର ପ୍ରଜାମାନଙ୍କ ଜୀବନପ୍ରତି ଭ୍ରୂକ୍ଷେପ ନକରି ଗୀର୍ଦ୍ଧା ଆଡ଼କୁ ସଂକୋଚନ କରନ୍ତି। ଫଳରେ କେବେକେବେ ବଡ଼ ବିପଦଜନକ ଅବସ୍ଥା ସୃଷ୍ଟି ହୋଇଥାଏ। ଜଗଟିବେଢ଼ ସଂକୋଚନ ଫଳରେ ହାତୀମାନେ ନକଲି କଦଳୀ ବଗିଚା ଆଡ଼କୁ ଗ୍ରୁଲିଯାଇ କଦଳୀ ଗଛ ଖାଇ ଆସ୍ତେ ଆସ୍ତେ ଗୀର୍ଦ୍ଧା ଭିତରକୁ ପଶନ୍ତି। ଏତିକିରେ ହାତୀଧରାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥାଏ। ଅନନ୍ତପୁର ହାତୀଖେଦା ପଥରରେ ତିଆରି। ଏହା ଏବେ ବି ରହିଛି।

ବଣହାତୀମାନଙ୍କୁ ଗୀର୍ଦ୍ଧା ଭିତରେ କେବଳ ଖାଦ୍ୟ ଦିଆଯାଏ। କିନ୍ତୁ ପାଣି ଦିଆଯାଏ ନାହିଁ। ସେମାନେ ପାଣି ନପାଇ ତିନିଚାରି ଦିନପରେ ନିସ୍ତେଜ ଓ ଦୁର୍ବଳ ହୋଇ ପଡ଼ନ୍ତି। ଗୀର୍ଦ୍ଧା ଚାରିପଟେ ଥିବା କାଠ ପ୍ରାଚୀର ମଝିରେ ମନୁଷ୍ୟ ଗୀର୍ଦ୍ଧା ଭିତରକୁ ଗଳି ପଶିବା ଭଳି ବାଟସବୁ ଆଗରୁ ରଖା ଯାଇଥାଏ। ସେହି ଗଳି ବାଟରେ ମନୁଷ୍ୟ ଲୁଚିଛପି, ଗୀର୍ଦ୍ଧା ଭିତରକୁ ଫାଶ ଦଉଡ଼ି ପକାଇ ଦିଅନ୍ତି ଓ ଲୁଚି ରହନ୍ତି। କୌଣସି ହାତୀ ଫାଶରେ ଗୋଡ଼ ପକାଇ ଦେବା ସଙ୍ଗେ ସଙ୍ଗେ ଦଉଡ଼ି ଟାଣି ଦିଆଯାଏ। ହାତୀମାନେ କ୍ରମଶଃ ନିସ୍ତେଜ ହେବାରୁ ପ୍ରସ୍ଥାନ ରାସ୍ତାକୁ କୌଶଳକ୍ରମେ ଖୋଲି ବଳିଷ୍ଠ ପୋଷା ହାତୀମାନଙ୍କୁ ବାହାରୁ ଗୀର୍ଦ୍ଧା ଭିତରକୁ ପୁରାଯାଏ। ସେହି ପୋଷା ହାତୀମାନଙ୍କ ପେଟ ତଳେ ଦଉଡ଼ିରେ ତିଆରି ଗାଂଜିଆ ଭିତରେ ଲୋକମାନେ ଲୁଚି କରି ଯାଇଥାଆନ୍ତି। ଏହା ବଡ଼ ଦୁଃସାହସିକ କାର୍ଯ୍ୟ ହେଲେ ବି ଦଣ୍ଡାଦେଶ ଭୟରେ ଲୋକମାନେ ଏ କାର୍ଯ୍ୟ କରିଥାଆନ୍ତି। ପୋଷା ହାତୀ ଗୀର୍ଦ୍ଧା ମଧ୍ୟରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଉଭୟ ଦଳ ମଧ୍ୟରେ ଖୁବ୍ ଧସ୍ତାଧସ୍ତି ଚାଲେ। ଏଥିରେ ନୂଆ ହାତୀମାନେ ଦୁର୍ବଳ ହୋଇ ପଡ଼ିଲେ ମାହୁନ୍ତ ଓ ହାତୀ ପେଟତଳେ ଲୁଚିଥିବା ଲୋକମାନେ ବଣ ହାତୀମାନଙ୍କୁ ଗୋଟି ଗୋଟି କରି ବାନ୍ଧି ପକାନ୍ତି। ଏହି ବନ୍ଧା ଅବସ୍ଥାରେ ପୋଷା ହାତୀମାନେ ନୂଆ ହାତୀମାନଙ୍କୁ ଟାଣି ଟାଣି ବାହାରକୁ ଆଣନ୍ତି। ଏ ବେଳର ଦୃଶ୍ୟ ବଡ଼ ବିଚିତ୍ର। ଥରେ ଗୋଟିଏ ମାହୁନ୍ତ ମରିଯାଇଥିଲା। ବଣହାତୀମାନଙ୍କୁ ଗୀର୍ଦ୍ଧାରୁ ବାହାର କରି ଆଣି ପାଖଆଖରେ ଗଛତଳେ ବା ବଡ଼ ବଡ଼ ଖମ୍ବମାନଙ୍କରେ ବାନ୍ଧି ଖାଇବାକୁ ଦିଆଯାଏ। ଏତିକିରେ ହାତୀଧରାର ଦ୍ୱିତୀୟ ପର୍ଯ୍ୟାୟ ଶେଷ ହୁଏ। ଏତିକି ବେଳେ ରାଜାଙ୍କ ମୁଷ୍ଟିମେୟ ବିଶ୍ୱସ୍ତ କର୍ମଚାରୀ ଓ ହାତୀକୁ ପୋଷା ମନାଇବା ମାହୁନ୍ତମାନେ ସେଠାରେ ଦାୟିତ୍ୱରେ ଥାଆନ୍ତି। ହାତୀ ଗୀର୍ଦ୍ଧାରେ ପଶିବା ପରେ ବେଠିଆ ପ୍ରଜାମାନଙ୍କୁ ଛୁଟି ମିଳେ। ସେମାନେ ଶୂନ୍ୟ ହାତରେ ଘରକୁ ଫେରିବା ସମୟରେ ସେମାନଙ୍କ ଜୀବନକାଳ ମଧ୍ୟରେ ଆଉ ହାତୀଖେଦା ନ ହେଉ ବୋଲି ଭଗବାନଙ୍କ ପାଖରେ ପ୍ରାର୍ଥନା କରି ଫେରନ୍ତି। ଏହି ଫେରିବା ବେଳର ଦୃଶ୍ୟ ଯେ କେତେ ମର୍ମନ୍ତୁଦ ତାହା ଅନୁଭବୀ ବିନା କେହି କଳ୍ପନା କରି ପାରିବେ ନାହିଁ।

# ଢେଙ୍କାନାଳର ହାତୀଖେଦା

**ଶ୍ରୀ ବ୍ରଜ କିଶୋର ଧଳ**


ହାତୀଖେଦା କହିଲେ ଆଜି ହୁଏ ତ ଅନେକ କଥାଟି କ'ଣ ସ୍ପଷ୍ଟ ଭାବେ ବୁଝି ପାରିବେ ନାହିଁ । ଖାସ୍ ଓଡ଼ିଶାର ବହୁ ବ୍ୟକ୍ତି ଏ ଶବ୍ଦ ବି ଶୁଣି ନଥିବେ । ଗଡ଼ଜାତ ରାଜ୍ୟର ରାଜାମାନେ ହାତୀ ଧରୁଥିବାରୁ ସେ ଅଞ୍ଚଳର ବୟସ୍କ ଲୋକମାନେ ହୁଏତ ଆଉ କିଛିକାଳ ଏହି ହାତୀଖେଦା କଥା କହିବାକୁ ସକ୍ଷମ ହେବେ ଏବଂ କାଳକ୍ରମେ ଏହା କାହାଣୀରେ ପରିଣତ ହେବ ।

ଢେଙ୍କାନାଳ ହାତୀଖେଦା ବିଷୟରୁ ଢେଙ୍କାନାଳ ଲୋକ ତଥା ରାଜକର୍ମଚାରୀମାନେ ହାତୀଖେଦା ସମୟରେ କିପରି ନିର୍ଯ୍ୟାତିତ ହେଉଥିଲେ ତାହାର କେତେକ ସୂଚନା ମିଳିଥାଏ । ଏହି ହାତୀଖେଦା ନିର୍ମାଣ ଓ ଖେଦାରେ ହାତୀକୁ ପକାଇ ବାନ୍ଧିବାଠାରୁ ସେମାନଙ୍କୁ ତାଲିମ୍ କରିବା ପର୍ଯ୍ୟନ୍ତ ବହୁ କୌଶଳ ଅବଲମ୍ବନ କରାଯାଏ । ସେହି ଖେଦା ଓ ତତ୍‌ସମ୍ବନ୍ଧୀୟ ପ୍ରଜାମାନଙ୍କର ନିର୍ଯ୍ୟାତନା ଓ ଅତ୍ୟାଚାର ଭୋଗ ସମ୍ପର୍କରେ ସମ୍ୟକ ଧାରଣା ଦେବା ମୋର ଏ ଲେଖାର ଉଦ୍ଦେଶ୍ୟ । ଏହି ଖେଦାମାନଙ୍କରୁ ହାତୀ ଧରି ରାଜା ଯେପରି ପ୍ରଚୁର ଅର୍ଥ ପାଉଥିଲେ, ରାଜ୍ୟର ଲୋକ ସାଧାରଣ ସେହି ଅନୁପାତରେ ଯଥେଷ୍ଟ ଅତ୍ୟାଚାରିତ ଓ କ୍ଷତିଗ୍ରସ୍ତ ହେଉଥିଲେ । ଏହି ସମୟରେ ରାଜକର୍ମଚାରୀଙ୍କ ମଧ୍ୟରୁ ରାଜାନୁଗ୍ରହୀ କେତେକ କର୍ମଚାରୀଙ୍କର ପୌଷମାସ ହେଉଥିବା ବେଳେ ଆଉ କେତେକଙ୍କ ସର୍ବନାଶ ହେଉଥିଲା । ଗୋଟିଏ ଗୋଟିଏ ଖେଦାରେ ଲୋକେ ବେଠିରେ ଯେତେ ଶ୍ରମ କରନ୍ତି, ସେହି ଶ୍ରମର ମୂଲ୍ୟ ରାଜ୍ୟର ବାର୍ଷିକ ଆୟର ଦୁଇ ତିନିଗୁଣ ବା ସ୍ଥଳ ବିଶେଷରେ ତହିଁରୁ ଅଧିକ ହେଉଥିଲା । ଏଥି ସହିତ ଠିକ୍ ଧାନକଟା ବେଳେ ଅଧିକାଂଶ ହାତୀଖେଦା ହେଉଥିବାରୁ କୃଷୀମାନେ ଘରଦ୍ୱାର ଛାଡ଼ି ବହୁଦିନ ହାତୀଖେଦାର କାମରେ ଲାଗି ରହିଯାଉଥିବାରୁ ଲକ୍ଷ ଲକ୍ଷ ଟଙ୍କାର ଧାନ ନଷ୍ଟ ହେବା ସଙ୍ଗେ ସଙ୍ଗେ ଅନେକଙ୍କର ପ୍ରାଣହାନୀ ମଧ୍ୟ ଘଟିଥାଏ । ଶୁଣାଯାଏ ହାତୀଧରା ଯାଉଥିବା ରାଜ୍ୟର ରାଜାମାନେ ବିଶେଷ କ୍ଷମତାଶାଳୀ ବୋଲି ଲୋକେ ଜାଣିବା ଲାଗି ତତ୍କାଳୀନ ବ୍ରିଟିଶ୍ ଉଚ୍ଚ କର୍ମଚାରୀମାନଙ୍କଠାରୁ ମୋଟା ଅର୍ଥ ବିନିମୟରେ ଏପରି କ୍ଷମତା ଧନୀ ରାଜାମାନେ ହାସଲ କରୁଥିଲେ । ସଫଳ ଅଭାବରୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ରାଜାମାନେ ଏପରି ହାତୀଧରା କ୍ଷମତା ପ୍ରାପ୍ତିରୁ ବଞ୍ଚିତ ହେଉଥିଲେ ମାତ୍ର ବେଳେ ବେଳେ ଏହି ଛୋଟ ଛୋଟ ରାଜାମାନେ ଅତ୍ୟାଗ୍ରହର ସହିତ ହାତୀଖେଦା ଦେଖିବାକୁ ଆସୁଥିଲେ । ଆମ ଶୁଣିବାକୁ ଢେଙ୍କାନାଳର ରାଜା ଏହି କ୍ଷମତା ହାସଲ କରିଥିଲେ ।



ବର୍ତ୍ତମାନ ଖେଦାର ପ୍ରକୃତ ବିବରଣୀ ବିସ୍ତୃତ କରିବା । ସାଧାରଣତଃ ବଣହାତୀ ଦଳ ପୌଷ ମାସରେ ଧାନ ଖାଇବାକୁ ବଣରୁ ଗାଁ ଗହଳକୁ ଚାଲିଆସନ୍ତି ଏବଂ ନିକଟବର୍ତ୍ତୀ ଜଙ୍ଗଲମାନଙ୍କରେ ସେମାନଙ୍କୁ ଧରିବାର ବ୍ୟବସ୍ଥା ହୋଇଥାଏ । ଖେଦା ପ୍ରଥମ ମୁଖ୍ୟତଃ ଜଙ୍ଗଲର ପାଦଦେଶରେ ନିର୍ମାଣ କରାଯାଇଥାଏ । ସେ ସମୟରେ ହାତୀ ଖେଦାକୁ କେତେକାଂଶରେ ଆଜିକାଲିର ମିଲିଟାରୀ କ୍ୟାମ୍ପ ସଙ୍ଗେ ତୁଳନା କରାଯାଇପାରେ । କାରଣ ସମ୍ପୃକ୍ତ କର୍ମଚାରୀ ଓ ବେଠିଆମାନଙ୍କ ବ୍ୟତୀତ ଖେଦା ଅଞ୍ଚଳ ଭିତରକୁ ଅନ୍ୟ କେହି ବିନା ଅନୁମତିରେ ଯାଇପାରୁ ନଥିଲେ । ବେଠିଆମାନଙ୍କର କୋଳାହଳ ଧ୍ୱନି, ବାଣ ଓ ବନ୍ଧୁକର ଶବ୍ଦ, ଢୋଲ ମୃଦଙ୍ଗ ପ୍ରଭୃତି ବିଭିନ୍ନ ବାଦ୍ୟନାଦରେ ବଣହାତୀମାନଙ୍କର ଗର୍ଜନରେ ସ୍ତବ୍ଧ ଖେଦା ଅଞ୍ଚଳଟି ଆତଙ୍କ ସୃଷ୍ଟି କରିଥାଏ ।

ଖେଦା ସର୍କସରେ ବାଘ ଖେଳବେଳେ ଘେରାଯାଉଥିବା ଲୁହାଜାଲିକୁ ଖେଦାର ଗୋଟିଏ ନମୁନା ବୋଲି କିଛିଟା କହିହୁଏ । ଧରାଯିବା ହାତୀମାନଙ୍କର ସଂଖ୍ୟାନୁସାରେ ଗାଡ଼ର ଆକାର ସ୍ଥିର କରାଯାଇଥାଏ । ଗାଡ଼ରେ ହାତୀ ଢୁକିବା ସ୍ଥାନ ଛୋଟବଡ଼ ଭେଦରେ ଗୋଟିଏ ଗୋଲେଇର ସ୍ଥାନ ସ୍ଥିର କରାଯାଏ । ବଣରେ ହାତୀମାନଙ୍କର ଅବସ୍ଥାନ ଦୃଷ୍ଟିରୁ ଉକ୍ତ ଗାଡ଼ରେ ୧୫ ଫୁଟ ଚଉଡ଼ାର ପ୍ରବେଶ ପଥ ଓ ପ୍ରସ୍ଥାନ ପାଇଁ ଦୁଇଟି ଦ୍ୱାର ରଖି ଚତୁଃପାର୍ଶ୍ୱ ବଡ଼ବଡ଼ କାଠଗଣ୍ଡି ଦ୍ୱାରା ୨୦ ଫୁଟ ଉଚ୍ଚର ପାଚେରୀ ନିର୍ମାଣ କରାଯାଏ । ଗାଡ଼ ଭିତରେ କାଠ ପାଚେରୀକୁ ଲାଗି ତିନି ଚାରି ଫୁଟ ଓସାରର ଓ ସେହି ଅନୁପାତରେ ଗଭୀର ଖାତ ଖୋଳାଯାଇଥାଏ ପ୍ରବେଶ ଓ ପ୍ରସ୍ଥାନ ସ୍ଥାନ ଦୁଇଟି ଛାଡ଼ି । ଏହି ଖାତ ଖୋଳାର ଉଦ୍ଦେଶ୍ୟ ହାତୀ ଗାଡ଼ରେ ପଶିଲେ ସେ ଖାତ ପାର ହୋଇ କାଠ ପାଚେରୀ ଭାଙ୍ଗି ପଳାଇ ଯାଇପାରିବ ନାହିଁ । ଖାତର ବାହାର ପଟେ ପ୍ରଥମେ ମୋଟା କାଠ ଖମ୍ବ ସବୁ ପୋତି



ମୁଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟ ସୂଚନା ଭବନରେ ଆୟୋଜିତ ପ୍ରେସ୍ ମହାସଂଘର
ଜୟନ୍ତୀ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି । (୭-୭-୧୯୮୭)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଶ୍ୱ ବ୍ୟାଙ୍କର ଏକ ପ୍ରତିନିଧି ଦଳ ସହ ରାଜ୍ୟରେ ଶକ୍ତି ବିକାଶ ପ୍ରକଳ୍ପ
ଉପରେ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି । (୧୦-୭-୧୯୮୭)

ଏହି ଜଗତିବେଢ଼ ଖେଦା ଅଞ୍ଚଳର ଅଂଶବିଶେଷ । ଏହା ନିଷିଦ୍ଧ ଅଞ୍ଚଳ ବୋଲି ଘୋଷିତ ହୋଇଥାଏ । ରାଜାଙ୍କ ପେସ୍କାର ନନ୍ଦ ପେସ୍କାର ଖେଦାର ମୁଖ୍ୟ ପରିଚାଳକ ଥାଆନ୍ତି । ଖେଦା ଅଞ୍ଚଳରେ ଅସ୍ଥାୟୀ ଡାକ୍ତରଖାନା ଓ ଛୋଟ ଛୋଟ କୋର୍ଟମାନ ଖୋଲା ଯାଇଥାଏ । ଏକ ପ୍ରକାର ରାଜ୍ୟର ଶାସନକଳ ଓ ବେଠିଆ ପ୍ରଜାମାନଙ୍କ ଦ୍ୱାରା ଖେଦା ଅଞ୍ଚଳ ମୁଖରିତ ହୋଇଥାଏ । ପ୍ରଜାମାନେ ହାତରୁ ଖାଇ ସର୍ବରାକାରମାନଙ୍କ ମାର୍ଫତରେ ୧୫ ଦିନରୁ ଅଧିକ ସମୟ ଗୋଟିଏ ଗୋଟିଏ ଖେଦାରେ ରହନ୍ତି । ଖେଦାରେ ବେଠି କରୁଥିବା ବେଳେ କେତେକ ସେମାନଙ୍କର ପିତାମାତାଙ୍କୁ ହରାଇ ଶ୍ରାଦ୍ଧକ୍ରିୟାରେ ମଧ୍ୟ ଯୋଗ ଦେଇ ପାରନ୍ତି ନାହିଁ । ହାତୀ ଘଉଡ଼ାଇବା ବେଳେ ଅନେକ ଲୋକ ଥକାମାନ୍ଦା ହୋଇ ପଡ଼ିଥାଆନ୍ତି । ଅତିରିକ୍ତ ଖଟଣି ହେତୁ ଲୋକମାନେ କ୍ଳାନ୍ତ ହୋଇ ଶୋଇ ପଡ଼ିଲେ ସେମାନଙ୍କୁ ଚାବୁକ ମାଡ଼ ଦେଇ ଉଠା ଯାଇଥାଏ । ପ୍ରବଳ ଶୀତବେଳେ କେତେକ ଦୁଷ୍ଟ କର୍ମଚାରୀ ଘୁମାଉଥିବା ଓ ଶୋଇପଡ଼ି ଥିବା ଲୋକମାନଙ୍କୁ ଚେଇଁ ରହିବାକୁ ସେମାନେ ରାନ୍ଧି ଖାଉଥିବା ଗରମ ପେଜ ତୋରାଣି ଲୋକଙ୍କ ଉପରକୁ ପକାଇ ଥାଆନ୍ତି । ହାତୀମାନଙ୍କର ଖାଇବା ଲାଗି ନିକଟବର୍ତ୍ତୀ ଅଞ୍ଚଳରୁ ଗାଡ଼ି ଗାଡ଼ି ପାଚିଲା ଧାନ ପ୍ରଜାଙ୍କ ବିଲମାନଙ୍କରୁ ଜବରଦସ୍ତ କଟାଇ ଅଣାଯାଏ ।

ସେତେବେଳେ ଅଫିସରମାନଙ୍କର କ୍ୟାମ୍ପ ଖର୍ଚ୍ଚ ପାଇଁ ଚାଉଳ, ପରିବା, ଘିଅ, ଡାଲି, ଅଣ୍ଡା, କୁକୁଡ଼ା ଓ ଖାସି ମାଂସ ପ୍ରଭୃତି ବିନା ପଇସାରେ ସର୍ବରାକାରମାନେ ଯୋଗାଇ ଥାଆନ୍ତି । କେତେକ କର୍ମଚାରୀ କ୍ୟାମ୍ପରୁ ବୋହି ନେଇ ବର୍ଷ ବର୍ଷ ପାଇଁ ସେମାନଙ୍କ ଲାଗି ଖାଦ୍ୟରସଦ ସାଇତି ରଖୁଥିଲେ । ଧନହାନୀ ପ୍ରାଣପୀଡ଼ା ବ୍ୟତୀତ ବେଗାରାଜ ପୁରସ୍କାର ଏହି ହାତୀଖେଦାରୁ ଲୋକମାନଙ୍କୁ ଯଥେଷ୍ଟ ପରିମାଣରେ କେବଳ ମିଳିଥାଏ । ଯେଉଁମାନେ ଏହି ହାତୀଖେଦା ବେଠି କରିପାରୁ ନଥିଲେ, ସେମାନଙ୍କୁ ଅର୍ଥଦଣ୍ଡ ଦେବାକୁ ପଡୁଥିଲା । ଏହି ସୂତ୍ରରୁ ରାଜା ହଜାର ହଜାର ଟଙ୍କା ଆଦାୟ କରୁଥିଲେ । ହାତୀ ବିକ୍ରିରୁ ମଧ୍ୟ ରାଜା ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ । ହାତୀଖେଦା ଆରମ୍ଭ ହେବାମାତ୍ରେ ରାଜ୍ୟସାରା ଢେଣ୍ଡୁରା ବାଜି ଆତଙ୍କ ପଡ଼ି ଯାଉଥିଲା । ଲୋକେ ଖେଦାକୁ ଯିବାବେଳେ ଆଉ ଘରକୁ ନଫେରିବାର ଆଶଙ୍କାରେ କାନ୍ଦିକାନ୍ଦି ଯାଇଥାନ୍ତି । ଏହା ମଧ୍ୟ କେତେକ ହତଭାଗ୍ୟଙ୍କ ଭାଗ୍ୟରେ ଘଟେ । ଅନ୍ୟାନ୍ୟ ବେଠି ମଧ୍ୟରେ ହାତୀଖେଦା ବେଠି ବଡ଼ କଠିନ ଓ ନିର୍ମମ । ସେ କଥା ମନେ ପଡ଼ିଲେ ଅନୁଭବୀ ଲୋକେ ଏବେବି ବ୍ୟସ୍ତ ହୋଇ ଉଠନ୍ତି । ହାତୀ ଖେଦାର ସୁଦକ୍ଷ ଅତ୍ୟାଚାରୀମାନେ ରାଜାଙ୍କଠାରୁ ନାନା ପ୍ରକାରର ଉପାଧି ପ୍ରାପ୍ତ ହେଉଥିଲେ ।

ରାଜା ଶଙ୍କର ପ୍ରତାପଙ୍କ ରାଜତ୍ୱ କାଳରେ ଢେଙ୍କାନାଳର ଶାଙ୍କୁଲେଇ, କଳାପାଣି, କଦଳୀପାଳ, ଶଙ୍କରପୁର ଓ ଭାପୁର ଅଞ୍ଚଳରେ ହାତୀଖେଦାମାନ ଅନୁଷ୍ଠିତ ହେଉଥିଲା । ବୟସ୍କ ଲୋକମାନଙ୍କଠାରୁ ହାତୀଖେଦାର କରୁଣ ଅନୁଭୂତି, ଅତ୍ୟାଚାର ଓ ବେଠିର ନିର୍ମମ କାହାଣୀ ଏବେ ବି ଶୁଣିବାକୁ ମିଳିଥାଏ ।

ଗଡ଼ଜାତ ପ୍ରଜାଆନ୍ଦୋଳନ ବେଳେ ଆମେମାନେ ଗାଉଥିଲୁ–

"ହାତୀଖେଦା କଥା ମନରେ ପଡ଼ିଲେ
ହୃଦ ହେଉଅଛି ହାଣି,
ଛାତିର ରକତ ତାତି ଉଠୁଛି ମୋ,
ଆଖିରୁ ବହୁଛି ପାଣି ।"

ଢେଙ୍କାନାଳରେ ଯେତେ ଅନ୍ୟାୟ ଅତ୍ୟାଚାର, ବେଠି ଇତ୍ୟାଦି ହୋଇଥିଲା, ସେ ମଧ୍ୟରେ ହାତୀଖେଦା ବେଠିଥିଲା ସବୁଠାରୁ କଠିନ, କରୁଣ ଓ ନିର୍ମମ ।।

---


ଗ୍ରାମ–ଗଜେନ୍ଦ୍ରଡ଼ିହ,
ପୋ:ଅ:–ଚନ୍ଦ୍ରଶେଖର ପ୍ରସାଦ,
ଜିଲ୍ଲା–ଢେଙ୍କାନାଳ

ଗଞ୍ଜାମ ଜିଲ୍ଲାର ଗୋପାଳପୁର ତଥା ଏହାର ଚତୁଃପାର୍ଶ୍ୱ ଅଞ୍ଚଳର ଅନ୍ତର୍ନିହିତ ଅଭିବୃଦ୍ଧି ସାମର୍ଥ୍ୟ, ବେସରକାରୀ ଉଦ୍ୟୋଗରେ ଅନେକଗୁଡିଏ ଭାରୀ ଶିଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପପତିମାନଙ୍କୁ ଆକୃଷ୍ଟ କରିଛି । ତେଣୁ, ଏହିସବୁ ପ୍ରକଳ୍ପ ଓ ବନ୍ଦରର ଆଭ୍ୟନ୍ତର ଅଞ୍ଚଳ ଦ୍ୱାରା ସୃଷ୍ଟି ହେବାକୁ ଥିବା ସାମୁଦ୍ରିକ ଜାହାଜ ଚଳାଚଳର ଚାହିଦା ପୂରଣ ନିମନ୍ତେ ଗୋପାଳପୁର କ୍ଷୁଦ୍ର ବନ୍ଦରର ବିକାଶ ଘଟାଇ ଏକ ବୃହତ୍ ବନ୍ଦରରେ ପରିଣତ କରିବାକୁ ସ୍ଥିର ହୋଇଛି । ବେସରକାରୀ ଅର୍ଥ ବିନିଯୋଗକାରୀଙ୍କ ସାହାଯ୍ୟକ୍ରମେ ଚାନ୍ଦବାଲି ଓ ତରଡିଠାରେ ଥିବା ଦୁଇଟି ସାଟେଲାଇଟ ବନ୍ଦର ସମେତ କ୍ଷୁଦ୍ର ଧାମରାର ବିକାଶ ଘଟାଇ ଏକ ବୃହତ୍ ବନ୍ଦରରେ ପରିଣତ କରିବାକୁ ମଧ୍ୟ ପଦକ୍ଷେପ ନିଆଯାଇଛି ।

OGP—MP—PTS (I.&P.R.) 18—10,000—5-8-1998

# ଉତ୍କଳ ପ୍ରସଙ୍ଗ





VOL. LV No. 1 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment




ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଧାମରାଠାରେ ଧାମରା–ଚାନ୍ଦବାଲି ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । (୧୪-୭-୧୯୯୮)



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଚିଲିକା ମୁହାଣ ଖନନ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । (୧୯-୭-୧୯୯୮)